
ସଲ୍ମାନଙ୍କ ନାୟିକା ହେବେ ସାମନ୍ଥା
▸ପୃଷ୍ଠା ୧୧ ଦେଖନ୍ତୁ...



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-255 ♦SATURDAY ♦14 MARCH 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୫୫ ♦ଶନିବାର ♦୧୪ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଦରମା ଆଧାରରେ ମିଳିବ ଏଚ୍-୧ବି ଭିସା




■ ୱାଶିଂଟନ, ୧୩।୩ (ଏଜେନ୍ସି): ଆମେରିକା ସରକାର ଏଚ୍-୧ବି ଭିସା ଚୟନ ପ୍ରକ୍ରିୟାରେ ବଡ଼ ପରିବର୍ତ୍ତନ କରିଛନ୍ତି। ଏଣିକି ଆଉ ଲଟେରୀ ମାଧ୍ୟମରେ ନୁହେଁ, ବରଂ କର୍ମଚାରୀଙ୍କ ଦରମା ଆଧାରରେ ଭିସା ପ୍ରଦାନ କରାଯିବ। ଏଥିପାଇଁ ନୂଆ 'ଫର୍ମ ୧-୧୨୯' ବ୍ୟବସ୍ଥା ଆସିଛି। ଏହା ୨୦୨୬ ଏପ୍ରିଲ ପହିଲାରୁ ଲାଗୁ ହେବ। ଆବେଦନକାରୀଙ୍କୁ ୪ଟି ୱେଜ୍ ଲେଭେଲ ଅର୍ଥାତ ଦରମା ସ୍ତରରେ ବିଭକ୍ତ କରାଯିବ। ଅଧିକ ଦରମା ପାଉଥିବା କର୍ମଚାରୀଙ୍କ ଭିସା ପାଇବା ସମ୍ଭାବନା ଅଧିକ ରହିବ। ଉଚ୍ଚସ୍ତରର କର୍ମଚାରୀ (ଲିଭେଲ-୪)ଙ୍କୁ ଚୟନ ପାଇଁ ୪ଟି ସୁଯୋଗ ମିଳିବ, ଯେଉଁଠାରେ ପ୍ରାରମ୍ଭିକ ସ୍ତରର (ଲିଭେଲ-୧) ମାତ୍ର ଗୋଟିଏ ସୁଯୋଗ ମିଳିବ। ଆମେରିକା ସରକାର ଏହି ଭିସା ଫିସ୍ ବୃଦ୍ଧି କରି ପ୍ରାୟ ୯୦ ଲକ୍ଷ ଟଙ୍କା କରିଛନ୍ତି। ଏହାର ପ୍ରଭାବ ଭାରତୀୟଙ୍କ ଉପରେ ଅଧିକ ପଡ଼ିବ। ପ୍ରତିବର୍ଷ ଜାରି ହେଉଥିବା ଏଚ୍-୧ବି ଭିସାର ପ୍ରାୟ ୭୦ ପ୍ରତିଶତ ଭାରତୀୟଙ୍କୁ ମିଳିଥାଏ। ଏହି କଠୋର ନିୟମ ଯୋଗୁଁ ଅନେକ ଭାରତୀୟ ସଫ୍ଟୱେୟାର ଇଞ୍ଜିନିୟର ଓ ବୃତ୍ତିଧାରୀ ପ୍ରଭାବିତ ହେବେ। ଅଧିକ ଖର୍ଚ୍ଚ ଯୋଗୁଁ ଭାରତୀୟ ପ୍ରତିଭାମାନେ ଏବେ ୟୁରୋପ, କାନାଡ଼ା, ଅଷ୍ଟ୍ରେଲିଆ ▸ପୃଷ୍ଠା-୭

## ରାପର୍ ବାଦ୍‌ଶାହାଙ୍କୁ ଗିରଫ ପାଇଁ ନିର୍ଦ୍ଦେଶ



■ ଚଣ୍ଡିଗଡ଼, ୧୩।୩ (ଏଜେନ୍ସି): ରାପର ବାଦ୍‌ଶାହାଙ୍କ ନୂଆ ଗୀତ 'ତତେରୀ'କୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ହରିୟାଣା ମହିଳା କମିଶନ ଶୁକ୍ରବାର ବାଦ୍‌ଶାହାଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ପକ୍ଷରୁ ବାରମ୍ବାର ସମନ ଜାରି କରାଯିବା ସତ୍ତ୍ୱେ ବାଦଶାହା ବ୍ୟକ୍ତିଗତ ଭାବେ ହାଜର ନ ହେବାରୁ ଏହି କଠୋର ପଦକ୍ଷେପ ନିଆଯାଇଛି। କମିଶନ ତାଙ୍କୁ ଶୁକ୍ରବାର ଅପରାହ୍ଣ ୩ଟା ସୁଦ୍ଧା ହଜାର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବାଦଶାହା ହାଜର ନ ହୋଇ ତାଙ୍କ ଓକିଲକୁ ପଠାଇଥିଲେ ଓ ଏହାକୁ କମିଶନ ଅଗ୍ରାହ୍ୟ କରିଦେଇଛନ୍ତି। କମିଶନ ଅଧକ୍ଷା ରେଣୁ ଭାଟିଆ ସ୍ପଷ୍ଟ କରିଛନ୍ତି ଯେ ବାଦ୍‌ଶାହା ହାଜର ନ ହେବା ପର୍ଯ୍ୟନ୍ତ ହରିୟାଣାରେ ତାଙ୍କର କୌଣସି କାର୍ଯ୍ୟକ୍ରମ ବା ଶୋ'କୁ ଅନୁମତି ଦିଆଯିବ ନାହିଁ। ଆବଶ୍ୟକ ପଡ଼ିଲେ ତାଙ୍କ ପାସପୋର୍ଟ ମଧ୍ୟ ଜବତ କରିବାକୁ ପୁଲିସ୍‌କୁ କୁହାଯାଇଛି। ବାଦ୍‌ଶାହାଙ୍କ ନୂଆ ଗୀତ 'ତତେରୀ'ରେ ସ୍କୁଲ ୟୁନିଫର୍ମ ପିନ୍ଧିଥିବା ଛାତ୍ରୀମାନଙ୍କୁ ଆପତ୍ତିଜନକ ଭଙ୍ଗୀରେ ଦେଖାଯାଇଥିବା ଓ ଗୀତର ଲେଖା ଅଶ୍ଲୀଳ ବୋଲି ଅଭିଯୋଗ ହୋଇଛି। ଏ ନେଇ ▸ପୃଷ୍ଠା-୭

# ସାରା ଦେଶରେ ଗ୍ୟାସ୍ ସଙ୍କଟ ତୀବ୍ର

## ସଂସଦରେ ଉଦ୍‌ବେଗ: ସରକାରଙ୍କୁ ଘେରିଲେ ବିରୋଧୀ



■ ନୂଆଦିଲ୍ଲୀ, ୧୩।୩ (ଏଜେନ୍ସି): ଇରାନ-ଇସ୍ରାଏଲ ଯୁଦ୍ଧର ତାତି ସଂସଦରେ ଦେଖିବାକୁ ମିଳିଛି। ମଧ୍ୟପ୍ରାଚ୍ୟ ଉତ୍ତେଜନାର ପ୍ରଭାବରେ ଦେଶରେ ଏଲ୍‌ପିଜି ସଙ୍କଟ ସୃଷ୍ଟି ହୋଇଥିବାବେଳେ ବିରୋଧୀ ଏହାକୁ ପ୍ରସଙ୍ଗ କରିଛି। ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନର ପଞ୍ଚମ ଦିନରେ ଶୁକ୍ରବାର ଗୃହରେ ଏଲ୍‌ପିଜି ସଙ୍କଟକୁ ନେଇ ହଙ୍ଗାମା କରିଛନ୍ତି। ସରକାର ମଧ୍ୟ ସଙ୍କଟ କଥା ସ୍ୱୀକାର କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୃହରେ କହିଥିଲେ ଯେ ବିଦେଶରେ ଘଟୁଥିବା ଘଟଣାବଳୀ ଯୋଗୁଁ ଆମ ଦେଶରେ କିଛି ସମସ୍ୟା ସୃଷ୍ଟି ହେଉଛି। ଆବଶ୍ୟକୀୟ ପାଣ୍ଠି ଯୋଗାଇଦେବା ଏବଂ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଏଭଳି ସମୟରେ ବିରୋଧୀମାନେ ସରକାରଙ୍କୁ ସମର୍ଥନ କରିବା କଥା, କିନ୍ତୁ ସେମାନେ ଦାୟିତ୍ୱହୀନ ଭାବେ କାର୍ଯ୍ୟ କରୁଛନ୍ତି। ଅର୍ଥମନ୍ତ୍ରୀଙ୍କ ବୟାନ ଦେବା ସତ୍ତ୍ୱେ ଗୃହକାର୍ଯ୍ୟ ଚାଲିପାରି ନ ଥିଲା। ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ଅନେକ ବିରୋଧୀ ସାଂସଦ ୮ ସଦସ୍ୟଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି କରିଛନ୍ତି। ଏହାକୁ ନେଇ ବାଚସ୍ପତି ଓମ୍ ବିର୍ଲା କହିଥିଲେ ଯେ ଯଦି ଗୃହର ଟେବୁଲ୍ ଉପରକୁ ଚଢ଼ିବେ, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ରାଜ୍ୟସଭାରେ ମଧ୍ୟ ସମାନ ସ୍ଥିତି ▸ପୃଷ୍ଠା-୭

### ଭାରତକୁ ଆଶ୍ୱସ୍ତି

### ହର୍ମୁଜରେ ଜାହାଜକୁ ଛାଡ଼ିଲା ଇରାନ

ନୂଆଦିଲ୍ଲୀ,୧୩।୩ (ଏଜେନ୍ସି): ପଶ୍ଚିମ ଏସିଆରେ ଅସ୍ଥିରତା ଏବଂ ଇରାନ୍ ଉପରେ ଇସ୍ରାଏଲ୍ ଓ ଆମେରିକାର ମିଳିତ ଆକ୍ରମଣ ଯୋଗୁଁ ସାରା ଦେଶରେ ତୈଳ ଓ ରନ୍ଧନ ଗ୍ୟାସ ସଙ୍କଟ ଉତ୍କଟ ହୋଇଛି। ରନ୍ଧନ ଗ୍ୟାସର ଅଭାବ ଘଟଣା ସଡ଼କରୁ ସଂସଦ ପର୍ଯ୍ୟନ୍ତ ପ୍ରତିଧ୍ୱନିତ ହୋଇଛି। ୯୬୦ ଟଙ୍କାର ରନ୍ଧନ ଗ୍ୟାସ ୨୫୦୦ ଟଙ୍କାରେ କଳାବଜାର ହେଉଛି। କେନ୍ଦ୍ର ସରକାର ଏହାକୁ ନେଇ ଦେଶବାସୀଙ୍କୁ ଆଶ୍ୱାସନା ଦେଉଥିଲେ ହେଁ ବଜାରରେ ଏହାର କିଛି ପ୍ରଭାବ ପଡୁନାହିଁ। ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତ ପାଇଁ ଆସିଛି ଆଶ୍ୱସ୍ତିକର ଖବର। ହରମୁଜ୍ ପ୍ରଣାଳୀ ଦେଇ ୟୁଏଇ, ରୁଷ ଓ ଅନ୍ୟ ଆରବୀୟ ଦେଶରୁ ଭାରତ ଆସୁଥିବା ତୈଳ ଓ ଗ୍ୟାସବାହୀ ଜାହାଜକୁ ବାଟ ଛାଡ଼ିବାକୁ ଘୋଷଣା ▸ପୃଷ୍ଠା-୭

### ତେଲ, ଗ୍ୟାସ ଯୋଗାଇବ ରୁଷ୍

■ ମସ୍କୋ ୧୩।୩ (ଏଜେନ୍ସି): ଭାରତକୁ କଞ୍ଚା ତେଲ ସହ ଗ୍ୟାସ ମଧ୍ୟ ଯୋଗାଇବ ରୁଷ। ଭାରତ ଚାହିଁଲେ ଆବଶ୍ୟକ ମୁତାବକ ଏଲ୍‌ଏନ୍‌ଜି ଗ୍ୟାସ ଯୋଗାଇବାକୁ ରୁଷ ରାଜି ବୋଲି କହିଛନ୍ତି ଭାରତରେ ଅବସ୍ଥାପିତ ରୁଷ ରାଷ୍ଟ୍ରଦୂତ ଡେନିସ ଏଲିପୋଭ। ଏକ ରୁଷୀୟ ସମ୍ବାଦ ସରବରାହ ସଂସ୍ଥାକୁ ସାକ୍ଷାତକାର ଦେବା ଅବସରରେ ସେ କହିଛନ୍ତି ଯେ କିଛି ବର୍ଷ ପୂର୍ବରୁ ଭାରତକୁ ଏଲଏନଜି ଯୋଗାଇବାକୁ ହୋଇଥିବା ଚୁକ୍ତି ପାଶ୍ଚାତ୍ୟ କଟକଣା ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଭାରତ ଯେତେ ପରିମାଣର ଏଲ୍‌ଏନ୍‌ଜି ଚାହିଁବ, ▸ପୃଷ୍ଠା-୭

### ରେଳବାଇ କିଚେନରେ ଇଣ୍ଡକ୍ସନ

■ ନୂଆଦିଲ୍ଲୀ, ୧୩।୩ (ଏଜେନ୍ସି): ଇରାନ ଯୁଦ୍ଧକୁ ନେଇ ସାରା ବିଶ୍ୱରେ ଶକ୍ତି ସଙ୍କଟ ଦେଖାଦେଇଚି। ଭାରତରେ ବିଶେଷ କରି ଯୁଦ୍ଧର ପ୍ରଭାବ ରନ୍ଧନ ଗ୍ୟାସ ଉପରେ ପଡ଼ିଛି। ଦେଶର ଅନେକ ବଡ଼ ସହରରେ ଏଲପିଜି ଗ୍ୟାସ ସିଲିଣ୍ଡର ଅଭାବ ଦେଖିବାକୁ ମିଳୁଛି। ଚେନ୍ନଇ କୋଲକାତା ଏବଂ ବେଙ୍ଗାଲୁରୁ ଭଳି ମହାନଗରରେ ଗ୍ୟାସ ଯୋଗାଣ ସଙ୍କଟ କାରଣରୁ ହୋଟେଲ ଏବଂ ରେସ୍ତୋରାଁ ଶିଳ୍ପ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏମିତିରେ ଏହି ବଡ଼ ସଙ୍କଟକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଆଇଆର୍‌ସିଟିସି ରେଳ ଷ୍ଟେସନରେ ଥିବା ଏହାର ବେସ୍ ▸ପୃଷ୍ଠା-୭

### ଆମେରିକାର ମେରୁଦଣ୍ଡରେ ଇରାନ ପ୍ରହାର

## ତୁର୍କୀର ପରମାଣୁ ଘାଟୀ ଉପରେ କ୍ଷେପଣାସ୍ତ୍ର ମାଡ଼

■ ତେହରାନ/ତେଲ ଆଭିଭ, ୧୩।୩ (ଏଜେନ୍ସି): ଆମେରିକା-ଇସ୍ରାଏଲ ଏବଂ ଇରାନ ସଂଘର୍ଷ ମଧ୍ୟପ୍ରାଚ୍ୟରେ ସବୁଠାରୁ ବଡ଼ ସଙ୍କଟ ସୃଷ୍ଟି କରିଛି। ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲି ଖାମେନେଇଙ୍କୁ ହତ୍ୟା ପରଠାରୁ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ସବୁ ଦେଶ ଏହି ସଂଘର୍ଷରେ ପ୍ରଭାବିତ ହୋଇଛନ୍ତି। ମାତ୍ର ଆମେରିକା ଏବଂ ଇସ୍ରାଏଲ ଯେଉଁ ଆଶା ରଖିଥିଲେ

**ଓମାନରେ ଇରାନ୍ ଆକ୍ରମଣ; ୨ ଭାରତୀୟ ନାଗରିକ ମୃତ**

**ଇରାନର ଅସ୍ତ୍ର ସରିଗଲାଣି; ଶୀଘ୍ର ଆତ୍ମସମର୍ପଣ କରିବ: ଟ୍ରମ୍ପ**

**ଇରାନକୁ ୨ ଲକ୍ଷ ଡଲାରର ସହାୟତା ଘୋଷଣା କଲା ଚୀନ୍**

ତାହା ସଫଳ ହୋଇପାରି ନାହିଁ। ଏ ପର୍ଯ୍ୟନ୍ତ ଇରାନକୁ ନୁଆଁଇବାରେ ଦୁଇ ଦେଶ ବିଫଳ ହୋଇଛନ୍ତି। ଇରାନ ସରକାରଙ୍କୁ ମଧ୍ୟ ଭୁଶୁଡ଼ାଇ ପାରିନାହାନ୍ତି। ତେବେ ତେହରାନ ରକ୍ତମୁଖା ହୋଇ ଆମେରିକା ଏବଂ ଇସ୍ରାଏଲର ବିପୁଳ କ୍ଷତି କରି ଚାଲିଛି। କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ରେ ମଧ୍ୟପ୍ରାଚ୍ୟରେ ଥିବା ଆମେରିକା ସେନା ଘାଟୀ ଏବଂ ଇସ୍ରାଏଲର ସହରରେ ନିଆଁ ବର୍ଷାର ଭ୍ରମ ସୃଷ୍ଟି ହେଉଛି। ଇରାନରେ ମଧ୍ୟ ଆଜି ଦୁଇ ଦେଶ ଘମାଘୋଟ ଆକ୍ରମଣ କରିଛନ୍ତି। ତେହରାନର ବରମିନ ଅଞ୍ଚଳରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ସେହିପରି ହର୍ମୁଜ ଷ୍ଟ୍ରେଟରେ ଏକାଧିକାର ରଖିଥିବା ଇରାନ ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି କରିଦେଇଛି। ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ କରି ସ୍ଥିତିକୁ ବିଗାଡ଼ି ଦେଇଛି। ଏହାରି ପ୍ରଭାବରେ ଅଶୋଧିତ ତୈଳ ଦର ମଧ୍ୟ ଆକାଶ ଛୁଆଁ ହୋଇଯାଇଛି। ତେଣୁ, ଅନେକ ଦେଶ ନିଜ ସଂରକ୍ଷିତ ଭଣ୍ଡାରକୁ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏପରି ସ୍ଥିତି ଦୀର୍ଘ ଦିନ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି ଇରାନ ଅଧିକାରୀ ଧମକ ଦେଇଛନ୍ତି। ଜବାବରେ ଆମେରିକା ଏବଂ ଇସ୍ରାଏଲ ମଧ୍ୟ ▸ପୃଷ୍ଠା-୭

### ମୋଜତବା ଗୁରୁତର!

**କୋମାରେ ଥିବା ଚର୍ଚ୍ଚା**



ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମନେଇଙ୍କୁ ହତ୍ୟା କରାଯାଇଛି ବୋଲି ଇସ୍ରାଏଲ ଦାବି କରିଛି। ଏପରି ସମୟରେ ମୋଜତବା ଜୀବିତ ଥିବା ଜଣାପଡ଼ିଛି। ଗତ ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ମୋଜତବା କୋମାରେ ଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଏହି ଆକ୍ରମଣରେ ମୋଜତବାଙ୍କର ଗୋଟିଏ ଗୋଡ଼ କଟିଯାଇଥିବା ▸ପୃଷ୍ଠା-୭

## ରଶ୍ମିରଞ୍ଜନ ସ୍ୱାଇଁ ଓୟୁଏସ୍‌ଇଏସ୍‌ସି ଅଧ୍ୟକ୍ଷ



■ ଭୁବନେଶ୍ୱର, ୧୩।୩ (ସମିସ): ଜମ୍ମୁ ଓ କଶ୍ମୀରର ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ସ୍ୱାଇଁ ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ(ଓୟୁଏସ୍‌ଇଏସ୍‌ସି)ର ପ୍ରଥମ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଏନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ୧୯୯୧ ମସିହାର ଆଗମୁଟ କ୍ୟାଡର ଆଇପିଏସ ଶ୍ରୀ ସ୍ୱାଇଁ ଜମ୍ମୁ ଓ କଶ୍ମୀରର ୧୭ତମ ପୁଲିସ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ୨୦୨୪ ମସିହା ସେପ୍ଟେମ୍ବର ୨୪ ତାରିଖରେ ସେ ଅବସର ଗ୍ରହଣ କରିଥିଲେ।

### ବିଜେଡିର ରାଜ୍ୟସଭା ନିର୍ବାଚନ କସରତ

## ନବୀନ ନିବାସରେ ବିଧାୟକଙ୍କୁ ତାଲିମ

■ ଭୁବନେଶ୍ୱର, ୧୩।୩ (ସମିସ): ଆସନ୍ତା ୧୬ ତାରିଖରେ ରାଜ୍ୟସଭା ନିର୍ବାଚନ ପାଇଁ ଭୋଟ। ଏହା ପୂର୍ବରୁ ତିନି ପ୍ରମୁଖ ରାଜନୈତିକ ଦଳ ଆରମ୍ଭ କରିଛନ୍ତି ନିଜନିଜର ଗୋଟି ଚାଳନା। ପୂର୍ବରୁ ବିଜେଡି ଓ କଂଗ୍ରେସ ନିଜ ଦଳର ବିଧାୟକମାନଙ୍କ ପାଇଁ ୩ ଧାଡ଼ିଆ ହ୍ୱିପ୍ ଜାରି କରିଥିବାବେଳେ ଆଜି ବିଜେପି ବି ନିଜ ଦଳର ବିଧାୟକଙ୍କ ପାଇ ଦୁଇ ଧାଡ଼ିଆ ହ୍ୱିପ୍ ଜାରି କରିଛି। ସେହିପରି ବିଜେଡି ବିଧାୟକମାନେ ଆଜି ନବୀନ ନିବାସରେ ରାଜ୍ୟସଭା ଭୋଟ ସଂକ୍ରାନ୍ତରେ ତାଲିମ୍ ନେଇଛନ୍ତି। ଆସନ୍ତାକାଲି ଓ

**ଅରୁଣ ସମ୍ଭାଳିଲେ ମଙ୍ଗ, ଶନିବାର ଓ ରବିବାର ମଧ୍ୟ ଚାଲିବ ଟ୍ରେନିଂ**

**ଦଳୀୟ ବିଧାୟକଙ୍କ ପାଇଁ ବିଜେପିର ଦୁଇ ଧାଡ଼ିଆ ହ୍ୱିପ୍**

ରବିବାର ମଧ୍ୟ ନବୀନ ନିବାସ ଡ଼କରା ହୋଇଛି ଏବଂ କିପରି ଠିକ୍‌ଭାବରେ ବିଧାୟକମାନେ ଭୋଟ ଦେବେ ସେ ସମ୍ପର୍କରେ ପୁଣି ଅଭ୍ୟାସ କରାଯିବ ବୋଲି ସୂଚନା ମିଳିଛି। ସେପଟେ ବେଙ୍ଗାଲୁରୁ ଗସ୍ତରେ ଥିବା କଂଗ୍ରେସର ୮ ଜଣ ବିଧାୟକଙ୍କ ସହ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡ଼ି.କେ.ଶିବକୁମାର ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ଶୁକ୍ରବାର ସନ୍ଧ୍ୟା ସାଢ଼େ ୫ଟା ସମୟରେ ନବୀନ ନିବାସରେ ବିଧାୟକମାନଙ୍କୁ ରାଜ୍ୟସଭା ନିର୍ବାଚନରେ ମତଦାନ ନିମନ୍ତେ ତାଲିମ ଦିଆଯାଇଛି। ପ୍ରାରମ୍ଭରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟସଭା ନିର୍ବାଚନ ଓ ଦଳୀୟ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହାପରେ ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ ▸ପୃଷ୍ଠା-୭

### ବାଲେଶ୍ୱର ବିଜେପି ରାଜନୀତିରେ ନୂଆ ମୋଡ଼

## ରବୀନ୍ଦ୍ର ଆସିଲେ; ଜୀବନ ଛାଡ଼ିଲେ

■ ବାଲେଶ୍ୱର, ୧୩।୩ (ସମିସ): ମାତ୍ର ଦୁଇ ତିନି ଦିନ ମଧ୍ୟରେ ବାଲେଶ୍ୱରରେ ରାଜନୀତିରେ ଦେଖିବାକୁ ମିଳିଛି ନୂଆ ମୋଡ଼। ତିନିଦିନ ପୂର୍ବରୁ ବିଜେଡିରୁ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଇସ୍ତଫା ଓ ଠିକ୍ ଦିନକ ପରେ ବିଜେପିରେ ଯୋଗଦାନ ବାଲେଶ୍ୱରରେ ହଲଚଲ ସୃଷ୍ଟି କରିଥିବାବେଳେ ଆଜି ବିଜେପି ଛାଡ଼ିଛନ୍ତି ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାଶ। ରବୀନ୍ଦ୍ରଙ୍କ



**ଶାସନକୁ ଆସିବା ପରେ ବିଜେପିର ନୈତିକ ପତନ ଘଟିଛି: ଜୀବନ**

ବିଜେପି ପ୍ରବେଶକୁ ବିରୋଧ କରି ଦଳ ଛାଡ଼ିଥିବା ସେ ଘୋଷଣା କରିଛନ୍ତି ଓ ଶାସନକୁ ଆସିବା ପରେ ବିଜେପିର ନୈତିକ ପତନ ଘଟିଥିବା ସେ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ; ଯେଉଁ ବିଜେପି ରବୀନ୍ଦ୍ର ଜେନାଙ୍କୁ ଚିଟ୍‌ଫଣ୍ଡ ଅଭିଯୁକ୍ତ ବୋଲି କହୁଥିଲା, ତାଙ୍କୁ କିପରି ବିନା ଦ୍ୱିଧାରେ କୋଳେଇ ନେଲା ବୋଲି ଜୀବନପ୍ରଦୀପ ପ୍ରଶ୍ନ କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ▸ପୃଷ୍ଠା-୭

## ମାଆ ନା ରାକ୍ଷସୀ! ୨ ଶିଶୁକନ୍ୟାଙ୍କୁ କୂଅରେ ପକାଇ ମାରିଦେଲା

■ କୁଚିଣ୍ଡା, ୧୩।୩ (ସମିସ): ମାଆ ରୂପରେ ରାକ୍ଷସୀ। ନିଜ ଜନ୍ମ କଲା ୨ ଶିଶୁକନ୍ୟାଙ୍କୁ କୂଅରେ ପକାଇ ମାରିଦେଲା। ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ଜରାବଗା ପଞ୍ଚାୟତ ସର୍ଗିଡିହି ଗ୍ରାମରେ ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି। ଶିଶୁକନ୍ୟାଦ୍ୱୟଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତ ମା' ଫେରାର୍ ହୋଇଯାଇଛି। ମୃତ ଶିଶୁକନ୍ୟା ମଧ୍ୟରୁ ଜଣଙ୍କର ବୟସ ମାତ୍ର ୪ ମାସ ହୋଇଥିବା ବେଳେ ତା'ର ନାମକରଣ ମଧ୍ୟ ହୋଇନାହିଁ। ଅନ୍ୟଜଣଙ୍କ ହେଲେ, ସୁହାନା ମାଡ଼କି (୬)। ଅପରପକ୍ଷେ, ଏହି ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।



ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ସର୍ଗିଡ଼ିହି ଗ୍ରାମର ଜେମେସ ମାଡ଼କିଙ୍କ ୨ କନ୍ୟା ସନ୍ତାନ। ତାଙ୍କ ସ୍ତ୍ରୀ ସଞ୍ଜୁ ମାଡ଼କି ଶୁକ୍ରବାର ଦିନ ଉଭୟଙ୍କୁ ନେଇ କେଉଁଆଡ଼କୁ ଚାଲି ଯାଇଥିଲେ। କିଛି ସମୟ ପରେ ସେ ଘରକୁ ଏକୁଟିଆ ଫେରିଥିଲେ। ଶିଶୁକନ୍ୟାଙ୍କ ସଂପର୍କରେ ସ୍ୱାମୀ ଜେମେସ ତାଙ୍କୁ ପଚରାଉଚରା କରିବାରୁ, ଦୁହିଁଙ୍କୁ ସେ ଘର ପାଖ ଚାଷ ଜମିରେ ଥିବା କୂଅରେ ପକାଇ ଦେଇଥିବା କହିଥିଲେ। ପରେ ଘର ଛାଡ଼ି ଦୌଡ଼ି ପଳାଇଥିଲେ। ଜେମେସ ତୁରନ୍ତ କୂଅ ପାଖକୁ ଯାଇ ଗ୍ରାମବାସୀଙ୍କ ସହାୟତାରେ ଉଭୟ ଶିଶୁଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟାରେ ଗୋବିନ୍ଦପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମହୁଲପାଲି ପୁଲିସ ପହଞ୍ଚିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛି। ଘଟଣା ପରଠାରୁ ଅଭିଯୁକ୍ତ ମାଆ ଫେରାର୍ ଥିବା ବେଳେ ସେ ସାମାନ୍ୟ ମାନସିକ ବିକୃତ ଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି।

### ଓଡ଼ିଶାର ଜମି ଉପରେ ପଡ଼ିଶାଙ୍କ ନଜର

## ଛତିଶଗଡ଼ ଦଖଲରେ ଝାରସୁଗୁଡ଼ାର ୩ କିମି ରାସ୍ତା

■ ଭୁବନେଶ୍ୱର, ୧୩।୩ (ସମିସ): ଦକ୍ଷିଣରେ ଆନ୍ଧ୍ର କୋଟିଆ ମାଡ଼ି ବସିବାକୁ ଷଡ଼ଯନ୍ତ୍ର ଚଳାଇଛି। କୋଟିଆକୁ ନିଜ ଅଞ୍ଚଳ ବୋଲି ଦାବି କରୁଛି। ଉତ୍ତରବାଲେଶ୍ୱରର ଭୋଗରାଇ ବ୍ଲକ୍ ଅଞ୍ଚଳରେ ସୁବର୍ଣ୍ଣରେଖା ନଦୀ ତଟ ଅଞ୍ଚଳକୁ ପଶ୍ଚିମବଙ୍ଗ ଦଖଲକୁ ନେବାକୁ ଉଦ୍ୟମ କରୁଛି। ଓଡ଼ିଶା ଅଞ୍ଚଳରେ ସଡ଼କ ନିର୍ମାଣ କରୁଛି। ଏବେ ପଡ଼ୋଶୀ ଛତିଶଗଡ଼ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାର ୩ କିଲୋମିଟର ରାସ୍ତା ଜବରଦଖଲ କରି ସାରିଛନ୍ତି। ମାତ୍ର ସରକାରଙ୍କ ନିଦ ଭାଙ୍ଗୁନାହିଁ, ଝାରସୁଗୁଡ଼ା ପ୍ରଶାସନ ମଧ୍ୟ

**ବିଧାନସଭାରେ ବିରୋଧୀଦଳ ଉପନେତାଙ୍କ ଉଦ୍‌ବେଗ**

**ଓଡ଼ିଶା ପାଇଁ ଘାତକ ହେବ ସରକାରଙ୍କ ନିରବତା: ପ୍ରସନ୍ନ**



ଏପରି ସ୍ୱର୍ଶକାତର ପ୍ରସଙ୍ଗରେ ନିରବ ରହିଛି। ଯାହାକୁ ନେଇ ବିଧାନସଭାରେ କ୍ଷୋଭ ପ୍ରକାଶ ସହ ସରକାରୀ ଅପାରଗତାକୁ ସମାଲୋଚନା କରିଛି ବିଜେଡି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇବା ସହ ସରକାର ତୁରନ୍ତ ତତ୍ପରତା ପ୍ରକାଶ କରିବାକୁ ଦାବି କରିଛନ୍ତି।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବହୁ ସଂଘର୍ଷ ପରେ ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ୧୯୫୬ ମସିହା ସୀମା ନିର୍ଦ୍ଧାରଣ ସମୟରେ ଓଡ଼ିଶା ଅବହେଳାର ଶିକାର ହେଲା। ଖରସୁଆଁ ଓ ଷଢ଼େଇକଳା ଭଳି ବହୁ ଅଞ୍ଚଳ ଓଡ଼ିଶାରେ ରହିପାରିଲା ନାହିଁ। ଏହି ସମସ୍ୟା ସମାଧାନ ହୋଇନାହିଁ। ମାତ୍ର ଏହି ମୟରେ ଓଡ଼ିଶାକୁ ବିକଳାଙ୍ଗ କରିବାକୁ ପୁଣି ଆରମ୍ଭ ହୋଇଛି। ଆନ୍ଧ୍ର ପ୍ରଦେଶ ସରକାର କୋଟିଆରେ ବେଆଇନ ପ୍ରବେଶ କରୁଛନ୍ତି। ତାଙ୍କ ସରକାରଙ୍କର ମନ୍ତ୍ରୀମାନେ ସେଠାରେ ସଭା ସମିତି କରୁଛନ୍ତି। ପଞ୍ଚାୟତ ନିର୍ବାଚନ କରିବା ପାଇଁ ପ୍ରୟାସ କରୁଥିଲେ। ଏବେ ଛତିଶଗଡ଼ ମଧ୍ୟ ଏହି ଉଦ୍ୟମ ଆରମ୍ଭ କରିଛି। ଆମର ପଡ଼ୋଶୀ ଛତିଶଗଡ଼ ସହ ଝାରସୁଗୁଡ଼ା, ବରଗଡ଼ ଓ ଅନ୍ୟ ଜିଲ୍ଲାର ସୀମା ▸ପୃଷ୍ଠା-୭



ସକାଳ THE SAKALA
www.sakalaepaper.com

# ଇରାନର ଦମ୍ଭ 'ମୋଜାଇକ୍ ଡିଫେନ୍ସ'

ତେହରାନ, ୧୩।୩ (ଏଜେନ୍ସି): ଆମେରିକା ଏବଂ ଇସ୍ରାଏଲ ଗତ ୨୮ ତାରିଖରେ 'ଅପରେସନ୍ ଏପିକ୍ ଫ୍ୟୁରି' ଆରମ୍ଭ କରି ଇରାନ ଉପରେ ଭୟଙ୍କର ଆକ୍ରମଣ କରିଥିଲେ। ଭେନେଜୁଏଲା ଭଳି ତେହରାନରେ ମଧ୍ୟ ଶାସନ ପରିବର୍ତ୍ତନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଶା ରଖିଥିଲେ। କିନ୍ତୁ ଏହା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ। ଯୁଦ୍ଧକୁ ଦୁଇ ସପ୍ତାହ ବିତିଯିବା ସତ୍ତ୍ୱେ ଇରାନ ଦମ୍ଭ ଦେଖାଇ ଛିଡ଼ା ହୋଇଛି। ନିଜର ଶୀର୍ଷ ନେତୃତ୍ୱଙ୍କୁ ହରାଇବା ସତ୍ତ୍ୱେ ଇରାନ ମଧ୍ୟପ୍ରାଚ୍ୟରେ ଥିବା ଆମେରିକା ଠିକଣା ଏବଂ ଇସ୍ରାଏଲରେ ଆକ୍ରମଣ କରି ଦୃଢ଼ ଜବାବ ଦେଉଛି। । ଲଢ଼େଇ ଜାରି ରଖିବାର ଏହି କ୍ଷମତା ପଛରେ ଇରାନ ସେନା ଦ୍ୱାରା ପ୍ରସ୍ତୁତ 'ମୋଜାଇକ୍ ଡିଫେନ୍ସ' ରଣନୀତି ରହିଛି। ବହୁ ବର୍ଷ ପୂର୍ବେ ଇରାନୀ ରଣନୀତିଜ୍ଞ ମହମ୍ମଦ ଅଲି ଜାଫରୀ ଏହାକୁ ପ୍ରସ୍ତୁତ କରିଥିଲେ। ତାଙ୍କ ପାଇଁ ଆଜି ଇସ୍ରାଏଲ ଏବଂ ଆମରିକା ଆଗରେ ଇରାନ ଦମ୍ଭ ଦେଖାଇ ଛିଡ଼ା ହୋଇଛି। ଅନେକ ଧମକ ସତ୍ତ୍ୱେ ଇରାନ ପଛଘୁଞ୍ଚା ଦେଉନାହିଁ। ଇରାନର 'ମିସାଇଲ ମ୍ୟାନ' ଭାବେ ପରିଚିତ ହସନ ତେହରାନି ମୋଗଦମଙ୍କ ମୃତ୍ୟୁ ପରେ ଜାଫରୀ ଆଇଆରଜିସିର ନେତୃତ୍ୱ ନେଇଥିଲେ। ସେ ଯୁଦ୍ଧ କୌଶଳ ବଦଳାଇ ଦେଇଥିଲେ। ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମର ମୁଖ୍ୟ ଡିଜାଇନର ଥିଲେ ମୋଗଦମ। ଇରାନ-ଇରାକ ଯୁଦ୍ଧ ପରେ ସେ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଅବ୍ବାସ ଆରାଘାଚି ଏହି ପ୍ରତିରକ୍ଷା ରଣନୀତିକୁ 'ପୂର୍ବ ଏବଂ ପଶ୍ଚିମରେ ଆମେରିକୀୟ ସେନାର ପରାଜୟ' ଉପରେ ଦୁଇ ଦଶନ୍ଧିର ଅଧ୍ୟୟନ ଭାବେ ବର୍ଣ୍ଣନା କରିଛନ୍ତି। କହିଛନ୍ତି ଯେ, ଆମେ ସେହି ଅନୁଯାୟୀ ଶିକ୍ଷା ଗ୍ରହଣ କରିଛୁ। ରାଜଧାନୀରେ ବୋମା ବିସ୍ଫୋରଣ ଆମର ଯୁଦ୍ଧ କରିବାର କ୍ଷମତା ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ବିକେନ୍ଦ୍ରୀକୃତ 'ମୋଜାଇକ୍ ଡିଫେନ୍ସ' ଯୁଦ୍ଧ କେବେ ଏବଂ କିପରି ଶେଷ ହେବ ତାହାର ନିଷ୍ପତ୍ତି ନେବାକୁ ଆମକୁ କ୍ଷମତା ପ୍ରଦାନ କରିଛି।

ଇରାନର ମୋଜାଇକ୍ ଡିଫେନ୍ସର ରଣନୀତିକାର ଭାବେ ପୂର୍ବତନ ସାମରିକ ଅଧିକାରୀ ତଥା ମେଜର ଜେନେରାଲ୍ ମହମ୍ମଦ ଅଲି ଜାଫରୀ ପରିଚିତ। ସେ ୨୦୦୭ ରୁ ୨୦୧୯ ପର୍ଯ୍ୟନ୍ତ ଆଇଆରଜିସିର କମାଣ୍ଡର-ଇନ୍-ଚିଫ୍ ଥିଲେ। ରିପୋର୍ଟ ଅନୁଯାୟୀ, ସେ ଇସଲାମିକ ବିପ୍ଳବ ପରେ ଇରାନର କୁର୍ଦ୍ଦିସ୍ତାନ ପ୍ରଦେଶରେ କାର୍ଯ୍ୟ କରୁଥିବା ଏକ ଗୁଇନ୍ଦା ୟୁନିଟରେ ଯୋଗ ଦେଇଥିଲେ। ଶୀର୍ଷ ନେତୃତ୍ୱକୁ ହରାଇବା ପରେ ମଧ୍ୟ କିପରି ଯୁଦ୍ଧ ଜାରି ରହିବ, ତାହା ନିଶ୍ଚିତ କରିବାକୁ ସେ ବହୁ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରି ସାମରିକ ରଣନୀତିକୁ ନୂଆ ରୂପ ଦେଇଥିଲେ। ଆମେରିକାର ଏକ ରିପୋର୍ଟ ଅନୁଯାୟୀ, ୨୦୦୫ ରେ ଜାଫରୀଙ୍କୁ ଆଇଆରଜିସିର ରଣନୀତିକ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିଲା। ସେ ଇରାନ-ଇରାକ ଯୁଦ୍ଧ ଏବଂ ୨୦୦୩ରେ ଆମେରିକା ନେତୃତ୍ୱାଧୀନ ମେଣ୍ଟ ଦ୍ୱାରା ଇରାକ ଆକ୍ରମଣରୁ ଶିକ୍ଷା ଗ୍ରହଣ କରି ଇରାନର 'ମୋଜାଇକ୍ ଡକ୍ଟ୍ରିନ୍' ପ୍ରସ୍ତୁତ କରିବା ପାଇଁ ନିଜ ପଦବୀର ବ୍ୟବହାର କରିଥିଲେ। ୨୦୦୭ରେ ଜାଫରୀଙ୍କୁ ଆଇଆରଜିସିର କମାଣ୍ଡର-ଇନ୍-ଚିଫ୍ କରାଯାଇଥିଲା ଏବଂ ସେ ନିଜ କାର୍ଯ୍ୟକାଳ ମଧ୍ୟରେ 'ମୋଜାଇକ୍ ଡିଫେନ୍ସ ଡକ୍ଟ୍ରିନ୍'କୁ କାର୍ଯ୍ୟକାରୀ କରିଥିଲେ, ଯାହାକୁ ଆମେରିକା ଏବଂ ଇସ୍ରାଏଲ୍ ସେନା ଏପର୍ଯ୍ୟନ୍ତ ଭେଦ କରିପାରି ନାହିଁ।

### କେମିତି କାମ କରୁଛି

ମୋଜାଇକ୍ ଡିଫେନ୍ସ ହେଉଛି ଏକ ଇରାନୀ ସାମରିକ ଅବଧାରଣା। ଏହା ଦେଶର ପ୍ରତିରକ୍ଷା ନୀତିକୁ ଗୋଟିଏ କେନ୍ଦ୍ରୀୟ ନିୟନ୍ତ୍ରଣ ବଦଳରେ ଅନେକ ଆଞ୍ଚଳିକ ଏବଂ ଅର୍ଦ୍ଧ-ସ୍ୱୟଂଶାସିତ ସ୍ତରରେ ସଂଗଠିତ କରିଛି। ଏହା ଦ୍ୱାରା ଶୀର୍ଷ ନେତୃତ୍ୱ ଉପରେ କୌଣସି ବଡ଼ ଧରଣର ଆକ୍ରମଣ ହେଲେ ବି ସମ୍ପୂର୍ଣ୍ଣ ପ୍ରତିରକ୍ଷା ବ୍ୟବସ୍ଥା ଅଚଳ ହୁଏ ନାହିଁ। ଏହି ମଡେଲ୍ ଅଧୀନରେ ଆଇଆରଜିସି, ବାସିଜ୍, ନିୟମିତ ସେନା ୟୁନିଟ୍, କ୍ଷେପଣାସ୍ତ୍ର ବାହିନୀ, ନୌସେନା ସମ୍ପତ୍ତି ଏବଂ ସ୍ଥାନୀୟ କମାଣ୍ଡ ସଂରଚନାଗୁଡ଼ିକ ଏକ ବିକେନ୍ଦ୍ରୀକୃତ ବ୍ୟବସ୍ଥାର ଅଂଶ ଭାବରେ କାର୍ଯ୍ୟ କରନ୍ତି। ଯଦି ଗୋଟିଏ ଅଂଶ ଆକ୍ରମଣର ଶିକାର ହୁଏ, ତେବେ ଅନ୍ୟ ଅଂଶଗୁଡ଼ିକ କାର୍ଯ୍ୟ ଜାରି ରଖନ୍ତି। ବରିଷ୍ଠ ନେତାମାନେ ପ୍ରାଣ ହରାଇଲେ ବି ଏହା ଅଚଳ ହୁଏ ନାହିଁ। ଆଇଆରଜିସି ୩୧ଟି ପ୍ରାଦେଶିକ କମାଣ୍ଡରେ ବିଭକ୍ତ ଏବଂ ପ୍ରତ୍ୟେକ ପ୍ରାଦେଶିକ କମାଣ୍ଡ ନିଜସ୍ୱ ଅସ୍ତ୍ରଶସ୍ତ୍ର, ଗୁଇନ୍ଦା ଏବଂ ନିୟନ୍ତ୍ରଣ ବ୍ୟବସ୍ଥା ସହିତ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସାମରିକ ୟୁନିଟ୍ ଭାବରେ କାର୍ଯ୍ୟ କରେ। ଯଦି ଶୀର୍ଷ ନେତୃତ୍ୱଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ, ତେବେ ଏହି ରଣନୀତି ସ୍ଥାନୀୟ ୟୁନିଟଗୁଡ଼ିକୁ ନିଜ ନିଷ୍ପତ୍ତି ନେବା ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ କ୍ଷମତା ପ୍ରଦାନ କରିଥାଏ। ଇରାନର ଭୌଗୋଳିକ ସ୍ଥିତି, ଉଚ୍ଚ ପର୍ବତମାଳା ଏବଂ ବିଶାଳ ଆଭ୍ୟନ୍ତରୀଣ କ୍ଷେତ୍ରକୁ ବ୍ୟବହାର କରି ଜାଫରୀ ଏହି ରଣନୀତି ପ୍ରସ୍ତୁତ କରିଥିଲେ।

## ସାକ୍ଷାତକାର ମଝିରେ ଟ୍ରମ୍ପଙ୍କ ଡକରାରେ ଆମେରିକା ଅର୍ଥମନ୍ତ୍ରୀ ଭୟଭୀତ

ୱାଶିଂଟନ, ୧୩।୩(ଏଜେନ୍ସି): ଆମେରିକା ଅର୍ଥମନ୍ତ୍ରୀ ସ୍କଟ ବେସେଣ୍ଟ ଗୁରୁବାର ହ୍ୱାଇଟ ହାଉସ୍‌ରେ ଏକ ଲାଇଭ ଟେଲିଭିଜନ ଇଣ୍ଟରଭ୍ୟୁ ଦେଉଥିବା ବେଳେ ରାଷ୍ଟ୍ରପତି ଡୋନାଲ୍ଡ ତାଙ୍କୁ ତୁରନ୍ତ ସିଚୁଏସନ ରୁମ୍‌କୁ ଡକାଇଥିଲେ। ବେସେଣ୍ଟ ସ୍କାଇ ନ୍ୟୁଜର ସାମ୍ବାଦିକ ବିଲଫ୍ରେଡ୍ ଫ୍ରଷ୍ଟଙ୍କ ସହ କଥା ହେଉଥିବା ବେଳେ ରାଷ୍ଟ୍ରପତି ଆପଣଙ୍କୁ ତୁରନ୍ତ ଖୋଜୁଥିବା ତାଙ୍କ ସହଯୋଗୀ ଆସି କହିଥିଲେ। ଏହା ଶୁଣି ବେସେଣ୍ଟ ମାଇକ୍ରୋଫୋନ କାଢ଼ି ପଳାଇ ଯାଇଥିଲେ। ସାମ୍ବାଦିକ ଜଣକ ଦୁଇ ଘଣ୍ଟା ଅପେକ୍ଷା କରିବା ପରେ ବେସେଣ୍ଟ ଫେରିଥିଲେ। ଫେରିବା ପରେ ତାଙ୍କ ସ୍ୱର କମ୍ପୁଥିଲା। କଥାବାର୍ତ୍ତାରେ ସେ ଟିକିଏ ଅସ୍ୱାଭାବିକ ଲାଗୁଥିଲେ। ଇରାନ ସ୍ଥିତି ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ ରାଷ୍ଟ୍ରପତି ବହୁତ ଭଲ ମୁଡ୍‌ରେ ଅଛନ୍ତି ଓ ଇରାନ ମିଶନ ଯୋଜନାଠାରୁ ବହୁତ ଆଗରେ ଚାଲିଛି।

## ନୂଆ ଦଳ ଘୋଷଣା କଲେ ଶଶିକଳା

ଚେନ୍ନଇ, ୧୩।୩(ଏଜେନ୍ସି): ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଦିବଂଗତ ମୁଖ୍ୟମନ୍ତ୍ରୀ ଜେ ଜୟଲଳିତାଙ୍କ ସହଯୋଗୀ ତଥା ଏଆଇଏଡିଏମ୍‌କେରୁ ବହିଷ୍କୃତ ନେତ୍ରୀ ଭିକେ ଶଶିକଳା ଶୁକ୍ରବାର ଦିନ ନିଜର ନୂଆ ରାଜନୈତିକ ଦଳର ନାମ ଓ ସଙ୍କେତ ଘୋଷଣା କରିଛନ୍ତି। ଶଶିକଳା ତାଙ୍କ ନୂଆ ଦଳର ନାମ ଅଲ୍ ଇଣ୍ଡିଆ ପୁରୁଚି ଥଲାଇଭର ମକ୍କାଲ ମୁନେତ୍ର କାଝାଗମ (ଏଆଇପିଟିଏମ୍‌ଏମ୍‌କେ) ରଖିଛନ୍ତି। ଏଥିସହ କେ କହିଛନ୍ତି ଯେ, ତାଙ୍କ ନୂଆ ଦଳର ନିର୍ବାଚନ ସଙ୍କେତ 'ନଡ଼ିଆ ବଗିଚା' ରଖାଯିବ। ତାମିଲନାଡୁ ନିର୍ବାଚନ ପୂର୍ବରୁ ରାଜନୈତିକ ବାତାବରଣ ସରଗରମ ଥିବା ବେଳେ ଶଶିକଳା ଏହି ଘୋଷଣା କରିଛନ୍ତି। ଏହି ଚିହ୍ନ ଏକତାର ପ୍ରତୀକ ଓ ତାଙ୍କ ଦଳ ଯୌଥ ପରିବାର ଭଳି କାର୍ଯ୍ୟ କରିବ। ଆଗାମୀ ବିଧାନସଭା ନିର୍ବାଚନରେ ଏହି ଦଳ ତାମିଲନାଡୁ ଓ ପୁଡୁଚେରୀର ସମସ୍ତ ଆସନରେ ପ୍ରାର୍ଥୀ ଦେବ ବୋଲି ସେ ସୂଚନା ଦେଇଛନ୍ତି। ରାମନାଥପୁରମ ଜିଲ୍ଲାର କାମୁଥିଠାରେ ଜୟଲଳିତାଙ୍କ ଜୟନ୍ତୀ ଅବସରରେ ସେ ଦଳୀୟ ପତାକା ଉନ୍ମୋଚନ କରିଛନ୍ତି।

## ମାସିକ ଧର୍ମ ସମୟରେ ପେଡ୍ ଲିଭ୍ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ, ୧୩।୩ (ଏଜେନ୍ସି): ସାରା ଦେଶରେ ଛାତ୍ରୀ ଏବଂ କର୍ମଜୀବୀ ମହିଳାମାନଙ୍କୁ ପିରିୟଡ୍ସ (ଋତୁସ୍ରାବ) ସମୟରେ ପେଡ୍ ଲିଭ୍ ଦେବା ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଏଭଳି ଆବେଦନ ଦ୍ୱାରା ଅଜାଣତରେ ମହିଳାମାନଙ୍କ ବିଷୟରେ ଥିବା ରୂଢ଼ିବାଦୀ ଚିନ୍ତାଧାରାକୁ ଆହୁରି ମଜବୁତ ହୋଇପାରେ। ଯଦି ଏହି ଆଇନ ପ୍ରଣୟନ ହୁଏ, ତେବେ କେହି ମହିଳାମାନଙ୍କୁ କାମ ଦେବେ ନାହିଁ। ଏହା ଦ୍ୱାରା ସେମାନଙ୍କ କ୍ୟାରିୟର ଶେଷ ହୋଇଯିବ। କେହି ମହିଳାଙ୍କୁ କୌଣସି ଦାୟିତ୍ୱ ଦେବେନାହିଁ। ଏପରିକି ନ୍ୟାୟପାଳିକାରେ ମଧ୍ୟ ମହିଳାଙ୍କୁ କୌଣସି ନିୟମିତ ଦାୟିତ୍ୱ ପ୍ରଦାନ କରାଯିବ ନାହିଁ। ଏହି ଆବେଦନଗୁଡ଼ିକ ଭୟ ସୃଷ୍ଟି କରିବାକୁ, ମହିଳାଙ୍କୁ ହୀନ ଦେଖାଇବାକୁ ଏବଂ ପିରିୟଡ୍ସରେ ସେମାନଙ୍କ ସହ କିଛି ଖରାପ ଘଟୁଥିବା ଦର୍ଶାଇବା ପାଇଁ ଦାଖଲ କରାଯାଇଛି। ଏହା ସେମାନଙ୍କର ପଜିଟିଭ୍ ରାଇଟ୍ ତଥା ସକରାତ୍ମକ ଅଧିକାର, କିନ୍ତୁ ସେହି ନିଯୁକ୍ତିଦାତାଙ୍କ କଥା ଥରେ ଚିନ୍ତା କରନ୍ତୁ। ସିଜେଆଇ



ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚିଙ୍କ ଖଣ୍ଡପୀଠ ଶୁଣାଣି ସମୟରେ ମେନଷ୍ଟ୍ରୁଆଲ ଲିଭ୍‌କୁ ବାଧ୍ୟତାମୂଳକ କରିବା ଦ୍ୱାରା ହେବାକୁ ଥିବା ସମ୍ଭାବ୍ୟ ସାମାଜିକ ପରିଣାମ ବିଷୟରେ ଚିନ୍ତା ପ୍ରକଟ କରିଥିଲେ। ଏହା ସହିତ କୋର୍ଟ ଆବେଦନକାରୀଙ୍କ ଅଧିକାର କ୍ଷେତ୍ର ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଏହି ମାମଲାକୁ ନେଇ ନିଜେ କୌଣସି ମହିଳା କୋର୍ଟକୁ ଆସିନାହାଁନ୍ତି କାହିଁକି ବୋଲି ପଚାରିଛନ୍ତି।

## ପଞ୍ଜାବରେ ସିଲିଣ୍ଡର ଧରି ପଳାଉଛନ୍ତି ଲୋକେ

ନୂଆଦିଲ୍ଲୀ,୧୩।୩ (ଏଜେନ୍ସି):ଇରାନ ଯୁଦ୍ଧ କାରଣରୁ ସାରା ଦେଶରେ ଏଲପିଜିର ଅଭାବ ଦେଖାଦେଇଛି। ଗ୍ୟାସ ଏଜେନ୍ସିଗୁଡ଼ିକ ବାହାରେ ଲମ୍ବା ଧାଡ଼ି ଲାଗିଛି। ଗ୍ୟାସ ସିଲିଣ୍ଡରର କଳାବଜାରୀ ହେଉଥିବାବେଳେ ବେଆଇନ ମହଜୁଦ ମଧ୍ୟ ଚାଲିଛି। ଅନେକ ସ୍ଥାନରେ ୨ ହଜାର ଟଙ୍କାର କମର୍ସିଆଲ ସିଲିଣ୍ଡର ୪ ହଜାର ଟଙ୍କାରେ ବିକ୍ରି ହେଉଛି। ସେହିପରି ପଞ୍ଜାବରେ ଲୋକମାନେ ସିଲିଣ୍ଡର ଧରି ଦୌଡ଼ୁଥିବାର ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। କେରଳରେ ପ୍ରାୟ ୪୦% ରେସ୍ତୋରାଁ ବନ୍ଦ ହେବା ସ୍ଥିତିକୁ ଆସିଗଲାଣି।ଅନ୍ୟପଟେ ଦିଲ୍ଲୀରେ କଂଗ୍ରେସ କର୍ମୀ ଏଲପିଜି ଯୋଗାଣରେ ଅବ୍ୟବସ୍ଥାକୁ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରଦର୍ଶନ କରିଛନ୍ତି। ରାଜସ୍ଥାନରେ ବିକ୍ଷୋଭ କରି ସିଲିଣ୍ଡରର ଶବଯାତ୍ରା ବାହାର କରାଯାଇଛି। ଦେଶର ପ୍ରାୟ ସବୁ ଅଞ୍ଚଳରେ ସିଲିଣ୍ଡର ପାଇଁ ନାହିଁ ନ ଥିବା ସ୍ଥିତି ସୃଷ୍ଟି ହୋଇଛି।

## ତେହରାନରେ 'କୁଦ୍‌ସ ଦିବସ' ଶୋଭାଯାତ୍ରାରେ ବିସ୍ଫୋରଣ



ତେହରାନ, ୧୩।୩(ଏଜେନ୍ସି): ଇରାନ ରାଜଧାନୀ ତେହରାନରେ ଆୟୋଜିତ ଏକ ସରକାରୀ ସମର୍ଥକଙ୍କ ପ୍ରଦର୍ଶନ (କୁଦ୍‌ସ ଦିବସ ଶୋଭାଯାତ୍ରା) ସମୟରେ ଭୟଙ୍କର ବିସ୍ଫୋରଣ ଘଟିଛି। ଶୁକ୍ରବାର ଫେରଦୋସି ସ୍କୋୟାର ଅଞ୍ଚଳରେ ଏହି ବିସ୍ଫୋଣ ହୋଇଥିଲା। ଫଳରେ ଆକାଶରେ ଧୂଆଁ ଉଠୁଥିବା ଦେଖିବାକୁ ମିଳିଥିଲା। ବିସ୍ଫୋରଣର ଠିକ୍ ପୂର୍ବରୁ ଇସ୍ରାଏଲ ସେନା ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଇସ୍ରାଏଲ ନିଜର ଫର୍ସୀ ଭାଷା ସୋସିଆଲ ମିଡ଼ିଆ ଆକାଉଣ୍ଟରେ ଉଲ୍ଲେଖ କରିଥିଲା ଯେ ସେମାନେ ସେହି ଅଞ୍ଚଳରେ ଅପରେସନ କରିବେ ଏବଂ ସେଠାରେ ଉପସ୍ଥିତ ରହିବା ଜୀବନ ପାଇଁ ବିପଜ୍ଜନକ ହୋଇପାରେ। ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମନେଇ ଏହି ଶୋଭାଯାତ୍ରାରେ ଯୋଗ ଦେବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ସେ ଆମେରିକା ଓ ଇସ୍ରାଏଲ ବିରୋଧରେ ପ୍ରତିଶୋଧ ନେବାକୁ ଶପଥ ନେଇଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣାକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଇରାନର ନୌସେନା, ବାୟୁସେନା ଓ ଡ୍ରୋନ ବ୍ୟବସ୍ଥାକୁ ଧ୍ୱଂସ କରାଯାଇଛି। ସେମାନଙ୍କ ନେତାମାନଙ୍କୁ ପୃଥିବୀ ପୃଷ୍ଠରୁ ଲିଭାଇ ଦିଆଯାଇଛି। ରମଜାନ ମାସର ଶେଷ ଶୁକ୍ରବାର ଦିନ କୁଦ୍‌ସ ଦିବସ ପାଳନ କରାଯାଇଥାଏ। ୧୯୭୯ରେ ସେତେବେଳର ସର୍ବୋଚ୍ଚ ନେତା ଅୟତୁଲ୍ଲା ଖାମନେଇ ଏହାକୁ ଆରମ୍ଭ କରିଥିଲେ। ଏହା ମୁଖ୍ୟତଃ ପାଲେଷ୍ଟାଇନ୍ ସମର୍ଥନରେ ଓ ଓ ଇସ୍ରାଏଲ ବିରୋଧରେ ପ୍ରଦର୍ଶନ କରିବା ପାଇଁ ପାଳନ କରାଯାଇଥାଏ। ଏହି ବିସ୍ଫୋରଣ ପ୍ରକୃତ କାରଣ ଜଣାପଡ଼ିନାହିଁ। ତେବେ ଏହି ଘଟଣା ଇରାନ- ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନାକୁ ଆହୁରି ବଢ଼ାଇଛି।

## ଆର୍ମେନିଆ ପହଞ୍ଚିଲେ ୧୭୦ ଭାରତୀୟ

ନୂଆଦିଲ୍ଲୀ, ୧୩।୩(ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଭାରତ ସରକାର ଇରାନରେ ଫସି ରହିଥିବା ନିଜ ନାଗରିକଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ବ୍ୟାପକ ପ୍ରୟାସ କରୁଛନ୍ତି। ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଗତ କିଛି ଦିନ ମଧ୍ୟରେ ୧୭୦ ଜଣ ଭାରତୀୟ ନାଗରିକ ସ୍ଥଳପଥ ଦେଇ ଆର୍ମେନିଆ ସୀମାରେ ପ୍ରବେଶ କରିଛନ୍ତି। ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଏହି ୧୭୦ଜଣଙ୍କ ମଧ୍ୟରୁ ଅନେକ ଭାରତୀୟ ପୂର୍ବରୁ ଦେଶକୁ ଫେରିସାରିଛନ୍ତି। ଅବଶିଷ୍ଟ ବ୍ୟକ୍ତିମାନେ ଆର୍ମେନିଆରୁ ବାଣିଜ୍ୟିକ ବିମାନ ମାଧ୍ୟମରେ ଆସନ୍ତା କିଛି ଦିନ ମଧ୍ୟରେ ଭାରତ ଫେରିବେ।

## ପାକିସ୍ତାନର କୋହାଟ ସାମରିକ ଦୁର୍ଗ ଉପରେ ଆଫଗାନିସ୍ତାନର ଡ୍ରୋନ୍ ମାଡ଼

କାବୁଲ, ୧୩।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଥମି ନଥିବା ବେଳେ ଦକ୍ଷିଣ ଏସିଆରେ ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ସଂଘର୍ଷ ହୋଇଥିବାର ଏକ ବଡ଼ ଘଟଣା ସାମ୍ନାକୁ ଆସିଛି। ଗୁରୁବାର ରାତିରେ ପାକିସ୍ତାନ ସେନା ପକ୍ଷରୁ ଆଫଗାନିସ୍ତାନ ରାଜଧାନୀ କାବୁଲ ଓ କାନ୍ଦାହାର ଉପରେ କରାଯାଇଥିବା ବାୟୁସେନା ଆକ୍ରମଣର ଜବାବରେ ଆଫଗାନିସ୍ତାନ ପକ୍ଷରୁ ପାଲଟା ଆକ୍ରମଣ କରାଯାଇଛି। ତାଲିବାନ ଅଧିକାରୀଙ୍କ ଦାବି ଅନୁଯାୟୀ, ପାକିସ୍ତାନର ଏହି ଆକ୍ରମଣରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ତେବେ ଜଣାଶୁଣା ନ୍ୟୁଜ୍ ଏଜେନ୍ସି ରଏଟର୍ସର ରିପୋର୍ଟ ଅନୁଯାୟୀ, ପାକିସ୍ତାନର ଏହି ଆକ୍ରମଣରେ ମହିଳା ଓ ଶିଶୁଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଅନେକ ଘର ମଧ୍ୟ ଭାଙ୍ଗିଯାଇଛି। ତାଲିମାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍‌ଙ୍କ କହିବା ଅନୁସାରେ, ଏହି ଆକ୍ରମଣ ଏକ ବେସରକାରୀ ବିମାନ ସଂସ୍ଥା 'କାମ ଏୟାର'ର ଇନ୍ଧନ ଡିପୋ ଉପରେ କରାଯାଇଛି। ଏହା ସାଧାରଣ ବିମାନ ଓ ମିଳିତ ଜାତିସଂଘର ବିମାନଗୁଡ଼ିକୁ ଇନ୍ଧନ ଯୋଗାଇଥାଏ। ଅନ୍ୟପକ୍ଷରେ ପାକିସ୍ତାନ ସୁରକ୍ଷା ଅଧିକାରୀମାନଙ୍କ କହିବା ଅନୁଯାୟୀ, ଏହି କାର୍ଯ୍ୟାନୁଷ୍ଠାନ ପାକିସ୍ତାନୀ ତାଲିବାନ (ଟିଟିପି) ର ଠିକଣା ଉପରେ କରାଯାଇଛି।



ପାକିସ୍ତାନର ଆକ୍ରମଣ ପ୍ରତିଶୋଧ ସ୍ୱରୂପ ଆଫଗାନ ବାୟୁସେନା ଶୁକ୍ରବାର ସକାଳେ ଖାଇବର ପଖତୁନଖ୍ୱାର କୋହାଟ ଅଞ୍ଚଳରେ ପାକିସ୍ତାନୀ ସେନାର ରଣନୈତିକ ସାମରିକ କେନ୍ଦ୍ର ଓ ସ୍ଥାପନାଗୁଡ଼ିକୁ ଟାର୍ଗେଟ କରିଛି। ଏଥିରେ ଆହୁରି ଦାବି କରାଯାଇଛି ଯେ, ଏହି ଆକ୍ରମଣରେ କୋହାଟ ସାମରିକ ଦୁର୍ଗ ନଷ୍ଟ ହୋଇଯାଇଛି। ଏହି ଦୁର୍ଗଠାରୁ ଦୁଇ କିମି ଦୂରରେ ଥିବା ଡୁରାଣ୍ଡ ଲାଇନ୍ ବିବାଦର କମାଣ୍ଡ ସେଣ୍ଟର ଓ ସାମରିକ ଦୁର୍ଗର କମାଣ୍ଡର କାର୍ଯ୍ୟାଳୟକୁ ମଧ୍ୟ ସଠିକ୍ ଭାବେ ଟାର୍ଗେଟ କରାଯାଇଛି।

## ଇଣ୍ଡିଗୋରେ ପ୍ରତି ବିମାନ ପାଇଁ ଅଛନ୍ତି ସବୁଠୁ କମ୍ ପାଇଲଟ୍

ନୂଆଦିଲ୍ଲୀ, ୧୩।୩(ଏଜେନ୍ସି): ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଗୁରୁବାର ସଂସଦରେ ସୂଚନା ଦେଇଛି ଯେ, ଦେଶରେ ବିଭିନ୍ନ ବିମାନ ସେବା ସଂସ୍ଥା ମଧ୍ୟରେ ଇଣ୍ଡିଗୋର ପାଇଲଟ- ବିମାନ ଅନୁପାତ ସବୁଠାରୁ କମ୍ ରହିଛି। ଇଣ୍ଡିଗୋର ବିମାନ ପିଛା ହାରାହାର ୮ ଜଣ (୭.୬) ପାଇଲଟ ଅଛନ୍ତି। ଅନ୍ୟପଟେ ସ୍ପାଇସ୍‌ଜେଟ୍‌ରେ ଏହି ସଂଖ୍ୟା ସର୍ବାଧିକ ୯.୪ ରହିଛି। ସେହିପରି ଆକାଶ ଏୟାରରେ ଏହି ସଂଖ୍ୟା ୯.୩୩, ଏୟାର ଇଣ୍ଡିଆରେ ପ୍ରତି ବିମାନ ପାଇଁ ୯.୧ ପାଇଲଟ ସଂଖ୍ୟା ଥିବା ବେଳେ ଏହାର ସହଯୋଗୀ କମ୍ପାନୀ ଏୟାର ଇଣ୍ଡିଆ ଏକ୍ସପ୍ରେସ ପାଇଁ ଏହି ସଂଖ୍ୟା ୮.୮ ରହିଛି। ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମାହୋଲ ଲୋକସଭାରେ ଏହି ଲିଖିତ ଉତ୍ତରରେ ଏହି ତଥ୍ୟ ପ୍ରଦାନ କରିଛନ୍ତି। ପ୍ରକୃତରେ ଗୋଟିଏ ବିମାନ ଦିନସାରା ଅନେକ ଉଡ଼ାଣ ଭରିଥାଏ ଏବଂ ପାଇଲଟମାନଙ୍କୁ ବିଶ୍ରାମ ନେବାକୁ ପଡ଼ିଥାଏ। ସେଥିପାଇଁ ଗୋଟିଏ ବିମାନ ପାଇଁ ଏକାଧିକ ପାଇଲଟ ନିୟୋଜିତ ଥାନ୍ତି। ଇଣ୍ଡିଗୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପିଟର ଏଲବର୍ସ ମାର୍ଚ୍ଚ ୧୦ରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଉଲ୍ଲେଖଥାଉ କି, ୨୦୨୫ ଡିସେମ୍ବରରେ ବିମାନ ଚଳାଚଳରେ ବିଭ୍ରାଟ ଯୋଗୁଁ ପ୍ରାୟ ୩ ଲକ୍ଷ ଯାତ୍ରୀ ପ୍ରଭାବିତ ହୋଇଥିଲେ। ଏଥିପାଇଁ ଇଣ୍ଡିଗୋ ଉପରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ୨୨.୨୦ କୋଟି ଟଙ୍କାର ଜରିମାନା ଲାଗୁ କରିଥିଲା। ଇଣ୍ଡିଗୋର ମୋଟ୍ ୫, ୨୦୦ ପାଇଲଟଙ୍କ ମଧ୍ୟରେ ୯୭୦ଜଣ ମହିଳା ପାଇଲଟ ଅଛନ୍ତି। ସେହିପରି ଏୟାର ଇଣ୍ଡିଆରେ ୩, ୧୨୩ ପାଇଲଟଙ୍କ ମଧ୍ୟରୁ ୫୦୮ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ରେ ୧.୮୨୦ ମଧ୍ୟରୁ ୨୩୪ଜଣ ମହିଳା ପାଇଲଟ ଅଛନ୍ତି। ସେହିପରି ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ରେ ୪୮ ଓ ଇଣ୍ଡିଗୋରେ ୨୯ ଜଣ ବିଦେଶୀ ପାଇଲଟ ଅଛନ୍ତି।

ଜାତୀୟ ରାଜପଥରେ ଟୋଲ ଆଦାୟ ୬୧, ୦୦୦ କୋଟି ଟଙ୍କା ଅତିକ୍ରମ କରିଛି ବୋଲି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ଲୋକସଭାରେ ସୂଚନା ଦେଇଛନ୍ତି। ଦେଶରେ ଟୋଲ ଆଦାୟ ଗତ ୫ ବର୍ଷ ମଧ୍ୟରେ ୧୨୦ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ପଶ୍ଚିମ ଏସିଆ ତଥା ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗିଥିବା କାରଣରୁ ଭାରତ ସରକାର ଇରାନରେ ରହୁଥିବା ପ୍ରାୟ ୯, ୦୦୦ ଭାରତୀୟଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ମଧ୍ୟପ୍ରାଚ୍ୟକୁ କ୍ଷେପଣାସ୍ତ୍ର ରକ୍ଷା ପ୍ରଣାଳୀ ସ୍ଥାନାନ୍ତର କରୁଛି ଆମେରିକା

ସିଓଲ, ୧୩।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଇରାନ ଯୁଦ୍ଧ ପାଇଁ ଆମେରିକା ଆଉ ଏକ ଚକିତ କଲା ଭଳି ପଦକ୍ଷେପ ନେଇଛି। ଆମେରିକା ଦକ୍ଷିଣ କୋରିଆରେ ମୁତୟନ ଥିବା 'ଟର୍ମିନାଲ ହାଇ- ଅଲ୍ଟିଚ୍ୟୁଡ୍ ଏରିଆ ଡିଫେନ୍ସ' କ୍ଷେପଣାସ୍ତ୍ର ରକ୍ଷା ପ୍ରଣାଳୀର କିଛି ଅଂଶକୁ ମଧ୍ୟପ୍ରାଚ୍ୟକୁ ସ୍ଥାନାନ୍ତର କରିଛି। ଆମେରିକାର ଏହି ପଦକ୍ଷେପକୁ ନେଇ ଦକ୍ଷିଣ କୋରିଆ ସରକାର ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଦକ୍ଷିଣ କୋରିଆରେ ଆମେରିକାର ପ୍ରାୟ ୨୮, ୫୦୦ ସୈନ୍ୟ ମୁତୟନ ଅଛନ୍ତି ଓ ଏମାନେ ପରାମାଣୁ ଅସ୍ତ୍ରରେ ସଜ୍ଜିତ ଉତ୍ତର କୋରିଆଠାରୁ ଦେଶକୁ ସୁରକ୍ଷା ଦେଉଛନ୍ତି। ଏହି କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ହଟିବା ଦ୍ୱାରା ଦକ୍ଷିଣ କୋରିଆର ସୁରକ୍ଷା ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜେ ମ୍ୟୁଙ୍ଗ ଏହି ପ୍ରତ୍ୟାହାରକୁ ବିରୋଧ କରିଛନ୍ତି। ବିଶେଷଜ୍ଞଙ୍କ ମତରେ, ଏହା ଦ୍ୱାରା ଉତ୍ତର କୋରିଆ ଶାସକ କିମ୍- ଜୋଙ୍ଗ-ଉନ୍ ଏହାକୁ ସୁଯୋଗ ଭାବି ଦେଶରେ ଉତ୍ତେଜନା ସୃଷ୍ଟି କରିପାରନ୍ତି। ଆମେରିକାର ଏହି ପଦକ୍ଷେପ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦକ୍ଷିଣ କୋରିଆ ପ୍ରତି ସୁରକ୍ଷା ପ୍ରତିଶ୍ରୁତିକୁ ନେଇ ସନ୍ଦେହ ସୃଷ୍ଟି କରିଛି। ଉତ୍ତର କୋରିଆ ପୂର୍ବରୁ ହିଁ ଦକ୍ଷିଣ କୋରିଆକୁ ତା'ର ସବୁଠାରୁ ବଡ଼ ଶତ୍ରୁ ବୋଲି ଘୋଷଣା କରିସାରିଛି। ଦକ୍ଷିଣ କୋରିଆ ଗଣମାଧ୍ୟମ ଅନୁଯାୟୀ, ସରକାର ଏବେ ନିଜସ୍ୱ ପ୍ରତିରକ୍ଷା କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି। ସେପଟେ ଇରାନର ଏକ ଆକ୍ରମଣରେ ଆମେରିକାର ୩୦୦ ମିଲିୟନ ଡଲାର ମୂଲ୍ୟର ଥାଡ୍ 'ରାଡାର ସିଷ୍ଟମ' ନଷ୍ଟ ହେବା ଫଳରେ ଆମେରିକା ଏହି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି ବୋଲି କୁହାଯାଉଛି।

● ଜଷ୍ଟିସ ଯଶୋବନ୍ତ ବର୍ମା କ୍ୟାଶ୍ ମାମଲା

## ସଂସଦୀୟ ତଦନ୍ତ କମିଟିର ଶୁଣାଣି ଆରମ୍ଭ

ନୂଆଦିଲ୍ଲୀ, ୧୩।୩(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ମାସଭବନରୁ ନଗଦ ଟଙ୍କା ଜବତ ମାମଲାରେ ସଂସଦୀୟ ତଦନ୍ତ କମିଟି ଶୁକ୍ରବାରଠାରୁ ପ୍ରତିଦିନ ଶୁଣାଣି ଆରମ୍ଭ କରିବ। ଏହି ପ୍ରକ୍ରିୟା ଆସନ୍ତା ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଶୁଣାଣ ମହା ଅଭିଯୋଗ ସହ ଜଡ଼ିତ ଅଭିଯୋଗର ଏକ ଅଂଶ। ସଂସଦୀୟ କମିଟି ଏହି ସମୟ ମଧ୍ୟରେ ବିଭିନ୍ନ ଦସ୍ତାବିଜ, ପ୍ରମାଣ ଓ ପକ୍ଷମାନଙ୍କ ଜବାବର ସମୀକ୍ଷା କରିବେ। ଜଷ୍ଟିସ ର୍ବମା ମଧ୍ୟ ନିଜର ସଫେଇ ଦେଇଛନ୍ତି। ନିଜର ଲିଖିତ ଜବାବରେ ଜଷ୍ଟିସ ବର୍ମା କହିଛନ୍ତି ଯେ ତାଙ୍କ ଘରୁ ମିଳିଥିବା ଟଙ୍କା ତାଙ୍କର ନୁହେଁ। ଘରେ ନିଆଁ ଲାଗିବା ସମୟରେ ସେ ଉପସ୍ଥିତ ନଥିଲେ ବୋଲି ଦାବି କରିଛନ୍ତି। ତାଙ୍କ ଭବନରୁ କୌଣସି ନଗଦ ଟଙ୍କା ଜବତ ହୋଇନାହିଁ। ଉଲ୍ଲେଖଥାଉ କି, ୨୦୨୫ ମାର୍ଚ୍ଚ ୧୪ରେ ଜଷ୍ଟିସ ବର୍ମାଙ୍କ ସରକାରୀ ବାସଭବନର ଷ୍ଟୋର ରୁମ୍‌ରେ ନିଆଁ ଲାଗିଯାଇଥିଲା। ସେଠାରୁ ବହୁ ପରିମାଣର ଅଧାପୋଡ଼ା ନୋଟ୍ ମିଳିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ଏହାପରେ ଆଭ୍ୟନ୍ତରୀଣ ତଦନ୍ତ ପରେ ତତ୍କାଳୀନ ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଜଷ୍ଟିସ ବର୍ମାଙ୍କୁ ହଟାଇବା ପାଇଁ ସୁପାରିଶ କରିଥିଲେ। ୨୦୨୫ ଅଗଷ୍ଟ ୧୨ରେ ୧୪୬ ଜଣ ସାଂସଦଙ୍କ ସ୍ୱାକ୍ଷର ସମ୍ବଳିତ ନୋଟିସ ଆଧାରରେ ଏକ ୩ ଜଣିଆ ତଦନ୍ତ କମିଟି ଗଠନ କରାଯାଇଥିଲା।

## ସିଦ୍ଧୁ ମୁସେୱାଲା ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଜାମିନ

ନୂଆଦିଲ୍ଲୀ, ୧୩।୩(ଏଜେନ୍ସି): ପ୍ରସିଦ୍ଧ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କ ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର ଦୁଇ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏହି ଦୁଇ ଅଭିଯୁକ୍ତ ହେଲେ ପବନ ବିଷ୍ଣୋଇ ଓ ଜଗତାର ସିଂହ। ପବନଙ୍କ ବିରୋଧରେ ହତ୍ୟାକଣ୍ଡରେ ବ୍ୟବହୃତ ବୋଲେରୋ ଗାଡ଼ି ବ୍ୟବସ୍ଥା କରିଥିବା ଅଭିଯୋଗ ହୋଇଥିଲା। ସେହିପରି ଜଗତାରଙ୍କୁ ଏହି ମାମଲାରେ ଅନ୍ୟଏକ ଆଧାରରେ ଗିରଫ କରାଯାଇଥିଲା। ଅଭିଯୁକ୍ତଙ୍କ ଓକିଲ ଦର୍ଶାଇଛନ୍ତି ଯେ ପବନଙ୍କୁ କେବଳ ଏକ ସ୍ୱୀକାରୋକ୍ତି ଆଧାରରେ ଫସାଯାଇଛି ଓ ତାଙ୍କ ବିରୋଧରେ କୌଣସି ପ୍ରମାଣ ନାହିଁ। ସେ ପ୍ରାୟ ସାଢ଼େ ୩ ବର୍ଷ ଧରି ହେପାଜତରେ ଅଛନ୍ତି। ସେହିପରି ଜଗତାର ଜଣେ ପଡୋଶୀ ହୋଇଥିବାରୁ ତାଙ୍କୁ ମିଥ୍ୟା ଅଭିଯୋଗରେ ଛନ୍ଦି ଦିଆଯାଇଥିବା ଦର୍ଶାଯାଇଛି। ଜଷ୍ଟିସ ବିକ୍ରମ ନାଥ ଓ ଜଷ୍ଟିସ୍ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଜାମିନ ପ୍ରଦାନ କରିଛନ୍ତି।

## ୪ ବର୍ଷର ଲିଭ୍-ଇନ୍ ସମ୍ପର୍କ ପରେ ଆତ୍ମହତ୍ୟା କଲେ ଯୁବତୀ



ଆଗ୍ରା, ୧୩।୩(ଏଜେନ୍ସି): ଉତ୍ତରପ୍ରଦେଶରେ ଆଗ୍ରାରେ ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ମାମଲା ସାମ୍ନାକୁ ଆସିଛି। ମୃତ୍ୟୁ ପୂର୍ବରୁ ସେ ଏକ ଭିଡ଼ିଓ ବାର୍ତ୍ତା ଜରିଆରେ ତାଜଗଞ୍ଜ୍ ଥାନାର କର୍ଯ୍ୟରତ ଜଣେ ପୁଲିସ କନେଷ୍ଟବଲଙ୍କ ଉପରେ ଶରୀରିକ ଓ ମାନସିକ ନିର୍ଯାତନା ଓ ପ୍ରତାରଣାର ଗୁରୁତର ଅଭିଯୋଗ ଆଣିଛନ୍ତି। ମୃତ ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, କନେଷ୍ଟବଲ ଜେଭି ଗୌତମଙ୍କ ସହ ସେ ୪ ବର୍ଷ ଧରି ଲିଭ୍-ଇନ୍‌ରେ ରହୁଥିଲେ। ବିବାହର ପ୍ରତିଶ୍ରୁତି ଦେଇ କନେଷ୍ଟବଲ ତାଙ୍କୁ ପତ୍ନୀ ଭଳି ରଖିଥିଲେ, କିନ୍ତୁ ପରେ ବିବାହ କରିବାକୁ ମନା କରିଦେଇଥିଲେ। ତାଙ୍କ ପରିବାର ଲୋକେ ବିବାହାର ରାଜି ନଥିବେ କହି ତାଙ୍କୁ ଧୋକା ଦେଇଥିଲେ ଏବଂ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ପ୍ରସ୍ତୁତି କରୁଥିଲେ। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଭିଡ଼ିଓରେ ଯୁବତୀ ଜଣକ ନିଜ ମୃତ୍ୟୁ ପାଇଁ କନଷ୍ଟେବଳ ଓ ତାଙ୍କ ପରିବାରକୁ ଦାୟୀ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଥିଲେ। ଏହି ଭିଡ଼ିଓ ଭାଇରାଲ ହେବା ପରେ ବରିଷ୍ଠ ଅଧିକାରମାନେ କନଷ୍ଟେବଳ ଗୌତମଙ୍କୁ ନିଲମ୍ବିତ କରିଛନ୍ତି। ଯୁବତୀଙ୍କ ବାପାଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା ରୁଜୁ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

## ସ୍ୱାମୀଙ୍କୁ ପକୋଡ଼ି କିଣିବାକୁ ପଠାଇ ପ୍ରେମିକଙ୍କ ସହ ଫେରାର ହେଲେ ନବବିବାହିତା

ମୁରାଦାବାଦ୍, ୧୩।୩(ଏଜେନ୍ସି): ଉତ୍ତରପ୍ରଦେଶର ମୁରାଦାବାଦ୍ ଜିଲ୍ଲାରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ନବବିବାହିତା ପତ୍ନୀ ନିଜ ସ୍ୱାମୀଙ୍କୁ ପକୋଡ଼ି ଆଣିବାକୁ କହି ବସ୍‌ଷ୍ଟାଣ୍ଡରୁ ରହସ୍ୟମୟ ଭାବେ ନିଖୋଜ ହୋଇଯାଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଅମରୋହା ଜିଲ୍ଲାର ପୀତମ ସିଂହ ସହ ଗତ ଡିସେମ୍ବରରେ ୧ରେ ରାମପୁର ଜିଲ୍ଲାର ୧୮ ବର୍ଷୀୟା ରିମ୍‌ଝିମ୍‌ଙ୍କ ବିବାହ ହୋଇଥିଲା। ହୋଲି ଛୁଟି ପାଇଁ ରିମ୍‌ଝିମ୍ ନିଜ ବାପ ଘରକୁ ଯାଇଥିଲେ। ମାର୍ଚ୍ଚ ୯ରେ ପ୍ରୀତମ ତାଙ୍କୁ ଫେରାଇ ଆଣିବାକୁ ଯାଇଥିଲେ। ଫେରିବା ବାଟରେ ମୁରାଦାବାଦର ବିଲାରୀ ବସ୍‌ଷ୍ଟାଣ୍ଡରେ ସେମାନେ ଅନ୍ୟଏକ ବସ୍‌କୁ ଅପେକ୍ଷା କରୁଥିଲେ। ସେହି ସମୟରେ ରିମ୍‌ଝିମ୍ ପୀତମଙ୍କୁ ପାଖ କ୍ୟାଣ୍ଟିନରୁ ଗରମ ଗରମ ପକୋଡ଼ି ଆଣିବାକୁ ପଠାଇଥିଲେ। ପୀତମ ଯେତେବେଳେ ପକୋଡ଼ୀ ନେଇ ଫେରିଲେ, ସେତେବେଳେ ପତ୍ନୀ ସେଠାରେ ନଥିଲେ। ଆଖପାଖରେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଯହଯାତ୍ରୀଙ୍କଠାରୁ ଜାଣିବାକୁ ମିଳିଲା ଯେ, ସେ ଫୋନ୍‌ରେ କାହା ସହ କଥା ହେଉ ହେଉ ବସ୍‌ରୁ ଓହ୍ଲାଇ ପଳାଇଥିଲେ। ପୀତମ ଏ ନେଇ ପୁଲିସରେ ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ରିମ୍‌ଝିମ୍ ତାଙ୍କ ପୁରୁଣା ପରିଚିତ ଯୁବକ ତଥା ପ୍ରେମିକଙ୍କ ସହ ଫେରାର ହୋଇଛନ୍ତି। ପୁଲିସ ଏହି ଘଟଣାରେ ଏକ ମିସିଂ କେସ୍ ରୁଜୁ କରିଛି। ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ରିମଝିମ୍‌ଙ୍କ ମୋବାଇଲ ଲୋକେସନ ଆଧାରରେ ତଦନ୍ତ ଜାରି ରହିଛି।

# ଆଉଟସୋର୍ସିଂ କର୍ମଚାରୀଙ୍କ ସମର୍ଥନରେ ଗୃହ କମ୍ପାଇଲା କଂଗ୍ରେସ

- ମୁଲତବୀ ପ୍ରସ୍ତାବ ଗ୍ରହଣ ନହେବାରୁ ବିଧାୟକଙ୍କ କ୍ଷୋଭ
- ଖରାରେ ବସିଛନ୍ତି ୭୦ ହଜାର ଆଉଟସୋର୍ସିଂ କର୍ମଚାରୀ
- ପ୍ରତିଶ୍ରୁତି ଦେଇ ପୂରଣ କରୁନାହାନ୍ତି ବିଜେପି ସରକାର

**ଭୁବନେଶ୍ୱର, ୧୩।୩ (ସମିସ):** ରାଜ୍ୟର ୭୦ ହଜାରରୁ ଅଧିକ ଆଉଟ୍‌ସୋର୍ସିଂ କର୍ମଚାରୀ ରାଜରାସ୍ତାରେ ବସିଛନ୍ତି। ଖରା-କାକରରେ ଏହି କର୍ମଚାରୀମାନେ ଧାରଣାରେ ବସିଥିବା ବେଳେ ସରକାର ସେମାନଙ୍କ କଥା ଆଦୌ ଶୁଣୁ ନାହାନ୍ତି। ବିରୋଧୀ ଦଳରେ ଥିବା ବେଳେ ଯେଉଁ ଦାବିକୁ ସମର୍ଥନ କରୁଥିଲେ, ସରକାରକୁ ଆସିବା ପରେ ଏବେ ସେହି କର୍ମଚାରୀଙ୍କ ପ୍ରତି ଦୃଷ୍ଟି ଦେଉନାହାନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ କଂଗ୍ରେସ ଦଳ ମୁଲତବୀ ପ୍ରସ୍ତାବ ଆଣିଥିଲେ ମଧ୍ୟ ଏହାକୁ ଅଗ୍ରାହ୍ୟ କରି ଦିଆଯାଇଥିବାରୁ ସରକାରଙ୍କ ଉପରେ ଦଳ ବର୍ଷିଛି।

ଶୁକ୍ରବାର ଶୂନ୍ୟକାଳରେ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, କଂଗ୍ରେସ ପକ୍ଷରୁ ଆଲୋଚନା ପାଇଁ ଅଣାଯାଇଥିବା ମୁଲତବୀ ପ୍ରସ୍ତାବକୁ ଗ୍ରହଣ ନକରି ସରକାର ବଦନାମି ଏଡ଼ାଇବା ପାଇଁ ପ୍ରୟାସ କରୁଛନ୍ତି। ରାଜ୍ୟର ୭୦ ହଜାରରୁ ଊର୍ଦ୍ଧ୍ୱ ଆଉଟ୍‌ସୋର୍ସିଂ କର୍ମଚାରୀ ଆଜି ରାଜରାସ୍ତାରେ ବସିଛନ୍ତି। କିନ୍ତୁ ସରକାର ତାଙ୍କ ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି। କଂଗ୍ରେସ ପକ୍ଷରୁ ଏ ସମ୍ପର୍କରେ ଆଲୋଚନା ଲାଗି ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ, ସରକାର କାଳେ ବଦନାମ ହେବେ, ସେଥିପାଇଁ ତାହାକୁ ଗ୍ରହଣ କଲେ ନାହିଁ। ସରକାରଙ୍କ ବିଭିନ୍ନ ବିଭାଗରେ ବହୁ ଶିକ୍ଷିତ ଯୁବକ ଯୁବତୀ ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ପାଇଛନ୍ତି। ସେମାନଙ୍କର ଇପିଏଫ୍ କି ଜିପିଏଫ୍ କଟୁନାହିଁ। ସେମାନଙ୍କ ଚାକିରିର କିଛି ସ୍ଥାୟିତ୍ୱ ନାହିଁ। ସେମାନେ ଅଧିକ କାମ କରୁଥିଲେ ମଧ୍ୟ ସେହି ଅନୁସାରେ ତାଙ୍କ ଦରମା ପାଉନାହାନ୍ତି। ସରକାର ସେମାନଙ୍କ ଦାବି ଉପରେ ବିଚାର କରିବା ଆବଶ୍ୟକ। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ଛଟେଇ ବନ୍ଦ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ କାଡାମ ଦାବି କରିଛନ୍ତି।

ସେହିପରି ଶୂନ୍ୟକାଳରେ ସମାନ ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଏତେ ଖରାରେ ରାଜ୍ୟର ଶିକ୍ଷିତ ଯୁବକ ଯୁବତୀ ଧାରଣାରେ ବସିଛନ୍ତି। ଦୀର୍ଘ ଦିନ ହେବ ସେମାନେ ଚାକିରି କଲେଣି। ସେମାନଙ୍କୁ ନିଯୁକ୍ତି ଦେଇଥିବା ସଂସ୍ଥା ସରକାରଙ୍କଠାରୁ ୨୦୦୦୦ ଟଙ୍କା ନେଇ ସେମାନଙ୍କୁ ୮-୧୦ ହଜାର ଟଙ୍କା ଦେଉଛନ୍ତି। ଏଭଳି ମହଙ୍ଗା ସମୟରେ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟସାଧ୍ୟ ହେଉଛି। ସରକାର ଓ ନିଯୁକ୍ତିଦାତା ସଂସ୍ଥା ଦ୍ୱାରା ସେମାନେ ଶୋଷିତ ହେଉଛନ୍ତି। କିଛି କାରଣ ନଥାଇ ସେମାନଙ୍କୁ ଛଟେଇ କରାଯାଉଛି। ପୂର୍ବରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ, ଏହି ସମୟରେ ବିଜେପି ବିଧାୟକ ବାବୁ ସିଂ ଓ ଇରାଶିଶ ଆଚାର୍ଯ୍ୟ ଧାରଣାସ୍ଥଳରେ ଯାଇଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସେମାନଙ୍କ ସହ ଆଲୋଚନା କରି କମିଟି ଗଠନ ହୋଇ ତାଙ୍କ କଥା ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବିଜେପି ବିରୋଧୀ ଦଳରେ ଥିବା ବେଳେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କ ପାଇଁ ଲଢ଼େଇ କରିବେ ବୋଲି କହିଥିଲେ। ଆଜି ଡବଲ୍ ଇଞ୍ଜିନ ସରକାର କାହିଁକି ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଉନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଉକ୍ତ କମିଟିର ସ୍ଥିତି କ'ଣ ମନ୍ତ୍ରୀ ଗୃହକୁ ଜାଣନ୍ତୁ ବୋଲି ତାରା ଦାବି କରିଥିଲେ। କଂଗ୍ରେସ ବିଧାୟିକା ସୋଫିଆ ଫିରଦୋସ ମଧ୍ୟ ସମାନ ପ୍ରସଙ୍ଗ ଉଠାଇ ତାଙ୍କ ଦାବି ପୂରଣ କରିବା ପାଇଁ ସରକାରଙ୍କ ନିକଟରେ ଦାବି ରଖିଥିଲେ। ଦିଲ୍ଲୀ, ପଞ୍ଜାବ ସମେତ ଅନ୍ୟ କିଛି ରାଜ୍ୟ ଆଉଟସୋର୍ସିଂ ବ୍ୟବସ୍ଥାର ଉଚ୍ଛେଦ କରିଛନ୍ତି। ଏହାକୁ ଓଡ଼ିଶାରେ ମଧ୍ୟ ବନ୍ଦ କରାଯାଉ ବୋଲି ସେ କହିଥିଲେ।

## ଶ୍ରୀମନ୍ଦିରରେ ଅଘଟଣ

# ଗର୍ଭଗୃହରେ ଗୋଡ଼ ଖସିବାରୁ ବୋଝିଆଙ୍କ ମୁଣ୍ଡ ଫାଟିଲା

**ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ**

**ପୁରୀ, ୧୩।୩ (ସମିସ):** ଶ୍ରୀମନ୍ଦିରରେ ଅଘଟଣ। ଗର୍ଭଗୃହରେ ଗୋଡ଼ ଖସିଯିବାରୁ ଜଣେ ବୋଝିଆ ପଡ଼ି ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ମେରୁଦଣ୍ଡରେ ଆଘାତ ଲାଗିଛି। ସମ୍ପୃକ୍ତ ବୋଝିଆ ହେଲେ, ଶାସନ ଦାମୋଦରପୁରର ଅଶୋକ ପ୍ରଧାନ (୩୨)। ଶୁକ୍ରବାର ଅପରାହ୍ଣ ପ୍ରାୟ ୩ଟା ୧୫ରେ ମଧ୍ୟାହ୍ନ ଧୂପ ଶେଷ ହୋଇଥିଲା। ଏହାପରେ ବୋଝିଆମାନେ ଗର୍ଭଗୃହରୁ ଭୋଗ ବୋହୁଥିଲେ। ଅଶୋକ ମଧ୍ୟ ଏଥିରେ ନିୟୋଜିତ ଥିଲେ। ସେ ଏକ ବେତାରେ ୨ଟି ଗରମ ଡାଲି ଏବଂ ଗୋଟିଏ ଅନ୍ନ (ଦାସିଆ) ଆଣି ଆସିବା ବେଳେ ଗର୍ଭଗୃହରେ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ତଳେ ପଡ଼ି ଯାଇଥିଲେ। ପଥରରେ ତାଙ୍କ ମୁଣ୍ଡ ମାଡ଼ ହୋଇ ଫାଟିଯିବା ସହ ରକ୍ତସ୍ରାବ ହୋଇଥିଲା। ଏଥିସହ ତାଙ୍କ ମେରୁଦଣ୍ଡରେ ମଧ୍ୟ ଆଘାତ ଲାଗିଥିଲା। ସଙ୍ଗେସଙ୍ଗେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୁଣ୍ଡରେ ୭ଟି ଷ୍ଟିଚ୍ ପଡ଼ିଥିବା ବେଳେ ମେରୁଦଣ୍ଡ ଆଘାତ ପାଇଁ ମଧ୍ୟ ପ୍ରାଥମିକ ଚିକିତ୍ସା କରାଯାଇଛି। ସୂଚନାଥାଉ କି, ବିଭିନ୍ନ ସମୟରେ ଗର୍ଭଗୃହ ହେଉ କିମ୍ବା ଭୋଗ ବୋହିବା ବେଳେ ବୋଝିଆ ପଡ଼ିଯିବାର ନଜିର ରହିଛି। କେତେବେଳେ ବୋଝିଆଙ୍କ ଗୋଡ଼ ଖସିଯାଏ ତ କେତେବେଳେ ଡାଲି, ଅନ୍ନହାଣ୍ଡି ମିଳାଇ ଯାଇ ସେମାନଙ୍କ ଉପରେ ପଡ଼ିଥାଏ।

ଅପରପକ୍ଷେ, କଳାହାଟ ଦ୍ୱାର ନିକଟରେ ରକ୍ତ ପଡ଼ିବାରୁ ସେହିଠାରେ ନୀତି ଅଟକା ଯାଇ ବଡ଼ ମହାସ୍ନାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରତ୍ନସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ସନ୍ଧ୍ୟା ୬ଟା ୫ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୬ଟା ୧୦ରେ ମହାସ୍ନାନ ପୂଜା ବଢ଼ିବା ପରେ ଯେଉଁଠାରେ ନୀତି ଅଟକା ଯାଇଥିଲା, ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

## ସଂସଦରେ ଦାବି କଲେ ସାଂସଦ ମାନସ

# ଭୁବନେଶ୍ୱରରୁ କୋରାପୁଟକୁ ଚାଲୁ ବନ୍ଦେ ଭାରତ ଟ୍ରେନ୍



**ଉତ୍ତର ଏଡ଼ାଇ ଗଲେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ**

**ଭୁବନେଶ୍ୱର, ୧୩।୩(ସମିସ):** ଅବିଭକ୍ତ କୋରାପୁଟ ଜିଲ୍ଲାକୁ ବନ୍ଦେ ଭାରତ ସ୍ଲିପର ବା ସ୍ପେସାଲ୍ ଟ୍ରେନ୍ ଚଳାଚଳ କରିବା ପାଇଁ ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଦାବି କରିଛନ୍ତି । ଏହା ସହ ଭୁବନେଶ୍ୱରରୁ ଦକ୍ଷିଣ ଓଡ଼ିଶାକୁ ରେଳ ଚଳାଚଳ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ନୂତନ ଟ୍ରେନ୍ ଚଳାଚଳ କରିବା ଲାଇନ୍ କ୍ଷମତା, ରୋଲିଂ ଷ୍ଟକ୍ ଉପଲବ୍ଧତା, ଭିତ୍ତିଭୂମି ଓ ଅନ୍ୟାନ୍ୟ ପ୍ରାୟୋଗିକ ପାରାମିଟର ଉପରେ ନିର୍ଭର କରେ। ଏହି ରୁଟ୍‌ରେ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ପାଇଁ ମନ୍ତ୍ରୀ କୌଣସି ସ୍ପଷ୍ଟ ସୂଚନା ଦେଇ ନ ଥିବାବେଳେ ଓଡିଶାରେ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଇଥିବା ଦର୍ଶାଇଛନ୍ତି। ପୂର୍ବାପେକ୍ଷା ରାଜ୍ୟ ପାଇଁ ବହୁ ଅଧିକ ବଜେଟ୍ ବ୍ୟୟବରାଦ କରାଯାଇଛି। ୨୦୦୯ ରୁ ୧୪ ମଧ୍ୟରେ ବାର୍ଷିକ ଆବଣ୍ଟନ ୮୩୮ କୋଟି ଥିବାବେଳେ କେବଳ ୨୦୨୫-୨୬ରେ ୧୦,୫୯୯ କୋଟି ପ୍ରଦାନ କରାଯାଇଛି। ପୂର୍ବ ତୁଳନାରେ ଏହା ପ୍ରାୟ ୧୩ ଗୁଣା ଅଧିକ। ଏହା ସହିତ ରାଜ୍ୟରେ ନୂତନ ରେଳ ଲାଇନ୍ ଓ ଡବଲିଂ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ରାଜ୍ୟରେ ୪୯ଟି ରେଳ ପ୍ରକଳ୍ପ ଅନୁମୋଦିତ ହୋଇଥିବା ବେଳେ ମୋଟ ୪୦୧୦ କିଲୋମିଟର୍ ଲମ୍ବା ଲାଇନ୍ ପ୍ରକଳ୍ପ ଚାଲୁ ରହିଥିବା ସେ ସୂଚନା ଦେଇଛନ୍ତି।

## ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଧନଜୀବନ ହାନିକୁ ନେଇ ଗଭୀର ଦୁଃଖପ୍ରକାଶ କଲେ ନବୀନ

# ଏ ବର୍ଷ ବିଜେଡି ପାଳିବନି 'ଇଫତାର ଓ ଇଦ୍ ମିଳନ'




**ଭୁବନେଶ୍ୱର,୧୩।୩(ସମିସ):** ମଧ୍ୟପ୍ରାଚ୍ୟରେ ଭୟାବହ ଯୁଦ୍ଧ ଯୋଗୁଁ ହଜାର ହଜାର ନିରୀହ ଲୋକଙ୍କ ପ୍ରାଣହାନି ଘଟିଛି। ଲକ୍ଷ ଲକ୍ଷ ସାଧାରଣ ଜନତା ଆହତ ହୋଇଛନ୍ତି। ଲକ୍ଷ ଲକ୍ଷ ଲୋକ ବାସହରା ହୋଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏଭଳି ସ୍ଥିତିରେ ଯୁଦ୍ଧର ଅନ୍ତ ତଥା ଶାନ୍ତି ପ୍ରତିଷ୍ଠା ପାଇଁ ବିଜୁ ଜନତା ଦଳ "ଇଫତାର ଓ ଇଦ୍ ମିଳନ' ପାଳନ କରିବନି ବୋଲି ନିଷ୍ପତ୍ତି ନେଇଛି। ଏନେଇ ଦଳ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ ପ୍ରତିବର୍ଷ ବିଜୁ ଜନତା ଦଳ ତରଫରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ମୁସଲମାନ ଭାଇଭଉଣୀ ଏବଂ ବିଭିନ୍ନ ଧର୍ମର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ନେଇ ମହାସମାରୋହରେ "ଇଫତାର ଓ ଇଦ୍ ମିଳନ' ପାଳନ କରାଯାଇଥାଏ। ଯୁଦ୍ଧ ଯୋଗୁଁ ମଧ୍ୟପ୍ରାଚ୍ୟରେ ଓଡ଼ିଶାର ଅନେକ ଭାଇଭଉଣୀ ଦୁଃଖଦ ସ୍ଥିତିରେ ଫସି ରହିଛନ୍ତି। ଏହି ଯୁଦ୍ଧ ଦ୍ୱାରା ୧୦ରୁ ଅଧିକ ଦେଶ ପ୍ରତ୍ୟକ୍ଷ ଭାବେ କ୍ଷତିଗ୍ରସ୍ତ ହେବା ସହ ସାରା ବିଶ୍ୱ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ଚଳିତ ବର୍ଷ ଦଳ ତରଫରୁ "ଇଫତାର ଓ ଇଦ୍ ମିଳନ' ପାଳନକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧରେ ବ୍ୟାପକ ଧନଜୀବନ ହାନୀ ଯୋଗୁଁ ଦଳର ସଭାପତି ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହି ଦୁଃଖଦ ମୁହୂର୍ତ୍ତରେ କୌଣସି ପ୍ରକାର ଉତ୍ସବ ପାଳନରୁ ନିବୃତ୍ତ ରହିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ମନ୍ମଥ ରାଉତରାୟ, ବରିଷ୍ଠ ନେତା ଶେଖ୍ ନିଜାମୁଦ୍ଦିନ୍, ମୁଖପାତ୍ର ସୋଫିଆ ଆଲମ ଓ ସଂଖ୍ୟାଲଘୁ ସେଲର ସହ ସଂଯୋଜିକା ରିଜୱାନା ବେଗମ ପ୍ରମୁଖ ଉପସ୍ଥିତ ଥିଲେ।

## ଜମିବାଡ଼ି ବିବାଦର ଭୟଙ୍କର ପରିଣତି

# ମାଆ ଓ ବଡ଼ଭାଇକୁ ହତ୍ୟା

- ଘର ନିର୍ମାଣକୁ ନେଇ ଲାଗି ରହିଥିଲା ବିବାଦ
- କାଠ ଫାଳିଆ ଓ ଫାଉଡ଼ା ଚୋଟରେ ଚାଲିଗଲା ଦୁଇଟି ଜୀବନ
- ଅଭିଯୁକ୍ତ ଅଟକ

**ନିଶ୍ଚିନ୍ତକୋଇଲି, ୧୩।୩ (ସମିସ):** ଜମିବାଡ଼ି ଭାଗବଣ୍ଟାକୁ କେନ୍ଦ୍ର କରି ନିଶ୍ଚିନ୍ତକୋଇଲି ବ୍ଲକ୍ ସାଲେପୁର ଥାନା ଅଧୀନ ଫଗୋଳ ଗ୍ରାମରେ ଶୁକ୍ରବାର ଦୁଇ ଦୁଇଟି ହତ୍ୟାକାଣ୍ଡ ଘଟିଛି। ମୃତକଦ୍ୱୟ ହେଲେ, କୁଲୁସୁମ୍ ବିବି (୭୫) ଓ ତାଙ୍କ ବଡ଼ ପୁଅ ସେକ୍ ସମସେର ଅଲୀ ଓରଫ ସମିମ୍ (୫୫)। ସାଲେପୁର ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନମ୍ବର ୧୫୭/୨୬ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆ ଓ ଫାଉଡ଼ାକୁ ଜବତ କରିବା ସହ ମୃତ ସମିମ୍‌ଙ୍କ ସାନ ଭାଇ ସେକ୍ ପପୁ ଓ ଅନ୍ୟ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପୁଲିସ ସୂଚନାନୁଯାୟୀ, ପପୁ ଜଣେ ଭିନ୍ନକ୍ଷମ। ପପୁ ଓ ସମିମ୍‌ଙ୍କ ମଧ୍ୟରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ବିବାଦ ଚାଲିଥିଲା। ଆଜି ବିବାଦୀୟ ଜାଗାରେ ସମିମ୍ ନିଜ ଘର କାମ କରୁଥିବା ଦେଖି ପପୁର ରାଗ ମୁଣ୍ଡକୁ ଚଢ଼ି ଯାଇଥିଲା। ଏହି ଘଟଣାକୁ ନେଇ ଆଜି ପୂର୍ବାହ୍ନରେ ସେ ସମିମ୍‌ଙ୍କ ସହ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଏଥିରେ ମା' କୁଲୁସୁମ୍ ବିବି ହସ୍ତକ୍ଷେପ କରିବାରୁ ପପୁ ଆହୁରି ରାଗି ଯାଇଥିଲା। ଉତ୍‌କ୍ଷିପ୍ତ ପପୁ ନିକଟରେ ପଡ଼ିଥିବା ଏକ କାଠଫାଳିଆରେ ପ୍ରଥମେ ମାଆ କୁଲୁସୁମ୍‌ଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲା। ଏଥିରେ କୁଲୁସୁମ୍ ଘଟଣାସ୍ଥଳରେ ହିଁ ଟଳିପଡ଼ିଥିଲେ। ପରେ ବଡ଼ଭାଇ ସମିମ୍ ବାରଣ କରିବାରୁ ପପୁ ତାଙ୍କୁ ମଧ୍ୟ ଏକ କାଠଫାଳିଆ ଓ ଫାଉଡ଼ାରେ ନିର୍ଘାତ ମାଡ଼ ମାରିଥିଲା। ଫଳରେ, ଘଟଣାସ୍ଥଳରେ ହିଁ ଦୁଇଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ସମିମ୍‌ଙ୍କ ପୁଅ ସେକ୍ ସାଜନ୍‌ଙ୍କ ଅଭିଯୋଗକ୍ରମେ ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପୁଲିସ ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆ ଓ ଫାଉଡ଼ାକୁ ଜବତ କରିବା ସହ ଅଭିଯୁକ୍ତ ପପୁ ଓ ଅନ୍ୟ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାକାଣ୍ଡର ଅଧିକ ସତ୍ୟାସତ୍ୟ ପର୍ଦ୍ଦାଫାସ ହେବ ବୋଲି ପୁଲିସ ପ୍ରକାଶ କରିଛି।

## କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିଷେଧ ଆଇନ କାର୍ଯ୍ୟକାରୀ ମାମଲା

# ଟୋଲ ଫ୍ରି ନମ୍ବର ଓ ଅଭିଯୋଗ ବାକ୍ସ ସ୍ଥାପନ ସଂକ୍ରାନ୍ତରେ ସତ୍ୟପାଠ ଦିଅ: ହାଇକୋର୍ଟ

**କଟକ, ୧୩।୩ (ସମିସ):** କର୍ମ କ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିଷେଧ ଆଇନ-୨୦୧୩ରେ ଥିବା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉନଥିବା ପ୍ରସଙ୍ଗରେ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଉପରୋକ୍ତ ଆଇନରେ ଥିବା ବ୍ୟବସ୍ଥା ଅନୁସାରେ ବିଭିନ୍ନ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ସୂଚନା ଫଳକ ମାଧ୍ୟମରେ ଟୋଲ-ଫ୍ରି' ନମ୍ବର ପ୍ରଦର୍ଶିତ କରାଯିବା ସହ ଅଭିଯୋଗ ବାକ୍ସ ବସାଯାଇଛି ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ହେଲେ ଏହା ଅନୁପାଳନ ହୋଇ ନଥିବା ଆବେଦନକାରୀ ଅଭିଯୋଗ କରିଥିବା ବେଳେ ଗ୍ରହଣ କରାଯାଇଥିବା ଉପରୋକ୍ତ ପଦକ୍ଷେପ ସମ୍ପର୍କିତ ସତ୍ୟପାଠ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଡକ୍ଟର ସୁଜାତା ଦାଶଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏପ୍ରିଲ ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ହାଇକୋର୍ଟ ଗତ ୨୦୨୩ ସେପ୍ଟେମ୍ବର ୧୫ରେ ଉପରୋକ୍ତ ଆଇନର ଧାରା ୧୯ (ବି)ରେ ଥିବା ବ୍ୟବସ୍ଥାକୁ ୩ ମାସ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ହସ୍ପିଟାଲ, ବସ୍, ଅନ୍ୟାନ୍ୟ ଘରୋଇ ଓ ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ବିଲ୍‌ବୋର୍ଡ ମାଧ୍ୟମରେ ଟୋଲ୍-ଫ୍ରି' ନମ୍ବର ପ୍ରଦର୍ଶିତ କରାଯିବ। ଏଥିପାଇଁ ଫୋନ୍ ନମ୍ବର ପ୍ରଦାନ କରାଯିବ। ଯଦି କୌଣସି ସମୟରେ ମହିଳା ନିର୍ଯାତିତ ହୁଅନ୍ତି, ତେବେ ନିଜ ସୁରକ୍ଷା ପାଇଁ ଏନେଇ ତୁରନ୍ତ ରିପୋର୍ଟ କରିପାରିବେ ବୋଲି ଅଦାଲତ କହିଥିଲେ। ହେଲେ ଏହି ଆଦେଶ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ ନେଇ ଅଦାଲତ ଅବମାନନା ମାମଲା ରୁଜୁ ହୋଇଛି। ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

# ମାର୍ଚ୍ଚ ୨୫ରେ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**କଟକ,୧୩।୩(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା-୨୦୨୬' ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ନବମ ଶ୍ରେଣୀରେ ସିଧାସଳଖ ନାମଲେଖା ପାଇଁ ଆଶାୟୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏହି ପରୀକ୍ଷା ଆୟୋଜନ କରାଯାଉଛି। ସକାଳ ୧୦ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ। ସମୁଦାୟ ୧୦୦ନମ୍ବର ବିଶିଷ୍ଟ ଏହି ପରୀକ୍ଷାରେ ୧୦୦ଟି ପ୍ରଶ୍ନ ପଡ଼ିବ। ଏହି ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଆସନ୍ତା ମାର୍ଚ୍ଚ ୧୬,ଠାରୁ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ବୋର୍ଡର ଅଫିସିଆଲ୍ ୱେବସାଇଟ୍ www.bseodisha.ac.in କୁ ଯାଇ ନିଜର ବ୍ୟକ୍ତିଗତ ତଥ୍ୟ ମାଧ୍ୟମରେ ଏହାକୁ ଡାଉନଲୋଡ୍ କରିପାରିବେ।

# ପିଏମ୍ କିଷାନର ୨୨ତମ କିସ୍ତି ବଣ୍ଟନ

**ଭୁବନେଶ୍ୱର, ୧୩।୩(ସମିସ):** ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ଆଜି ଚାଷୀଙ୍କୁ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ଗୌହାଟୀରେ ଏକ କାର୍ଯ୍ୟକ୍ରମରେ ଦେଶର ୯. ୩୨ କୋଟି କୃଷକଙ୍କୁ ପ୍ରାୟ ୧୯ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷକଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ଚାଷୀଙ୍କୁ ବିହନ, ସାର ଏବଂ ଅନ୍ୟାନ୍ୟ କୃଷି ଉପକରଣ କିଣିବାରେ ଏହା ସହାୟତା କରୁଛି। ଜଣେ କ୍ଷୁଦ୍ର ଚାଷୀ ପାଇଁ ଏହା ପରିଶ୍ରମର ସମ୍ମାନ। ରାଜ୍ୟର ୩୪,୨୪୦୦୦ରୁ ଅଧିକ ଚାଷୀଙ୍କୁ ସମୁଦାୟ ୬୮୪ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି। ପିଏମ୍ କିଷାନ୍ ସହିତ ରାଜ୍ୟରେ ସିଏମ୍ କିଷାନ ଯୋଜନାରେ ମଧ୍ୟ ଚାଷୀଙ୍କୁ ବାର୍ଷିକ ୪ ହଜାର ଟଙ୍କା ପ୍ରଦାନ କରାଯାଉଛି। ୬ ଲକ୍ଷରୁ ଅଧିକ ନୂତନ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇଛନ୍ତି। ସିଏମ୍ କିଷାନ ହିତାଧିକାରୀଙ୍କ ପିଲାଙ୍କୁ କୃଷି ବିଦ୍ୟାନିଧି ଯୋଜନାରେ ଦିଆଯାଉଥିବା ଛାତ୍ରବୃତ୍ତିର ଲାଭ ନେବାକୁ ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବାବୁ ସିଂ, ପ୍ରଶାନ୍ତ ଜଗଦ୍ଦେବ, କୃଷି ସଚିବ ସଚିନ ରାମଚନ୍ଦ୍ର ଯାଦବ, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ ରାଉଳ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ମଧ୍ୟ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଦୁଇ ଛାତ୍ରୀ ମୃତ

**ଭଦ୍ରକ/ବାସୁଦେବପୁର, ୧୩।୩(ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅରଣ୍ଡୁଆ ପଞ୍ଚାୟତରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ଗାଁ ପୋଖରୀରୁ ଶାମୁକା ସଂଗ୍ରହ କରିବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇ ୨ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଛାତ୍ରୀଦ୍ୱୟ ହେଲେ, ଅରଣ୍ଡୁଆ ଗାଁର ସତ୍ୟବ୍ରତ ବାରିକଙ୍କ ଝିଅ ତପଦୀପା ବାରିକ ଓ ବିଜୟ କୁମାର ବାରିକଙ୍କ ଅନ୍ନପୂର୍ଣ୍ଣା ବାରିକ। ଜଣେ ୪ର୍ଥ ଓ ଅନ୍ୟ ଜଣେ ୫ମ ଶ୍ରେଣୀରେ ପଢୁଥିଲେ। ଦୁହେଁ ଆଜି ସକାଳେ ସ୍କୁଲରେ ପରୀକ୍ଷା ଦେଇ ଘରକୁ ଫେରିଥିଲେ। ପରୀକ୍ଷା ଶେଷ ଦିନ ହୋଇଥିବାରୁ ଖୁସିରେ ସେମାନେ ସାଙ୍ଗସାଥୀଙ୍କ ସହିତ ଖେଳିବାକୁ ଯାଇଥିଲେ। ବିଲ ମଝିରେ ଥିବା ଏକ ପୋଖରୀ ପାଖରେ ସେମାନେ ଖେଳୁଥିଲେ। ଏହି ସମୟରେ ତପଦୀପା ଓ ଅନ୍ନପୂର୍ଣ୍ଣା ପୋଖରୀରୁ ଶାମୁକା ସଂଗ୍ରହ କରିବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ଗଭୀର ଜଳରାଶିକୁ ଚାଲିଯାଇଥିଲେ ଏବଂ ସେଠାରେ ବୁଡ଼ି ଯାଇଥିଲେ। ପାଖରେ ଖେଳୁଥିବା ଅନ୍ୟ ସାଙ୍ଗମାନେ ଡାକ ପକାଇବାରୁ ଗ୍ରାମବାସୀ ସେଠାରେ ପହଞ୍ଚି ତପଦୀପାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଅଗ୍ନିଶମବାହିନୀ ଖୋଜାଖୋଜି କରି ପୋଖରୀରୁ ଅନ୍ନପୂର୍ଣ୍ଣାଙ୍କ ଶବକୁ ଉଦ୍ଧାର କରିଥିଲା। ଦୁଇ ଶିଶୁକନ୍ୟାଙ୍କ ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଛାତ୍ରୀଦ୍ୱୟଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।



# ବେଙ୍ଗାଲୁରୁରେ କଂଗ୍ରେସ ବିଧାୟକଙ୍କୁ ଭେଟିଲେ ଡିକେ

- ଆଉ ୬ ବିଧାୟକଙ୍କୁ ନେବାକୁ ହେଉଛି ଯୋଜନା
- ଏବେ ବେଙ୍ଗାଲୁରୁରେ ଅଛନ୍ତା ୮ କଂଗ୍ରେସ ବିଧାୟକ

**ଭୁବନେଶ୍ୱର, ୧୩।୩ (ସମିସ):** ବେଙ୍ଗାଲୁରୁ ସହରର ଉପକଣ୍ଠରେ ୱଣ୍ଡ୍ରଲା ରିସର୍ଟରେ ଓଡ଼ିଶାର ୮ ବିଧାୟକ ଓ ପିସିସି ସଭାପତିଙ୍କୁ ସ୍ୱାଗତ କରିଛନ୍ତି କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର। ଏହି ଅବସରରେ ଓଡ଼ିଶାର ବିଧାୟକମାନଙ୍କ ସହ ଡି.କେ. ଶିବକୁମାର ଓ କର୍ଣ୍ଣାଟକର କିଛି ବରିଷ୍ଠ କଂଗ୍ରେସ ନେତା ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପୂର୍ବରୁ ଓଡ଼ିଶାରୁ ଯାଇଥିବା କଂଗ୍ରେସ ବିଧାୟକମାନଙ୍କୁ ବିମାନବନ୍ଦର ନିକଟବର୍ତ୍ତୀ ହୋଟେଲରେ ରଖାଯିବା ବ୍ୟବସ୍ଥା ହୋଇଥିଲେ ହେଁ ଶେଷ ମୁହୂର୍ତ୍ତରେ ୱାଣ୍ଡ୍ରେଲା ରିସର୍ଟ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଓଡ଼ିଶା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କ ସହ ତାରାପ୍ରସାଦ ବାହିନୀପତି, ରମେଶ ଜେନା ଓ ସାଗର ଦାସ ଶନିବାର ସକାଳ ସୁଦ୍ଧା ବେଙ୍ଗାଲୁରୁରେ ପହଞ୍ଚିବେ ବୋଲି ସୂଚନା ମିଳିଛି। ଡିକେ କହିଛନ୍ତି ଯେ, ଓଡ଼ିଶାର ବିଧାୟକମାନଙ୍କୁ ବେଙ୍ଗାଲୁରୁକୁ ଅଣାଯାଇନାହିଁ। ସେମାନେ ନିଜ ଇଚ୍ଛାରେ ଏଠାକୁ ଆସିଛନ୍ତି। ବିଧାୟକମାନେ ବେଙ୍ଗାଲୁରୁ ଆସୁଥିବା ନେଇ ତାଙ୍କୁ ଓଡ଼ିଶା ପିସିସି ସଭାପତି ଫୋନ୍ କରି କହିଥିଲେ। ସେମାନେ କିଛି ସମୟ ସେମାନଙ୍କ ପରିବାର ସହ ବିତାଇବାକୁ ଚାହୁଁଥିଲେ ଓ ସୌଜନ୍ୟତା ଦୃଷ୍ଟିରୁ ଆମେ ତାହାର ବ୍ୟବସ୍ଥା କରିଛୁ। ରାଜ୍ୟସଭା ନିର୍ବାଚନରେ କ୍ରସ୍-ଭୋଟିଂ ରୋକିବା ପାଇଁ ଦଳ ତାଙ୍କୁ ଦାୟିତ୍ୱ ଦେଇଛି କି ନାହିଁ ବୋଲି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ବିଜେପି ଘୋଡ଼ା ବେପାରରେ ବେଶ୍ ପୋଖତ ଖେଳାଳି। ଏଥିରେ କିଛି ନୂଆ କଥା ନାହିଁ। ଆମ ଦଳ ମୋତେ ଯାହା ନିର୍ଦ୍ଦେଶ ଦେବ, ମୁଁ ତାହା କରିବି। ଆମ ଦଳର ବିଧାୟକମାନେ ଘୋଡ଼ା ହେବେ ନାହିଁ। ବେଙ୍ଗାଲୁରୁ ନିରାପଦ ହୋଇଥିବାରୁ ଏଠାରେ ରହିବାକୁ ସେମାନେ ପସନ୍ଦ କରୁଛନ୍ତି ବୋଲି ବିଧାୟକମାନେ ତାଙ୍କୁ ଜଣାଇଥିବା ଡିକେ କହିଛନ୍ତି।



ଏଠାରେ ଉଲ୍ଲେଖଯୋଗ୍ୟ ଯେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ବିଧାୟକ ଅଶୋକ ଦାସ, ସିଏସ୍ ରାଜନ ଏକ୍କା, ଆପ୍ପାଲା କାଡ୍ରାକା ସ୍ୱାମୀ, ମଙ୍ଗୁ ଖିଲ, ପବିତ୍ରା ସାଉଁନ୍ତା, ନୀଳମାଧବ ହିକ୍କକା, ପ୍ରଫୁଲ୍ଲ ପ୍ରଧାନ ଏବଂ ସତ୍ୟଜିତ ଗୋମାଙ୍ଗୋ ପ୍ରମୁଖ ବର୍ତ୍ତମାନ ବେଙ୍ଗାଲୁରୁରେ ରହିଛନ୍ତି। ବିଧାନସଭା ଚାଲିଥିବା ଯୋଗୁଁ ବେଙ୍ଗାଲୁରୁ ଯାଇ ନ ଥିବା ଅନ୍ୟ ୬ ବିଧାୟକଙ୍କ ମଧ୍ୟରୁ ଆସନ୍ତାକାଲି ସେଠାରେ ୪ ବିଧାୟକ ପହଞ୍ଚିବେ ଓ ଏହାପରେ ଏଆଇସିସିର କିଛି ବରିଷ୍ଠ ନେତା ସେମାନଙ୍କ ସହ ଆଲୋଚନା କରିବେ। ତେବେ କଂଗ୍ରେସର ଅନ୍ୟ ଦୁଇ ବିଧାୟକ ସୋଫିଆ ଫିରଦୋସ ଓ ଦାଶରଥି ଗମାଙ୍ଗ ବେଙ୍ଗାଲୁରୁ ଯିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ବିଧାୟକମାନେ ସୋମବାର ସିଧା ଭୁବନେଶ୍ୱର ଫେରି ରାଜ୍ୟସଭା ଭୋଟ୍‌ଦାନରେ ସାମିଲ ହେବେ।

# ୨ ଟ୍ରକ ମୁହାଁମୁହିଁ ଧକ୍କା; ୨ ମୃତ

**ଅତାବିରା,୧୩।୩(ସମିସ):** ୫୩ନମ୍ବର ଜାତୀୟ ରାଜପଥର ଅତାବିରା ଧର୍ମଶାଳା ନିକଟରେ ଗୁରୁବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୨ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଟ୍ରକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ଟ୍ରକ୍‌ର ହେଲ୍ପର୍‌ଦ୍ୱୟ ସାମାନ୍ୟ ଆହତ ହୋଇଛନ୍ତି। ମୃତ ଚାଳକଦ୍ୱୟ ହେଲେ, ବିହାର ରାଜବାର୍ଡ଼ର ମହମ୍ମଦ ଇସମାଇଲ (୩୦) ଓ ମଧ୍ୟପ୍ରଦେଶ ଛେରିର ବିକାଶ ଗନ୍ଧର(୨୭)। ମହାରାଷ୍ଟ୍ରରୁ ତରଭୁଜ ବୋଝେଇ କରି କୋଲକାତା ଅଭିମୁଖେ ଯାଉଥିବା ଟ୍ରକ(ଡବ୍ଲ୍ୟୁବି-୨୩-ଏମ-୯୭୮୬) ନମ୍ବର ବିଶିଷ୍ଟ ଟ୍ରକ୍ ଭାରସାମ୍ୟ ହରାଇ ଡିଭାଇଡରକୁ ଚଢ଼ି ଝାରସୁଗୁଡାରୁ ବରଗଡ଼ ପଟକୁ ଯାଉଥିବା ଟ୍ରକ୍(ଏମଏଚ-୪୦- ସିଟି-୮୩୪୫)କୁ ସାମ୍ନାରୁ ଜୋର୍‌ରେ ଧକ୍କା ଦେଇଥିଲା। ଖବର ପାଇ ଅତାବିରା ପୁଲିସ, ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତ ଡ୍ରାଇଭର ଦ୍ୱୟଙ୍କ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠାଇଥିଲେ। ଟ୍ରକ୍‌ଦ୍ୱୟକୁ ଜବତ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଅତାବିରା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି।

ସକାଳ
THE SAKALA

ସମ୍ବଲପୁର
www.sakalaepaper.com

# ବନ୍ଦ ହେଉଛି ଖାଓଗଳି, ଗ୍ୟାସ୍ କଳାବଜାର

**ସମ୍ବଲପୁର, ୧୩।୩ (ସମିସ)**

ସମ୍ବଲପୁର ସହରରେ ମହାନଗର ନିଗମ ପକ୍ଷରୁ ୪ଟି ଖାଓଗଳି ରହିଛି। ମୁଖ୍ୟତଃ ଜେଲଛକ ପାଖ, ଫାର୍ମରୋଡ ସିଟିମଲ୍ ପୋଲ ପାଖ ଏବଂ ଜିଏମ୍‌ୟୁ-ଫାଟକ ଷ୍ଟେସନ ପାଖ ଖାଓଗଳିରେ ସକାଳୁ - ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲା ରହୁଥିବାବେଳେ ଅଇଁଠାପାଲି ମାର୍କେଟ୍ ଖାଓଗଳି କେବଳ ସନ୍ଧ୍ୟାରେ ଖୋଲିଥାଏ। ଖାଓଗଳି ମାନଙ୍କରେ ଚାଓମିନ୍, ବର୍ଗର୍, ପାସ୍ତା ଆଦି ଫାଷ୍ଟଫୁଡ୍‌ଠାରୁ ଆରମ୍ଭ କରି ରୋଲ୍, ବିରିଆନି, ରୁଟି-ତରକାରୀ ମଧ୍ୟ ମିଳିଥାଏ। ଏଗୁଡ଼ିକରେ ଛାତ୍ରଛାତ୍ରୀ ତଥା ଯୁବ ଗୋଷ୍ଠୀର ଅଧିକ ଭିଡ଼ ହୋଇଥାଏ। କିଛି ପରିବାର ରାତ୍ରିଭୋଜନ ପାଇଁ ମଧ୍ୟ ଏମାନଙ୍କ ଉପରେ ନିର୍ଭର କରିଥାନ୍ତି। ତେବେ, କମର୍ସିଆଲ୍ ଗ୍ୟାସ ଯୋଗାଣ ବନ୍ଦ ହୋଇଯାଇଥିବାବେଳେ ଘରୋଇ ରନ୍ଧନ ଗ୍ୟାସ୍‌ର ଅହେତୁକ ଦରକୁ ଦେଖି ଖାଓଗଳିର ଅଧିକାଂଶ ଦୋକାନ ବନ୍ଦ ହୋଇଗଲାଣି। କିଛି ଦୋକାନ ଖୋଲୁଥିବାବେଳେ ତାହା ମଧ୍ୟ ଶୀଘ୍ର ବନ୍ଦ ହେବା ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ ରାସ୍ତାକଡ଼ ଜଳଖିଆ ଦୋକାନ ଗୁଡ଼ିକ ବନ୍ଦ ହେବାଦ୍ୱାରା ଲୋକେ ହଇରାଣ ହେଉଛନ୍ତି। ସମ୍ବଲପୁର ସହରର କେତେକ ହୋଟେଲ ଗ୍ୟାସ ଅଭାବରୁ ବନ୍ଦ ହୋଇଯାଇଥିବାବେଳେ ଆଉ ଦିନେ-ଦି'ଦିନ ମଧ୍ୟରେ ଯଦି କିଛି ସଠିକ୍ ବ୍ୟବସ୍ଥା ନହୁଏ ବନ୍ଦ କରିବାକୁ ବାଧ୍ୟ ହେବେ ବୋଲି ମାଲିକମାନେ କହୁଛନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭିତରେ ଥିବା ମିଶନ ଶକ୍ତି କାଫେ ମଧ୍ୟ ଗ୍ୟାସ ଅଭାବରୁ ବନ୍ଦ ହୋଇପାରେ ବୋଲି ଶୁଣାଯାଉଛି। ଉଚ୍ଚଦରରେ ଗ୍ୟାସ କିଣି ଆଉ କେତେଦିନ ଖାଦ୍ୟ ପ୍ରସ୍ତୁତ କରିବେ ବୋଲି ଚର୍ଚ୍ଚା ହେଉଛି। ଏହାର ପ୍ରଭାବ ରନ୍ଧାଖାଦ୍ୟ ଉପରେ ପଡ଼ିବାସହ ଅହେତୁକ ଭାବେ ଦରବୃଦ୍ଧି ହୋଇପାରେ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଉଛି।



ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଲାଗି ରହିଥିବାବେଳେ ସମ୍ବଲପୁରରେ ରନ୍ଧନ ଗ୍ୟାସ୍ ଅଭାବ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଅନ୍‌ଲାଇନ୍‌ରେ ଗ୍ୟାସ୍ ବୁକିଂ କରିବାସହ ଲୋକେ ଗ୍ୟାସ ଦୋକାନ ସାମ୍ନାରେ ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ଼ ଜମାଉଛନ୍ତି। ପୁଣି ଲୋକେ ଭୟଭୀତ ହୋଇ ଗ୍ୟାସ୍ ବୁକିଂ କରୁଥିବାରୁ ତିନିଗୁଣା ଗ୍ୟାସ ବୁକିଂ ହୋଇଥିବାବେଳେ ମାତ୍ର ଏକ ଗୁଣା ଗ୍ୟାସ ସମ୍ବଲପୁରକୁ ଆସୁଛି। ଏହାଦ୍ୱାରା ଗ୍ୟାସ୍‌ର ଅଭାବ ସୃଷ୍ଟି ହେଉଛି। ରନ୍ଧାଶାଳରେ ଚଡ଼କ ପଡ଼ିଲାଣି। ନିୟମିତ ଭାବେ ଗ୍ୟାସ୍ ସମ୍ବଲପୁରକୁ ଆସୁନଥିବାବେଳେ କିଛିଲୋକ ହୋର୍ଡିଂ କରି କଳାବଜାରୀ କରୁଥିବା ଅଭିଯୋଗ ହେଉଛି। ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଦର ୯୭୫ ଟଙ୍କା ହୋଇଥିବାବେଳେ କଳାବଜାରରେ ତାହା ୧୫୦୦ ଟଙ୍କାରୁ ଅଧିକ ଦରରେ ବିକ୍ରୟ ହେଉଛି। ଏପରିକି ଆତୁର ହେଉଥିବା ଲୋକଙ୍କ ସକାଶେ ମନଇଚ୍ଛା ୨ ହଜାର ଟଙ୍କା ପର୍ଯ୍ୟନ୍ତ ମାଗୁଥିବା ଦେଖାଯାଉଛି। ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ଗ୍ୟାସ ଉପଲବ୍ଧ ଥିବା କୁହାଯାଇଛି। ପ୍ରଶାସନିକ ତଥ୍ୟ ଅନୁଯାୟୀ, ସମ୍ବଲପୁର ଜିଲ୍ଲାରେ ଦୈନିକ ପ୍ରାୟ ୪୦୦୩ଟି ଘରୋଇ ରନ୍ଧନ ଗ୍ୟାସ ନିଆଯାଉଥିବାବେଳେ ମହଜୁଦ ଗ୍ୟାସ ଓ ରାସ୍ତାରେ ଆସୁଥିବା ଗ୍ୟାସ (ଇନ୍-ଟ୍ରାନ୍‌ଜିଟ୍)କୁ ମିଶାଇ ପ୍ରାୟ ୩ ଦିନ ପାଇଁ ଗ୍ୟାସ ଥିବା ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ।

## ୩ ଦିନ ପାଇଁ ରହିଛି ଗ୍ୟାସ୍

ସମ୍ବଲପୁର ଜିଲ୍ଲା ପ୍ରଶାସନର ତଥ୍ୟ ଅନୁଯାୟୀ ସମ୍ବଲପୁର ଜିଲ୍ଲାରେ ୨୮ ଜଣ ବିତରକ ଥିବାବେଳେ ଉପଭୋକ୍ତା ସଂଖ୍ୟା ୨୩୪୨୪୭ ଜଣ ଅଛନ୍ତି। ଆଇଓସିଏଲ୍‌ର ୧୩ ଜଣ ବିତରକ ଥିବାବେଳେ ୯୯୨୯୯ ଜଣ ଉପଭୋକ୍ତା ଏବଂ ବିପିସିଏଲ୍‌ର ୭ ଜଣ (୫୮୪୮୮) ଓ ଏଚ୍‌ପିସିଏଲ୍‌ର ୮ ଜଣ (୭୬୪୬୦) ବିତରକ ରହିଛନ୍ତି। ଆଜି ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ ତିନୋଟି ସଂସ୍ଥାକୁ ମିଶାଇ ଷ୍ଟକ୍ ୮୦୪୫ଟି ଗ୍ୟାସ୍ ସିଲିଣ୍ଡର ମହଜୁଦ ଥିବାବେଳେ ରାସ୍ତାରେ ଆସୁଥିବା (ଇନ୍-ଟ୍ରାନ୍‌ଜିଟ୍) ୩୭୯୮ଟି ରହିଛି। ଏହିପରି ମୋଟ ୧୧୮୪୩ଟି ସିଲିଣ୍ଡର ଥିବାବେଳେ ଦୈନିକ ୪୦୦୩ଟି ସିଲିଣ୍ଡର ବିକ୍ରୟ ହେଉଥିବା ଯୋଗାଣ ଅଧିକାରୀ (ସିଏସ୍‌ଓ) ମୁରଲୀ ମାଝୀ ସୂଚନା ଦେଇଛନ୍ତି। ଦୈନିକ ବିକ୍ରୟ ଅନୁସାରେ ପ୍ରାୟ ୩ ଦିନର ଗ୍ୟାସ୍ ରହିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ମେଡିକାଲ, ହଷ୍ଟେଲ, ଅଙ୍ଗନବାଡ଼ି ଓ ଆହାର କେନ୍ଦ୍ରକୁ ପ୍ରାଥମିକତା ଭିତ୍ତିରେ ଗ୍ୟାସ ଯୋଗାଣ କରାଯିବାକୁ ନିଷ୍ପତ୍ତି ହୋଇଛି। କମର୍ସିଆଲ୍ ଗ୍ୟାସ୍ ଯୋଗାଣକୁ ନେଇ ରାଜ୍ୟସ୍ତରରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ ମାଝି ସୂଚନା ଦେଇଛନ୍ତି। ଗ୍ୟାସ୍ କଳାବଜାର ରୋକିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ୪ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ କରାଯାଇଛି। ଜିଲ୍ଲାସ୍ତରୀୟ ସ୍କ୍ୱାଡ୍‌ରେ ସଦର ଉପଜିଲ୍ଲାପାଳ, ସଦର ଏସ୍‌ଡିପିଓ, ସିଏସ୍‌ଓ ଏବଂ ମ୍ୟୁନିସିପାଲିଟି ଇନ୍ସପେକ୍ଟର ରହିଥିବାବେଳେ ତିନୋଟି ଉପଖଣ୍ଡସ୍ତରୀୟ ସ୍କ୍ୱାଡ୍‌ରେ ଉପଜିଲ୍ଲାପାଳ / ତହସିଲଦାର, ଏସିଏସ୍‌ଓ, ଇନ୍ସପେକ୍ଟର (ସପ୍ଲାଏଜ୍) ଓ ଇନ୍ସପେକ୍ଟର (ମାପ ଓ ଓଜନ) ରହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ନିୟମିତ ଭାବେ ବିତରକ ମାନଙ୍କ ମହଜୁଦ ଓ ବିକ୍ରି ମନିଟରିଂ କରାଯାଉଥିବା ସିଏସ୍‌ଓ ଶ୍ରୀ ମାଝି ସୂଚନା ଦେଇଛନ୍ତି।

# ହୀରାକୁଦ ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ



**ସମ୍ବଲପୁର, ୧୩।୩(ସମିସ):** ହୀରାକୁଦ ନୂତନ ଥାନା ଅଧିକାରୀ ଭାବେ ସୁବ୍ରତ ପାଣିଗ୍ରାହୀ ଯୋଗ ଦେଇଛନ୍ତି। ସେ ପୂର୍ବରୁ ସାଇବର ଥାନାରେ କାର୍ଯ୍ୟରତ ଥିଲେ। ଯୋଗଦାନ ପରେ ତାଙ୍କୁ ହୀରାକୁଦ କ୍ରୀଡା ସଂସଦ ସାଧାରଣ ସମ୍ପାଦକ ପ୍ରତାପ କୁମାର ତାଣ୍ଡି, ବରିଷ୍ଠ ନାଗରିକ ନର୍ସିଂ ଦାସ ଅଗ୍ରୱାଲ, ଦାମୋଦର ରାଜ, ଲାୟନ୍ସ କ୍ଲବ ହୀରାକୁଦ ସଭାପତି କାର୍ତ୍ତିକ କଲେତ ସ୍ୱାଗତ କରିଥିଲେ।

# ଭିସୁଟ୍‌ରେ 'ଅଣ୍ଡରୱାଟର୍ ଲାଇ-ଫାଇ' ଉପରେ ଆଲୋଚନାଚକ୍ର




**ସମ୍ବଲପୁର, ୧୩।୩ (ସମିସ)** : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ର ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ (ଇଇଇ) ବିଭାଗର ସେମିନାର୍ ହଲ୍‌ଠାରେ ଶୁକ୍ରବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଡ. ଜ୍ଞାନ ରଞ୍ଜନ ବିଶ୍ୱାଳ, ଏସ୍.ଏଲ୍.ଡି ଲେଜର୍ସ (କିଓସେରା ଗ୍ରୁପ୍)ର ବରିଷ୍ଠ ସିଷ୍ଟମ୍ ଇଞ୍ଜିନିୟର୍ ଶୋଭନ ଦାସଙ୍କୁ ପୁଷ୍ପଗୁଚ୍ଛ ଓ ପୁସ୍ତକ ପ୍ରଦାନ କରି ସ୍ୱାଗତ କରିଥିଲେ। ଇଞ୍ଜିନିୟର୍ ଦାସ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କୁ ବିଭିନ୍ନ ନୂତନ ଜ୍ଞାନକୌଶଳ ଉପରେ ମାର୍ଗଦର୍ଶନ କରିଥିଲେ। ସେ ମୁଖ୍ୟତଃ 'ଅଣ୍ଡରୱାଟର୍ ଲାଇ-ଫାଇ ଟେକ୍ନୋଲୋଜି' (ଜଳଗର୍ଭସ୍ଥ ଯୋଗାଯୋଗ ପାଇଁ ଆଲୋକଭିତ୍ତିକ ପ୍ରଯୁକ୍ତିବିଦ୍ୟା) ବିଷୟରେ ଆଲୋଚନା କରିଥିଲେ। ଆଲୋକ ରଶ୍ମି ମାଧ୍ୟମରେ ପାଣି ଭିତରେ ଉଚ୍ଚ ବେଗସମ୍ପନ୍ନ ତଥ୍ୟ ଆଦାନପ୍ରଦାନ ସମେତ ସାମୁଦ୍ରିକ ଗବେଷଣା, ପ୍ରତିରକ୍ଷା ଏବଂ ଜଳଗର୍ଭସ୍ଥ ଯୋଗାଯୋଗ ବ୍ୟବସ୍ଥାରେ ଏହି ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବିଷୟରେ ସେ ଆଲୋକପାତ କରିଥିଲେ। ଏହି ବକ୍ତୃତା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ସହ ସେମାନଙ୍କୁ ଶିଳ୍ପ ଜଗତର ନୂତନ ଦିଗ ସମ୍ପର୍କରେ ଅବଗତ କରାଇଥିଲା। ବିଭାଗୀୟ ଉପଦେଷ୍ଟା ଡ. ଶର୍ମିଳା ଗଡ଼ନାୟକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଗ୍ରୀଷ୍ମ ପ୍ରବାହ ପରିଚାଳନା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି




**ସମ୍ବଲପୁର, ୧୩।୩ (ସମିସ)** : ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଜି ଗ୍ରୀଷ୍ମ ପ୍ରବାହ ପରିଚାଳନା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ପ୍ରବାହ ସମୟରେ ସତର୍କ ରହିବା ସହିତ ମାର୍ଚ୍ଚରୁ ଜୁନ୍ ମାସ ମଧ୍ୟରେ ଅଂଶୁଘାତର ମୁକାବିଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ସୃଷ୍ଟି ହେବା ଆଶଙ୍କା ରହିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ ଓ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାପାଇଁ ସେ କହିଥିଲେ। ସେହିପରି ଗ୍ରାମାଞ୍ଚଳ, ଏନ୍‌ଏସି ଓ ସମସ୍ତ ବ୍ଲକ ପକ୍ଷରୁ ବିଭିନ୍ନ ଛକ ଜାଗାରେ ଜଳଛତ୍ର ଖୋଲିବା, ଅଚଳ ନଳକୂପକୁ ତୁରନ୍ତ ମରାମତି କରିବାକୁ କୁହାଯାଇଛି। ସହରର ଜନବହୁଳ ଅଞ୍ଚଳରେ ସ୍ଥାୟୀ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ ଓ ପଞ୍ଚାୟତସ୍ତରୀୟ ସଦସ୍ୟମାନଙ୍କୁ ସାମିଲ କରି ଅଂଶୁଘାତର ମୁକାବିଲା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ କୁହାଯାଇଛି। ଗ୍ରୀଷ୍ମଦିନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପଶୁ, ପକ୍ଷୀମାନଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ମଧ୍ୟାହ୍ନରେ ବାହାରେ ବୁଲିବା ସମୟରେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡ଼ା ଇତ୍ୟାଦି ମୁଣ୍ଡରେ ପକାଇ ଯାତାୟତ କରିବା ନେଇ ଜନସାଧାରଣଙ୍କୁ ସଚେତନ କରାଇବାକୁ ଆଲୋଚନା ହୋଇଥିଲା। ଗ୍ରୀଷ୍ମ ଋତୁରେ ପାନୀୟଜଳ ସମସ୍ୟା ଯେପରି ନ ଉପୁଜେ ଏବଂ ବିଦ୍ୟୁତ୍ କାଟ ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ସମ୍ବଲପୁର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଜାଧବ, କୁଚିଣ୍ଡା ଉପଜିଲ୍ଲାପାଳ ସର୍ବନାମ, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀରଞ୍ଜନ ମହାନ୍ତ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, ବିଇଓ, ସମସ୍ତ ଲାଇନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ହେଲେ ଅନିଲ




**ସମ୍ବଲପୁର, ୧୩।୩ (ସମିସ):** ଜେଏସଡବ୍ଲ୍ୟୁ ବିପିଏସଏଲର ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ଅନିଲ କୁମାର ସିଂହ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଏବଂ ବିବିଧତାକୁ ଆହୁରି ମଜବୁତ କରିବା ପାଇଁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ ଏବଂ ଗୃହ, ଶିଳ୍ପ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ। ଓଡ଼ିଶାର ଉଲ୍ଲେଖନୀୟ ଅର୍ଥନୈତିକ ପ୍ରଗତି ଏବଂ ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଉନ୍ନତ ଉତ୍ପାଦନ ଭଳି ବିବିଧ କ୍ଷେତ୍ରର ସଫଳ ପରିବର୍ତ୍ତନ ଉପରେ ଶ୍ରୀ ସିଂହ ଆଲୋକପାତ କରିଥିଲେ। ସେ କହିଥିଲେ ପ୍ରଗତିଶୀଳ ଶିଳ୍ପ ନୀତି, ଉନ୍ନତ ଭିତ୍ତିଭୂମି ଏବଂ ସକ୍ରିୟ ଶାସନ ବିଭିନ୍ନ କ୍ଷେତ୍ରରେ ନିବେଶ ଆକର୍ଷିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେ ଏହି ଅଭିବୃଦ୍ଧି ଗତିକୁ ବଜାୟ ରଖିବା ପାଇଁ ଶିଳ୍ପ-ସରକାରୀ ସହଯୋଗ, ନବସୃଜନ ଏବଂ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ନେତୃତ୍ୱରେ, ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ରାଜ୍ୟରେ ଅନ୍ତର୍ଭୁକ୍ତିମୂଳକ ଏବଂ ସ୍ଥାୟୀ ଆର୍ଥିକ ବିକାଶ ଦିଗରେ କାର୍ଯ୍ୟ କରିବ। ଏହା ସହ ସହଭାଗୀତା ସୁଦୃଢ଼, ନିବେଶ ସୁଯୋଗକୁ ପ୍ରୋତ୍ସାହିତ କରିବା ଏବଂ ଉଦୀୟମାନ ଶିଳ୍ପଗୁଡ଼ିକର ଅଭିବୃଦ୍ଧିକୁ ସମର୍ଥନ କରିବା ଉପରେ ଧ୍ୟାନ ଦେବ।

# ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧିରେ ଜିଲ୍ଲାର ୫୯୬୬୭ ଉପକୃତ

**ସମ୍ବଲପୁର, ୧୩।୩ (ସମିସ)** : କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି (ପିଏମ-କିଷାନ) ଯୋଜନାରେ ସମ୍ବଲପୁର ଜିଲ୍ଲାର ୫୯୬୬୭ ଜଣ ଚାଷୀ ଉପକୃତ ହୋଇଛନ୍ତି। ଗୁଆହାଟୀ, ଆସାମଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍-କିଷାନର ୨୨ତମ କିସ୍ତି ପ୍ରଦାନ କରିଥିବାବେଳେ ସମ୍ବଲପୁରର ଜିଲ୍ଲା ପରିଷଦ ପ୍ରେକ୍ଷାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ସଂଯୋଜନା କରିଥିଲେ।

କୃଷକର ବିକାଶ ଏବଂ ଦାରିଦ୍ର୍ୟ ହ୍ରାସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ କେନ୍ଦ୍ର ସରକାର ଫେବୃଆରୀ ୨୦୧୯ରେ କାର୍ଯ୍ୟକାରୀ କରିଥିଲେ। ଏହି ଯୋଜନା ମାଧ୍ୟମରେ ଆବଶ୍ୟକ ସମୟରେ ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି କିଣିବା ପାଇଁ ଯୋଗ୍ୟ କୃଷକମାନଙ୍କୁ ସମାନ ତିନୋଟି କିସ୍ତିରେ ବର୍ଷକୁ ୬ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ସମ୍ବଲପୁର ଜିଲ୍ଲାରେ ୫୯୬୬୭ରୁ ଊର୍ଦ୍ଧ୍ୱ କୃଷକ, ଯେଉଁମାନେ ଇ-କେୱାଇସି, ଜମିଜମାର ବିବରଣୀ, ଆଧାର ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍, ଆଧାର ଅନୁଯାୟୀ ନାମ ସଂଶୋଧନ ଆଦି ଯୋଜନାର ସମସ୍ତ ଆବଶ୍ୟକତା ପୂରଣ କରୁଛନ୍ତି, ସେହି ପିଏମ କିଷାନ ଯୋଗ୍ୟ ହିତାଧିକାରୀ ପ୍ରତି କିସ୍ତି ୨ ହଜାର ଭାବେ ମୋଟ ୧୧.୮୮ କୋଟି ଟଙ୍କା ସହାୟତା ପ୍ରଦାନ କରାଯିବ। ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଥିବା ଜଣାପଡ଼ିଛି।

# ଭିସୁଟ୍‌ରେ ଆନ୍ତର୍ଜାତିକ ମହିଳା ଦିବସ

**ସମ୍ବଲପୁର, ୧୩।୩ (ସମିସ)** : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଆଭ୍ୟନ୍ତରୀଣ କମିଟି ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ 'ମହିଳାଙ୍କ ଅଧିକାର ପାଇଁ କାର୍ଯ୍ୟ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ସହିତ ମହିଳାମାନଙ୍କ ସଫଳତା, ଶକ୍ତି ଏବଂ ସ୍ଥିରତାକୁ ସମ୍ମାନିତ କରାଯାଇଥିଲା। ଏହା ପ୍ରତିମା ମୋହନାଙ୍କ ଗୋଷ୍ଠୀ ଦ୍ୱାରା ଦୀପ ପ୍ରଜ୍ୱଳନ ଏବଂ ସ୍ୱାଗତ ସଙ୍ଗୀତ ସହିତ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ସଭାରେ ଡକ୍ଟର ସୁନନ୍ଦା ପତ୍ରୀ (ଆଭ୍ୟନ୍ତରୀଣ କମିଟି), ରେଜିଷ୍ଟ୍ରାର ପ୍ରଦୀପ ଡାଙ୍ଗ, ବାଣୀ ମହାପାତ୍ର (କିଶୋର ନ୍ୟାୟ ବୋର୍ଡ), ପ୍ରତିମା ତାଣ୍ଡି (ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ), ଡକ୍ଟର ସାଗ୍ନିକା ତ୍ରିପାଠୀ (ଭିମସାର) ଏବଂ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ସାହୁ ସଶକ୍ତିକରଣ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସମ୍ବର୍ଦ୍ଧନାରେ ପ୍ରଫେସର ସୁଧିରା ରଥ (ସିଭିଲ୍ ଇଞ୍ଜିନିୟରିଂ) ଏବଂ ଅନ୍ୟମାନେ ଯୋଗଦେଇଥିଲେ। ଏହାପରେ ଓଡ଼ିଶା ଏବଂ ଭାରତର ପ୍ରଭାବଶାଳୀ ମହିଳାଙ୍କ ଉପରେ ଏକ ଅଡିଓ ଭିଡିଓ ଉପସ୍ଥାପନା, ଓଡ଼ିଶୀ ନୃତ୍ୟ, କରାଟେ ଡେମୋ, ସମ୍ବଲପୁରୀ ନୃତ୍ୟ, କଳା ପ୍ରଦର୍ଶନୀ କରାଯାଇଥିଲା। ଶେଷରେ ସ୍ୱର୍ଣ୍ଣଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ରଙ୍କ ସହିତ ପରାମର୍ଶଦାତା ସଦସ୍ୟ ଭାବରେ ଦୀପକ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ବିଶ୍ୱଶାନ୍ତି ପାଇଁ ଚବିଶପ୍ରହର ଅଖଣ୍ଡ ନାମଯଜ୍ଞ

**ସମ୍ବଲପୁର, ୧୩।୩ (ସମିସ)** : ଶହ ଶହ ସାଧୁ ସନ୍ଥଙ୍କ ବେଦମନ୍ତ୍ର ଧ୍ୱନି ସହିତ ଚବିଶ ପ୍ରହରୀ ଅଖଣ୍ଡ ନାମ ଯଜ୍ଞ ଭଜନ କୀର୍ତ୍ତନରେ ସିନ୍ଦୁରପଙ୍କ କେନଘାଟିସ୍ଥିତ ଶ୍ରୀରାମ ବାଟିକା ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ରାଜ୍ୟ ଓ ରାଜ୍ୟ ବାହାରର ଦୁଇଶହରୁ ଊର୍ଦ୍ଧ୍ୱ ସାଧୁସନ୍ଥ, ନାଗାବାବା, ବ୍ରାହ୍ମଣ ପ୍ରମୁଖ ଆସି ଏହି ପରିସରରେ ନିର୍ମିତ ଆଶ୍ରମରେ ଅବସ୍ଥାନ କରୁଛନ୍ତି। ଗୁରୁବାର ଅଧିବାସ ପରେ ଶୁକ୍ରବାର ସକାଳୁ ଚବିଶ ପ୍ରହରୀ ଅଖଣ୍ଡ ନାମ ଜପ ଆରମ୍ଭ ହୋଇଛି। ଏହି ଯଜ୍ଞ ସ୍ଥଳୀକୁ ଆସୁଥିବା ପ୍ରତ୍ୟେକ ସାଧୁ ସନ୍ଥଙ୍କ ରହିବା ଖାଇବା ସହ ଉଚିତ ଯତ୍ନ ନିଆଯାଉଛି ବୋଲି ଆୟୋଜକ କମିଟି ମୁଖ୍ୟ ସିଦ୍ଧାର୍ଥ ସାହା ପ୍ରକାଶ କରିଛନ୍ତି। ଶ୍ରୀ ସାହା କହିଛନ୍ତି ଯେ, ଶନିବାର ପୂର୍ବାହ୍ଣ ୧୧ଟା ସମୟରେ ପ୍ରାୟ ଦୁଇଶହ ସାଧୁସନ୍ଥ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ଏକ ଭବ୍ୟ ଶୋଭାଯାତ୍ରାରେ ଦଳେଇପଡ଼ାସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଆସିବେ। ସେହି ମହାନ ସାଧୁସନ୍ଥଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିବାକୁ ଶ୍ରୀ ସାହା ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଚାରି ଘଣ୍ଟା ଧରି ହେବାକୁ ଥିବା ଏହି ବିଶାଳ ଶୋଭାଯାତ୍ରାରେ ଆଇନଶୃଙ୍ଖଳା ପରିସ୍ଥିତି ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସର ସହାୟତା ନିଆଯାଇଥିବା ସେ ପ୍ରକାଶ କରିଛନ୍ତି। ଆସନ୍ତା ୧୬ ତାରିଖରେ ଚବିଶ ପ୍ରହରୀ ନାମଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯିବ ଏବଂ ଏହା ପୂର୍ବରୁ ଶ୍ରୀରାମ ବାଟିକା ପରିସରରେ ସମସ୍ତ ସାଧୁ ସନ୍ଥ ମାନଙ୍କ ଏକ ଭବ୍ୟ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ ମାନଙ୍କ ସୂତ୍ରରୁ ପ୍ରକାଶ।





# ଭିମ୍‌ସାର୍‌ରେ ବିଶ୍ୱ ଗ୍ଲୁକୋମା ସପ୍ତାହ



**ସମ୍ବଲପୁର, ୧୩।୩ (ସମିସ)** : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର୍)ରେ ପ୍ରତିବର୍ଷ ମାର୍ଚ୍ଚ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳନ କରାଯାଇଥାଏ। ଏହି ଉପଲକ୍ଷେ ଆଜି ଚକ୍ଷୁ ବିଭାଗ ପକ୍ଷରୁ ଏକ ଗ୍ଲୁକୋମା ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଭିମସାର ଅଧ୍ୟକ୍ଷ ଡା. ପି.କେ ମହାନ୍ତି ଏହି ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଭାଗୀୟ ମୁଖ୍ୟ ଡା. ଜୟଶ୍ରୀ ଦୋରା ଓ ପ୍ରଫେସର ଡା. କେ.ସି ଟୁଡୁ ଗ୍ଲୁକୋମା ସଚେତନତା ବିଷୟରେ ବକ୍ତବ୍ୟ ରଖିଥିଲେ। ଗ୍ଲୁକୋମାକୁ ସାଧାରଣତଃ 'ଦୃଷ୍ଟିର ନୀରବ ଚୋର' ବୋଲି କୁହାଯାଏ। କାରଣ ଏହାର ପ୍ରାଥମିକ ଅବସ୍ଥାରେ ସ୍ପଷ୍ଟ ଲକ୍ଷଣ ଦେଖାଯାଏ ନାହିଁ। ସଠିକ୍ ସମୟରେ ଚିହ୍ନଟ ଓ ଚିକିତ୍ସା କରା ନ ଗଲେ ଏହା ଅନ୍ଧତ୍ୱର କାରଣ ହୋଇପାରେ। ଶୋଭାଯାତ୍ରା ପରେ ଚକ୍ଷୁ ବିଭାଗରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଭାଗୀୟ ମୁଖ୍ୟ ଡା. ଜୟଶ୍ରୀ ଦୋରା ସ୍ୱାଗତ ସମ୍ଭାଷଣ ଦେଇଥିବାବେଳେ ପ୍ରଫେସର କେ.ସି ଟୁଡୁ ଗ୍ଲୁକୋମା ବିଷୟରେ ସମ୍ୟକ୍ ଧାରଣା ଦେଇଥିଲେ। ଶେଷରେ ପ୍ରଫେସର ଡା. ଶର୍ମିଷ୍ଠା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରରେ ୪୦ ଛୁଇଁଲା ପାରଦ

**ସମ୍ବଲପୁର, ୧୩।୩ (ସମିସ)**

ହଠାତ୍ ମାଡ଼ିଆସିଲାଣି ଖରା। ଟାଣ ଖରା ଏବଂ ଗୁଳୁଗୁଳିରେ ଲୋକେ ଅତିଷ୍ଠ। ସକାଳ ୯ଟାରେ ବାହାରକୁ ବାହାରିଲେ ଖରାରେ ସିଝି ଯିବାକୁ ପଡୁଛି। ଆଜି ଶୁକ୍ରବାର ସମ୍ବଲପୁରର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି। ଆଜି ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ରହିଛି। ଗ୍ରୀଷ୍ମ ଋତୁ ଆରମ୍ଭରୁ ଏଭଳି ଅବସ୍ଥା ହେଉଥିବାରୁ ଆଗକୁ ଜୁନ ମାସ ପର୍ଯ୍ୟନ୍ତ ତାପମାତ୍ରା ୫୦ ଡିଗ୍ରୀ ଟପିବ ବୋଲି ଆଶଙ୍କା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ଜାନୁଆରୀ ୯ ତାରିଖରେ ସମ୍ବଲପୁରର ତାପମାତ୍ରା ୯.୨ ଡିଗ୍ରୀକୁ ଖସିଥିଲା। ଶୀତ ଋତୁରେ ଅତ୍ୟଧିକ ଥଣ୍ଡା ହୋଇଥିବାବେଳେ ସେହିଅନୁଯାୟୀ ଗ୍ରୀଷ୍ମ ପ୍ରବାହ ଅଧିକ ହେବ ବୋଲି ପରିବେଶବିତ୍‌ମାନେ ଆକଳନ କରାଯାଇଥିଲା।

ଫେବୃଆରୀ ମାସର ଶେଷ ସପ୍ତାହ ପର୍ଯ୍ୟନ୍ତ ରାତିରେ ଶୀତ ଅନୁଭୂତ ହେଉଥିଲା। ତେବେ, ମାର୍ଚ୍ଚ ଆରମ୍ଭରୁ ଘର ମାନଙ୍କରେ ପଙ୍ଖା, କୁଲର୍‌ର ଆବଶ୍ୟକତା ଦେଖାଦେଲାଣି। ସକାଳ ୯ଟାରୁ ସନ୍ଧ୍ୟା ପ୍ରାୟ ୬ଟା ପର୍ଯ୍ୟନ୍ତ ତାତିଲା ପବନ ବହିବା ଦେଖାଦେଉଛି। ପାଣି ଟୋପାଏ ପାଇଁ ସମ୍ବଲପୁରକୁ ଆସୁଥିବା ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଜଳଛତ୍ର ଖୋଲି ନଥିବାବେଳେ ସମ୍ବଲପୁର ସହରାଞ୍ଚଳରେ ପୂର୍ବରୁ ରହିଥିବା ଅମୃତଧାରା ଗୁଡ଼ିକ କେଉଁଠି ରାସ୍ତା ସମ୍ପ୍ରସାରଣ ପାଇଁ ଭାଙ୍ଗି ଦିଆଯାଇଛି ତ କେଉଁଠି ଅଚଳ ହୋଇ ପଡ଼ି ରହିଛି।




ଖରାକୁ ଦୃଷ୍ଟିରେ ରଖି ଲୋକେ ଗାମୁଛା ବାନ୍ଧିବାସହ ଛତା ଧରି ଯିବାଆସିବା କରୁଥିବା ଦେଖାଯାଉଛି। ଏଭଳି କ୍ଷେତ୍ରରେ ଟ୍ରାଫିକ୍ ଛକ ମାନଙ୍କରେ ଘୋଡ଼ଣୀ ବା ଗ୍ରୀନ୍ ସେଡ୍ ନିର୍ମାଣ କରିବାକୁ ଦାବି ହେଉଛି। ବଜାରରେ ସ୍ଥାନୀୟ ତିଆରି ଘୁମା ବା ମାଠିଆ ସହ ପଶ୍ଚିମବଙ୍ଗର ସୁରେଇ ମିଳିଲାଣି।

ଗତବର୍ଷ ୨୦୨୫ରେ ମଧ୍ୟ ମାର୍ଚ୍ଚ ୧୩ ତାରିଖରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିଲା। ଏହାପରେ ମାର୍ଚ୍ଚ ୧୫ ତାରିଖରେ ୪୨.୨ ଡିଗ୍ରୀ ଏବଂ ଏପ୍ରିଲ ୨୨ ତାରିଖରେ ସର୍ବୋଚ୍ଚ ତାପମାତ୍ରା ୪୪.୬ ଡିଗ୍ରୀ ହୋଇଥିଲା। ମେ ମାସ ୧୧ ତାରିଖରେ ତାପମାତ୍ରା ୪୩.୨ ଡିଗ୍ରୀ ରହିଥିଲା। ଏହାର ପୂର୍ବବର୍ଷ ୨୦୨୪ ମସିହା ମେ ୩୦ ତାରିଖରେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୬.୨ ଡିଗ୍ରୀ ହୋଇଥିଲା।

### ସମ୍ବଲପୁରର ତାପମାତ୍ରା

| ତାରିଖ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ମାର୍ଚ୍ଚ ୧ | ୩୫.୬ | ୨୦.୦ |
| ମାର୍ଚ୍ଚ ୨ | ୩୬.୮ | ୨୧.୦ |
| ମାର୍ଚ୍ଚ ୩ | ୩୬.୮ | ୧୮.୬ |
| ମାର୍ଚ୍ଚ ୪ | ୩୭.୦ | ୧୯.୦ |
| ମାର୍ଚ୍ଚ ୫ | ୩୬.୬ | ୧୭.୫ |
| ମାର୍ଚ୍ଚ ୬ | ୩୬.୪ | ୨୦.୪ |
| ମାର୍ଚ୍ଚ ୭ | ୩୬.୪ | ୨୨.୦ |
| ମାର୍ଚ୍ଚ ୮ | ୩୫.୮ | ୨୪.୦ |
| ମାର୍ଚ୍ଚ ୯ | ୩୬.୪ | ୨୨.୬ |
| ମାର୍ଚ୍ଚ ୧୦ | ୩୭.୫ | ୨୪.୦ |
| ମାର୍ଚ୍ଚ ୧୧ | ୩୭.୪ | ୨୩.୩ |
| ମାର୍ଚ୍ଚ ୧୨ | ୩୯.୦ | ୨୦.୫ |
| ମାର୍ଚ୍ଚ ୧୩ | ୪୦.୦ | ୨୦.୦ |

## ଯାତ୍ରା ଦେଖି ଫେରିବା ବେଳେ ମାଡ଼ିଗଲା ବୋଲେରୋ

# ଜଣେ ମୃତ, ୯ ଗୁରୁତର ଆହତ










**କୁଚିଣ୍ଡା, ୧୩।୩(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ମହୁଲପାଲି ଥାନା କଦୋପଡ଼ା ନିକଟରେ ଯାତ୍ରାଦେଖି ଘରକୁ ଫେରୁଥିବା ଲୋକଙ୍କ ଉପରେ ବୋଲୋରୋ ମାଡ଼ି ଯିବାରୁ ଘଟଣାସ୍ଥଳରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ପ୍ରାୟ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ମହୁଲପାଲି ଥାନା କଦୋପଡ଼ା ଟାଇଁସରଠାରେ ଚାଲିଥିବା ଧନୁଯାତ୍ରା ଦେଖି ଶୁକ୍ରବାର ରାତିରେ ଯାତ୍ରା ଦେଖି କିଛି ଲୋକ କଦୋପଡ଼ାକୁ ଫେରୁଥିଲେ। ସେହି ସମୟରେ କୁସୁମୀପଟୁ କୁଚିଣ୍ଡା ଏକ ବୋଲେରୋ ତୀବ୍ର ଗତିରେ ଆସି ଯାତ୍ରାଦେଖି ଫେରୁଥିବା ଲୋକଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ଏକାଧିକ ଲୋକ ଆହତ ହୋଇଥିଲେ। ସମସ୍ତଙ୍କ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ଥାନୀୟ ପୁଲିସ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ଆଣୁଥିଲା। ରାତି ପ୍ରାୟ ସାଢ଼େ ୧୧ଟା ବେଳେ ଜଣେ ମୃତକଙ୍କ ଶବ ଡାକ୍ତରଖାନାକୁ ଅଣାଯାଇଛି। ୯ ଜଣ ଆହତ ହୋଇଥିବା ବେଳେ ୪ ଜଣ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ମୃତକ ଓ ଗୁରୁତର ଆହତଙ୍କ ପରିଚୟ ମିଳିନାହିଁ।ଘଟଣାସ୍ଥଳରେ ବରିଷ୍ଠ ପ୍ରଶାସନିକ, ପୁଲିସ ଅଧିକାରୀ ଉଦ୍ଧାର କାର୍ଯ୍ୟ କରିଥିଲେ। କୁଚିଣ୍ଡା ଉପଜିଲ୍ଲାପାଳ ସୱାନନ୍ ସ ଓ ଏସ୍‌ଡିପିଓ ପ୍ରଦୀପ ଦାସ ଡାକ୍ତରଖାନାରେ ପହଞ୍ଚି ତଦାରଖ କରୁଛନ୍ତି।

## ପାରୁଆଭାଡ଼ି ଲ୍ୟାମ୍ପରେ ସାର ଦୁର୍ନୀତି

# ଚାଷୀଙ୍କୁ ନ ଦେଇ ସାତ ମାସରେ ୮ ଲକ୍ଷ ଚଳୁ

**କୁଚିଣ୍ଡା, ୧୩।୩ (ସମିସ)**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ପାରୁଆଭାଡି ଲ୍ୟାମ୍ପରେ ସାର କେଳେଙ୍କାରୀ ଦେଖିବାକୁ ମିଳିଛି ।ତତ୍କାଳୀନ ଲ୍ୟାମ୍ପ ପରିଚାଳକ ମୋତିଲାଲ ପୃସେଠ ରାସାୟନିକ ସାର ହେରଫେର କରିଥିବା ନେଇ ଅଭିଯୋଗ ହୋଇଥିଲା। ମାତ୍ର ସାତ ମାସର ଦାୟିତ୍ୱ ଥାଇ ଚଳୁ କରିଦେଲେ ଆଠ ଲକ୍ଷ ଖୋଦ ଲ୍ୟାମ୍ପ ପରିଚାଳକ।ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ପାରୁଆଭାଡି ଲ୍ୟାମ୍ପର ପୂର୍ବତନ ପରିଚାଳକ ମୋତିଲାଲ ପୃସେଠ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସାରକୁ କଳାବଜାରୀ କରି ବିକ୍ରି କରିଥିବା ଅଭିଯୋଗ ହୋଇଥିବା ଏବଂ ସାର ଆଣି ହିସାବ ଦେଇ ନ ପାରିବା କିମ୍ବା ଗଚ୍ଛିତ ଥିବା ସାରକୁ ନେଇ ଅଭିଯୋଗ ହେବା ଏବଂ ଯାହାର ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ସମବାୟ ବିଭାଗ ତରଫରୁ ଚାଷୀଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇବା ଲକ୍ଷ ନେଇ ସରକାର ବିଭିନ୍ନ ସ୍ଥାନରେ ଲ୍ୟାମ୍ପ ଖୋଲିଛନ୍ତି। ଚାଷୀ ସୁବିଧାରେ ଋଣ ଦେବା ନେବା, ରାସାୟନିକ ସାର ନେବା ଆଦି ସହିତ ଖରିଫ ଓ ରବି ଋତୁ ଫସଲ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି ବ୍ୟବସ୍ଥା କରିଥାଏ। ହେଲେ ପାରୁଆଭାଡି ଲ୍ୟାମ୍ପର ତତ୍କାଳୀନ ପରିଚାଳକ ମୋତିଲା ପୃସେଠ ରାସାୟନିକ ସାରରେ ହେରଫେର କରିଥିବା ନେଇ ଲ୍ୟାମ୍ପ ଡାଇରେକ୍ଟର, ସଭାପତି ଓ ଲ୍ୟାମ୍ପ ପରିଚାଳକ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ସୂଚନାରୁ ପ୍ରକାଶ, ଗତ ଖରିଫ ପାଇଁ ଚାଷୀଙ୍କୁ ସରକାର ଦେଇଥିବା ସାର ମୋତିଲାଲ ପୃସେଠ ବାହାରେ ଚଢ଼ା ଦରରେ ବିକି କରିଦେଇଥିବା ବେଳେ ସେ ବାବଦକୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟାଙ୍କରେ ଜମା ନ କରି ନିଜ ପାଖ ରେ ରଖି ମନଇଚ୍ଛା ଖର୍ଚ୍ଚ କରି ଚାଲିଥିଲେ। ପରେ ଗୋଦାମରେ ଥିବା ୧୨୮ ବସ୍ତା ସାର ବିକି ଦେଇ ସେ ବାବଦକୁ ଅଢ଼େଇ ଲକ୍ଷ ମଧ୍ୟ ଚଳୁ କରିଥିବା ନେଇ ଅଭିଯୋଗ ହୋଇଛି। ଲକ୍ଷ ଲକ୍ଷ ଟଙ୍କାର ସାର ଚଳୁ କରିଥିବା ଅଭିଯୋଗ ପରେ ଡିଆରସିଏସ ଓ ଏଆର୍‌ସିଏସଙ୍କ ନିର୍ଦ୍ଦେଶରେ



ଏସଆରସିଏସ୍ ମନୋଜ ମହନ୍ତ ଓ ମଙ୍ଗଳ ମୁର୍ମୁ ତଦନ୍ତ ପାଇଁ ପାରୁଆଭାଡ଼ି ଲ୍ୟାମ୍ପରେ ପହଞ୍ଚି ଥିଲେ। ତଦନ୍ତରେ ବହୁ ଅର୍ଥ ତୁଷାରପାତ ହୋଇଥିବା କଥା ସତ ହେବା ପରେ ତତ୍କାଳୀନ ଲ୍ୟାମ୍ପ ପରିଚାଳକ ମୋତିଲାଲ ପୃସେଠ ୨ ଲକ୍ଷ ଟଙ୍କା ଭରଣା କରିଥିଲେ ବେଳେ ଶୁକ୍ରବାର ୫ ଲକ୍ଷ ୧୭ ହଜାର ୫ ଶହ ଟଙ୍କା ଭରଣା କରିଥିଲେ। ପରିତାପ ବିଷୟ ତତ୍କାଳୀନ ଲ୍ୟାମ୍ପ ପରିଚାଳକ ମୋତିଲାଲ ପୃସେଠ ଦୋଷୀ ସାବ୍ୟସ୍ତ ହେବା ଓ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ପ୍ରମାଣିତ ହେବା ପରେବି ତଦନ୍ତକାରୀ ଅଧିକାରୀ ଏସଆରସିଏସ୍ କୁଚିଣ୍ଡା ମନୋଜ ମହନ୍ତ ଥାନାରେ ଅଭିଯୋଗ ନ କରିବା ଯୋଗୁଁ ଅଞ୍ଚଳରେ ଏସଆରସିଏସ ଶ୍ରୀ ମହନ୍ତଙ୍କ ଭୂମିକାକୁ ସନ୍ଦେହ ଘେରକୁ ଟାଣି ଆଣିଛି। ଏବଂ ତତ୍କାଳୀନ ଲ୍ୟାମ୍ପ ପରିଚାଳକ ତତ୍କାଳୀନ ଲ୍ୟାମ୍ପ ପରିଚାଳକ ମୋତିଲାଲ ପୃସେଠ ସାତ ମାସରେ ୮ ଲକ୍ଷ ଟଙ୍କା ଚୁଲୁ କରିଥିବା ସମସ୍ତଙ୍କୁ ଚକିତ କରିଛି। ଗତ ସାତ ମାସ ତଳେ ମୋତିଲାଲ ପୃସେଠଙ୍କ ଚକ୍ରାନ୍ତରେ ପାରୁଆଭାଡ଼ି ଲ୍ୟାମ୍ପ ଏମଡି ମଞ୍ଜିଲ ପଟେଲଙ୍କୁ ଅନ୍ୟତ୍ର ବଦଳି କରାଯାଇ ମୋତିଲାଲ ପୃସେଠଙ୍କୁ ଏମଡି ଭାବେ ଦାୟିତ୍ୱ ଦିଆଯାଇଥିଲା। ତେବେ ଗତ ଏପ୍ରିଲ ମାସରୁ ଦାୟିତ୍ୱ ନେବା ପରେ ଖରିଫ ପାଇଁ ଆସିଥିବା ସାର ଡିଏପି, ଗ୍ରୋମୋର, ୟୁରିଆ, ୧୬.୧୬.୦ ପ୍ରଭୃତି ବିଭିନ୍ନ କିସମର ସାର ଚାଷୀଙ୍କୁ ନ ଦେଇ କଳାବଜାରୀ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ନେଇ ଅଭିଯୋଗ କରିଛନ୍ତି ବର୍ତ୍ତମାନର ଏମଡି ମଞ୍ଜିଲ ପଟେଲ. ସରକାରୀ ତାହାବିଲ ରେ ଖାଲି ହିସାବ ଦେଇ ବ୍ୟାଙ୍କ ଏକାଉଣ୍ଟରେ କୌଣସି ଟଙ୍କା ଜମା କରି ନ ଥିବା ବେଳେ ଗୋଛାର ସ୍ଥିତ ଗୋଦାମ ରେ ୩୯୧ ପ୍ୟାକେଟରୁ ୧୫୮ ବସ୍ତା ସାର କମ ଥିବା ଓ ତାର ହିସାବ ନ ଥିବା ମଧ୍ୟ ଦେଖିବାକୁ ମିଳିଛି। ତେବେ

**ଏସ୍‌ଆର୍‌ସିଏସ୍ ମନୋଜ ମହନ୍ତ ଓ ମଙ୍ଗଳ ମୁର୍ମୁଙ୍କ ତଦନ୍ତ**

ସମୁଦାୟ ସାରର ମୂଲ୍ୟ ସରକାରୀ ଦରରେ ପ୍ରାୟ ୮ ଲକ୍ଷ ରହିଛି। ତେବେ ସେହି ଟଙ୍କା କାହିଁକି ବ୍ୟାଙ୍କରେ ଜମା କଲେ ନାହିଁ ତାହା ମଧ୍ୟ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।ଏବେ ଖରିଫ ଯାଇ ରବି ଋତୁ ଚାଷ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ନେଇ ଅଭିଯୋଗ ଆଧାରରେ ଜିଲ୍ଲା ସମବାୟ ନିବନ୍ଧକଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରୀ ମହନ୍ତ ତଦନ୍ତ କରିଛନ୍ତି। ଏଭଳି କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ସାର ପାଇଁ ହିନସ୍ଥା ହେଉଥିବା ଚାଷୀ।

## ବିପୁଳ ବିଦେଶୀ ମଦ ସହିତ କାର୍ ଜବତ; ଜଣେ ଗିରଫ



**ରେଢ଼ାଖୋଲ, ୧୩।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଚାରମାଳ ଥାନା ଅଧୀନ କର୍ଡାପାଲ ଗ୍ରାମ ଛକ ନିକଟରେ ଚାରମାଳ ପୁଲିସ ଶୁକ୍ରବାର ଦିନ ୫୬ ହଜାର ଲିଟର ବିଦେଶୀ ମଦ ସହିତ କାର୍ ଜବତ କରିଛି। ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ବିହାର ରାଜ୍ୟର ଜିଲ୍ଲା ବୈଶାଳୀ ରାଘପୁର ଗ୍ରାମର ବାସିନ୍ଦା ମଲ୍ଲୁ ରାୟ (୪୩)। ସୂଚନା ଯୋଗ୍ୟ ଯେ ବିଦେଶୀ ମଦ ଚୋରା ଚାଲାଣ ଖବର ପାଇ ପିଏସ୍‌ଆଇ ପ୍ରବୀଣ କୁଜୁର ଓ ଅଶୋକ କୁମାର ସାହୁ ପ୍ରମୁଖ ସମେତ ଅନ୍ୟ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ କର୍ଡାପାଲ ଛକ ନିକଟରେ କାର୍‌କୁ ଯାଞ୍ଚ କରିଥିଲେ।କାର୍ ମଧ୍ୟରୁ ପ୍ରାୟ ୫୬ ହଜାର ଲିଟର ବିଦେଶୀ ମଦ ଜବତ କରିବା ସହିତ ଉକ୍ତ ଅଭିଯୁକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ଚାରମାଳ ପୁଲିସ କେସ ନଂ ୫୦/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଲାଗି ଟିପିଡବ୍ଲୁଓଡିଏଲ ପ୍ରସ୍ତୁତ

**ସମ୍ବଲପୁର, ୧୩।୩(ସମିସ):** ଚଳିତ ଗ୍ରୀଷ୍ମ ଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ବ୍ୟାପକ ଭାବେ ପ୍ରାକ୍ ପ୍ରସ୍ତୁତି କରାଯାଇଛି। କମ୍ପାନୀର ବିତରଣ କ୍ଷେତ୍ରରେ ରହିଥିବା ସମସ୍ତ ପାଞ୍ଚ ଗୋଟି ବିଦ୍ୟୁତ୍ ମଣ୍ଡଳ ତଥା ପଶ୍ଚିମ ଓଡ଼ିଶାର ନଅ ଗୋଟି ଜିଲ୍ଲାରେ ଏହି ପ୍ରାକ୍ ପ୍ରସ୍ତୁତି ଶେଷ ହୋଇଛି। ବିଗତ ଦୁଇ ବର୍ଷ ମଧ୍ୟରେ କାଳବୈଶାଖୀ ସଂଖ୍ୟା ସମଗ୍ର ୯ ଗୋଟି ଜିଲ୍ଲାରେ ୫୨ରୁ ୨୨୭କୁ ବୃଦ୍ଧି ପାଇଛି। ଏହି ଅଘୋଷିତ ପ୍ରାକୃତିକ ବିପର୍ଯ୍ୟୟକୁ ଆଖି ଆଗରେ ରଖି କମ୍ପାନୀ ତରଫରୁ ୬ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସେବାକୁ ପୁନଃସ୍ଥାପିତ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ କମ୍ପାନୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି। ସେ କହିଛନ୍ତି କମ୍ପାନୀ ତରଫରୁ ୧୭ଟି ମ୍ୟାନ୍ ଲିଫ୍ଟର୍, ୬୨ ଗୋଟି ପୋଲ୍ ମାଷ୍ଟର୍ ୬୫ ଗୋଟି ହାଇଡ୍ରା, ୮୭୬ ଗୋଟି ଗଛଡାଳ କାଟିବା ଯନ୍ତ୍ର, ୩୦ ଗୋଟି ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ପାଣି ପମ୍ପ, ୨ ଭୂତଳ କେବୁଲ ଫଲ୍ଟ ଡିଟେକ୍ଟର ମେସିନ୍, ୫ଟି ଆସ୍କା ଲାଇଟ୍ ମହଜୁଦ୍ ରଖାଯିବା ସହ ୫୧୧ଟି ଡିଟିଆର୍, ୧୫ ହଜାର ପୋଲ୍, ୨୭୫୭ଟି ଏବି-ସୁଇଚ୍, ୨୬୦ କି.ମି କଣ୍ଡକ୍ଟର୍, ୩୭୦ କିମି ଏବି କେବୁଲ୍ ଏବଂ ୩୫୫୫ ଟି ଇନ୍ସୁଲେଟର୍ କମ୍ପାନୀର ବିଭିନ୍ନ ସ୍ଥାନରେ ଅବସ୍ଥିତ ୭ ଗୋଟି




ଷ୍ଟୋରରେ ବିସ୍ତୃତ ଭାବରେ ଗଚ୍ଛିତ ରଖାଯାଇଛି। ଏହି ସମ୍ପୂର୍ଣ୍ଣ ଯାନ୍ତ୍ରିକ ପ୍ରସ୍ତୁତି ସହିତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର, ଜିଲ୍ଲା କଣ୍ଟ୍ରୋଲ ରୁମ୍, ଅଗ୍ନିଶମ ସେବା ସଂସ୍ଥା, ଜଙ୍ଗଲ ବିଭାଗ, ରାସ୍ତା ଓ କୋଠାବାଡ଼ି ବିଭାଗ, ଜାତୀୟ ରାଜପଥ ବିଭାଗ, ରାଜ୍ୟ ସଡ଼କ ନିର୍ମାଣକାରୀ ସଂସ୍ଥା, ସ୍ୱାସ୍ଥ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷା କରିବା ନିମନ୍ତେ ଭିନ୍ନ ଭିନ୍ନ ଦଳ ଗଠନ କରାଯାଇଛି। ତେବେ ଚଳିତ ଗ୍ରୀଷ୍ମ ଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଡବ୍ଲୁଓଡିଏଲ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

## କଫ ସିରପ୍ ବିକ୍ରି ଅଭିଯୋଗରେ ୨ ଗିରଫ

**ଝାରବନ୍ଧ, ୧୩।୩(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଜଗଦଲପୁର ଥାନା ଅଞ୍ଚଳର ସୁକିଲିପାହାଡ଼ ନିକଟରେ ଅବୈଧ ଭାବେ ମିଶ୍ରିତ କଫ ସିରାପ ବିକ୍ରି କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜଗଦଲପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ଦିଘାଲଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ ଚଢ଼ଉ କରି ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗଦଲପୁର ଥାନା ଅଧୀନ ଚନ୍ଦନଭାଟି ଗ୍ରାମର ତୋଷମଣି ସେଠ (୨୮) ଓ ବେଣୁଧର ବାରିକ (୩୦)। ପୋଲିସ ଟିମରେ ଏଏସଆଇ ଶାନ୍ତନୁ କୁମାର ନାୟକ, ହାବିଲଦାର ବିଜୟ କୁମ୍ଭାର, କନଷ୍ଟେବଳ ଚନ୍ଦ୍ରମଣି ଧରୁଆ, ସୁଦନ ଧରୁଆ ସାମିଲ ଥିଲେ। ପୋଲିସ ସେମାନଙ୍କ ନିକଟରୁ ପ୍ରାୟ ୧୦ ଲିଟର ମିଶ୍ରିତ କଫ ସିରାପ ଭର୍ତ୍ତି ଜେରିକାନ୍, ୬୪ଟି ଏସକଫ୍ କଫ୍ ସିରାପ୍ ବୋତଲ, ନାଇଟ୍ରୋସନ-୧୦ ଟାବଲେଟ, ପ୍ଲାଷ୍ଟିକ ଗ୍ଲାସ୍, ଗୋଟିଏ ହିରୋ ଡୁଏଟ୍ ସ୍କୁଟି, ନଗଦ ୩୭୧ ଟଙ୍କା ଓ ୩ଟି ମୋବାଇଲ ଫୋନ୍ ଜବତ କରିଛି। ଏହି ଘଟଣାରେ ଜଗଦଲପୁର ଥାନା କେସ୍ ନମ୍ବର ୪୩/୨୦୨୬ ରେ ମାମଲା ରୁଜୁ କରିଥିବାବେଳେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି।

## ମନ୍ଥର ଗତିରେ ଚାଲିଛି ଅମଠି ବ୍ରିଜ କାମ

**ଝାରବନ୍ଧ, ୧୩।୩(ସମିସ):** ବରଗଡ଼ ଜିଲ୍ଲାର ଝାରବନ୍ଧ ଓ ପାଇକମାଳ ବ୍ଲକକୁ ସଂଯୋଗ କରୁଥିବା ଅମଠି ନିକଟସ୍ଥ ବ୍ରିଜ ଅଞ୍ଚଳବାସୀଙ୍କ ପାଇଁ ଦୀର୍ଘଦିନ ଧରି ଜୀବନରେଖା ସଦୃଶ ହୋଇଆସିଛି। କିନ୍ତୁ ପୁରୁଣା ବ୍ରିଜର ସ୍ଥିତିକୁ ଅନୁଧ୍ୟାନ ତଥା ରାସ୍ତା ପ୍ରଶସ୍ତିକରଣ ହେତୁ ସରକାରଙ୍କ ପକ୍ଷରୁ ନୂତନ ବ୍ରିଜ ନିର୍ମାଣ କାମ ଆରମ୍ଭ କରାଯାଇଥିଲା। ତଥାପି ଏହି କାମ ମନ୍ଥର ଗତିରେ ଚାଲୁଥିବାରୁ ଲୋକମାନଙ୍କ ଭିତରେ ଅସନ୍ତୋଷ ବଢ଼ିଚାଲିଛି। ଏହି ରାସ୍ତା ଦେଇ ଝାରବନ୍ଧ ଓ ପାଇକମାଳ ମଧ୍ୟରେ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରୁଥିବା ସହିତ ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ, ଚାଷୀ ଓ ବ୍ୟବସାୟୀମାନେ ମଧ୍ୟ ଏହି ବ୍ରିଜ ଉପରେ ନିର୍ଭର କରୁଛନ୍ତି। ନୂତନ ବ୍ରିଜ ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ୍ୟ ଧୀର ଗତି ହେତୁ ତଳେ ଲୋକଙ୍କ ଯାତାୟାତ ପାଇଁ ବାଇପାସ ରାସ୍ତା ତିଆରି କରାଯାଇଛି।



ହେଲେ ପାଣି ଛିଞ୍ଚନ କରୁ ନ ଥିବାରୁ ଲୋକେ ଧୂଳିରେ ଧୂସରରେ ଯିବା ଆସିବା କରୁଛନ୍ତି। ଏହି ସମସ୍ୟାର ସମାଧାନ କରି ନୂତନ ବ୍ରିଜ ନିର୍ମାଣ କାମକୁ ତ୍ୱରାନ୍ୱିତ କରି ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଲୋକେ ଦାବି କରିଛନ୍ତି।

## ରେଢ଼ାଖୋଲ ବନଖଣ୍ଡ ଚାରି ଦିଗରେ ନିଆଁ

# ଧୂଆଁମୟ ରେଢ଼ାଖୋଲ ସହର



**ରେଢ଼ାଖୋଲ, ୧୩।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ଚାରି ଦିଗରେ ବିଭିନ୍ନ ରେଞ୍ଜର ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଛି। ଫଳରେ ଗ୍ରାମାଞ୍ଚଳ ଏବଂ ସହର ସାରା ଧୂଆଁମୟ ହୋଇ ରହିଛି। ଏହା ସହିତ ଜନ ସାଧାରଣ ଆଖିରେ ଜଳନ ସୃଷ୍ଟି ହୋଇଛି। ଏଥି ସହିତ ଜନ ସାଧାରଣ ଅସ୍ତବ୍ୟସ୍ତ ହୋଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଗୁଡିକରେ ବିଭିନ୍ନ ପ୍ରକାରର ଜୀବଜନ୍ତୁ ରହି ଆସୁଛନ୍ତି। ନିଆଁ ଲାଗିବା ଫଳରେ ଜୀବଜନ୍ତୁମାନେ ନିକଟରେ ଥିବା ଗ୍ରାମାଞ୍ଚଳ ମୁହାଁ ଦେଉଛନ୍ତି।ଜଙ୍ଗଲରେ ମୂଲ୍ୟବାନ ଗଛଲତା ଗୁଡ଼ିକ ନିଆଁରେ ପୋଡ଼ି ଧ୍ୱଂସ ହୋଇଯାଉଛି। ଏହି ସମୟରେ କେନ୍ଦୁପତ୍ର ଓ ମହୁଲଫୁଲ ସଂଗ୍ରହ କରିବା ପାଇଁ ଦୁର୍ବୃତ୍ତମାନେ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ଜଣାପଡ଼ିଛି। ବନବିଭାଗ ପକ୍ଷରୁ ଗ୍ରାମାଞ୍ଚଳ ମାନଙ୍କରେ ଜନସାଧାରଣଙ୍କୁ ଜଙ୍ଗଲକୁ ନିଆଁଦାଉରୁ ରକ୍ଷା କରିବା ପାଇଁ ଅଧିକ ସଚେତନତା ଆବଶ୍ୟକ ରହିଛି। ବନ ବିଭାଗ କର୍ମଚାରୀମାନେ ନିଆଁକୁ ଆୟତ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି।

### ବରଗଡ଼ର ଛାତ୍ରଛାତ୍ରୀଙ୍କ ବିଧାନସଭା ପରିଦର୍ଶନ

## ବାଚସ୍ପତି, ବିଧାୟକଙ୍କ ସହ ବିତାଇଲେ ସ୍ମରଣୀୟ ମୁହୂର୍ତ୍ତ

**ବରଗଡ଼, ୧୩। ୩(ସମିସ):** ବରଗଡ଼ ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟର ଇତିହାସ ବିଭାଗର ଛାତ୍ରଛାତ୍ରୀମାନେ ଓଡ଼ିଶା ବିଧାନସଭା ପରିଦର୍ଶନ କରି ଏକ ନୂତନ ଅଧ୍ୟାୟର ଅନୁଭବ ସାଉଁଟିଛନ୍ତି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିଦର୍ଶନ ସମୟରେ ଛାତ୍ରଛାତ୍ରୀମାନେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏବଂ ଉପବାଚସ୍ପତିଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ବାଚସ୍ପତି ଛାତ୍ରଛାତ୍ରୀମାନଙ୍କ ସହ ସମୟ ଅତିବାହିତ କରିବା ସହ ସେମାନଙ୍କୁ ଦେଶ ଗଠନରେ ଯୁବପିଢ଼ିର ଭୂମିକା ବିଷୟରେ ବୁଝାଇ ଉତ୍ସାହିତ କରିଥିଲେ। ବିଧାନସଭାର ଭବ୍ୟ ପ୍ରାଙ୍ଗଣ ସମ୍ମୁଖରେ ବାଚସ୍ପତି, ଉପବାଚସ୍ପତି ଏବଂ ବିଧାୟକଙ୍କ ସହ ଛାତ୍ରଛାତ୍ରୀମାନେ ଫଟୋ



ଉଠାଇ ଦିନକୁ ସ୍ମରଣୀୟ କରିଥିଲେ। ଏହି ସମୟରେ ବିଧାନସଭାର ଗୃହ କାର୍ଯ୍ୟ ଏବଂ ସାମ୍ବିଧାନିକ ବ୍ୟବସ୍ଥା ବିଷୟରେ ପିଲାମାନେ ଗଭୀର ଧାରଣା ପାଇଛନ୍ତି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶାସନ ଓ ପ୍ରଶାସନ ପ୍ରତି ଆଗ୍ରହ ସୃଷ୍ଟି କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଟି ଏଫ୍ କଲେଜ ଅଧ୍ୟାପକ ଅଶୋକ ବେହେରା ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ବରଗଡ଼ରୁ ଭୁବନେଶ୍ୱର ଯାଇଥିଲେ। ଆଜିର ଏହି କାର୍ଯ୍ୟକ୍ରମ ସବୁଦିନ ପାଇଁ ମନେ ରହିବ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି।

## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର



**ସମ୍ବଲପୁର, ୧୩।୩(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସପ୍ତ ଦିବସୀୟ ଜାତୀୟ ସଂହତି ଶିବିର ଆୟୋଜିତ ହୋଇଛି। ଷଷ୍ଠ ଦିବସରେ ରାଜ୍ୟ ଜାତୀୟ ସେବା ଯୋଜନା ପ୍ରଯୋଜନାରେ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସେଲ ପକ୍ଷରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ସମ୍ବଲପୁର ନେଲସନ ମଣ୍ଡେଲା ଛକରୁ ସମଲେଇ ମନ୍ଦିର ପର୍ଯ୍ୟନ୍ତ ହୋଇଥିଲା। ଶୋଭାଯାତ୍ରାକୁ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ସ୍ୱେଚ୍ଛାସେବୀ ମାନେ ନିଜନିଜ ରାଜ୍ୟର ବେଶ ପୋଷାକ ସହ ସାମିଲ ହୋଇଥିଲେ। ପରେ ସମଲେଇ ମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର, ହୀରାକୁଦ ନଦୀବନ୍ଧ ପରିଭ୍ରମଣ କରାଯାଇଥିଲା। ସନ୍ଧ୍ୟା ସମୟରେ ବିଶ୍ୱବିଦ୍ୟାଳୟ ପରିସରରେ କ୍ୟାମ୍ପ ଫାୟାର ଅନୁଷ୍ଠିତ ହୋଇଥିଲା।

## ବିଶ୍ୱ ନାଟ୍ୟ ଦିବସରେ ସମ୍ବର୍ଦ୍ଧିତ ହେବେ କନକଲତା ଓ ଅଶୋକ

**ସମ୍ବଲପୁର, ୧୩।୩ (ସମିସ) :** ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ସମନ୍ୱୟ ସମିତି, 'ନାଟ ନାଟୁଆ' ପକ୍ଷରୁ ପ୍ରତିବର୍ଷ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଉଛି। ଚଳିତବର୍ଷ ମାର୍ଚ୍ଚ ୨୭ ତାରିଖରେ ଅନୁଷ୍ଠାନ ପକ୍ଷରୁ ଏହି ଉତ୍ସବ ପାଳନ ଅବସରରେ ନାଟକ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ନାଟ୍ୟ ଅଭିନେତ୍ରୀ କନକଲତା ମହାନ୍ତି (ଡଲି) ଙ୍କୁ 'ନାଟ୍ୟ ଭବଭୁତି ସମ୍ମାନ' ଏବଂ ମଞ୍ଚସଜ୍ଜା ଶିଳ୍ପୀ, ନାଟ୍ୟ ସଂଗଠକ ତଥା ଅଭିନେତା ଅଶୋକ କୁମାର ମିଶ୍ରଙ୍କୁ 'ନାଟ୍ ନାଟୁଆ' ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ସମନ୍ୱୟ ସମିତି ପକ୍ଷରୁ ସଂଯୋଜକ ସୂର୍ଯ୍ୟ କୁମାର ପାଣିଗ୍ରାହୀ, ଯୁଗ୍ମ ସଂଯୋଜକ ବିରୁପାକ୍ଷ ପ୍ରଧାନ ଓ ଅତୀଶ କୁମାର ଶତପଥୀ ଏକ ପ୍ରେସ ବିବୃତିରେ ସୂଚନା ପ୍ରଦାନ କରିଛନ୍ତି।





## କୁଚିଣ୍ଡା ଲ୍ୟାମ୍ପର ବାର୍ଷିକ ସାଧାରଣ ସଭା

**କୁଚିଣ୍ଡା, ୧୩।୩(ସମିସ):** କୁଚିଣ୍ଡା ଲ୍ୟାମ୍ପର ବାର୍ଷିକ ସାଧାରଣ ସଭା ଶୁକ୍ରବାର ଦିନ ତେଲିତିଲେଇମାଲ( ଧୋବାପଡ଼ା)ଠାରେ ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପର ସଭାପତି ନବୀନ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୁଚିଣ୍ଡା ଏସଆରସିଏଏସ୍ ମନୋଜ ମହନ୍ତ ଏବଂ ମଙ୍ଗଳ ମୁର୍ମୁ, ଜିଲ୍ଲା ପରିଷଦ ସଦସ୍ୟ ଦିବ୍ୟରାଜ କିସାନ, କୁଚିଣ୍ଡା ସମବାୟ ବ୍ୟାଙ୍କର ଶାଖା ପ୍ରବନ୍ଧକ ମିଳନ କୁଜୁର, ଲ୍ୟାମ୍ପର ଏମଡି କୁମୋଦ ପ୍ରଧାନ, ନିର୍ଦ୍ଦେଶକ ତରଣିକାନ୍ତ ମିଶ୍ର ଏବଂ ସୁବ୍ରତ ପଟେଲ, ସାମ୍ବାଦିକ ଗଗନ ଶର୍ମା ପ୍ରମୁଖ ଅତିଥି ଗଣ ମଞ୍ଚାସୀନ ଥିଲେ। ସଭାରେ ପ୍ରଥମେ ଏମଡି କୁମୋଦ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିବା ସହ ଗତ ଆର୍ଥିକ ବର୍ଷରେ ଆୟବ୍ୟୟର ବିବରଣୀ ଦେଇଥିଲେ। ସଭାରେ ଉପସ୍ଥିତ ଅତିଥିମାନେ ଚାଷୀମାନଙ୍କୁ ଗ୍ରାମରେ ଥିବା ସାହୁକାର କିମ୍ବା ମହାଜନଙ୍କ ଋଣ ଜାଲରେ ନ ପଡ଼ି ଲ୍ୟାମ୍ପରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ନେଇ ଚାଷ କାମରେ ଲଗାଇ ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ଋଣ ନେଇଥିବା ଚାଷୀମାନେ ସଠିକ ସମୟରେ ଋଣ ପରିଶୋଧ କରନ୍ତୁ, ଏହା ଦ୍ୱାରା ଲ୍ୟାମ୍ପର ଆର୍ଥିକ ଅବସ୍ଥା ସୁଦୃଢ଼ ହେବ ବୋଲି କହିଥିଲେ। ଏହି ସଭାରେ କିଛି ଚାଷୀ ଗତ ୨୦୨୨-୨୦୨୩ ମଃରେ କୁଚିଣ୍ଡା ଲ୍ୟାମ୍ପ ଜରିଆରେ ଧାନ ଚାଷର ବୀମା କରିଥିଲେ ମଧ୍ୟ ତାଙ୍କୁ ମରୁଡ଼ି ଜନିତ ବୀମା ଟଙ୍କା ମିଳି ନ ଥିବା ଅଭିଯୋଗ କରି ସମାଧାନ କରିବା ପାଇଁ ଦାବି କରିଥିଲେ। ଶେଷରେ ଲ୍ୟାମ୍ପ କର୍ମଚାରୀ ସରୋଜ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଆୟୋଜନରେ ଲ୍ୟାମ୍ପର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗସଙ୍ଗମ' ଉଦ୍‌ଯାପିତ

# ଚିତ୍ରୋତ୍ପଳାର କାହାଣୀ 'ଅନୋମାର କନ୍ୟା'

**ସମ୍ବଲପୁର, ୧୩।୩ (ସମିସ)**

ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ, ସମ୍ବଲପୁର ସହଯୋଗରେ ପାଞ୍ଚଦିନିଆ ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ' ଆଜି ଉଦ୍‌ଯାପିତ ହୋଇଯାଇଛି। ପାଞ୍ଚଦିନିଆ ରାଜ୍ୟସ୍ତରୀୟ ନାଟକ ଉତ୍ସବ ଆୟୋଜନରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ସଭ୍ୟ ପ୍ରଦୀପ କୁମାର ପଣ୍ଡା ଓ କାର୍ଯ୍ୟନିର୍ବାହୀ ସଦସ୍ୟ ରଞ୍ଜନ ସାହୁଙ୍କ ସମେତ ସମ୍ବଲପୁରର ସମସ୍ତ ନାଟ୍ୟ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅକୁଣ୍ଠ ସହଯୋଗ କରିଥିଲେ। ଏହି ଅବସରରେ ପ୍ରତିଦିନ ନାଟକ ଆରମ୍ଭ ହେବାପୂର୍ବରୁ ନାଟ୍ୟବିତ୍, ନାଟ୍ୟକାର ଏବଂ ନାଟ୍ୟ ସଂଗଠକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଆଜି ଶେଷ ରଜନୀରେ ଅଭିନୀତ ହୋଇଥିଲା ନାଟକ 'ଅନୋମାର କନ୍ୟା'। ଅନୋମା ମହାନଦୀର ପ୍ରାଗ୍‌ଐତିହାସିକ ନାମ। ଏହାର ଶାଖା ଚିତ୍ରୋତ୍ପଳା। ଅନୋମାର କନ୍ୟା ଚିତ୍ରୋତ୍ପଳା ଏହି ନାଟକର ନାୟିକା। ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଆଲାର କଲାମ ନାମରେ ଜଣେ ଋଷି ଥିଲେ କଳିଙ୍ଗରେ। ସେ ଋଷି ଭଗବାନ ବୁଦ୍ଧଙ୍କ ଆଦ୍ୟଗୁରୁ। ସେଇ ବଂଶରେ ଜନ୍ମିତ ରଘୁନାଥ କଲାମ ଏ ନାଟକର ମୁଖ୍ୟ ଚରିତ୍ର। ଘର ତାଙ୍କର ଚିତ୍ରୋତ୍ପଳା ନଦୀ କୂଳରେ କେଶନଗର ବା କେଶପୁର। ତାଙ୍କ ଘର କାନ୍ଥରେ ଗୋଟାଏ ପୁରୁଣା ଛବି ଅଙ୍କା ହେଇଥିଲା ଯେଉଁଥିରେ ଜଣେ ରଜାପୁଅ ଲଣ୍ଡା ହେଉଛି।



ନିଜେ ନିଜେ କାଟି ପକାଉଛି ମୁଣ୍ଡ ବାଳକୁ ଗୋଟାଏ ଖଣ୍ଡାରେ। କୁହାଯାଏ ସେ ରାଜପୁତ୍ର ଥିଲେ ଗୌତମ ବୁଦ୍ଧ। ସେ ଘରର ମାଟିତଳେ ଥିବା ଅମୂଲ୍ୟ ରତ୍ନ ସେ ଖୋଜୁଥିଲେ ଅନେକ ଦିନଧରି। ସେତେବେଳେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟ। ଭାରତ ଇଂରେଜମାନଙ୍କ ଅଧୀନରେ। ରଘୁନାଥ କଲାମ ନିଜର ଘର ପଛପଟେ ସୁଡ଼ଙ୍ଗ ତଳେ ବୁଦ୍ଧଦେବଙ୍କ ଦେହାବଶେଷ ଖୋଜୁଖୋଜୁ ବୌଦ୍ଧଭିକ୍ଷୁ କାଜ୍ୟକୟୋଦାଙ୍କୁ ଆବିଷ୍କାର କରନ୍ତି। ଏଭଳି ଏକ ଐତିହାସିକ କଥାବସ୍ତୁକୁ ନେଇ ଆଜିର ନାଟକ ଆରୋହଣ, ଭୁବନେଶ୍ୱର ପକ୍ଷରୁ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ମୂଳ ଉପନ୍ୟାସ, ଡ. ଶୈଳେଶ୍ୱର ନନ୍ଦ ନାଟ୍ୟରୂପ ଓ ରଚନା ଏବଂ ପ୍ରୀତିରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ କରାଯାଇଥିଲା।

ସକାଳ
THE SAKALA



# ସମ୍ପାଦକୀୟ



ଆଇନର ତର୍ଜମାରେ ଅନିଶ୍ଚିତତା ରହିଲେ ଓକିଲ ମାନଙ୍କର କ୍ଷମତା ପରିସର ସୃଷ୍ଟି ହୁଏ ।
-ଜେରେମି ବେନ୍ଥାମ

## ଟ୍ରମ୍ପଙ୍କ ଅହଂକାରକୁ ଧକ୍କା

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଏଥି ମଧ୍ୟରେ ୧୩ ଦିନ ଅତିକ୍ରମ କରିଛି । ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନ ତାହାର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମନେଇ ଓ ପ୍ରମୁଖ ସାମରିକ କର୍ତ୍ତୃପକ୍ଷଙ୍କୁ ହରାଇଛି । ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ ଇରାନ ହତୋତ୍ସାହିତ ହୋଇନାହିଁ । ବରଂ ସଫଳ ରଣନୀତି ମାଧ୍ୟମରେ ତେହେରାନ ଆରବ ରାଷ୍ଟ୍ରରେ ଥିବା ଆମେରିକାର ୧୭ଟି ସାମରିକ କେନ୍ଦ୍ର ଉପରେ କ୍ରମାଗତ ପ୍ରହାର କରି ସହଯୋଗୀଙ୍କ ଶକ୍ତି ଓ ସାମର୍ଥ୍ୟକୁ ଧ୍ୱଂସ କରିଛି । ଆରବ ରାଷ୍ଟ୍ର ସମୂହ ଅସୁରକ୍ଷିତ ଅବସ୍ଥାରେ ଇରାନକୁ ସମର୍ଥନ ଦେବାକୁ ବାଧ୍ୟ ହୋଇଛନ୍ତି । ଇରାନ ରଣନୀତିର ଅନ୍ୟ ଏକ ଦିଗ ହେଲା, ଆମେରିକା ଓ ଇସ୍ରାଏଲର ଏୟାର ଡିଫେନ୍ସ ସିଷ୍ଟମକୁ ଡ୍ରୋନ ଓ କ୍ଷେପଣାସ୍ତ୍ର ମାଧ୍ୟମରେ ଅଚଳ କରି ନିଜର ଆକ୍ରମଣ କ୍ଷମତା ବଢ଼ାଇବା । ଅନ୍ୟ ପକ୍ଷରେ କ୍ରମାଗତ ବୋମାମାଡରେ ମଧ୍ୟ ଇରାନର ବିସ୍ତୃତ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି ଓ ୧୩ ଶହରୁ ଉର୍ଦ୍ଧ୍ୱ ପ୍ରାଣ ହରାଇଛନ୍ତି । ଏହା ତାଙ୍କୁ ଦୁର୍ବଳ କରିବା ପରିବର୍ତ୍ତେ ପ୍ରତିଶୋଧ ପରାୟଣତାକୁ ଉଜ୍ଜିବିତ କରିଛି । ଏହି ସୁଚିନ୍ତିତ ରଣନୀତି ମାଧ୍ୟମରେ ଇସ୍ରାଏଲ ଉପରେ ଆକ୍ରମଣ କ୍ଷମତା ବୃଦ୍ଧି ପାଇଛି ଇରାନର ।

ସମଗ୍ର ମଧ୍ୟପ୍ରାଚ୍ୟ ଏହି ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ନ ହେଲେ ମଧ୍ୟ କ୍ରମାଗତ ଡ୍ରୋନ ଓ କ୍ଷେପଣାସ୍ତ୍ର ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି । ଫଳରେ ତୈଳ ଓ ଇନ୍ଧନ ଗ୍ୟାସ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି । ଏହି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଚୁକ୍ତି ଅନୁଯାୟୀ ବିଭିନ୍ନ ରାଷ୍ଟ୍ରକୁ ତୈଳ ରପ୍ତାନି ଜାରି ରଖିବା ସକାଶେ ହୋଇଥିବା ଉଦ୍ୟମ ବାଧାପ୍ରାପ୍ତ ହୋଇଛି । ବିଶେଷ କରି ହୁର୍ମୁଜ ପ୍ରଣାଳୀ ଦେଇ ପଣ୍ୟବାହୀ ଜାହାଜ ଚଳାଚଳ ଉପରେ ଇରାନ କେବଳ କଟକଣା ପ୍ରୟୋଗ କରିନାହିଁ ଏହି ସମୁଦ୍ର ପଥରେ ମାଇନ ବିଛାଇଥିବାରୁ ପରିସ୍ଥିତି ଦିନକୁ ଦିନ ଅଧିକ ଜଟିଳ ହୋଇଛି । ତୈଳ ଓ ଏଲ୍ଏନ୍ଜି ଗ୍ୟାସ ଉପରେ ନିର୍ଭରଶୀଳ ରାଷ୍ଟ୍ରଙ୍କ ସ୍ଥିତି ଦୋହଲିବା ଆରମ୍ଭ କରିଛି । ଏକ୍ଷେତ୍ରରେ ଆମେରିକାର ହସ୍ତକ୍ଷେପ ଉଦ୍ୟମ ମଧ୍ୟ ବିଶେଷ ଫଳପ୍ରଦ ହୋଇନାହିଁ । ଏହି ପରିସ୍ଥିତି ବିଶ୍ୱ ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇଛି । ସଫଳ ରଣନୀତି କେବଳ ହୁର୍ମୁଜ ପ୍ରଣାଳୀରେ ସୀମିତ ରହିନାହିଁ । ସୁଏଜ କେନାଲ ଓ ଲୋହିତ ସାଗର ଜଳପଥ ଉପରେ ହୁତି ମାଧ୍ୟମରେ କଟକଣା ପ୍ରୟୋଗ ପାଇଁ ଇରାନ ଯୋଜନା ପ୍ରସ୍ତୁତ କରିଛି । ଏହି ପ୍ରତିକୂଳ ପରିସ୍ଥିତିରେ ବ୍ୟାରେଲ ପିଛା ତୈଳ ଦର ୨୦୦ ଡଲାର ଅତିକ୍ରମ କରିବ ବୋଲି ଚେତାବନୀ ଶୁଣାଇଛି ତେହେରାନ । ଏଥିମଧ୍ୟରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଇରାନ ପ୍ରତିପକ୍ଷଙ୍କ ସହ ଭାରତରେ ତୈଳ ସଂକଟ ସଂପର୍କରେ ଆଲୋଚନା କରିଛନ୍ତି । ହାର୍ମୁଜ ପ୍ରଣାଳୀ ଦେଇ ଭାରତକୁ ତୈଳବାହୀ ଜାହାଜ ଯାତାୟାତ ସକାଶେ ନିରାପଦ ସୁଯୋଗ ସୃଷ୍ଟି କରିବାକୁ ତେହେରାନ ରାଜି ହୋଇଥିବା ପ୍ରକାଶ । ଏଥି ମଧ୍ୟରେ ପୁଷ୍ପକ ଓ ପରିମଳ ଜାହାଜ ଖାଡ଼ି ଅଞ୍ଚଳ ଅତିକ୍ରମ କରିଛି ବୋଲି ସୂତ୍ରକୁ ଉଦ୍ଧାର କରି ଯାହା କୁହାଯାଉଛି, ଏହା ପଛରେ କେତେ ସତ୍ୟତା ଅଛି ତାହା ମଧ୍ୟ ଅସ୍ପଷ୍ଟ ।

ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହେଲେ ମଧ୍ୟ ତେହେରାନ ସାଲିସ ବିହୀନ ସଂଗ୍ରାମ ଜାରି ରଖିଛି । ଇସ୍ରାଏଲକୁ ନିଶ୍ଚିହ୍ନ କରିବା ସକାଶେ ସତେ ଯେପରି ବଜ୍ର ଶପଥ ନେଇଛି ଇରାନ । ନିର୍ବାଧାରେ ଲକ୍ଷ୍ୟ ଭିତ୍ତିକ ଆକ୍ରମଣ ସକାଶେ ସୃଷ୍ଟି ହୋଇଥିବା ସୁଯୋଗକୁ ଦୃଷ୍ଟିରେ ରଖି କ୍ରମାଗତ କ୍ଷେପଣାସ୍ତ୍ର ମାଡ ଆରମ୍ଭ ହୋଇଯାଇଛି । ଏକ ବେସରକାରୀ ତଥ୍ୟରୁ ପ୍ରକାଶ ଯେ ୯ ହଜାରରୁ ଉର୍ଦ୍ଧ୍ୱ ଡ୍ରୋନ ଓ କ୍ଷେପଣାସ୍ତ୍ର ମାଡ କରିଛି ଇରାନ । ୬ ହଜାରରୁ ଉର୍ଦ୍ଧ୍ୱ ପ୍ରାସାଦ ଇସ୍ରାଏଲର ଧ୍ୱଂସ ହୋଇଛି । ଏଥିରୁ ସହଜରେ ଅନୁମାନ କରାଯାଇପାରେ କି ମୃତାହତଙ୍କ ସଂଖ୍ୟା କେତେ ହୋଇପାରେ । ଇସ୍ରାଏଲର କ୍ଷୟକ୍ଷତି ଖବରକୁ ସରକାର କଟକଣା ମାଧ୍ୟମରେ ଗୋପନ ରଖିଥିବାରୁ ପ୍ରକୃତ ଚିତ୍ର ସାମ୍ନାକୁ ଆସିପାରୁନାହିଁ । ତେବେ ମେଡିକାଲ ସୂତ୍ରରୁ ପ୍ରକାଶ ଯେ ୨୩୦୦ ଆହତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଏହାଛଡ଼ା ସରକାରୀ ଉଦ୍ୟୋଗ ଓ ପ୍ରତିରକ୍ଷା କେନ୍ଦ୍ରର କ୍ଷୟକ୍ଷତିର ସ୍ପଷ୍ଟ ଚିତ୍ର ମିଳିନାହିଁ । ଏକଥା ସତ୍ୟ ଯେ ତେଲଆଭିଭ୍ ଓ ଜେରୁଜେଲମ ପରିସ୍ଥିତି ଅଣାୟତ୍ତ ହୋଇପଡିଥିବାରୁ ଦେଶଛାଡି ଚାଲିଯିବା ସକାଶେ ବିମାନ କେନ୍ଦ୍ରରେ ସାଧାରଣ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ବିମାନ ଚଳାଚଳ ବନ୍ଦ ରହିଥିବାରୁ ଉତ୍ତ୍ୟକ୍ତ ଲୋକେ ନେତାନ୍ୟାହୁଙ୍କ ନେତୃତ୍ୱ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ଅନ୍ୟପକ୍ଷରେ ଲେବାନନ୍‌ରୁ ହେଜବୋଲ୍ଲା ପକ୍ଷରୁ ମଧ୍ୟ ଇସ୍ରାଏଲର ଉତ୍ତରାଞ୍ଚଳ ଉପରେ କ୍ରମାଗତ କ୍ଷେପଣାସ୍ତ୍ର ଓ ରକେଟ ମାଡ଼ ଜାରି ରହିଛି । ଏହି ଦୋହରା ଆକ୍ରମଣରେ ପରିସ୍ଥିତି ଦିନକୁ ଦିନ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି । ଇସ୍ରାଏଲରେ ହେବାକୁ ଥିବା ଅକ୍ଟୋବର ନିର୍ବାଚନରେ ସଫଳତା ହାସଲ ପାଇଁ ଇରାନ ବିଜୟ ଥିଲା ନେତାନ୍ୟାହୁଙ୍କ ଯୋଜନାର ମୁଖ୍ୟ ଲକ୍ଷ୍ୟ । ହେଲେ ପରିସ୍ଥିତି ତାଙ୍କ ସପକ୍ଷରେ ନଥିବାରୁ ମର୍ଯ୍ୟାଦାର ସହ କିପରି ଯୁଦ୍ଧ ବିରାମ ହୋଇପାରିବ ସେ ନେଇ ଟ୍ରମ୍ପଙ୍କ ସହ ସେ ବିଚାର ବିମର୍ଷ କରିଛନ୍ତି ।

ପ୍ରତିପକ୍ଷର ଶକ୍ତି, ସାମର୍ଥ୍ୟ ଓ ଯୁଦ୍ଧ ଲଢ଼ିବା କ୍ଷମତାକୁ ଠିକଣା ଭାବେ ଆକଳନ ନ କରି ହଠାତ୍ ଆକ୍ରମଣକୁ ଓହ୍ଲାଇ ପଡ଼ିବା ଉଭୟ ଇସ୍ରାଏଲ ଓ ଆମେରିକା ପାଇଁ ବିପଜ୍ଜନକ ହୋଇ ପଡିଛି । ଉଭୟ ଦେଶ ବିପୁଳ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ଟ୍ରମ୍ପଙ୍କ ନେତୃତ୍ୱ ବିରୋଧରେ ମଧ୍ୟ ଆମେରିକାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ତାଙ୍କ ଲୋକପ୍ରିୟତା ହାର କ୍ରମାଗତ ହ୍ରାସ ପାଇଥିବା ବେଳେ ବଜାର ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି । ଦୁଇ ଦେଶର ନେତାଙ୍କ ପାଇଁ ଏହି ଯୁଦ୍ଧ ମର୍ଯ୍ୟାଦା ପ୍ରସଙ୍ଗ ହୋଇଥିବାରୁ ସେମାନେ କିଭଳି ସସମ୍ମାନେ ଇରାନକୁ ଯୁଦ୍ଧରୁ ନିବୃତ୍ତ କରାଇବେ ସେ ନେଇ ଯୋଜନା ପ୍ରସ୍ତୁତ କରିଛନ୍ତି । ଆମେରିକା ପକ୍ଷରୁ ତୁର୍କୀ, ଇଜିପ୍ଟ, ଓମାନ ଓ ପାକିସ୍ତାନ ଏହା ମଧ୍ୟରେ ଇରାନ ସହ ଯୋଗାଯୋଗ ଆରମ୍ଭ କରିଛନ୍ତି । ନିଜର ସର୍ବୋଚ୍ଚ ନେତାଙ୍କୁ ହରାଇବା ସହ ବିପୁଳ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଇରାନ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବା ସକାଶେ ବଦ୍ଧପରିକର । ତେଣୁ ଇରାନ ପକ୍ଷରୁ ଯୁଦ୍ଧର କ୍ଷୟକ୍ଷତି ଭରଣା ଦାବି କରାଯିବା ସହ ସବୁଦିନ ସକାଶେ ଏହି ଯୁଦ୍ଧ ଘନଘଟା ବନ୍ଦ କରିବା ପାଇଁ ଆମେରିକୀୟ ସିନେଟ ଅନୁମୋଦିତ ନିଷ୍ପତ୍ତି ସର୍ବୋପରି ତେହେରାନର ପରମାଣୁ କାର୍ଯ୍ୟକ୍ରମକୁ କଟକଣା ମୁକ୍ତ ସକାଶେ ସର୍ତ୍ତ ଉପସ୍ଥାପନ କରିଛି । ଏହି କଠୋର ସର୍ତ୍ତକୁ ଆମେରିକା ଓ ଇସ୍ରାଏଲ କେତେଦୂର ଗ୍ରହଣ କରିବେ ତାହା ନେଇ ବିଭିନ୍ନ ମହଲରେ ସନ୍ଦେହ ଦୃଢ଼ୀଭୂତ ହୋଇଛି ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିସ୍ଥିତି କ୍ରମେ ନିୟନ୍ତ୍ରଣ ବାହାରକୁ ଯାଉଥିବା ବଳେ ଆକ୍ରମଣକାରୀ ଆମେରିକା ଓ ଇସ୍ରାଏଲକୁ ସମଗ୍ର ବିଶ୍ୱରେ ଯେଉଁ ଆର୍ଥିକ ସଂକଟ ସୃଷ୍ଟି ହୋଇଛି ସେଥିପାଇଁ ଦାୟୀ କରାଯାଇଛି । ଏଠାରେ ଉଲ୍ଲେଖ କରାଯାଇପାରେ କି ୨୦୨୫ ଜୁନ୍‌ରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା । ୧୨ ଦିନର ଯୁଦ୍ଧ ପରେ ଇରାନର ପରମାଣୁ କେନ୍ଦ୍ର ଧ୍ୱଂସ କରିଛି ଦାବି କରି ଟ୍ରମ୍ପ ନିଜଆଡ଼ୁ ଯୁଦ୍ଧ ବିରାମ ଘୋଷଣା କରିଥିଲେ । ଏବେ କିନ୍ତୁ ସ୍ଥିତି ଭିନ୍ନ, ଇରାନର ରଣନୀତି ନିକଟରେ ଦୁଇନେତା ଏକ ପ୍ରକାର ହାର ମାନିଛନ୍ତି କହିଲେ ଭୁଲ୍ ହେବ ନାହିଁ ।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ଧ୍ୱଂସର ଦ୍ୱାରଦେଶରେ ମାନବିକତା

**ସମଗ୍ର ପଶ୍ଚିମ ଏସିଆ ଏବେ ଏକ ରକ୍ତାକ୍ତ ସଂଗ୍ରାମର ଭୂମିରେ ପରିଣତ ହୋଇଛି । ଏହି ଯୁଦ୍ଧର ପରିଣାମ ସ୍ୱରୂପ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍ମୁଜ୍ ପ୍ରଣାଳୀ (Strait of Hormuz) ଅବରୋଧ ହେବା ଫଳରେ ବିଶ୍ୱ ବାଣିଜ୍ୟ ଓ ଶକ୍ତି ଯୋଗାଣ ବ୍ୟାହତ ହୋଇଛି, ଯାହା ବିଶ୍ୱ ଅର୍ଥନୀତିକୁ ଏକ ଅସ୍ଥିର ଓ ଦୁର୍ଭିକ୍ଷଜନ୍ୟ ପରିସ୍ଥିତି ଆଡ଼କୁ ଠେଲି ଦେଇଛି**



**ଓମ୍ ପ୍ରକାଶ ଦଳାଇ**

ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ସଂଘଟିତ ଏହି ଇରାନ-ଇସ୍ରାଏଲ-ଆମେରିକା ମହାସମର ବିଶ୍ୱ ଇତିହାସରେ ଏକ ସୁଦୂରପ୍ରସାରୀ ଓ ପ୍ରଳୟଙ୍କରୀ ଅଧ୍ୟାୟ ସୃଷ୍ଟି କରିଛି । ଏହି ସଂଘର୍ଷର ମୂଳବୀଜ ଇରାନର ଅପ୍ରତିହତ ପାରମାଣବିକ ସଶକ୍ତିକରଣ ଏବଂ ମଧ୍ୟ-ପ୍ରାଚ୍ୟରେ ନିଜର ଆଞ୍ଚଳିକ ପ୍ରାଧାନ୍ୟ ବିସ୍ତାର କରିବାର ଦୁର୍ବାର ଅଭିଳାଷ ମଧ୍ୟରେ ନିହିତ ଥିଲା । ଇସ୍ରାଏଲ ନିଜର ଜାତୀୟ ନିରାପତ୍ତା ଓ ଅସ୍ତିତ୍ୱ ରକ୍ଷା ପାଇଁ ଇରାନର ଗୁପ୍ତ ପାରମାଣବିକ ପ୍ରକଳ୍ପଗୁଡ଼ିକୁ ବିଧ୍ୱଂସ କରିବା ଲକ୍ଷ୍ୟରେ ଯେଉଁ ସାମରିକ ଅଭିଯାନ ଆରମ୍ଭ କଲା, ତାହା ଆମେରିକାର ପ୍ରତ୍ୟକ୍ଷ ସମର୍ଥନରେ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧର ରୂପ ଧାରଣ କରିଛି । ଇରାନର ରାଜନୈତିକ ଏବଂ ଆଦର୍ଶଗତ ଶୀର୍ଷ ନେତୃତ୍ୱଙ୍କ ବିନାଶ ଏହି ଅଗ୍ନିରେ ଘୃତ ସଦୃଶ କାର୍ଯ୍ୟ କରିଛି, ଯାହା ଫଳରେ ସମଗ୍ର ପଶ୍ଚିମ ଏସିଆ ଏବେ ଏକ ରକ୍ତାକ୍ତ ସଂଗ୍ରାମର ଭୂମିରେ ପରିଣତ ହୋଇଛି । ଏହି ଯୁଦ୍ଧର ପରିଣାମ ସ୍ୱରୂପ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍ମୁଜ୍ ପ୍ରଣାଳୀ (Strait of Hormuz) ଅବରୋଧ ହେବା ଫଳରେ ବିଶ୍ୱ ବାଣିଜ୍ୟ ଓ ଶକ୍ତି ଯୋଗାଣ ବ୍ୟାହତ ହୋଇଛି, ଯାହା ବିଶ୍ୱ ଅର୍ଥନୀତିକୁ ଏକ ଅସ୍ଥିର ଓ ଦୁର୍ଭିକ୍ଷଜନ୍ୟ ପରିସ୍ଥିତି ଆଡ଼କୁ ଠେଲି ଦେଇଛି । ଉଭୟ ପକ୍ଷରୁ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ରେ ଲକ୍ଷ ଲକ୍ଷ ସାଧାରଣ ଜୀବନ ବିପର୍ଯ୍ୟସ୍ତ ହୋଇଥିବାବେଳେ, ଏହା ଏକ ପାରମାଣବିକ ବିଭୀଷିକାର ଆଶଙ୍କାକୁ ବଢ଼ାଇ ଦେଇଛି । ଏହି ଯୁଦ୍ଧ କେବଳ ଭୂ-ଖଣ୍ଡର ସୀମା ନିର୍ଦ୍ଧାରଣ ପାଇଁ ନୁହେଁ; ବରଂ ବୈଶ୍ୱିକ କ୍ଷମତା ସନ୍ତୁଳନ ଓ ଆଦର୍ଶଗତ ସଂଘର୍ଷର ଏକ ଚରମ ପରିପ୍ରକାଶ, ଯାହା ବିଶ୍ୱ ଶାନ୍ତିକୁ ସମ୍ପୂର୍ଣ୍ଣ ରୂପେ ଭଣ୍ଡୁର କରିଦେଇଛି । ଏହି ତ୍ରିପାକ୍ଷିକ ମହାସମରର ଗମ୍ଭୀରତା କେବଳ ସୀମାନ୍ତରେ ସୀମିତ ନ ରହି, ଏହା ଏକ ବୈଶ୍ୱିକ ମାନବିକ ସଙ୍କଟ ଏବଂ ଅନ୍ତର୍ଜାତୀୟ ଅର୍ଥନୈତିକ ବିପର୍ଯ୍ୟୟର ରୂପ ଧାରଣ କରିଛି । ଇରାନର କଠୋରପନ୍ଥୀ ଶାସନ ବ୍ୟବସ୍ଥା ଓ ଇସ୍ରାଏଲର ଅପ୍ରତିହତ ସାମରିକ ପ୍ରତିକ୍ରିୟା ମଧ୍ୟରେ ଆମେରିକାର ସକ୍ରିୟ ସମ୍ପୃକ୍ତି ଏହି ସଂଘର୍ଷକୁ ଏକ ଆଦର୍ଶଗତ ଓ ସାମ୍ରାଜ୍ୟବାଦୀ ସଂଗ୍ରାମରେ ପରିଣତ କରିଛି । ଇରାନର ପାରମାଣବିକ ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ କରିବା ପାଇଁ ଇସ୍ରାଏଲ ଯେଉଁ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ଏବଂ ସାଇବର ଆକ୍ରମଣର ସହାୟତା ନେଇଛି, ତାହା ବିଶ୍ୱର ସମର କୌଶଳକୁ ଏକ ନୂତନ ଦିଗ ଦେଇଛି । ଏହାର ପ୍ରତିକ୍ରିୟାରେ ଇରାନ ପକ୍ଷରୁ ସମଗ୍ର ପାରସ୍ୟ ଉପସାଗରରେ ବିଛାଯାଇଥିବା ସାମୁଦ୍ରିକ ସୁଡ଼ଙ୍ଗ ଏବଂ ଆତ୍ମଘାତୀ ଡ୍ରୋନ୍ ସମଗ୍ର ବିଶ୍ୱର ଜଳପଥ ପରିବହନକୁ ସ୍ଥାଣୁ କରିଦେଇଛି । ଏହି ସାଂଘାତିକ ପରିସ୍ଥିତି ଯୋଗୁଁ ବିଶ୍ୱ ବଜାରରେ ଅଶୋଧିତ ତୈଳର ମୂଲ୍ୟରେ ଯେଉଁ ଅପ୍ରତ୍ୟାଶିତ ଅଭିବୃଦ୍ଧି ଘଟିଛି, ତାହା ବିକାଶଶୀଳ ରାଷ୍ଟ୍ରମାନଙ୍କର ଅର୍ଥନୈତିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଏହି ଯୁଦ୍ଧ କେବଳ ଶକ୍ତି ପ୍ରଦର୍ଶନର ମାଧ୍ୟମ ନୁହେଁ; ବରଂ ଏହା ଜାତିସଂଘର ଅକ୍ଷମତା ଏବଂ ବିଶ୍ୱ ଶାନ୍ତି ରକ୍ଷାକାରୀ ସଂସ୍ଥାଗୁଡ଼ିକର ବିଫଳତାକୁ ମଧ୍ୟ ପ୍ରତିପାଦିତ କରୁଛି । ଲକ୍ଷ ଲକ୍ଷ ଶରଣାର୍ଥୀଙ୍କ ପଳାୟନ ଏବଂ ପଡ଼ୋଶୀ ଆରବ ରାଷ୍ଟ୍ରଗୁଡ଼ିକର ରଣନୈତିକ ଦ୍ୱନ୍ଦ୍ୱ ସମଗ୍ର ମଧ୍ୟ-ପ୍ରାଚ୍ୟକୁ ଏକ ଅସ୍ଥିର ଅଗ୍ନିକୁଣ୍ଡରେ ପରିଣତ କରିଛି, ଯାହାର ପ୍ରଶମନ ପାଇଁ କୌଣସି କୂଟନୈତିକ ସମାଧାନ ବର୍ତ୍ତମାନ ସୁଦ୍ଧା ଦୃଶ୍ୟମାନ ହେଉନାହିଁ । ଏହାର ପରିସର ଏବେ କେବଳ ସ୍ଥଳଭାଗ କିମ୍ବା ଆକାଶମାର୍ଗରେ ସୀମିତ ନାହିଁ; ବରଂ ଏହା ଏକ ସାଇବର-ଇଲେକ୍ଟ୍ରୋନିକ ଯୁଦ୍ଧ (Cyber-Electronic Warfare)ର ଭୟଙ୍କର ରୂପ ଧାରଣ କରିଛି । ଇସ୍ରାଏଲର ଅତ୍ୟାଧୁନିକ ସାଇବର ଶକ୍ତି ଇରାନର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଓ ବିଦ୍ୟୁତ୍ ଗ୍ରୀଡ୍‌ସକୁ ଅଚଳ କରିଦେଇଥିବାବେଳେ, ପ୍ରତିବଦଳରେ ଇରାନ ଓ ତା'ର ସମର୍ଥିତ ସଂଗଠନଗୁଡ଼ିକ ବିଶ୍ୱର ବିଭିନ୍ନ ଆର୍ଥିକ ପ୍ରତିଷ୍ଠାନ ଉପରେ ଡିଜିଟାଲ୍ ଆକ୍ରମଣ ଜାରି ରଖିଛନ୍ତି । ଏହି ସଂଘର୍ଷରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଚାଳିତ ସ୍ୱୟଂଚାଳିତ ଡ୍ରୋନ୍ ବାହିନୀର ବ୍ୟବହାର ଯୁଦ୍ଧ କ୍ଷେତ୍ରକୁ ଅଧିକ ରକ୍ତାକ୍ତ ଓ ନିଷ୍ଠୁର କରିଦେଇଛି । ଆମେରିକାର ନୌସେନା ବାହିନୀ (Carrier Strike Groups) ପାରସ୍ୟ ଉପସାଗରରେ ମୁତୟନ ହେବା ପରେ ଏହା ଏକ ପ୍ରତ୍ୟକ୍ଷ ଆନ୍ତଃ-ମହାଦେଶୀୟ ସଂଘର୍ଷରେ ପରିଣତ ହୋଇଛି, ଯାହା ଚୀନ୍ ଏବଂ ରୁଷିଆ ଭଳି ମହାଶକ୍ତିମାନଙ୍କୁ ମଧ୍ୟ କୂଟନୈତିକ ସ୍ତରରେ ସକ୍ରିୟ ହେବାକୁ ବାଧ୍ୟ କରିଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇଥିବା ମାନବିକ ବିପର୍ଯ୍ୟୟ । ଇରାନର ପ୍ରମୁଖ ସହରଗୁଡ଼ିକରେ ଖାଦ୍ୟ ଓ ଔଷଧର ଘୋର ଅଭାବ ଦେଖାଦେଇଥିବା ବେଳେ, ଇସ୍ରାଏଲ ଉପରେ ହେଉଥିବା ନିରନ୍ତର କ୍ଷେପଣାସ୍ତ୍ର ବର୍ଷା ସାଧାରଣ ନାଗରିକଙ୍କ ଜୀବନକୁ ଅତିଷ୍ଠ କରିଦେଇଛି । ବିଶ୍ୱର ଯୋଗାଣ ଶୃଙ୍ଖଳ ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଥିବାରୁ, ବିଭିନ୍ନ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଛି । ଏହି ଯୁଦ୍ଧ କେବଳ ରାଜନୈତିକ ସୀମା ନିର୍ଦ୍ଧାରଣ ପାଇଁ ନୁହେଁ; ବରଂ ଏହା ଆଧୁନିକ ସଭ୍ୟତାକୁ ଏକ ଅନ୍ଧକାରମୟ ଭବିଷ୍ୟତ ଆଡ଼କୁ ଠେଲି ଦେଉଛି, ଯେଉଁଠାରେ ଶାନ୍ତି ପାଇଁ କୌଣସି ସ୍ଥାନ ନାହିଁ । ଏହା ବର୍ତ୍ତମାନ ସମଗ୍ର ପଶ୍ଚିମ ଏସିଆର ସୀମା ଅତିକ୍ରମ କରି ଏକ ବୈଶ୍ୱିକ ମହାପ୍ରଳୟର ରୂପ ଧାରଣ କରିଛି । ଇରାନର ଭୂଗର୍ଭସ୍ଥ ପାରମାଣବିକ ଗବେଷଣାଗାରଗୁଡ଼ିକ ଉପରେ ଇସ୍ରାଏଲର 'ବଙ୍କର୍-ବଷ୍ଟର୍' କ୍ଷେପଣାସ୍ତ୍ର ମାଡ଼ ହେବା ପରେ, ସମଗ୍ର ଅଞ୍ଚଳରେ ରାଡିଓ-ଆକ୍ଟିଭ୍ ବିକିରଣର ଆଶଙ୍କା ଘନୀଭୂତ ହୋଇଛି । ଏହାର ପ୍ରତିକ୍ରିୟାରେ ଇରାନ ନିଜର ଅପ୍ରତିହତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବାହିନୀକୁ ସକ୍ରିୟ କରି ତେଲ୍ ଆଭିଭ୍ ଏବଂ ହାଇଫା ଭଳି ସହରଗୁଡ଼ିକୁ ଧ୍ୱଂସସ୍ତୂପରେ ପରିଣତ କରିବାକୁ ପ୍ରୟାସ କରୁଛି । ଏହି ଯୁଦ୍ଧରେ ଆମେରିକାର ପଞ୍ଚମ ନୌବାହିନୀ (Fifth Fleet) ସିଧାସଳଖ ସମ୍ପୃକ୍ତ ହେବା ଫଳରେ ଏହା ଏକ ଆନ୍ତଃ-ମହାଦେଶୀୟ ସାମରିକ ସଂଘର୍ଷରେ ପରିଣତ ହୋଇଛି, ଯାହା ବିଶ୍ୱର ଶକ୍ତି ସନ୍ତୁଳନକୁ ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ କରିଦେଇଛି ।

ସବୁଠାରୁ ଭୟଙ୍କର ଦିଗ ହେଉଛି ଏହି ଯୁଦ୍ଧର ମାନବିକ ଏବଂ ପରିବେଶଗତ ପରିଣାମ । ଇରାନର ତୈଳ ସଂରକ୍ଷଣାଗାରଗୁଡ଼ିକରେ ଲାଗିଥିବା ନିଆଁ ଯୋଗୁଁ ଆକାଶ କଳାଧୂଆଁରେ ଆଚ୍ଛାଦିତ ହୋଇ ରହିଛି, ଯାହା ଏକ ପରିବେଶଗତ ବିପତ୍ତି ସୃଷ୍ଟି କରିଛି । ବିଶ୍ୱର ପ୍ରମୁଖ ଶକ୍ତିଗୁଡ଼ିକ ଯଥା ରୁଷିଆ ଏବଂ ଚୀନ୍‌ର ପରୋକ୍ଷ ସମର୍ଥନ ଇରାନ ପ୍ରତି ରହିଥିବାରୁ, ଏହା ଏକ ଶୀତଳ ଯୁଦ୍ଧରୁ ପୂର୍ଣ୍ଣାଙ୍ଗ ମହାଯୁଦ୍ଧ ଆଡ଼କୁ ଗତି କରୁଛି । ଲକ୍ଷ ଲକ୍ଷ ଶରଣାର୍ଥୀଙ୍କ ପଳାୟନ ଏବଂ ଅନ୍ତର୍ଜାତୀୟ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର କୃତ୍ରିମ ଅଭାବ ସାଧାରଣ ଜନଜୀବନକୁ ଅତିଷ୍ଠ କରିଦେଇଛି । ଏହି ଯୁଦ୍ଧ କେବଳ ଭୂଖଣ୍ଡ ଜୟ ପାଇଁ ନୁହେଁ; ବରଂ ଏହା ଏକ ପ୍ରଳୟଙ୍କରୀ ଅଧ୍ୟାୟ, ଯାହା ଆଧୁନିକ ସଭ୍ୟତାକୁ ଏକ ଅନିଶ୍ଚିତ ଅନ୍ଧକାର ଆଡ଼କୁ ଠେଲି ଦେଉଛି । ଏହି ଭୟଙ୍କର ତ୍ରିପାକ୍ଷିକ ସାମରିକ ସଂଘର୍ଷର ସ୍ଥାୟୀ ସମାଧାନ ପାଇଁ କେବଳ ଶକ୍ତି ପ୍ରଦର୍ଶନ ନୁହେଁ; ବରଂ ଏକ ଦୃଢ଼ ବହୁପାକ୍ଷିକ କୂଟନୈତିକ ହସ୍ତକ୍ଷେପ ଏବଂ ପାରସ୍ପରିକ ବୁଝାମଣାର ଆବଶ୍ୟକତା ରହିଛି । ପ୍ରଥମତଃ, ଜାତିସଂଘ ନିରାପତ୍ତା ପରିଷଦର ତତ୍ତ୍ୱାବଧାନରେ ଏକ ତୁରନ୍ତ ଅସ୍ତ୍ରବିରତି (Ceasefire) ଘୋଷଣା କରାଯାଇ ଉଭୟ ପକ୍ଷକୁ ଆଲୋଚନା ମେଜକୁ ଆଣିବାକୁ ହେବ, ଯେଉଁଠାରେ ଇରାନର ପାରମାଣବିକ କାର୍ଯ୍ୟକ୍ରମକୁ ଏକ ସ୍ୱଚ୍ଛ ଓ ଅନ୍ତର୍ଜାତୀୟ ନିରୀକ୍ଷଣ ବ୍ୟବସ୍ଥା ମଧ୍ୟରେ ସୀମିତ ରଖାଯିବ । ଏହାସହିତ, ଇସ୍ରାଏଲର ସୁରକ୍ଷା ସମ୍ପର୍କିତ ଅସ୍ତିତ୍ୱବାଦୀ ଆଶଙ୍କାକୁ ଦୂର କରିବା ପାଇଁ ଏକ ଆଞ୍ଚଳିକ ସୁରକ୍ଷା ଚୁକ୍ତି ସ୍ୱାକ୍ଷରିତ ହେବା ଆବଶ୍ୟକ, ଯାହା ମଧ୍ୟ-ପ୍ରାଚ୍ୟରେ ଏକ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ପରିବେଶ ସୃଷ୍ଟି କରିବ । ଭାରତ ଭଳି ଏକ ନିରପେକ୍ଷ ଓ ପ୍ରଭାବଶାଳୀ ରାଷ୍ଟ୍ର ଏହି ସଂଘର୍ଷରେ ମଧ୍ୟସ୍ଥ (Mediator) ଭାବେ କାର୍ଯ୍ୟ କରି ଉଭୟ ପଶ୍ଚିମା ଶକ୍ତି ଏବଂ ଇରାନ ମଧ୍ୟରେ ଥିବା ଆଦର୍ଶଗତ ବିଦ୍ୱେଷକୁ ପ୍ରଶମିତ କରିପାରିବ । ବିଶ୍ୱ ଅର୍ଥନୀତିକୁ ରକ୍ଷା କରିବା ପାଇଁ ହର୍ମୁଜ୍ ପ୍ରଣାଳୀ ଭଳି ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ଏକ 'ଯୁଦ୍ଧମୁକ୍ତ ଅଞ୍ଚଳ' ଭାବେ ଘୋଷଣା କରିବା ଏବଂ ମାନବିକ ସହାୟତା ପାଇଁ ସୀମା ଉନ୍ମୁକ୍ତ କରିବା ହିଁ ଏହି ମହାସଙ୍କଟର ଏକମାତ୍ର ମାନବୀୟ ସମାଧାନ ।

ଅର୍ଥନୈତିକ ଦୁର୍ଗତିର ଏକ ପ୍ରମୁଖ କାରଣ ସାଜିଥିବା ପେଟ୍ରୋଲ ଦରର ଅହେତୁକ ଅଭିବୃଦ୍ଧି ସାମ୍ପ୍ରତିକ ସମୟରେ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି । ଏହି ମୂଲ୍ୟବୃଦ୍ଧିର ପଶ୍ଚାତ୍‌ରେ ବିଶ୍ୱସ୍ତରୀୟ ଭୂ-ରାଜନୈତିକ ଅସ୍ଥିରତା ତଥା ରୁଷ-ୟୁକ୍ରେନ ପରି ଭୀଷଣ ସମର ସଂଘର୍ଷ ଏକ ମୁଖ୍ୟ ନିୟାମକ ଭାବେ ଉଭା ହୋଇଛି । ଯୁଦ୍ଧ ଜନିତ କାରଣରୁ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ଯୋଗାଣ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ କ୍ରୁଡ୍ ଅଏଲ୍‌ର ମୂଲ୍ୟରେ ଆକାଶଚୁମ୍ବୀ ବେଗରେ ସଂସ୍କାର ପରିଲକ୍ଷିତ ହେଉଛି । ଏଥିସହିତ ଡଲାର ତୁଳନାରେ ଭାରତୀୟ ମୁଦ୍ରାର କ୍ରମାଗତ ଅବମୂଲ୍ୟାୟନ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆରୋପିତ ଶୁଳ୍କ ଓ ଅବକାରୀ କରର ଭାରାକ୍ରାନ୍ତ ବୋଝ ଖାଉଟିଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରୁଛି । ପେଟ୍ରୋଲର ଏହି ସର୍ବଗ୍ରାସୀ ମୂଲ୍ୟବୃଦ୍ଧି କେବଳ ଗମନାଗମନ କ୍ଷେତ୍ରକୁ ପ୍ରଭାବିତ କରୁନାହିଁ; ବରଂ ପରିବହନ ବ୍ୟୟ ବୃଦ୍ଧି ମାଧ୍ୟମରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରକୁ ମଧ୍ୟ ସ୍ଫୀତ କରି ମଧ୍ୟବିତ୍ତ ଓ ନିମ୍ନବିତ୍ତ ବର୍ଗଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି । ସଂକ୍ଷେପରେ କହିବାକୁ ଗଲେ, ବୈଶ୍ୱିକ ଯୁଦ୍ଧର ବିଭୀଷିକା ଓ ଜଟିଳ ଅର୍ଥନୈତିକ ସମୀକରଣ ଯୋଗୁଁ ସୃଷ୍ଟ ଏହି ମୂଲ୍ୟବୃଦ୍ଧି ସାଧାରଣଜନତାଙ୍କ ପାଇଁ ଏକ "ନିରିଘାତ" ପ୍ରହାର ସଦୃଶ ହୋଇଛି ।

ପିରିଜି ପୁର,
ବ୍ଲକ୍: କୃଷ୍ଣପ୍ରସାଦ, ପୁରୀ
ମୋ: ୭୦୭୭୫୬୩୭୭୧

# ଗଞ୍ଜେଇ ନୀତି-ନିଷେଧ, ବାସ୍ତବତା ଓ ନୂଆ ଚର୍ଚ୍ଚା

**ସିତାଂଶୁ ଶେଖର ମିଶ୍ର**



ଭାରତରେ ଗଞ୍ଜେଇ (କ୍ୟାନାବିସ) ସମ୍ପର୍କିତ ନୀତି ଦୀର୍ଘଦିନ ଧରି ନିଷେଧମୂଳକ ରହିଆସିଛି । ମାଦକ ଦ୍ରବ୍ୟ ନିୟନ୍ତ୍ରଣ ଆଇନ ଅନୁଯାୟୀ ଗଞ୍ଜେଇର ଚାଷ, ବ୍ୟବହାର ଓ ବ୍ୟବସାୟ ଉପରେ କଡ଼ା କଟକଣା ରହିଛି । ସମାଜରେ ଏହାକୁ ଏକ ମାଦକ ଓ ଅହିତକର ପଦାର୍ଥ ଭାବରେ ଦେଖାଯାଇଥିବାରୁ ସରକାର ଏହା ବିରୋଧରେ ଦୀର୍ଘଦିନ ଧରି ବିଭିନ୍ନ ଅଭିଯାନ ଚଳାଇ ଆସୁଛନ୍ତି ।

କିନ୍ତୁ ଏହା ସହିତ ଆଉ ଗୋଟିଏ ପକ୍ଷ ମଧ୍ୟ ରହିଛି- ଗଞ୍ଜେଇର କିଛି ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଓ ଶିଳ୍ପ ଉପଯୋଗ ଥିବାକୁ ବୈଜ୍ଞାନିକ ଅନୁସନ୍ଧାନ ସୂଚିତ କରିଛି । ଏହି ପରିପ୍ରେକ୍ଷୀରେ ଦେଶର କିଛି ରାଜ୍ୟ ଏହାକୁ ନେଇ ନୂଆ ଭାବରେ ଚିନ୍ତା କରୁଥିବାରୁ ଗଞ୍ଜେଇ ନୀତି ପୁଣିଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଉଠିଛି ।

ଭାରତରେ ୧୯୮୫ ମସିହାରେ ପ୍ରବର୍ତ୍ତିତ ଏନ୍‌ଡିପିଏସ୍ (ନାର୍କୋଟିକ୍ ଡ୍ରଗ୍ସ ଏଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସେସ୍) ଆକ୍ଟ ଅନୁସାରେ ଗଞ୍ଜେଇ ଚାଷ ଓ ବ୍ୟବସାୟ ଉପରେ ସାଧାରଣତଃ ପ୍ରତିବନ୍ଧକ ରହିଛି । ତଥାପି ଆଇନରେ କିଛି ବିଶେଷ ପରିସ୍ଥିତିରେ- ବିଶେଷତଃ ଔଷଧ, ଶିଳ୍ପ ଓ ଗବେଷଣା ଉଦ୍ଦେଶ୍ୟରେ- ରାଜ୍ୟ ସରକାରମାନେ ନିୟନ୍ତ୍ରିତ ଚାଷକୁ ଅନୁମତି ଦେଇପାରିବେ ବୋଲି ବ୍ୟବସ୍ଥା ରହିଛି । ଏହି ଆଇନ ବ୍ୟବସ୍ଥାକୁ ଆଧାର କରି ଦେଶର କିଛି ରାଜ୍ୟ ସରକାର ଶୋଧ ଓ ଶିଳ୍ପ ଉପଯୋଗ ପାଇଁ ଗଞ୍ଜେଇ କିମ୍ବା ହେମ୍ପ ଚାଷକୁ ସୀମିତ ଭାବରେ ଅନୁମତି ଦେବା ଦିଗରେ ପଦକ୍ଷେପ ନେଇଛନ୍ତି ।

ଏହି କ୍ଷେତ୍ରରେ ଉତ୍ତରାଖଣ୍ଡ ପ୍ରଥମ ପଦକ୍ଷେପ ନେଇଥିବା ରାଜ୍ୟ ଭାବେ ପରିଚିତ । ଉତ୍ତରାଖଣ୍ଡ ରାଜ୍ୟ ସରକାର ୨୦୧୬ ମସିହାରେ ଉତ୍ପାଦ ବିଭାଗ ମାଧ୍ୟମରେ ଜାରି କରିଥିବା ପତ୍ର ସଂଖ୍ୟା ୬୩୯/୩୩/୨୦୧୬/୦୪(୦୨)୨୦୧, ତାରିଖ ୦୫.୧୨.୨୦୧୬ ଅନୁଯାୟୀ, ଶିଳ୍ପ ଉଦ୍ଦେଶ୍ୟରେ ହେମ୍ପ ଚାଷକୁ ନୀତିଗତ ଭାବରେ ଅନୁମତି ଦେଇଥିଲେ । ପରେ ପତ୍ର ସଂଖ୍ୟା ୫୮୧/୨୩/୨୦୧୮/୦୪(୧୧)/୨୦୧୨, ତାରିଖ ୨୯.୦୫.୨୦୧୮ ମାଧ୍ୟମରେ ଚାଷ ନମୁନାରେ ଟିଏଚ୍‌ସି ପରିମାଣ ପରୀକ୍ଷା ପାଇଁ ଅଧିକୃତ ପରୀକ୍ଷାଗାର ନିର୍ଦ୍ଧାରଣ କରାଯାଇଥିଲା । ଏହା ମାଧ୍ୟମରେ ନିୟନ୍ତ୍ରିତ ଓ ବୈଜ୍ଞାନିକ ପଦ୍ଧତିରେ ହେମ୍ପ ଚାଷ ଆରମ୍ଭ ହୋଇଥିଲା ।

ଏହା ସହ ଉତ୍ତରପ୍ରଦେଶ ସରକାର ୨୦୧୮ ମସିହାରେ "ଉତ୍ତର ପ୍ରଦେଶ ଏକ୍ସାଇଜ୍ (ରିସର୍ଚ୍ଚ ଓରିଏଣ୍ଟେଡ୍ କଲ୍ଟିଭେସନ୍ ଅଫ୍ ହେମ୍ପ ଟୁ ଡେଭେଲପ୍ ମେଡିସିନାଲ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ଗ୍ରେଡ୍ ପ୍ଲାଣ୍ଟ ଅଫ୍ ହେମ୍ପ) ରୁଲ୍ସ, ୨୦୧୮" ନାମରେ ନିୟମ ପ୍ରବର୍ତ୍ତନ କରିଥିଲା । ଏହି ନିୟମ ଅନୁଯାୟୀ ଗବେଷଣା ସଂସ୍ଥା ଓ ଅନୁମୋଦିତ ସଂଗଠନମାନେ ଔଷଧୀୟ ଓ ଶିଳ୍ପ ଉଦ୍ଦେଶ୍ୟରେ ହେମ୍ପ ଚାଷ କରିପାରିବେ । ଏଥିରେ ଚାଷ ହୋଇଥିବା ଗଛରୁ ପ୍ରଧାନତଃ ଫାଇବର ଓ ବୀଜର ବ୍ୟବହାରକୁ ଅନୁମତି ଦିଆଯାଇଛି ।

ସମ୍ପ୍ରତି ହିମାଚଳ ପ୍ରଦେଶ ମଧ୍ୟ ଔଷଧୀୟ ଓ ଶିଳ୍ପ ଉଦ୍ଦେଶ୍ୟରେ ନିୟନ୍ତ୍ରିତ ଗଞ୍ଜେଇ ଚାଷ ଆରମ୍ଭ କରିବା ଦିଗରେ ପଦକ୍ଷେପ ନେଇଛି । ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏନ୍‌ଡିପିଏସ୍ ନିୟମରେ ସଂଶୋଧନ ଆଣିବା ଓ ନିୟନ୍ତ୍ରିତ ଚାଷ ପାଇଁ ଏକ ନୀତି ତିଆରି କରିବା ଦିଗରେ କାର୍ଯ୍ୟ କରୁଛି । ଏହା ସହ କେତେକ ରାଜ୍ୟ, ଯଥା ମଧ୍ୟପ୍ରଦେଶ ମଧ୍ୟ ଗଞ୍ଜେଇର ଔଷଧୀୟ ଓ ଶିଳ୍ପ ସମ୍ଭାବନାକୁ ନେଇ ଅଧ୍ୟୟନ ଆରମ୍ଭ କରିଛି ।

ବୈଜ୍ଞାନିକ ମହଲର ମତାନୁସାରେ କ୍ୟାନାବିସ ଗଛର କିଛି ଉପାଦାନ ବେଦନା ନିୟନ୍ତ୍ରଣ, କ୍ୟାନ୍ସର ରୋଗୀଙ୍କ ଚିକିତ୍ସାର ସହାୟକ ଔଷଧ । ଏହା ଅପସ୍ମାର ରୋଗ ଓ ମନୋଚାପ ନିୟନ୍ତ୍ରଣ ଭଳି କିଛି ଚିକିତ୍ସାକ୍ଷେତ୍ରରେ ଉପକାରୀ ହୋଇପାରେ । ବିଶ୍ୱର ଅନେକ ଦେଶ ଏହି କାରଣରୁ ଔଷଧୀୟ ଗଞ୍ଜେଇ ବ୍ୟବହାରକୁ ନିୟନ୍ତ୍ରିତ ଭାବରେ ମାନ୍ୟତା ଦେଇଛନ୍ତି । ତେଣୁ ଏହାକୁ କେବଳ ଏକ ମାଦକ ପଦାର୍ଥ ଭାବେ ନୁହେଁ; ବରଂ ଏକ ସମ୍ଭାବ୍ୟ ଔଷଧୀୟ ସମ୍ପଦ ଭାବରେ ମଧ୍ୟ ଦେଖାଯାଉଛି ।

ଅନ୍ୟ ପକ୍ଷରୁ ବାସ୍ତବତା ହେଲା—ନିଷେଧ ଥିବା ସତ୍ତ୍ୱେ ଦେଶର ଅନେକ ଅଞ୍ଚଳରେ ଗଞ୍ଜେଇ ଚାଷ ଗୁପ୍ତ ଭାବରେ ହୋଇଆସୁଛି । ପୁଲିସ ଓ ଅନ୍ୟାନ୍ୟ ବିଭାଗ ନିୟମିତ ଭାବରେ ଏହା ଉପରେ ଅଭିଯାନ ଚାଲାଇଥିଲେ ମଧ୍ୟ ସମସ୍ୟା ପୂର୍ଣ୍ଣରୂପେ ନିୟନ୍ତ୍ରଣ ହୋଇପାରି ନାହିଁ । ଏହି ଅବୈଧ ବ୍ୟବସାୟ ଫଳରେ ସରକାର କୌଣସି ରାଜସ୍ୱ ଲାଭ କରୁ ନ ଥିବାବେଳେ ଅନେକ ସମୟରେ ଅସାଧୁ ଚକ୍ର ଓ ଦୁର୍ନୀତି ପ୍ରବୃତ୍ତି ଏଥିରୁ ଲାଭବାନ ହେଉଥିବା ଅଭିଯୋଗ ମଧ୍ୟ ଉଠିଥାଏ । ତେଣୁ କିଛି ଅର୍ଥନୀତିବିତ୍ ଓ ନୀତି ଗବେଷକମାନେ ମତ ପ୍ରକାଶ କରୁଛନ୍ତି ଯେ ନିୟନ୍ତ୍ରିତ ଓ ନିୟମିତ ପଦ୍ଧତିରେ ଚାଷକୁ ଅନୁମତି ଦିଆଯାଇ ପାରିଲେ ଏକ ପକ୍ଷରୁ ଅବୈଧ ବ୍ୟବସାୟ ହ୍ରାସ ପାଇପାରିବ ଓ ଅନ୍ୟ ପକ୍ଷରୁ ସରକାରଙ୍କୁ କିଛି ରାଜସ୍ୱ ମିଳିପାରିବ ।

ହେଲେ ଏହା ବିରୋଧରେ ମଧ୍ୟ ଶକ୍ତ ଯୁକ୍ତି ରହିଛି । ସମାଜବିଜ୍ଞାନୀ ଓ ଚିକିତ୍ସକମାନେ ସଚେତନ କରିଛନ୍ତି ଯେ ଗଞ୍ଜେଇର ଅତ୍ୟଧିକ ବ୍ୟବହାର ଯୁବପିଢ଼ିର ମନୋସ୍ୱାସ୍ଥ୍ୟ ଓ ସାମାଜିକ ଜୀବନ ଉପରେ କୁପ୍ରଭାବ ପକାଇପାରେ । ତେଣୁ ଏହାକୁ ଅନିୟନ୍ତ୍ରିତ ଭାବେ ମାନ୍ୟତା ଦେବା ଉଚିତ୍ ନୁହେଁ ବୋଲି ସେମାନେ ମତ ପ୍ରକାଶ କରନ୍ତି । ଯେକୌଣସି ନୀତି ଗଠନ ସମୟରେ ସାମାଜିକ ସ୍ୱାସ୍ଥ୍ୟ, ଆଇନ-ଶୃଙ୍ଖଳା ଓ ଯୁବ ସମାଜର ଭବିଷ୍ୟତକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ ।

ଏହି ପରିସ୍ଥିତିରେ ଆବଶ୍ୟକ ହେଉଛି ଭାବନା କିମ୍ବା ପୂର୍ବାଗ୍ରହ ଆଧାରିତ ନୁହେଁ; ବରଂ ବୈଜ୍ଞାନିକ ତଥ୍ୟ ଓ ପ୍ରମାଣ ଆଧାରିତ ନୀତି ଗଠନ । ଯଦି ଗଞ୍ଜେଇର ଔଷଧୀୟ ଓ ଶିଳ୍ପ ଉପଯୋଗ ସତ୍ୟପରୀକ୍ଷିତ ଭାବରେ ଉପକାରୀ ପ୍ରମାଣିତ ହୁଏ, ତେବେ ନିୟନ୍ତ୍ରିତ ଓ ପ୍ରତିଷ୍ଠିତ ପଦ୍ଧତିରେ ଏହାକୁ ଆଇନ ମାର୍ଗରେ ଆଣିବା ବିଷୟରେ ଚିନ୍ତା କରାଯାଇପାରେ । ସେଥିସହିତ କଡ଼ା ନିୟମ, ନିୟନ୍ତ୍ରଣ ଓ ସଚେତନତା ଅଭିଯାନ ମାଧ୍ୟମରେ ଏହାର ଅପବ୍ୟବହାରକୁ ରୋକିବା ମଧ୍ୟ ଆବଶ୍ୟକ ।

ତେଣୁ ଏତିକି କୁହାଯାଇ ପାରେ, ଗଞ୍ଜେଇ ନୀତିକୁ ନେଇ ଦେଶରେ ଏକ ସମତୁଳିତ ଓ ବିବେଚନାଶୀଳ ଆଲୋଚନା ଆବଶ୍ୟକ । ନିଷେଧ ଓ ମାନ୍ୟତା-ଏହି ଦୁଇ ପର୍ଯ୍ୟାୟ ମଧ୍ୟରେ ସମାଜର ସ୍ୱାସ୍ଥ୍ୟ, ଆଇନ ସୁରକ୍ଷା ଓ ଅର୍ଥନୈତିକ ହିତକୁ ସମନ୍ୱୟ କରି ଯଦି ଏକ ସୁସ୍ପଷ୍ଟ ଓ ଦାୟିତ୍ୱଶୀଳ ନୀତି ଗଠନ କରାଯାଏ, ତେବେ ଏହା ଦେଶ ଓ ସମାଜ ପାଇଁ ଅଧିକ ଉପକାରୀ ସାବ୍ୟସ୍ତ ହୋଇପାରିବ ।

ଶାନ୍ତିନଗର, ସୋନପୁର
ମୋ: ୮୧୪୮ ୭୦୭୨୯



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପ୍ରଥମ ପୃଷ୍ଠାରୁ

## ଦରମା ଆଧାରରେ...

ଓ ମଧ୍ୟପ୍ରାଚ୍ୟ ଦେଶଆଡ଼କୁ ମୁହାଁଇପାରିନ୍ତି। ଅନ୍ୟପଟେ ଆମେରିକାରେ ସ୍ଥାୟୀ ଭାବେ ରହିବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ପ୍ରଶାସନ 'ଟ୍ରମ୍ପ ଗୋଲ୍ଡ କାର୍ଡ'ର ପ୍ରସ୍ତାବ ଦେଇଛି, ଯାହାର ମୂଲ୍ୟ ୮.୮ କୋଟି ଟଙ୍କା ହେବ ବୋଲି ଚର୍ଚ୍ଚା ହେଉଛି। ଟେକ୍ କମ୍ପାନୀ ଯଥା, ଇନଫୋସିସ, ଟିସିଏସ୍, ୱିପ୍ରୋ, କଗ୍ନିଜାଣ୍ଟ ଓ ଏଚ୍‌ସିଏଲ୍ ପରି କମ୍ପାନୀଗୁଡ଼ିକ ଅଧିକ ସଂଖ୍ୟକ ଏସ୍-୧ବି ଭିସାର ପ୍ରାୟୋଜକ ଥାନ୍ତି।

## ରାପର୍ ବାଦ୍‌ଶାହାଙ୍କୁ...

ପାନିପତରେ ଏକ ଏଫ୍‌ଆଇଆର ଦାୟର ମଧ କରାଯାଇଛି। ତେବେ ବାଦ୍‌ଶାହାଙ୍କ ଓକିଲ କହିଛନ୍ତି ଯେ, ସେ ସାମାଜିକ ଗଣମାଧ୍ୟମରେ ଏକ ଭଡ଼ିଓ ବାର୍ତ୍ତା ଜରିଆରେ ଏଥିପାଇଁ କ୍ଷମା ମାଗି ସାରିଛନ୍ତି ଏବଂ ତାଙ୍କର କାହାରି ଭାବନାକୁ ଆଘାତ ଦେବାର ଉଦ୍ଦେଶ୍ୟ ନଥିଲା।

## ସାରା ଦେଶରେ...

ଲାଗି ରହିଥିଲା। ହଙ୍ଗାମା ଯୋଗୁଁ ଉଚ୍ଚ ସଦନକୁ ୧୬ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖି ଦିଆଯାଇଥିଲା।

ଲୋକସଭାରେ ହଟ୍ଟଗୋଳ ଯୋଗୁଁ ପ୍ରଥମେ ଦିନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା। ଏହା ପରେ ଦ୍ୱିତୀୟ ଥର ପାଇଁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପୁଣି ଗୃହକୁ ମୁଲତବୀ କରାଗଲା। ୨ଟା ପରେ ଗୃହ କେବଳ ଘଣ୍ଟାଏ ଚାଲିଥିଲା। ଏହା ପରେ ଲୋକସଭାକୁ ମାର୍ଚ୍ଚ ୧୬ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଗଲା। ଏହି ସମୟରେ ବିରୋଧୀମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।ଏହା ପୂର୍ବରୁ ଆଜି ସକାଳେ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବିରୋଧୀ ଦଳଗୁଡ଼ିକ ସଂସଦ ପରିସରରେ ଏଲପିଜି ସଙ୍କଟ ବିରୋଧରେ ପ୍ରଦର୍ଶନ କରିଥିଲେ। ଏହି ସମୟରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ବିରୋଧରେ ଟିଏମସି ଉଭୟ ଗୃହରେ ପ୍ରସ୍ତାବ ଆଗତ କରିଥିଲା।

## ହର୍ମୁଜରେ ଜାହାଜକୁ...

କରିଛି ଇରାନ। ଭାରତୀୟ ପତାକା ଲାଗିଥିବା ଜାହାଜକୁ ଇରାନ ସୁରକ୍ଷିତ ଭାବରେ ରାସ୍ତା ଦେବ ବୋଲି ଭାରତରେ ଇରାନର ରାଷ୍ଟ୍ରଦୂତ ମହମ୍ମଦ ଫଥାଲି କହିଛନ୍ତି।

ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ଫଥାଲି କହିଛନ୍ତି ଯେ ଭାରତ ଆମର ବନ୍ଧୁ ରାଷ୍ଟ୍ର, ତେଣୁ ଇରାନ ଭାରତକୁ ତୈଳ ଓ ଗ୍ୟାସ୍ ପରିବହନରେ ନିରାପଦ ପଥ ପ୍ରଦାନ କରିବ। ଭାରତ ଏବଂ ଇରାନ ମଧ୍ୟରେ ସହଯୋଗ ଓ ବିଶ୍ୱାସର ଏକ ଦୀର୍ଘକାଳୀନ ସମ୍ପର୍କ ରହିଛି। ଭାରତ ସରକାର ଅନେକ ସମୟରେ ଇରାନକୁ ସାହାଯ୍ୟ କରିଛନ୍ତି। ଇରାନ ମଧ୍ୟ ଭାରତ ସହିତ ସହଯୋଗ କରିବା ଉଚିତ। ବରିଷ୍ଠ ଇରାନୀ ଅଧିକାରୀମାନେ ଭାରତରେ ଥିବା ଇରାନୀ ଦୂତାବାସକୁ ଦୁଇ ସରକାରଙ୍କ ମଧ୍ୟରେ ସହଯୋଗ ବୃଦ୍ଧି କରିବାର ଉପାୟ ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ପଶ୍ଚିମ ଏସିଆରେ ବର୍ଦ୍ଧିତ ଆଞ୍ଚଳିକ ଉତ୍ତେଜନା ମଧ୍ୟରେ କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ତାଙ୍କ ଇରାନୀ ପ୍ରତିପକ୍ଷଙ୍କ ସହ ସାମୁଦ୍ରିକ ସୁରକ୍ଷା ଏବଂ ଭାରତର ଶକ୍ତି ସୁରକ୍ଷା ବିଷୟରେ ଆଲୋଚନା କରିଛନ୍ତି। ଗୁରୁବାର ରାତିରେ ଜୟଶଙ୍କର ଇରାନର ବୈଦେଶିକ ମନ୍ତ୍ରୀ ଆରାଘାଚିଙ୍କ ସହ ପୁଣି ଥରେ କଥା ହୋଇଥିବା ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ସୂଚନା ଦେଇଛନ୍ତି। ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ଏବଂ ଇରାନ ବୈଦେଶିକ ମନ୍ତ୍ରୀ ଗତ କିଛି ଦିନ ମଧ୍ୟରେ ୪ ଥର ଆଲୋଚନା କରିଛନ୍ତି। ପୂର୍ବ ଆଲୋଚନାରେ ସାମୁଦ୍ରିକ ସୁରକ୍ଷା ଏବଂ ଭାରତର ଶକ୍ତି ସୁରକ୍ଷା ସହିତ ଜଡ଼ିତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବର୍ତ୍ତମାନର ଶକ୍ତି ସଙ୍କଟ ସ୍ଥିତିରେ କେନ୍ଦ୍ର ସରକାରଙ୍କ ଆଶ୍ୱାସନା ଦେଇ କହିଛନ୍ତି ଯେ, ଦେଶରେ ତୈଳ ଓ ଗ୍ୟାସର ସଙ୍କଟ ନାହିଁ। ବିଗତ ୫ଦିନ ଭିତରେ ଦେଶରେ ଏଲ୍‌ପିଜି ଉତ୍ପାଦନ ୨୮% ବୃଦ୍ଧି ପାଇଛି। ଗ୍ରାହକମାନେ ଚିନ୍ତା ପ୍ରକଟ କରି ଆତଙ୍କିତ ନ ହେବାକୁ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂ ପୁରୀ ପରାମର୍ଶ ଦେଇଛନ୍ତି।

## ରେଳବାଇ କିଚେନରେ...

କିଚେନ (ରୋଷଶାଳା), ଫୁଡ୍ ପ୍ଲାଜା ଏବଂ ଜନ ଆହାର କେନ୍ଦ୍ରରେ ତୁରନ୍ତ 'ଇଣ୍ଡକ୍ସନ ଚୁଲା'ରେ ଖାଦ୍ୟ ରୋଷେଇ କରିବାକୁ ନିର୍ଦ୍ଦେଶ ଦେଇଛି। ଏହି ନିଷ୍ପତ୍ତି ଏଥିପାଇଁ ନିଆଯାଇଛି, ଯେପରି ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଅଭାବ କାରଣରୁ ଟ୍ରେନରେ ଯାତ୍ରା କରୁଥିବା ଲକ୍ଷ ଲକ୍ଷ ଯାତ୍ରୀଙ୍କୁ ଖାଦ୍ୟ ମିଳିବାରେ କୌଣସି ସମସ୍ୟା ନ ହେବ। ରେଳ ଅଧିକାରୀଙ୍କ ଅନୁସାରେ, ହଠାତ ଉତ୍ପନ୍ନ ହୋଇଥିବା ଏଭଳି ଏଲପିଜି ସଙ୍କଟ ଯୋଗୁ ଷ୍ଟେସନର ରୋଷେଇରେ ଗ୍ୟାସ ଷ୍ଟକ୍ ଦ୍ରୁତ ଭାବରେ ହ୍ରାସ ହେଉଥିଲା। ଯଥାଶୀଘ୍ର ଏହାର ସମାଧାନ କରାଯାଇ ନ ଥିଲେ, ଅନେକ ପ୍ରମୁଖ ଟ୍ରେନରେ ପ୍ୟାଣ୍ଟ୍ରି କାର ଏବଂ ଇ-କ୍ୟାଟେରିଂ ଦ୍ୱାରା ମିଳୁଥିବା ଖାଦ୍ୟ ସେବା ଠପ୍ ହୋଇଯାଇଥାନ୍ତା।

## ତେଲ, ଗ୍ୟାସ...

ତାହାକୁ ରୁଷ ଯୋଗାଇ ଦେବ। ଉଲ୍ଲେଖଯୋଗ୍ୟ ଯେ ଭାରତୀୟ କମ୍ପାନୀ ଜିଏଆଇଏଲ ରଷିଆର ସରକାରୀ ତେଲ ଓ ଗ୍ୟାସ୍ କମ୍ପାନୀ ଗାଜପ୍ରୋମ ସହିତ ବାର୍ଷିକ ୨.୫ ନିୟୁତ ଟନ୍‌ର ଏଲଏନଜି କ୍ରୟ ଲାଗି ୨୦ ବର୍ଷିଆ ଦୀର୍ଘ ରାଜିନାମା କରିଛି। ତେବେ ୟୁକ୍ରେନ୍ ଯୁଦ୍ଧ ପରେ ଏଥିରେ ପ୍ରତିବନ୍ଧକ ଲାଗିଥିଲା।

## ତୁର୍କୀର ପରମାଣୁ ଘାଟୀ...

ଚେତାବନୀ ଦେଇ ଚାଲିଛନ୍ତି। ହେଲେ ଏହି ଦୁଇ ଦେଶ ଲାଗି ଆଜି ବିଶ୍ୱ ଭୟଙ୍କର ସଙ୍କଟ ଦେଇ ଗତି କରୁଛି। ଆଗକୁ ସ୍ଥିତି ନ ସୁଧୁରିଲେ ଆଗାମୀ ଦିନରେ ଉତ୍କଟ ମାନବୀୟ ସଙ୍କଟ ସୃଷ୍ଟି ହେବାର ସମ୍ଭାବନାଥିବାବେଳେ ଇରାନ ଶୀଘ୍ର ଆତ୍ମସମର୍ପଣ କରିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି।

ଏପରି ସମୟରେ ଚୀନ୍ ମଧ୍ୟ ବଡ଼ ଯୁଦ୍ଧ ପାଇଁ ପ୍ରସ୍ତୁତି କରୁଛି। ପୂର୍ବର ଚୀନ୍‌ରେ ଜାହାଜ ମେଳି ହେଉଥିବା ଦେଖାଯାଉଛି। ଏହାକୁ ନେଇ ନାନା ଆଶଙ୍କା କରାଯାଉଛି। ପ୍ରାୟ ୨ ହଜାରରୁ ଅଧିକ ଚୀନ୍ ଜାହାଜକୁ ସମୁଦ୍ରରେ ଦେଖାଯାଇଛି। ଏହି ଜାହାଜ ମାଧ୍ୟମରେ ପୂର୍ବ ଚୀନ୍ ସାଗରକୁ ବନ୍ଦ କରିବା ପାଇଁ ପ୍ରୟାସ କରାଯାଉଥିବା କୁହାଯାଉଛି। ଅନ୍ୟପଟେ ଇରାନକୁ ମାନବୀୟ ସହାୟତା ଭାବେ ୨ ଲକ୍ଷ ଡଲାରର ସହାୟତା ପ୍ରଦାନ ପାଇଁ ଘୋଷଣା କରିଛି। ଏହି ପାଣ୍ଠିକୁ ଯୁଦ୍ଧରେ ମାତାପିତାଙ୍କୁ ହରାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଖର୍ଚ୍ଚ କରାଯିବ ବୋଲି କୁହାଯାଇଛି।

ଆଜି ଆମେରିକାର ପରମାଣୁ ଘାଟୀ ଉପରେ ଇରାନ ପ୍ରଚଣ୍ଡ ଆକ୍ରମଣ କରିଛି। ତୁର୍କୀର ଇନସର୍ଲିକ ଏୟାରବେସରେ କ୍ଷେପଣାସ୍ତ୍ର ମାଡ଼ ହୋଇଛି। ତୁର୍କୀ ପ୍ରତିରକ୍ଷା ମନ୍ତ୍ରାଳୟ ଏହି ସୂଚନା ଦେଇଛି। ଗୋଟିଏ ପଟେ ହର୍ମୁଜ ଷ୍ଟ୍ରିଟରେ ତୁର୍କୀ ଜାହାଜକୁ ଇରାନ ଛାଡ଼ିଥିବାବେଳେ ଅନ୍ୟପଟେ ଘାଟୀରେ ଆକ୍ରମଣ କରି ବଡ଼ ବାର୍ତ୍ତା ଦେଇଛି। ଏହାକୁ ନେଇ ଇରାନ ସହ ଯୋଗାଯୋଗ କରାଯାଉଥିବା ତୁର୍କୀ ପକ୍ଷରୁ କୁହାଯାଉଛି। ଏହି ଘାଟୀରେ ଆମେରିକାର 'ଟାକ୍ଟିକାଲ ନ୍ୟୁକ୍ଲିୟର ୱିପନ' ରହିଛି। କେବଳ ସେତିକି ନୁହେଁ, ଆଜି ଓମାନ ସାଗରରେ ଥିବା ଆମେରିକାର ବିମାନବାହୀ ଯୁଦ୍ଧ ଜାହାଜ ୟୁଏସଏସ ଆବ୍ରାହମ ଲିଙ୍କନ ଉପରେ ଇରାନ ଆକ୍ରମଣ କରିଛି। ଏହା ଦ୍ୱାରା ଜାହାଜ ପଛଘୁଞ୍ଚା ଦେଇଛି। ମାତ୍ର ଆମେରିକା ଆକ୍ରମଣକୁ ଖଣ୍ଡନ କରିଦେଇଛି। ଏହା ମଧ୍ୟରେ ପଶ୍ଚିମ ଇରାକରେ ଆମେରିକାର ବାୟୁସେନାର ଏକ କେସି-୧୩୫ ବିମାନ ଇନ୍ଧନ ଭର୍ତ୍ତି କରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବିମାନରେ ଥିବା ୬ରୁ ୬ ସୈନିକଙ୍କ ମୃତ୍ୟୁ ହୋଇଛି। ଏ ପର୍ଯ୍ୟନ୍ତ ଇରାନ ଯୁଦ୍ଧରେ ଆମେରିକାର ୧୧ ସୈନିକ ପ୍ରାଣ ହରାଇଲେଣି। ସେହିପରି ଆମେରିକା ଏବଂ ଇସ୍ରାଏଲ ଆକ୍ରମଣରେ ଇରାନର ବିପୁଳ କ୍ଷତି ହୋଇଛି। ୧୭୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବେଳେ ହଜାର ହଜାର ଆହତ ହୋଇଛନ୍ତି। ୬୯ ସ୍କୁଲ ସହିତ ୨୪, ୫୩୧ କୋଠା କ୍ଷତିଗ୍ରସ୍ତ ହୋଇଛି। ଏହି ଯୁଦ୍ଧରେ ଦୁଇ ଭାରତୀୟ ମଧ୍ୟ ପ୍ରାଣ ହରାଇଛନ୍ତି। ଓମାନର ସୋହାର ସହରରେ ଇରାନ ଶୁକ୍ରବାର କରିଥିବା ଡ୍ରୋନ ଆକ୍ରମଣରେ ଏହି ଭାରତୀୟଙ୍କ ଜୀବନ ଯାଇଛି। ଅନ୍ୟ ୧୦ ଜଣ ଭାରତୀୟ ମଧ୍ୟ ଆହତ ହୋଇଛନ୍ତି। ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ଥିତିକୁ ନେଇ ଓମାନ ଅଧିକାରୀଙ୍କ ସହ ଯୋଗାଯୋଗ କରଯାଉଥିବା କୁହାଯାଇଛି। ସେହିପରି ଆଜି ଏକାସଙ୍ଗେ ନାଟୋର ତିନି ଠିକଣାକୁ ଇରାନ ନିଶାଣ କରିଛି। ଦୁବାଇ ଉପରେ ବଡ଼ ଆକ୍ରମଣ କରିଛି। ଏହାକୁ ନେଇ ଉପସାଗରୀୟ ଦେଶ ଗୁଡ଼ିକ ଆମେରିକାଠାରୁ ଆସ୍ଥା ହରାଇବାରେ ଲାଗିଛନ୍ତି। ସୁରକ୍ଷା ଦେବା ବଦଳରେ ଆମେରିକା ପାଇଁ ଏହି ଦେଶଗୁଡ଼ିକ ଆକ୍ରମଣର ଶିକାର ହେଉଛନ୍ତି। ସ୍ଥିତି ବିଗିଡ଼ି ଯାଉଥିବା ଦେଖି ଆମେରିକା ନିଜ ଏୟାର ଡିଫେନ୍ସ ସିଷ୍ଟମକୁ ୟୁରୋପରୁ ମଧ୍ୟପ୍ରାଚ୍ୟ ଦେଶକୁ ଆଣିଛି। ଇରାନର ବାଲିଷ୍ଟିକ କ୍ଷେପଣାସ୍ତ୍ରକୁ ଏହା ଭୂମଧ୍ୟସାଗରରେ ଧ୍ୱଂସ କରିଦେଇଛି। ଏହାରି ମଧ୍ୟରେ ନାଟୋ ବଡ଼ ଯୁଦ୍ଧ ପାଇଁ ପ୍ରସ୍ତୁତି କରୁଛି। ଜର୍ମାନୀ ସାମରିକ ଯୁଦ୍ଧାଭ୍ୟାସ ଆରମ୍ଭ କରିଦେଇଛି। ଲିଥୁଆନିଆରୁ ଜର୍ମାନୀ ପର୍ଯ୍ୟନ୍ତ 'ମେଡିକାଲ ଇଭାକ୍ୟୁସନେ ଏକ୍ସରସାଇଜ' ଚାଲିଛି।

ଯୁଦ୍ଧ ମଧ୍ୟରେ ଟ୍ରମ୍ପ ପୁଣି ଇରାନକୁ ଚେତାବନୀ ଦେଇଛନ୍ତି। ଏହି ଦେଶ ଖୁବଶୀଘ୍ର ଆତ୍ମସମର୍ପଣ କରିବ ବୋଲି ଟ୍ରମ୍ପ ଦାବି କରିଛନ୍ତି। ଦୁଇ ଦେଶର ମିଳିତ ଆକ୍ରମଣରେ ଇରାନ ଉପରେ ଚାପ ବଢ଼ିବାରେ ଲାଗିଛି। ନୌସେନା ଏବଂ ବାୟୁସେନାର ବଡ଼ କ୍ଷତି ହୋଇଛି। ଇରାନର କ୍ଷେପଣାସ୍ତ୍ର ଏବଂ ଡ୍ରୋନ କ୍ଷମତା ଦ୍ରୁତଗତିରେ ସରି ସରି ଆସୁଛି। 'ଅପରେସନ ଏପିକ-ଫ୍ୟୁରି'ର ବଡ଼ ପ୍ରଭାବ ପଡ଼ିଛି। ସେହିପରି ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଟ୍ରମ୍ପ କହିଥିଲେ ଯେ ଇରାନ ସରକାର ସହ ଜଡ଼ିତ ଲୋକଙ୍କ ମାରିବା ବହୁତ ବଡ଼ ସମ୍ମାନର କଥା। ଏବେ ଇରାନ ସରକାରକୁ ଦୁର୍ବଳ କରାଯାଉଛି। ଇରାନ ଉପରେ ସାମରିକ ଏବଂ ଆର୍ଥିକ ଚାପ ପକାଯାଉଛି। ସେହିପରି ସାହସର ସହ ହର୍ମୁଜ ଷ୍ଟ୍ରେଟ ପାର କରିବା ପାଇଁ ଟ୍ରମ୍ପ ଜାହାଜଗୁଡ଼ିକର କ୍ରୁ ସଦସ୍ୟଙ୍କୁ ଟ୍ରମ୍ପ ଆହ୍ୱାନ ଦେଇଛନ୍ତି। ତେହେରାନକୁ ରୁଷ୍ ରାଷ୍ଟ୍ରପତି ପୁଟିନ୍ ସହାୟତା କରୁଥିବା ସେ ଅଭିଯୋଗ କରିଛନ୍ତି। ଏହାରି ମଧ୍ୟରେ ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପିଟ ହେଗସେଥ କହିଛନ୍ତି ଯେ ଇରାନର ସବୁ ସାମରିକ କ୍ଷମତାକୁ ଧ୍ୱଂସ କରିବା ପାଇଁ ଯୋଜନା କରାଯାଉଛି। ଏବେ ସୁଦ୍ଧା ଇସ୍ରାଏଲ ସହ ମିଶି ଇରାନର ୧୫ ହଜାର ଠିକଣାରେ ଆକ୍ରମଣ କରାଗଲାଣି। ଏଥିରେ ଉଭୟ ଦେଶକୁ ବଡ଼ ସଫଳତା ମିଳିଛି।

## ମୋଜତବା ଗୁରୁତର !...

ବେଳେ ତାଙ୍କ ପେଟ ଓ ଯକୃତରେ ଗୁରୁତର ଆଘାତ ଲାଗିଛି। ପିତା ଅୟତୁଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ପରେ ଗତ ୯ରେ ମୋଜତବା ସର୍ବୋଚ୍ଚ ନେତା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ଇରାନ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ କୌଣସି ଆନୁଷ୍ଠାନିକ ସୂଚନା ମିଳିନାହିଁ। ଇତିମଧ୍ୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ସ୍ପଷ୍ଟ କରିଛନ୍ତି ଯେ ଆତଙ୍କବାଦୀ ସଂଗଠନର କୌଣସି ନେତାଙ୍କ ଜୀବନର ସୁରକ୍ଷା ପାଇଁ ସେ ଗ୍ୟାରେଣ୍ଟି ଦେବେ ନାହିଁ। ଅନ୍ୟପଟେ ପଦ ଗ୍ରହଣ କରିବା ପରେ ନିଜର ପ୍ରଥମ ବିବୃତ୍ତିରେ ମୋଜତବା ଆମେରିକାକୁ ମଧ୍ୟପ୍ରାଚ୍ୟରୁ ସେନା ହଟାଇବାକୁ ଚେତାବନୀ ଦେଇଛନ୍ତି ଓ ହର୍ମୁଜ ପ୍ରଣାଳୀ ବନ୍ଦ ରହିବ ବୋଲି କହିଛନ୍ତି। ମାତ୍ର ଯଦି ମୋଜତବା କୋମାରେ ଅଛନ୍ତି ତେବେ କିଏ ଏହି ବାର୍ତ୍ତା ଦେଲା ବୋଲି ପ୍ରଶ୍ନ ଉଠୁଛି। ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ମଧ୍ୟ ମୋଜତବା ଆହତ ହୋଇଥିବା କହିଛନ୍ତି।

ଇତିମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନଙ୍କ ସହ ଫୋନ୍‌ରେ କଥା ହୋଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଇରାନରେ ଥିବା ୯, ୦୦୦ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଫେରାଇଆଣିବା ପାଇଁ ଭାରତ ସରକାର ପ୍ରୟାସ କରୁଛନ୍ତି। ଆଜରବାଇଜାନ ଓ ଆର୍ମେନିଆ ଦେଇ ଫେରିବା ବାଟରେ ଭାରତୀୟଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ଭାରତର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈଶୱାଲ କହିଛନ୍ତି ଯେ, ଭାରତ ସର୍ବଦା ଆଲୋଚନା ଓ କୂଟନୈତିକ ସମାଧାନ ଉପରେ ଗୁରୁତ୍ୱ ଦେଇ ଆସିଛି। ସାଧାରଣ ନାଗରିକଙ୍କ ଜୀବନ ରକ୍ଷା କରିବା ଭାରତର ପ୍ରାଥମିକତା ବୋଲି ସେ କହିଛନ୍ତି।

## ନବୀନ ନିବାସରେ...

ଏବଂ ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ବିଧାୟକମାନଙ୍କୁ ଭୋଟଦାନ ସମ୍ପର୍କରେ ଅଭ୍ୟାସ କରାଇଥିଲେ। ଦଳୀୟ ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଓ ବିଜେଡି ପକ୍ଷରୁ ଘୋଷିତ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ମଧ୍ୟ ଏହି ଟ୍ରେନିଂ କାର୍ଯ୍ୟକ୍ରମରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ଯଦି ସେମାନେ ସାଂସଦ ଭାବେ ନିର୍ବାଚିତ ହୁଅନ୍ତି, ତାହେଲେ ରାଜ୍ୟସ୍ୱାର୍ଥକୁ ସର୍ବାଧିକ ପ୍ରାଥମିକତା ଦେବେ ଏବଂ ରାଜ୍ୟସଭାରେ ଓଡ଼ିଶାର ସ୍ୱାର୍ଥ ପାଇଁ ଲଢ଼େଇ କରିବେ ବୋଲି ପ୍ରତିଶ୍ରୁତି ରଖିଥିଲେ। ଶେଷରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବକ୍ତବ୍ୟ ରଖିଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି।

ଟ୍ରେନିଂ ସମ୍ପର୍କରେ ସୂଚନା ଦେଇ ବିଧାୟକ ଡ. ସାହୁ କହିଛନ୍ତି ଯେ ଆଜି ଦଳର ବିଧାୟକମାନଙ୍କୁ ରାଜ୍ୟସଭା ଭୋଟଦାନ ସମ୍ପର୍କରେ ଅବଗତ କରାଗଲା। ବିଧାୟକମାନେ ଭୋଟଦାନ କେନ୍ଦ୍ରକୁ ଯାଇ କେମିତି ବାଲାଟ ପେପର ଓ ପେନ୍ ନେବେ, କିପରି ଭୋଟ ଦେବେ, ଦଳୀୟ ଏଜେଣ୍ଟଙ୍କୁ କିପରି ଭୋଟ ଦେଖାଇବେ ଓ ବାଲାଟବକ୍ସରେ କିପରି ଭୋଟ କାଗଜ ପକାଇବେ, ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ରାଜ୍ୟସଭା ନିର୍ବାଚନରେ ୪ଟି ଆସନ ପାଇଁ ୫ଜଣ ପ୍ରାର୍ଥୀ ଅଛନ୍ତି। ବିଜେଡି ପାଖରେ ନିଜ ପ୍ରାର୍ଥୀ ପାଇଁ ଆବଶ୍ୟକୀୟ ଭୋଟ ଥିବା ବେଳେ ବଳକା ଭୋଟ କିପରି ମିଳିତ ପ୍ରାର୍ଥୀଙ୍କ ସପକ୍ଷରେ ଯିବ, ସେଥିପାଇଁ ଏହି ଟ୍ରେନିଂ କାର୍ଯ୍ୟକ୍ରମ କରାଯାଉଛି। ଖଣ୍ଡିଏ ଭୋଟ ଯେପରି ଏପଟ ସେପଟ ନହୁଏ, ତଥା ଆମର ନେତା ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରାର୍ଥୀଙ୍କ ସପକ୍ଷରେ ସମସ୍ତ ଭୋଟ ପଡ଼ିବ, ସେନେଇ ରଣନୀତି ପ୍ରସ୍ତୁତ କରାଯାଇଛି। ଶନିବାର ଏବଂ ରବିବାର ମଧ୍ୟ ଟ୍ରେନିଂ କାର୍ଯ୍ୟକ୍ରମ ଆୟୋଜିତ ହେବ। ଯେଉଁମାନେ ଆଜିର ବୈଠକରେ ଉପସ୍ଥିତ ନ ଥିଲେ, ସେମାନେ ନିଜର କାରଣ ସମ୍ପର୍କରେ ଦଳକୁ ଅବଗତ କରାଇଛନ୍ତି। ଆସନ୍ତାକାଲି ଏବଂ ରବିବାର ଟ୍ରେନିଂରେ ସେମାନେ ଯୋଗଦେବେ ବୋଲି ଡ. ସାହୁ ସୂଚନା ଦେଇଛନ୍ତି।

## ରବୀନ୍ଦ୍ର ଆସିଲେ...

ଜୀବନପ୍ରଦୀପ ବିଜେପି ବିରୋଧରେ ସାଂଘାତିକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଦୀର୍ଘ ବର୍ଷ ଧରି ବିଜେପି ଠାରୁ ଦୂରେଇ ରହିବା ପରେ ବହୁ ଆଶା ଭରସା ନେଇ ୨୦୨୧ରେ ପୁଣିଥରେ ଦଳକୁ ଫେରିଥିଲେ। ବିଜେପିରେ ରହି ସଂଗଠନ କାର୍ଯ୍ୟ କରିଥିଲେ। ଏପରିକି ୫ବର୍ଷରୁ ଅଧିକ ଦିନ ଧରି ଯେଉଁ ଦାୟିତ୍ୱ ଦିଆଯାଇଥିଲା ତାହାକୁ ତୁଲାଇଥିଲେ। ଜଣେ ନିଷ୍ଠାପର କର୍ମୀ ଭାବରେ ପଶ୍ଚିମବଙ୍ଗ ସାଧାରଣ ନିର୍ବାଚନ, ପିପିଲି ଉପ ନିର୍ବାଚନ, ଦଳୀୟ ସଦସ୍ୟତା ସଂଗ୍ରହ ଅଭିଯା. ଅନ୍ୟ ଜିଲ୍ଲାରେ ସାଙ୍ଗଠନିକ ନିର୍ବାଚନ, ପ୍ରଶିକ୍ଷଣ ଶିବିର ଆଦିରେ ପ୍ରଶିକ୍ଷକ ଭାବେ ଯୋଗଦାନ ଆଦି ବିଭିନ୍ନ ଦାୟିତ୍ୱ ସୁଚାରୁରୂପେ ତୁଲାଇଥିଲେ। ହେଲେ ୨୦୨୪ମସିହାରେ ବିଜେପି ଶାସନ କ୍ଷମତାକୁ ଆସିବା ପରେ ଦଳର ନୈତିକ ପତନ ଘଟିଛି। ଦଳୀୟ ଅଭିମୁଖ୍ୟକୁ ସେ ଗ୍ରହଣ କରିପାରୁ ନାହାନ୍ତି। ସିବିଆଇ ମାମଲା ଚାଲିଥିବା ଜଣେ ଚିଟ୍‌ଫଣ୍ଡ ଅଭିଯୁକ୍ତଙ୍କୁ ଦଳ ଅନାୟାସରେ କୋଳେଇ ନେଇଛି। ଯାହା ଉପରେ ସିବିଆଇ ମାମଲା ଚାଲିଛି, ଯିଏ କି ବର୍ତ୍ତମାନ ଜାମିନରେ ରହିଛନ୍ତି, ତାଙ୍କୁ ଦଳରେ ସାମିଲ କରାଯାଇ ବିଜେପି ମୂଲ୍ୟବୋଧକୁ ବଳି ଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏପରିକି କ୍ଷମତା ଲୋଭରେ ଅନ୍ଧ,ଅହଂକାର ବଶବର୍ତ୍ତି ହୋଇ ରାଜ୍ୟ ରାଜ୍ୟ ନେତୃବନ୍ଦ ସମଗ୍ର ନୈତିକତା ହରାଇଛି ବୋଲି କହିଛନ୍ତି।

ସେ ପୁଣି କହିଛନ୍ତି ଯେ ଉକ୍ତ ବ୍ୟକ୍ତିଙ୍କ ଘରେ ସିବିଆଇ ଚଢ଼ଉ ହୋଇଥିଲା ବୋଲି ବାଲେଶ୍ୱର ସାଂସଦ କହିଥିଲେ। ତାଙ୍କୁ ଦଳକୁ ଆଣି ବିଜେପି କ'ଣ ପ୍ରମାଣିତ କରିବାକୁ ଚାହୁଁଛି, ତାହା ଜଣା ପଡୁନାହିଁ। ଆଗାମୀ ରାଜ୍ୟସଭା ନିର୍ବାଚନରେ ତୃତୀୟ ପ୍ରାର୍ଥୀ ପାଇଁ ଆବଶ୍ୟକ ସଂଖ୍ୟା ନଥିବା ସମୟରେ ଘୋଡା ବେପାରକୁ ପ୍ରଶ୍ରୟ ଦେଇ ଗଣତନ୍ତ୍ରକୁ ହତ୍ୟା କରାଯାଇଛି । ଦଳର ଆଭ୍ୟନ୍ତରୀଣ ଗଣତନ୍ତ୍ର ଲୋପ ପାଇ ସାରିଛି, ଏପରିକି ନେତାଙ୍କ କଥାରେ ସଭାପତି ଚୟନ କରାଯାଉଥିବା ବେଳେ ଏବେ ରାଜ୍ୟସଭା ନିର୍ବାଚନରେ ପାର୍ଟି ସମସ୍ତ ନୀତି ନୈତିକତା ହରାଇଛି। ଚିଟ୍‌ଫଣ୍ଡ ମାମଲାରେ ଅଭିଯୁକ୍ତ ଥିବା ବ୍ୟକ୍ତିଙ୍କର ଗତ ୧୨ତାରିଖରେ କୋର୍ଟ ତାରିଖ ଥିଲା। ଏଣୁ ଏହାକୁ ଭୟ କରି ସେ ହଠାତ ଗୋଟିଏ ଦିନ ପୂର୍ବରୁ ବିଜେପିରେ ସାମିଲ ହେଲେ ଓ ସେ ବିଜେପିରେ ଯୋଗ ଦେବା ପରେ ମାମଲା ଶୁଣାଣି ତାରିଖ ଘୁଞ୍ଚା ଯାଇଥିବା ଶୁଣିବାକୁ ମିଳୁଛି। ଏପରିକି ଖୋଦ୍ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଧ୍ୟ ସଂପୃକ୍ତ ବ୍ୟକ୍ତିଙ୍କ ଯୋଗଦାନ ସମ୍ପର୍କରେ ବି ଜାଣି ନାହାନ୍ତି। ଏହାକୁ ବିରୋଧ କରି ସେ ବିଜେପିର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଛନ୍ତି ଏବଂ ରାଜ୍ୟ ସଭାପତିଙ୍କୁ ମଧ୍ୟ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି ବୋଲି କହିଛନ୍ତି।

## ଛତିଶଗଡ଼ ଦଖଲରେ...

ଲାଗି ରହିଛି। ଏବେ ଝାରସୁଗୁଡ଼ା ଜିଲ୍ଲାର କନକତୋରାରେ ଛତିଶଗଡ ସରକାର ବେଆଇନ ଅନୁପ୍ରବେଶ କରୁଛି। କନକତୋରା ଗାଁର ୩ କିଲୋମିଟର ରାସ୍ତାକୁ ଅକ୍ତିଆର କରାଯାଇଛି। କନକତୋରା-ଛତିଶଗଡ଼ର ଏକତାରା ପର୍ଯ୍ୟନ୍ତ ରାସ୍ତା ରହିଛି। ଏଠାରେ ଓଡ଼ିଶାର ପ୍ରାୟ୩ କିମି ରାସ୍ତା ଅଛି। କନକତୋରା ଲୋକେ ୧୯୯୨-୯୩ରେ ନିଜ ଜମି ଦାନ କରିଥିଲେ। ଏହି ଦାନ ଜମିରେ ଓଡ଼ିଶା ସରକାର ରାସ୍ତା ନିର୍ମାଣ କରିଛନ୍ତି। ମାତ୍ର ସେହି ରାସ୍ତାରେ ଏବେ ଛତିଶଗଡ଼ ଅନଧିକାର ପ୍ରବେଶ କରିଛି। ସେଠାରେ ଛତିଶଗଡ଼ ପ୍ରଶାସନ ପକ୍ଷରୁ ଗାଡ଼ି ଚେକିଂ କରାଯାଉଛି। ଯାନ ଗାଡ଼ିକୁ ମଧ୍ୟ ଅଟକାଯାଉଛି।

ଏବେ ସେଠାରେ ୪ ଲେନ୍ ରାସ୍ତା ନିର୍ମାଣ ପାଇଁ ଛତିଶଗଡ଼ ସରକାର ଯୋଜନା କରୁଛନ୍ତି। ସ୍ଥାନୀୟ ଲୋକ ଏହାକୁ ବିରୋଧ କରୁଛନ୍ତି। ମାତ୍ର ଜିଲ୍ଲା ପ୍ରଶାସନ ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବ ରହିଛି। ଓଡ଼ିଶା ସରକାର ଏହି ପ୍ରସଙ୍ଗରେ ତୁରନ୍ତ ତତ୍ପରତା ଦେଖାଇବା ଆବଶ୍ୟକତା ରହିଛି। ସେଠାରେ ଅନଧିକାର ପ୍ରବେଶକୁ ଅଟକାଯିବା ଦରକାର। ଉପ ମୁଖ୍ୟମନ୍ତ୍ରୀ ଗୃହରେ ଅଛନ୍ତି। ପ୍ରସଙ୍ଗରେ ସେ ହସ୍ତକ୍ଷେପ କରନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ ନିବେଦନ କରିଛନ୍ତି। ଏହାସହିତ ବାଚସ୍ପତି ମଧ୍ୟ ଏହି ପ୍ରଙ୍ଗରେ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବି କରିବା ସହ ଏହା ସରକାରଙ୍କ ପାଇଁ ସତର୍କବାଣୀ ବୋଲି ଶ୍ରୀ ଆଚାର୍ଯ୍ୟ କରିଛନ୍ତି। ସରକାର ଯଦି ଏହି ପ୍ରସଙ୍ଗରେ ନିରବ ରୁହନ୍ତି, ତେବେ ଘାତକ ହେବ ବୋଲି ପ୍ରସନ୍ନ ଆଚାର୍ଯ୍ୟ ଚେତାଇଛନ୍ତି।

# କେବଳ ଅପରାଧିକ ମାମଲା ପାଇଁ ବନ୍ଧୁକ ଲାଇସେନ୍ସ ରଦ୍ଦ ହୋଇପାରିବ ନାହିଁ: ହାଇକୋର୍ଟ

କଟକ, ୧୩।୩(ସମିସ): ବନ୍ଧୁକ ଲାଇସେନ୍ସ ନବୀକରଣକୁ ନେଇ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। କେବଳ ଏକ ଅପରାଧିକ ମାମଲା ବିଚାରାଧୀନ ଥିବା ଆଧାରରେ କୌଣସି ବ୍ୟକ୍ତିଙ୍କ ବନ୍ଧୁକ ଲାଇସେନ୍ସକୁ ରଦ୍ଦ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ସମ୍ବିତ ପାଢ଼ୀଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। କେବଳ ଏକ ଫୌଜଦାରୀ ମାମଲା ରୁଜୁ ହୋଇଥିବା କାରଣରୁ ବନ୍ଧୁକ ଲାଇସେନ୍ସ ରଦ୍ଦ କରାଯାଇପାରିବ ନାହିଁ। ଅସ୍ତ୍ରଶସ୍ତ୍ର ଆଇନର ଧାରା ୧୭ ଅନୁଯାୟୀ, ଲାଇସେନ୍ସ ରଦ୍ଦ କରିବା ପାଇଁ ସାର୍ବଜନୀନ ଶାନ୍ତି ଓ ନିରାପତ୍ତା ପ୍ରତି ବିପଦ ଥିବା ପ୍ରମାଣିତ ହେବା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି। ବନ୍ଧୁକ ଲାଇସେନ୍ସ ନବୀକରଣ ଆବେଦନକୁ ଖାରଜ କରି ଆରଡିସି ଓ ଖୋର୍ଦ୍ଧା ଏଡିଏମ ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏଥିସହ ଆଗାମୀ ୪ସପ୍ତାହ ମଧ୍ୟରେ ଆବେଦନକାରୀଙ୍କ ବନ୍ଧୁକ ଲାଇସେନ୍ସ ନବୀକରଣ ଆବେଦନକୁ ପୁନଃ ବିଚାର କରି ଏକ ସ୍ପଷ୍ଟ ଆଦେଶ ପ୍ରଦାନ କରିବାକୁ ଖୋର୍ଦ୍ଧା ଏଡିଏମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଜଣେ ନାଗରିକର ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ବନ୍ଧୁକ ରଖିବା ଏକ ଅଧିକାର, ଯାହା ସମ୍ବିଧାନର ଧାରା ୨୧ ଅନ୍ତର୍ଗତ ଆସୁଛି। କୌଣସି ବାଧ୍ୟବାଧକତା ନଥାଇ କର୍ତ୍ତୃପକ୍ଷ ମନଇଚ୍ଛା ଏହାକୁ ରଦ୍ଦ କରିପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଖୋର୍ଦ୍ଧା ଜିଲ୍ଲାର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ସମ୍ବିତ ପାଢ଼ୀଙ୍କୁ ୨୦୧୯ ମସିହାରେ ବନ୍ଧୁକ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ୨୦୨୨ରେ ଏହାର ନବୀକରଣ ପାଇଁ ସେ ଆବେଦନ କରିଥିଲେ। ମାତ୍ର ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ଏଡିଏମ) ତାଙ୍କ ବିରୋଧରେ ଏକ ଅପରାଧିକ ମାମଲା (କୋଇଲା ଓ କ୍ରୋମାଇଟ୍ ସମ୍ବନ୍ଧୀୟ) ଥିବା ଦର୍ଶାଇ ତାଙ୍କର ଲାଇସେନ୍ସକୁ ରଦ୍ଦ କରିଦେଇଥିଲେ।

# ପ୍ରାପ୍ତ ବୟସ୍କ ଝିଅକୁ ସଂପର୍କରେ ରହିବାକୁ ବାଧ୍ୟ କରାଯାଇପାରିବ ନାହିଁ

କଟକ, ୧୩।୩(ସମିସ): ଯଦି ଜଣେ ପ୍ରାପ୍ତ ବୟସ୍କା ଝିଅ ଏକାକୀ ରହିବାକୁ ସ୍ୱାଧୀନ ନିଷ୍ପତ୍ତି ନେଇଛନ୍ତି ଓ ଶ୍ୱଶୁରଘର ଓ ବାପା-ମା'ଙ୍କଠାରୁ ଦୂରତ୍ୱ ରକ୍ଷା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି, ତାଙ୍କୁ ସେମାନଙ୍କ ସହ ସଂପର୍କରେ ରହିବା ପାଇଁ ଆଇନ ବାଧ୍ୟ କରିପାରିବନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଝିଅକୁ ଖୋଜି ବାହର କରିବାକୁ ମା'ଙ୍କ ତରଫରୁ ଦାୟର ପିଟିସନକୁ ଖାରଜ କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଣେ ପ୍ରାପ୍ତବୟସ୍କ ବ୍ୟକ୍ତି ଯଦି ସ୍ୱାଧୀନ ଭାବେ ବଞ୍ଚି ରହିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ଏପରି ନିର୍ଣ୍ଣୟରେ କୌଣସି ବାଧା ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

**AFFIDAVIT**

By virtue of an affidavit sworn before Notary Public, Puri, dated 13.02.2026 I, Sashi Pattanaik, Address E/105, P.K.R.I.T COLONY Puri PO: Puri(M) Pin code: 752002 declare that I have changed my name from Mahali Sahoo to Sashi Pattanaik. Henceforth, I shall be known as **Sashi Pattanaik** for all purposes.

**Sashi Pattanaik**

**AFFIDAVIT**

By virtue of an affidavit sworn before the Executive Magistrate, Jagatsinghpur Affidavit No. 2403, dated 28/04/2016, I **LAXMIPRIYA SAHOO,** W/o Sudarsan Sahoo resident of Village At-Birabarpatana, Po- Rambhadeipur, Ps- Jagatsinghpur Dist-Jagatsinghpur, Odisha, declare that I have changed my name from **PARBATI SAHOO** (Old Name) to **LAXMIPRIYA SAHOO** (New Name). Henceforth, I shall be known as **LAXMIPRIYA SAHOO,** W/o Sudarsan Sahoo for all purposes.

**Sd- LAXMIPRIYA SAHOO**

**AFFIDAVIT**

By virtue of an affidavit sworn before Notary Public, Puri, dated 02.03.2026 I, G Mamata Address Balinolia Sahi, Samudrakula Sahi PO: Puri-1 PS: Sea Beach State: Odisha Dist: Puri declare that I have changed the name of my daughter from Ganta Chandini to G Rebati. Henceforth, she shall be known as **G Rebati** for all purposes.

**G Mamata**

**AFFIDAVIT**

By virtue of an affidavit sworn before Notary Public, Puri, dated 24.06.2025 I, Rupa Behera, Address Madhusudan Nagar, PS: Talabania, Dist: Puri, Pin Code: 752002 declare that I have changed my name from Arjuna Behera To Rupa Behera. Henceforth, I shall be known as **Rupa Behera** for all purposes.

**Rupa Behera**

**AFFIDAVIT**

By virtue of an affidavit sworn before Notary Public, Puri, dated 02.03.2026 I, Koviri Subhadra Address Chandrabhaga Nolia Sahi Konark PO: Konark State: Odisha Dist: Puri declare that I have changed the name of my daughter from Gouri Roja to Koviri Rojameri. Henceforth, she shall be known as **Koviri Rojameri** for all purposes.

**Koviri Subhadra**

**AFFIDAVIT**

By virtue of an affidavit before the Executive Magistrate, Padampur, Dist- Bargarh, dated 12.03.2026, I, Poonam Kanta, formerly known as Poonam Deepak, At–Padampur (Kapsila), P.O.–Rajborasambar, P.S.-Padampur, Dist- Bargarh, -768036, do hereby declare that I have changed my name from Poonam Deepak to Poonam Kanta. Henceforth, I shall be known as **Poonam Kanta** for all purposes.

**AFFIDAVIT**

By virtue of an affidavit sworn before Notary Public, Puri, dated 07.03.2026 I, Ch Jagadish, Address Kotha revupolavaram Gudivada VTC: S Rayavaram PO: Revupolavaram Dist: Visakhapatnam State: Andhra Pradesh Pin Code: 531083 declare that I have changed my name from Chaka Kashiratnam To Ch Jagadish. Henceforth, I shall be known as **Ch Jagadish** for all purposes.

**Ch Jagadish**

**AFFIDAVIT**

By virtue of an affidavit No.03 sworn Before Executive Magistrate, Brahmagiri Dtd.05.03.2026 I, Laxmipriya Baral, W/o- Nrusingh Baral, Vill.- Ghatakudi, PO-Khajuria, PS- Purisadar, Dist.- Puri declare that in some documents my name mentioned as Koruprolu Vijayalakshmi Priya, D/o- Koruprolu Shiva which was my maiden name alongwith Laxmipriya Baral, W/o-Nrusingh Baral. Both Laxmipriya Baral, W/o- Nrusingh Baral and Koruprolu Vijayalakshmi Priya, D/o- Koruprolu Shiva is one and same person.

**AFFIDAVIT**

By virtue of an affidavit before the Notary public, Patnagarh, 07/03/2026 Pramila Das, aged about 62 years, w/o Gagan bihari Das, At-Khata no-91/65, Patnagarh, PS- Patnagarh Town, Dist-Balangir, Odisha, do hereby solemnly affirm and state on oath That, my original sale deed vide RSD No 585 of dt. 26.03.1996 ,kept in my custody but the same has been completely destroyed by white ant and not a single piece of paper has been available of the said document .

**FOR SALE**

1 Number of Car – Hyundai Grand I/10 NIOS, Registration No.- OD-17-AA-7966, Model 2023, - ENGINE NO – G4LAPM645230, CHASIS NO – MALB351CLPM470903, For Details, Contact – 9437577742, SUNDARAM FINANCE LTD., NAIK, BHAWAN,1 ST FLOOR, INFRONT FRONT OF BANK OF BARODA,BARGARH, PO- BARGARH, DIST-BARGARH-768028

13001/640/2526

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

CDA

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍ କଟକ-୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 8 ରେ ପ୍ଲଟ୍ ନଂ- 8-2F/396 ଟିକୁ ଶ୍ରୀମତୀ ରୀନା ଚୌଧୁରୀ, ସ୍ୱାମୀ-ଶ୍ରୀ ରଞ୍ଜନ କୁମାର ଚୌଧୁରୀ, ସା-ପଟାସୁର, ପୋ-ଇବ୍ରି ସିଂ, ପୋ- ତିର୍ତ୍ତୋଲ, ଜିଲ୍ଲା-ଜଗତସିଂହପୁର ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ରୀନା ଚୌଧୁରୀ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଇନ୍ଦୁମତୀ ରଥ, ପିତା-V ବାସୁଦେବ ରଥ, ସା-ପ୍ଲଟ ନଂ-F/225, ସେକ୍ଟର-୭, ମର୍କତ ନଗର, ସିଡିଏ, ଜିଲ୍ଲା-କଟକ-୭୫୩୦୧୪ ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR-13001/13037/1/25-26/0078

**ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**

25001/339/2526

**Government of Odisha "e" procurement Notice**

OFFICE OF THE EXECUTIVE ENGINEER,
RURAL WORKS ELECTRICAL DIVISION, SAMBALPUR.
*E-mail* – eerwelectricaldivn.sambalpur@gmail.com
Bid Identification No. EE /RWELECT/SBP/51/2025-26

| | | | |
|---|---|---|---|
| 1. | Name of the work | :- | **02 nos of work** |
| 2. | Estimated Cost | :- | **From Rs.37,82,337/- to Rs.7,96,487/-** |
| 3. | Availability of bid document in the website. | :- | 11.30 Hours of 16.03.2026 to 17:00 Hours of 24.03.2026 |
| 4. | Date of Opening of Tenders | :- | 11:30 Hours on dt. 25.03.2026 |

Further details and any corrigendum/Addendum/cancellation of tender can be seen from the Web Site www.tendersodisha.gov.in only.

**Executive Engineer**
**R.W Electrical Division Sambalpur**

OIPR-25001/25186/1/25-26/0001

10001/122/2526

**OFFICE OF THE SUPERINTENDENT, CHC CHUDAPALI, DIST-BALANGIR**
**(Department of Health & FW, Govt. of Odisha)**

**Advt. No: 196** **Date: 12.03.26**

Sealed tenders in prescribed format are invited from the registered Travel Agencies/Tour Operators/Individuals/Private Organizations for providing vehicles on monthly hiring basis for official use of BPMU, MHT-1, MHT-2 & MHU of NHM, O/o-The Superintendent, CHC-Chudapali, Balangir. Sealed tender documents should reach to the undersigned on or before 14.04.2026 till 5.00 pm, by registered post/speed post only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the district website (https://balangir.odisha.gov.in). The undersigned reserves the right to cancel any or all tender without assigning any reason thereof.

**Sd/-Superintendent,**
**CHC Chudapali, Balangir**

OIPR-10001/10276/1/25-26/0001

**ODISHA HYDRO POWER CORPORATION LIMITED** 4001/65/2526

OHPC

OFFICE OF THE SENIOR GENERAL MANAGER (ELECTRICAL), BHEP
AT/POST: BALIMELA, DIST. MALAKANGIRI (ODISHA), PIN–764051
Phones: 06861-232581(O) / 232641(O) / FAX: 06861-232541
E mail- unit.head.balimela@yahoo.com / bhep.balimela@gmail.com

**TENDER CALL NOTICE**
**NOTICE INVITING TENDER No. BHEP/73/2025-26, Dated-12.03.2026**

The Sealed Tenders are invited in Single part bid basis (i.e. Techno-commercial bid) from the Firms/ Reputed Suppliers / Agencies for **"Procurement of New 03 Nos of 2000 Litres & 11 Nos of 1000 Litres Overhead water Tanks with its fittings for BHEP, Balimela",** fulfilling the eligibility criteria as per the tender specification as mentioned below.

| Sl. No. | Name of the Supply | E.M.D (Refunded) | Cost of bid documents in Rs. |
|---|---|---|---|
| 1 | "Procurement of New 03 Nos of 2000 Litres & 11 Nos of 1000 Litres Overhead water Tanks with its fittings for BHEP, Balimela" | 1% of the Quoted Value exclusive of GST | Rs. 600.00 + (GST @ 18%) Rs. 108.00 = Rs. 708.00 |

**Availability of bid document:** From 12:00 Hrs of 16.03.2026 to 12:00 Hrs of 26.03.2026
**Last date & time of submission of bid:** Up to 12:00 Hrs of 26.03.2026
**The date & Time of opening of the bid:** 12:30 Hrs onwards of 26.03.2026
For details of the tender documents, terms & conditions, please visit our website www.ohpcltd.com

C & P Head
BHEP, Balimela

OIPR-4001/4019/1/25-26/0010

### ନିଶା ସେବନର କରୁଣ ପରିଣତି

# ଖାଇବାକୁ ନ ଦେବାରୁ ନିଶାସକ୍ତ ସ୍ତ୍ରୀକୁ ପିଟିପିଟି ହତ୍ୟା

**ଦେବଗଡ଼, ୧୩।୩(ସମିସ)**

ନିଶା ସେବନ ଆଉ ଏକ ପରିବାରକୁ ଉଜାଡି ଦେଇଛି। ଖାଇବାକୁ ନ ଦେବାରୁ ନିଶାଶକ୍ତ ସ୍ତ୍ରୀକୁ ପିଟିପିଟି ମାରିଦେଇଛି ସ୍ୱାମୀ। ଏଭଳି ଘଟଣା ଦେଖିବାକୁ ମିଳିଛି ଦେବଗଡ଼ ଥାନା ବ୍ରାହ୍ମଣୀମାଳ ଗ୍ରାମରେ। ଜାନୁଆରୀ ୨୩ରେ ଗ୍ରାମର ରେବତୀ ରଣାଙ୍କ ସନ୍ଦେହ ଜନକ ମୃତ୍ୟୁଙ୍କ ନେଇ ଦେବଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। କିନ୍ତୁ ପରବର୍ତ୍ତି ସମୟରେ ବ୍ୟବଚ୍ଛେଦ ରିପୋର୍ଟକୁ ଭିତ୍ତି କରି ପୁଲିସ ହତ୍ୟାମାମଲା ରୁଜୁ କରି ମୃତ ମହିଳାଙ୍କ ସ୍ୱାମୀ ଜଗ ରଣାକୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ସ୍ୱାମୀକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ମୃତ ମହିଳା ବିଭିନ୍ନ ସମୟରେ ନିଶା ସେବନ କରୁଥିଲେ। ଏଥିପାଇଁ ଘରର ଚାଉଳ, ଡାଲି ଆଦି ବିକ୍ରି କରୁଥିବାରୁ ସ୍ୱାମୀ, ସ୍ତ୍ରୀ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ଗତ ଜାନୁୟାରୀ ୨୩ ତାରିଖ ରାତିରେ ମୃତ ରେବତୀ ମଦ୍ୟପାନ କରି ଘରେ ନିଶାସକ୍ତ ଅବସ୍ଥାରେ ଥିବା ସମୟରେ ସ୍ୱାମୀ ଜଗ ରଣା ଘରକୁ ଆସି ଖାଇବାକୁ ମାଗିଥିଲେ। ମାତ୍ର ସ୍ତ୍ରୀ ରେବତୀ ଖାଇବାକୁ ଦେବା ପାଇଁ ମନା କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସ୍ତ୍ରୀର ଏଭଳି ବ୍ୟବହାରରେ ଉତ୍‌କ୍ଷିପ୍ତ ହୋଇ ଜଗ ଏକ ବାଡି ସାହାଯ୍ୟରେ ମାଡ ମାରିବା ସହ ରେବତୀଙ୍କ ଛାତିରେ ଏକ ପଥର କଚାଡି ଦେଇଥିଲେ। ନିଶା ପାଇଁ ସେ ଅଚେତ ହୋଇ ପଡ଼ିଥିବା ଜଗ ଅନୁମାନ କରିଥିଲେ। ଦୀର୍ଘ ସମୟ ଧରି ନ ଉଠିବାରୁ ମୃତ୍ୟୁ ଆଶଙ୍କା କରି ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ନିଶା ସେବନ କରି ତଳେ ପଡ଼ିଯିବାରୁ ରେବତୀଙ୍କର ମୃତ୍ୟୁ ଘଟିଥିବା ପୁଲିସ ସମ୍ମୁଖରେ ପ୍ରଥମେ ତାଙ୍କ ସ୍ୱାମୀ ଜଗ ପ୍ରକାଶ କରିଥିଲେ। କିନ୍ତୁ ରେବତୀଙ୍କ ଛାତିରେ ମାଡ ମରାଯାଇଥିବାରୁ ତାଙ୍କର ୩ଟି ପଞ୍ଜରା ହାଡ ଭାଙ୍ଗିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିବା ପରେ ପୁଲିସ ପୂର୍ବରୁ ହୋଇଥିବା ଅପମୃତ୍ୟୁ ମାମଲାକୁ ହତ୍ୟା ମାମଲାରେ ରୂପାନ୍ତରିତ କରି ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ଜଗ ନିଜେ ସ୍ତ୍ରୀ ରେବତୀଙ୍କ ଛାତି ଉପରେ ପଥର କଚାଡି ତାଙ୍କୁ ହତ୍ୟା କରିଥିବା ପୁଲିସ ସମ୍ମୁଖରେ ସ୍ୱୀକାର ଥିଲେ। ପରେ ଦେବଗଡ଼ ଥାନା ପୁଲିସ ଆଜି ହତ୍ୟା ଅଭିଯୋଗରେ ସ୍ୱାମୀ ଜଗକୁ ଗିରଫ କରି କୋର୍ଟଚାଲାଣ କରିଛି।



ସ୍ୱାମୀ ଗିରଫ

## ଏଲ୍‌ପିଜି ଅଚଳାବସ୍ଥା ନେଇ ଜିଲ୍ଲାପାଳଙ୍କୁ କଂଗ୍ରେସର ଫେରାଦ



**ଦେବଗଡ଼, ୧୩।୩(ସମିସ):** ଏଲ୍‌ପିଜି ବା ରନ୍ଧନ ଗ୍ୟାସକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥାର ପ୍ରତିବାଦରେ ଦେବଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ସହ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆଜି ପୂର୍ବାହ୍ନରେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଓ ମହିଳା କଂଗ୍ରେସ ନେତ୍ରୀ ଲିତା ଆଚାର୍ଯ୍ୟଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତା ଓ କର୍ମୀ ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସେଠାରେ ଖାଲି ଗ୍ୟାସ ସିଲିଣ୍ଡର ରଖି କେନ୍ଦ୍ର ସରକାରଙ୍କ ଅପାରଗତା ବିରୁଦ୍ଧରେ ନାନା ସ୍ଲୋଗାନ ଦେବାସହ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ଏଥିସହ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସାକ୍ଷାତ କରି ରନ୍ଧନ ଗ୍ୟାସ ଅଭାବ ଦୂର କରି ସମସ୍ୟାର ସମାଧାନ ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ରେବତୀ ମୋହନ ପଟ୍ଟନାୟକ, ରମେଶ ଚନ୍ଦ୍ର ପାତ୍ର, ଅଲେଖ ନାଏକ ଓ ଅକାଶ ଦାଶଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଦେବଗଡ଼, ୧୩।୩(ସମିସ):** ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଭିନ୍ନକ୍ଷମ ସହାୟତା ଉପକରଣ ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ ଓ ବରେଣ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ସରପଞ୍ଚ ବୀଣାପାଣି ନାୟକ ପ୍ରମୁଖ ଯୋଗଦେଇ ୩୪ ଜଣ ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ବଣ୍ଟନ କରିଥିଲେ। ସେଥିମଧ୍ୟରୁ ହୁଇଲ୍ ଚେୟାର ୬ ଟି, ବ୍ଲାଇଣ୍ଡ ଷ୍ଟିକ୍ ୫ଟି, ସିପି ଚେୟାର ୪ଟି, ଟ୍ରାଇ ସାଇକେଲ୍ ୨ଟି, ୱାକିଂ ଷ୍ଟିକ୍ ୩ଟି, ହେୟାରିଂ ଏଡ୍ ୧୩ ଟି ପ୍ରମୁଖ ବଣ୍ଟନ କରିଥିଲେ।

## ମାସକରେ ମହାନଦୀ ଜଳ ବିବାଦର ସମାଧାନ ସନ୍ଦେହଜନକ

**ଝାରସୁଗୁଡା, ୧୩।୩(ସମିସ):** ମହାନଦୀ ଜଳ ବିବାଦକୁ ୧୦ ବର୍ଷ ପୁରିଥିବା ବେଳେ ଇତିମଧ୍ୟରେ କେବଳ ଜନତାଙ୍କ ସ୍ୱରର ଚାପରେ କେବଳ ଟ୍ରିବ୍ୟୁନାଲ ଗଠିତ ହୋଇଛି। ତେବେ ଗତ ୧୦ ବର୍ଷର ବିବାଦ ମାତ୍ର ମାସକ ମଧ୍ୟରେ ସମାଧାନ ହେବା ସନ୍ଦେହଜନକ ବୋଲି ଝାରସୁଗୁଡା ଜିଲ୍ଲାସଦରର ଏକ ହୋଟେଲରେ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଅଭିଯାନର ସାମ୍ବାଦିକ ସମ୍ମିଳନୀରେ ଅଧକ୍ଷତା କରି ପୂର୍ବତନ ସାଂସଦ ବ୍ରଜକିଶୋର ତ୍ରିପାଠି କହିଛନ୍ତି। ୨୦୧୬ ଠାରୁ ଆରମ୍ଭ ହୋଇଥିବା ଉକ୍ତ ବିବାଦକୁ ୧୦ ବର୍ଷ ପୁରିଛି। ଅଥଚ ସମାଧାନର ପନ୍ଥା ବାହାରି ପାରିଲାନାହିଁ। ଜନତାଙ୍କ ସ୍ୱର ଚାପରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଜଳବିବାଦ ସମାଧାନର କୌଣସି ସୂତ୍ର ବାହାର କରିପାରିନାହାନ୍ତି। ଗଠିତ ଟ୍ରିବ୍ୟୁନାଲ ଆଠବର୍ଷ ଭିତରେ ମହାନଦୀ ଜଳ ସଂକଟକୁ ନେଇ ବାସ୍ତବ ଅଧ୍ୟୟନ କରିଥିବା ସନ୍ଦେହଜନକ ରହିଛି। ଏଥିସହ ଆସନ୍ତା ଅପ୍ରେଲ ୧୩ ପର୍ଯ୍ୟନ୍ତ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ରହିଛି। ଏପରିସ୍ଥିତିରେ ଆଉ ଏକ ମାସ ମଧ୍ୟରେ ମହାନଦୀ ଜଳ ବିବାଦ ସମସ୍ୟାର ସମାଧାନ ହେବା ସନ୍ଦେହଜନକ। ଟ୍ରିବ୍ୟୁନାଲଙ୍କ ଶୁଣାଣି ଆସନ୍ତା ମାର୍ଚ୍ଚ ୧୪ରେ ଛତିଶଗଡ଼ ରାଜ୍ୟର ରାଜଧାନୀଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଯାହା ଟ୍ରିବ୍ୟୁନାଲଙ୍କ ୪୩ ତମ ଶୁଣାଣି ହେବ। ଏହା ପୂର୍ବରୁ ଫେବୃଆରୀ ୨୬ ଠାରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଟ୍ରିବ୍ୟୁନାଲଙ୍କ ଏକ ୭ ଜଣିଆ ଦଳ ଅନୁଧାନ ପାଇଁ ଓଡ଼ିଶା ଗସ୍ତରେ ଆସିଥିଲେ। ଯେଉଁ ସମୟରେ ଗସ୍ତର ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ଭିତରେ ପାର୍ଥକ୍ୟ ରହିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଟ୍ରିବ୍ୟୁନାଲଙ୍କ ଗସ୍ତ ଛତିଶଗଡ଼ ରାଜ୍ୟରେ ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଦୁଇ ବର୍ଷ ହେବ ଓଡ଼ିଶା ଛତିଶଗଡ଼ ଏବଂ କେନ୍ଦ୍ରରେ ବିଜେପି ନେତୃତ୍ୱରେ ଟ୍ରିପଲ ଇଞ୍ଜିନ ସରକାର ଗଠନ ହୋଇସାରିଛି। ଦୁଇ ରାଜ୍ୟରେ ସମାନ ଦଳର ସରକାର ଥିବାରୁ ଦୋଷାରୋପ ରାଜନୀତି ବନ୍ଦ ହୋଇ ଏହାର ସମାଧାନ ପାଇଁ ରାଜ୍ୟ ସରକାର ବଡ଼ ମଧୁର ଭାଷା କହୁଥିଲେ ମଧ ସମାଧାନ ଦିଗରେ କୌଣସି ବାସ୍ତବ ଯୋଜନା ନାହିଁ। ସରକାର ମହାନଦୀ ଜଳସଂକଟର ବାସ୍ତବ ଦିଗକୁ ମଧ ଯିବା ପାଇଁ ଚାହୁଁ ନ ଥିବା ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ମହାନଦୀ ପରୀପେକ୍ଷୀରେ ଦୁଇବର୍ଷ ତଳେ ଯାହା ଜଳର ସଂକଟ ଥିଲା ବର୍ତ୍ତମାନ ଏହା ଅଧିକ ଘନୀଭୁତ ହେଉଥିବାର ଦେଖାଗଲାଣି। ଏଣୁ ଜଳସଂକଟ ସହ ଅନେକ ସମସ୍ୟାକୁ ନେଇ ଜନସଚେତନତାର ଆବଶ୍ୟକତା ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ତ୍ରିପାଠି କହିଛନ୍ତି।




## ଜିଲ୍ଲା ପାଠାଗାରର ନବୀକରଣ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

### ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀଙ୍କୁ ମିଳିବ ସୁବିଧା ଓ ସୁଯୋଗ

**ଝାରସୁଗୁଡ଼ା, ୧୩।୩(ସମିସ):** ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଥିବା ଜିଲ୍ଲା ପାଠାଗାରର ସାମ୍ପ୍ରତିକ ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ନବୀକରଣ ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଗୁରୁତ୍ୱାରୋପ କରିଛନ୍ତି। ଜିଲ୍ଲାର ଛାତ୍ରଛାତ୍ରୀମାନେ ଯେପରି ଏହି ପାଠାଗାରରୁ ସର୍ବାଧିକ ଉପକୃତ ହୋଇପାରିବେ ଏବଂ ଏକ ଉନ୍ନତ ଶୈକ୍ଷିକ ପରିବେଶ ପାଇପାରିବେ, ସେଥିପାଇଁ ଜିଲ୍ଲାପାଳ ଅଧିକାରୀଙ୍କୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ରୂପାନ୍ତରଣ କାର୍ଯ୍ୟ କରାଯିବ। ପାଠାଗାରରେ ବସିବା ପାଇଁ ଅଧିକ ସ୍ଥାନ, ନୂତନ ପୁସ୍ତକ ସଂଗ୍ରହ ଏବଂ ଆଧୁନିକ ସୁବିଧା ସୁଯୋଗ ଉପଲବ୍ଧ କରାଇବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନର ଆବଶ୍ୟକତା ଅନୁଯାୟୀ ପାଠାଗାରର ଆଧୁନିକୀକରଣ କରାଗଲେ, ଏଠାରେ ଏକା ସାଙ୍ଗରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ବସି ପାଠ ପଢ଼ିପାରିବେ। ଏହି ସଂସ୍କାର ଦ୍ୱାରା ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀମାନେ ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବା ପାଇଁ ଉପଯୁକ୍ତ ସାଧନ ପାଇପାରିବେ। ପାଠାଗାରରେ ଆବଶ୍ୟକୀୟ ଆସବାବପତ୍ର, ଲାଇଟ୍ ଏବଂ ପାନୀୟ ଜଳ ଭଳି ମୌଳିକ ସୁବିଧାକୁ ସୁନିଶ୍ଚିତ କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସମୂହ ଛୁଟି ଆବେଦନ କଲେ ଆଶା କର୍ମୀ

**ଦେବଗଡ଼, ୧୩।୩ (ସମିସ):** ସରକାର ଆଶା କର୍ମୀମାନଙ୍କ ଦାବି ଶୁଣୁନଥିବାରୁ ଆଶାକର୍ମୀ ସଂଘ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ମାର୍ଚ୍ଚ ୧୬ ତାରିଖ ଭୁବନେଶ୍ୱର ସ୍ଥିତ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଭାରତୀୟ ମଜଦୁର ସଙ୍ଘ ସହ ଅନୁବନ୍ଧିତ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଙ୍ଘ ତରଫରୁ ନିଷ୍ପତି ନିଆଯାଇଛି। ଏଥିରେ ସାମିଲ ହେବାକୁ ଆଶା କର୍ମୀ ସଙ୍ଘ, ଦେବଗଡ଼ ଜିଲ୍ଲା ଶାଖାର ସଦସ୍ୟା ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ସାମୁହିକ ଛୁଟି ପାଇଁ ଆବେଦନ କରିଛନ୍ତି।



## ଯୋଗାଣ ବିଭାଗର ଚଢ଼ଉ; ୯୮ ସିଲିଣ୍ଡର ଜବତ

**ଝାରସୁଗୁଡ଼ା, ୧୩।୩(ସମିସ):** ଜିଲ୍ଲାରେ ରନ୍ଧନ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲର ସ୍ଥିତି ଏବଂ ସୁଷମ ବଣ୍ଟନକୁ ନେଇ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଗତକାଲି ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରନ୍ଧନ ଗ୍ୟାସ କଳାବଜାରୀ ରୋକିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ ଆଜି ଯୋଗାଣ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ଉ କରାଯାଇ ବେଆଇନ ଭାବେ ଗଚ୍ଛିତ ୯୮ଟି ସିଲିଣ୍ଡର ଜବତ କରାଯାଇଛି। ବେହେରାମାଲ ଛକ ନିକଟରେ ବେଆଇନ ଭାବେ ଗ୍ୟାସ ଭର୍ତ୍ତି କରାଯାଉଥିବା ନେଇ ଅଭିଯୋଗ ପରେ ଏହି ଚଢ଼ଉ କରାଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପୀତାମ୍ବର ସେଠୀ, ଏସିଏସଓ ସୂର୍ଯ୍ୟ କୁମାର ପାଣିଗ୍ରାହୀଙ୍କ ସମେତ ଜିଲ୍ଲାର ୬ ଜଣ ଯୋଗାଣ ନିରୀକ୍ଷକ ସାମିଲ ଥିଲେ। ୨ଟି ସ୍ଥାନରେ ଅତର୍କିତ ଚଢ଼ଉ କରାଯାଇ ୯୮ ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଥିଲା। ଆଗାମୀ ଦିନରେ ଏଭଳି ଚଢ଼ଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚାଯାଇଛି।



## ପୌରପରିଷଦ ପରିମଳ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଶିବିର

**ଦେବଗଡ଼, ୧୩।୩(ସମିସ):** ଦେବଗଡ଼ ପୌରପରିଷଦ ପକ୍ଷରୁ ପ୍ରଧାନପାଟ ରୋଡ଼ ସ୍ଥିତ ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ ପରିମଳ କର୍ମଚାରୀଙ୍କ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର୍ ସାହୁ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଭାରପ୍ରାପ୍ତ ପୌର ପରିଷଦ ଅଧକ୍ଷ ପ୍ରଜୀତ କୁମାର୍ ଭୋଜ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରତିକାନ୍ତ ଶୁକ୍ଲା ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ପୌର ପରିଷଦର ସଫେଇ କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ, ସ୍ୱଚ୍ଛ ସୁପରଭାଇଜର କର୍ମଚାରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରୀ ଟିମ୍ ସ୍ୱାସ୍ଥ୍ୟ ଶିବିରରେ ୮୮ ଜଣ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୌରପରିଷଦ କର୍ମଚାରୀ, ସାମ୍ବାଦିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ଏକତା ମଞ୍ଚର କ୍ରୀଡା ପ୍ରତିଯୋଗିତା

**ଦେବଗଡ଼, ୧୩।୩(ସମିସ):** ଦେବଗଡ଼ ଜିଲ୍ଲା ମହିଳା ଏକତା ମଞ୍ଚ ପକ୍ଷରୁ ମହିଳାଙ୍କ ଉତ୍ତମ ସ୍ୱାସ୍ଥ୍ୟ ସହ ମନୋରଞ୍ଜନ ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରଧାନପାଟ ରୋଡ଼ ସ୍ଥିତ ବଡ଼ ବଗିଚାଠାରେ ଦିନିକିଆ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସକ୍ରିୟ ସଦସ୍ୟା ରାଜଶ୍ରୀ ପାତ୍ର, ପ୍ରେମିଶିଲା ଝାଙ୍କର ଓ ସୁଜାତା ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଛି। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ରବିବାର ସନ୍ଧ୍ୟାରେ ମୁଖ୍ୟ ବଜାର ରୋଡ଼ ଗୋପବନ୍ଧୁ ଛକଠାରେ ମଞ୍ଚ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟାରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମ ଆୟୋଜନରେ ମିନାକ୍ଷୀ ମିଶ୍ର, ଲିପାଲିପ୍ସା ଝାଙ୍କର, ବବିତା ନାୟକ, ପୁଷ୍ପ ମଞ୍ଜରୀ ସାହୁ, ଲିଲି ମହାପାତ୍ର, ମାନସୀ ଭୋଇ, ତପସ୍ୱିନୀ ପାତ୍ର, ଅର୍ଚ୍ଚନା ନାଏକ ଓ ରଞ୍ଜିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଡିଏଭିରେ ବାଲ ମେଳା

**ଝାରସୁଗୁଡ଼ା, ୧୩।୩(ସମିସ):** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ନର୍ସରୀଠାରୁ ଆରମ୍ଭ କରି ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ବାଲ ବାଟିକା ଶିଶୁମାନଙ୍କୁ ନେଇ ଏକ ବାଲ ମେଳା ଆୟୋଜିତ ହୋଇଯାଇଛି। ବିଗତ ଶିକ୍ଷାବର୍ଷର ସମାପ୍ତି ପରେ ବ୍ୟାଗ ମୁକ୍ତ ଦିବସ ରୂପେ ପାଳନ କରିବା ଉଦ୍ଦେଶ୍ୟରେ ୫୦୦ରୁ ଉର୍ଦ୍ଧ୍ୱ ବାଲ ବାଟିକା ଶିଶୁମାନଙ୍କ ଏକତ୍ରୀକରଣରେ ଆୟୋଜିତ ଏହି ମେଳାରେ କୁନି କୁନି ଛାତ୍ରଛାତ୍ରୀମାନେ ସେମାନଙ୍କ ସୃଜନଶୀଳତା, ସାହସିକତା, ବିଦ୍ୟାଳୟ ପ୍ରତି ଆକୃଷ୍ଟତା, ସହ ପାଠ୍ୟ କ୍ରିୟାକଳାପରେ ସହଭାଗିତା ଓ ଆତ୍ମ ପ୍ରକାଶ ଶୈଳୀ ଆଦି ପ୍ରଦର୍ଶନ କରିଥିଲେ। ଏହି ମେଳାରେ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥ, ଖେଳନା, ହସ୍ତଶିଳ୍ପ ଓ ଶିକ୍ଷାମୂଳକ ସାମଗ୍ରୀର ଅନେକ ଷ୍ଟଲ ଛାତ୍ରଛାତ୍ରୀମାନେ ନିଜେ ପରିଚାଳନା କରିଥିଲେ। କୁନି ଶିଶୁମାନେ ଆଗାମୀ ୨୩ ତାରିଖରେ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ହେବାକୁ ଯାଉଥିବା ରକ୍ତଦାନ ଶିବିରରେ ବହୁଳ ସଂଖ୍ୟାରେ ଯୋଗଦେବାକୁ ସମସ୍ତଙ୍କୁ ଆମନ୍ତ୍ରଣ କରିଥିଲେ। ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତା ମେଳାର ଉଦଘାଟନ କରିଥିଲେ। ସୁନନ୍ଦା ପ୍ରହରାଜ, ସଙ୍ଗୀତା ସିହ୍ନା, ରିଙ୍କୁ ଶର୍ମା, ସବିତା ଧଳ, ସ୍ମିତା ସାହୁ, ସରିତା ମିଶ୍ର, ଅଞ୍ଜଳି ବାଲ ସୁବ୍ରମନ୍ୟନ, ମୋନିକା ଶ୍ରୀବାସ୍ତବ, ଏଏସଭି ଶ୍ରୀବାଲି, ଉମା ସିଂ ଚନ୍ଦେଲ, ମିଲି ରାୟ, ରଶ୍ମିତା ଲେଙ୍କା, ଋତୁପର୍ଣ୍ଣା ଶତପଥୀ ପ୍ରମୁଖ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।




## ଜିଲ୍ଲାପାଳଙ୍କ ହଣ୍ଡାତୁପା ସେବାଶ୍ରମ ବିଦ୍ୟାଳୟ ପରିଦର୍ଶନ

**ଝାରସୁଗୁଡ଼ା, ୧୩।୩ (ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ହଣ୍ଡାତୁପା ସେବାଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଭିତ୍ତିଭୂମି ଓ ଶିକ୍ଷାଦାନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ସେ ବିଦ୍ୟାଳୟ ପରିସରରେ ନିର୍ମାଣଧୀନ ଅତିରିକ୍ତ ଶ୍ରେଣୀ ଗୃହ ଏବଂ ହଷ୍ଟେଲର ପାଚେରୀ କାମର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ଏହି କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଦ୍ୟାଳୟ ଖେଳପଡ଼ିଆର ଉନ୍ନତିକରଣ ପାଇଁ ଏକ ପ୍ରସ୍ତାବ ଦାଖଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ବିଦ୍ୟାଳୟର ଶ୍ରେଣୀ ଗୃହ, ଛାତ୍ରାବାସ, ରୋଷେଇ ଘର, ଚିକିତ୍ସା କକ୍ଷ ଏବଂ ଶୌଚାଳୟ ଆଦି ବୁଲି ଦେଖିବା ସହ ପରିମଳ ବ୍ୟବସ୍ଥା ଯାଞ୍ଚ କରିଥିଲେ। ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ସହ ସେ ସିଧାସଳଖ କଥା ହୋଇ ସେମାନଙ୍କୁ ମିଳୁଥିବା ଖାଦ୍ୟର ମାନ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ପଚାରି ବୁଝିଥିଲେ। ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ସୁବିଧା ପ୍ରତି ସର୍ବଦା ସଜାଗ ରହିବାକୁ ସେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ଶିକ୍ଷାଦାନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ପଠନ ଦକ୍ଷତା ବୃଦ୍ଧି ଉପରେ ଅଧିକ ଧ୍ୟାନ ଦେବାକୁ ଜିଲ୍ଲାପାଳ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପିଲାମାନେ ଯେପରି ବିଷୟ ବସ୍ତୁକୁ ସହଜରେ ବୁଝିପାରିବେ ଏବଂ ସେମାନଙ୍କ ମଧ୍ୟରେ ପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି ହେବ, ସେଥିପାଇଁ ବିହିତ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।



## ଜନଗଣନା କ୍ଷେତ୍ର ପ୍ରଶିକ୍ଷକଙ୍କ କର୍ମଶାଳା ଉଦ୍‌ଯାପିତ



**ଝାରସୁଗୁଡ଼ା, ୧୩।୩ (ସମିସ):** ଆଗାମୀ ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡିଏମ୍‌ଏଫ୍ ସଭାଗୃହରେ ଆୟୋଜିତ ତିନି ଦିନିଆ କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୨୨ ଜଣ କ୍ଷେତ୍ର ପ୍ରଶିକ୍ଷକ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଉପଜିଲ୍ଲା ଜନଗଣନା ଅଧିକାରୀ ତଥା ଡେପୁଟି କଲେକ୍ଟର (ଜନଗଣନା) ଲୋପାମୁଦ୍ରା କାଲୋ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଜନଗଣନା ବିଭାଗର ଡେପୁଟି ଡାଇରେକ୍ଟର ଜୟକୃଷ୍ଣ ଭୋଇ ଏବଂ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ମୁଖ୍ୟପ୍ରଶିକ୍ଷକ ଭାବେ ଯୋଗଦେଇ ଜନଗଣନାର ଜଟିଳ ପ୍ରକ୍ରିୟା ଓ ବୈଷୟିକ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ସମୟରେ ବିଶେଷ କରି ଜନଗଣନା ସମ୍ପର୍କିତ ତଥ୍ୟ ସଂଗ୍ରହ, ସଠିକ୍ ଲେ-ଆଉଟ୍ ମ୍ୟାପ୍ ପ୍ରସ୍ତୁତି ଏବଂ ଆଧୁନିକ ଏଚ୍‌ଏଲ୍‌ଓ ମୋବାଇଲ୍ ଆପ୍ ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ କିଭଳି ନିର୍ଭୁଲ ତଥ୍ୟ ଅପଲୋଡ୍ କରାଯାଇପାରିବ, ସେନେଇ ପ୍ରଶିକ୍ଷକମାନଙ୍କୁ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା। ଶେଷ ଦିନରେ ପ୍ରଶିକ୍ଷକମାନେ କ୍ଷେତ୍ର ପରିଦର୍ଶନ କରି ପ୍ରାୟୋଗିକ ଅଭିଜ୍ଞତା ହାସଲ କରିବା ସହ ବାସ୍ତବ ସ୍ଥିତିରେ ଆସୁଥିବା ସମସ୍ୟାର ସମାଧାନ ଶିଖିଥିଲେ। ଏହି ପ୍ରଶିକ୍ଷଣ ପାଇଥିବା କ୍ଷେତ୍ର ପ୍ରଶିକ୍ଷକମାନେ ଆଗାମୀ ଦିନରେ ନିଜ ନିଜ ଅଞ୍ଚଳରେ ଏନୁମେରେଟର ଏବଂ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦେଇ ଜନଗଣନା କାର୍ଯ୍ୟକୁ ଆଗେଇ ନେବେ। ଏହି ଅବସରରେ ଜିଲ୍ଲା ଜନଗଣନା ଇନଚାର୍ଜ ରବି ରଞ୍ଜନ, ସେକ୍ସନ ଅଫିସର ହରିହର ମାଝୀଙ୍କ ସମେତ ଜନଗଣନା ଶାଖାର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ରନ୍ଧନ ଗ୍ୟାସ୍ ସ୍ଥିତି ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

# କଳା ବଜାର, ମିଥ୍ୟା ଗୁଜବସୃଷ୍ଟିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଝାରସୁଗୁଡ଼ା, ୧୩।୩(ସମିସ)**

ଜିଲ୍ଲାରେ ରନ୍ଧନ ଗ୍ୟାସ୍, ପେଟ୍ରୋଲ ଏବଂ ଡିଜେଲର ଉପଲବ୍ଧତା ଏବଂ ଯୋଗାଣ ସ୍ଥିତିକୁ ନେଇ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଭିଡିଓ କନଫରେନ୍ସ ମାଧ୍ୟମରେ ଆଲୋଚନା ପରେ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀ ଓ ତୈଳ କମ୍ପାନୀର ପ୍ରତିନିଧିମାନଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ, ଝାରସୁଗୁଡ଼ା ଜିଲ୍ଲାରେ ରନ୍ଧନ ଗ୍ୟାସ୍ କିମ୍ବା ଇନ୍ଧନର କୌଣସି ଅଭାବ ନାହିଁ। କେବଳ ଲୋକଙ୍କ ମନରେ ଥିବା ଆଶଙ୍କା ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଗ୍ୟାସ୍ ସିଲିଣ୍ଡର ଓ ପେଟ୍ରୋଲର କଳାବଜାରୀ ଉପରେ କଡ଼ା ନଜର ରଖିବାକୁ ପୁଲିସ ଏବଂ ଯୋଗାଣ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ୟାସ ସିଲିଣ୍ଡରର ମାତ୍ରାଧିକ କ୍ରୟକୁ ରୋକିବା ପାଇଁ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାରେ ଗ୍ୟାସ୍ ଯୋଗାଣ କ୍ଷେତ୍ରରେ ଘରୋଇ ଗ୍ରାହକ, ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ, ଆଶ୍ରମ ସ୍କୁଲ, ହସ୍ପିଟାଲ, ଆହାର କେନ୍ଦ୍ର ଏବଂ ଜରୁରୀକାଳୀନ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ରନ୍ଧନ ଗ୍ୟାସ୍ ଓ ଇନ୍ଧନର ସୁଗମ ଯୋଗାଣ ନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ସତର୍କ ରହିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରିବା ପାଇଁ ହେଉଥିବା ବେଆଇନ ମହଜୁଦ ଏବଂ କଳାବଜାରୀକୁ ରୋକିବା ପାଇଁ ନିୟମିତ ଚଢ଼ଉ କରିବାକୁ ସେ କହିଛନ୍ତି। ଏଥିସହ ଇନ୍ଧନ ସ୍ଥିତିକୁ ନେଇ କୌଣସି ପ୍ରକାରର ମିଥ୍ୟା ଗୁଜବ ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ କଡ଼ା ନଜର ରଖିବାକୁ ଏବଂ ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ତାହା ନିଶ୍ଚିତ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ଅଧିକାରୀଙ୍କୁ ହାଇ ଆଲର୍ଟରେ ରଖାଯାଇଛି। ଏହି ଆଭାସୀ ବୈଠକରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ସିଡିଏମଓ, ସମସ୍ତ ବିଡିଓ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ବିଭିନ୍ନ ତୈଳ କମ୍ପାନୀର ପ୍ରତିନିଧି, ପେଟ୍ରୋଲ ପମ୍ପ ମାଲିକ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ।

**ଜିଲ୍ଲାରେ ମହଜୁଦ ରହିଛି ରନ୍ଧନ ଗ୍ୟାସ୍**



● ୟୁଜିସି ବିଲ୍‌କୁ ବିରୋଧ

# ଭେଡେନ ବ୍ରାହ୍ମଣ ସମାଜର ଦାବିପତ୍ର



ଭେଡେନ, ୧୩।୩(ସମିସ): ସରକାରଙ୍କ ନୂତନ ୟୁଜିସି ବିଲକୁ ବିରୋଧ କରି ଭେଡେନ ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସଭାପତି ଜନ୍ମଜୟ ମିଶ୍ରଙ୍କ ନେତୃତ୍ୱରେ ବ୍ରାହ୍ମଣ ସମାଜର ସଦସ୍ୟବୃନ୍ଦ ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁଙ୍କ ଜରିଆରେ ଭାରତ ପ୍ରଧାନମନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଭେଡେନ ବ୍ଲକ ବ୍ରାହ୍ମଣ ସମାଜର ସମ୍ପାଦକ ନନ୍ଦି କିଶୋର ହୋତା, ଅଜିତ କୁମାର ଦାଶ, ପ୍ରିୟବ୍ରତ କର, ଜୟନାରାୟଣ ମହାପାତ୍ର, ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ଜଗତ ଭୂଷଣ ଶତପଥୀ, ଗୁଣାକର ଶତପଥୀ, ସୁବାଷ ପଣ୍ଡା, ଅରବିନ୍ଦ ହୋତାଙ୍କ ସମେତ ବ୍ଲକର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଲୋକସଭାରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଭୁଲ୍ ତଥ୍ୟ

## ଅସନ୍ତୋଷ ପ୍ରକାଶ କଲା ବରଗଡ଼ର ଫାଇଟର୍ସ ଗ୍ରୁପ୍

ବରଗଡ଼, ୧୩।୩(ସମିସ)

ଲୋକସଭାରେ ଆଜି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଉଠାଇଥିବା ପ୍ରଶ୍ନର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଦେଇଥିବା ଉତ୍ତରରେ ଭୁଲ୍ ତଥ୍ୟ ପ୍ରଦାନକୁ ନେଇ ବରଗଡ଼ ଜିଲ୍ଲାରେ ଅସନ୍ତୋଷ ଦେଖାଦେଇଛି। ବିଶେଷକରି ବରଗଡ଼ ଜିଲ୍ଲା ହସ୍ପିଟାଲରେ ନିର୍ମିତ କର୍କଟ ହସ୍ପିଟାଲର ସୁବିଧା ବିଷୟରେ ଦିଆଯାଇଥିବା ତଥ୍ୟକୁ ନେଇ ଫାଇଟର୍ସ ଗ୍ରୁପ୍ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଛି। ଲୋକସଭାରେ ସାଂସଦ ପ୍ରଦୀପ ପୁରୋହିତ ଓଡ଼ିଶାରେ ବୃଦ୍ଧି ପାଉଥିବା କର୍କଟ ରୋଗ ମାମଲା, ବିଶେଷକରି ପଶ୍ଚିମ ଓଡ଼ିଶାର ବରଗଡ଼, ସମ୍ବଲପୁର ଓ ବଲାଙ୍ଗୀର ଭଳି ଜିଲ୍ଲାର ରୋଗୀମାନଙ୍କ ଚିକିତ୍ସା ସମସ୍ୟା ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ସେଥିପାଇଁ ପ୍ରାୟ ୧୩୮ କୋଟି ଟଙ୍କା ବ୍ୟୟରେ ବରଗଡ଼ରେ ନିର୍ମିତ କର୍କଟ ହସ୍ପିଟାଲ କେତେ ଦୂର କାର୍ଯ୍ୟକ୍ଷମ ହୋଇଛି, ସେଠାରେ ଡାକ୍ତର ଓ କର୍ମଚାରୀଙ୍କ ପଦବୀ ପୂରଣ ହୋଇଛି କି ନାହିଁ ଏବଂ ପିଇଟି-ସି ଟି, ରେଡିଏସନ ଥେରାପି ଓ ଆଇସିୟୁ ଭଳି ଉନ୍ନତ ସୁବିଧା ଆରମ୍ଭ କରିବାକୁ କେନ୍ଦ୍ର ସରକାରଙ୍କ କୌଣସି ପ୍ରସ୍ତାବ ଅଛି କି ନାହିଁ ବୋଲି ମଧ୍ୟ ପଚାରିଥିଲେ। ଏହାର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ରାଜ୍ୟମନ୍ତ୍ରୀ ପ୍ରତାପ ରାଓ ଜବାବ ରଖି କହିଥିଲେ, ଓଡ଼ିଶା ସରକାରଙ୍କ ସୂଚନା ଅନୁଯାୟୀ ବରଗଡ଼ ଜିଲ୍ଲା ହସ୍ପିଟାଲରେ କର୍କଟ ହସ୍ପିଟାଲର ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଛି ଏବଂ ଏହାକୁ ଜିଲ୍ଲା ହସ୍ପିଟାଲକୁ ହସ୍ତାନ୍ତର କରାଯାଇଛି। ସେଠାରେ କର୍କଟ ସ୍କ୍ରିନିଂ, ପରାମର୍ଶ ଓ ଫଲୋ-ଅପ ପାଇଁ ଓପିଡି ସେବା ଚାଲୁ ରହିଛି। ସିଟି ସ୍କାନ, ୟୁଏସଜି ଓ ଏକ୍ସ-ରେ ସହିତ ଇମେଜିଂ ସୁବିଧା ଏବଂ ବାୟୋପ୍ସି, ହିଷ୍ଟୋପାଥୋଲୋଜି ଓ ମଲିକ୍ୟୁଲାର ଡାୟାଗ୍ନୋସିସ୍ ଭଳି ପରୀକ୍ଷା ସୁବିଧା ଉପଲବ୍ଧ ଥିବା କଥା ସେ ଉଲ୍ଲେଖ କରିଥିଲେ। ସେଥିପାଇଁ ୨୦ ଶଯ୍ୟା ବିଶିଷ୍ଟ ଏକ ଇନପେସେଣ୍ଟ ବିଭାଗ ଓ ତାଲିମପ୍ରାପ୍ତ ଡାକ୍ତର ଓ ନର୍ସଙ୍କ ଦ୍ୱାରା କେମୋଥେରାପି ସେବା ମଧ୍ୟ ଚାଲୁ ରହିଛି ବୋଲି ଉତ୍ତରରେ କୁହାଯାଇଛି। କର୍କଟ ସ୍କ୍ରିନିଂ ଓ ଚିକିତ୍ସା ପାଇଁ ଇଏନ୍‌ଟି ବିଶେଷଜ୍ଞ, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ, ସର୍ଜନ ଓ ଆନାସ୍ଥେସିଓଲୋଜିଷ୍ଟଙ୍କୁ ନିଯୁକ୍ତ କରାଯାଇଥିବା କଥା ମଧ୍ୟ ମନ୍ତ୍ରୀ କହିଥିଲେ। ତେବେ ଏହି ଉତ୍ତରକୁ ନେଇ ଫାଇଟର୍ସ ଗ୍ରୁପ୍ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦର୍ଜୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ସେ କହିଛନ୍ତି, ବରଗଡ଼ ଜିଲ୍ଲା ହସ୍ପିଟାଲରେ କର୍କଟ ୱିଙ୍ଗ ରହିଥିଲେ ମଧ୍ୟ ଉତ୍ତରରେ ଉଲ୍ଲେଖ କରାଯାଇଥିବା ଅଧିକାଂଶ ସୁବିଧା ପ୍ରକୃତରେ ଉପଲବ୍ଧ ନାହିଁ। ବର୍ତ୍ତମାନ କେବଳ କେମୋଥେରାପି ସୁବିଧା ଚାଲୁ ରହିଛି, କିନ୍ତୁ ଅନ୍ୟ ଅଧିକାଂଶ ସୁବିଧା ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ବିପୁଳ ଅର୍ଥ ବ୍ୟୟ କରି ନିର୍ମିତ ହସ୍ପିଟାଲ ଅଟ୍ଟାଳିକା ଥିବା ସତ୍ତ୍ୱେ ସେଥିରେ ସମ୍ପୂର୍ଣ୍ଣ ଚିକିତ୍ସା ସେବା ନ ମିଳିବା ଦୁଃଖଦ ଓ ଚିନ୍ତାଜନକ ବୋଲି ସେ କହିଛନ୍ତି। ଅଶ୍ୱିନୀ କୁମାର ଦର୍ଜୀ ଆହୁରି କହିଛନ୍ତି, ଯଦିଶୀଘ୍ର ଏହି ହସ୍ପିଟାଲକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରା ନଯାଏ, ତେବେ ଏହି ବଡ଼ ଅଟ୍ଟାଳିକା କିଛି ଦିନ ପରେ ଭୂତକୋଠିର ରୂପ ନେବ। ପଶ୍ଚିମ ଓଡ଼ିଶାର ଅନେକ କର୍କଟ ରୋଗୀ ଆଜି ବି ଉଚ୍ଚ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ତେଣୁ ବରଗଡ଼ରେ ନିର୍ମିତ କର୍କଟ ହସ୍ପିଟାଲକୁ ପୂର୍ଣ୍ଣ ସୁବିଧା ସହ କାର୍ଯ୍ୟକ୍ଷମ କରିବାକୁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ବୃଦ୍ଧାଙ୍କ ମୃତଦେହ ଉଦ୍ଧାର; ୨ ଅଟକ

ଅତାବିରା, ୧୩।୩(ସମିସ): ଅତାବିରା ଥାନା ହିର୍ଲିପାଲି-ଟୋପ ରାସ୍ତା କଡ଼ ବନ୍ଧଲିଠାରେ କ୍ଷତାକ୍ତ ଅବସ୍ଥାରେ ହିର୍ଲିପାଲି ଗ୍ରାମର ବୃଦ୍ଧ ଲମ୍ବୋଦର ରଣା(୬୫)ଙ୍କ ଶବ ଉଦ୍ଧାର ହୋଇଛି। ମୃତ ରଣାଙ୍କ ପୁତୁରା କିଶୋର ରଣାଙ୍କ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ରାତିରେ ଗାଁରେ ଚାଲିଥିବା ନାମ ଯଜ୍ଞ ଦେଖିବାକୁ ଆସି ରାତି ୮ଟା ୩୦ରେ ମୃତକ ଲମ୍ବୋଦର ବନ୍ଧଲିକୁ ଯାଇଥିଲେ। ଆଜି ସକାଳେ ୬ଟାରେ କିଛି ଚାଷୀମାନେ ବିଲ ବାଡିକୁ ପାଣି ମଡାଇବା ପାଇଁ ଆସି ବନ୍ଧଲି ନିକଟରେ ମୃତକ ରଣାଙ୍କ ଶବ ଦେଖି ପୁଲିସକୁ ଖବର ଦେଇଥିଲେ। ଶବ ଉଦ୍ଧାର ବେଳେ ଶବର ବେକର ଚମଡ଼ା ଉପୁଡ଼ି ଯାଇଥିବା ସହ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏକ ହତ୍ୟାକାଣ୍ଡ ଭଳି ଜଣାପଡୁଥିବାରୁ ହତ୍ୟା ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି। ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ଅତାବିରା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ ଓ ଷ୍ଟାଫ ଘଟଣା ସ୍ଥଳକୁ ପହଞ୍ଚି ତଦନ୍ତ କରି ୨ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

## ସକାଳୁଆ ସ୍କୁଲ ପାଇଁ ଅଭିଭାବକଙ୍କ ଦାବି

ପଦ୍ମପୁର, ୧୩।୩ (ସମିସ): ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୁତ ହେଉଛି। ତାପମାତ୍ରା ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ହୋଇଗଲାଣି। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ସ୍କୁଲ ସମୟ ପରିବର୍ତ୍ତନ କରି ସକାଳୁଆ କରିବା ପାଇଁ ପଦ୍ମପୁର ଉପଖଣ୍ଡର ଅଭିଭାବକ ଶିକ୍ଷା ବିଭାଗ ନିକଟରେ ଦାବି କରିଛନ୍ତି।

## ଅଧ୍ୟାପିକା ଡ. ମନ୍ଦାକିନୀ ପାଢ଼ୀଙ୍କୁ ଗୋପବନ୍ଧୁ ଶିକ୍ଷା ରତ୍ନ ସମ୍ମାନ



ପଦ୍ମପୁର, ୧୩।୩ (ସମିସ): କୈବଲ୍ୟ ସାହିତ୍ୟ ସଂସଦ ଓଡ଼ିଶା ଆନୁକୂଲ୍ୟରେ ଜାତୀୟ ଶିକ୍ଷା ନୀତି ସମୀକ୍ଷା ସମ୍ମିଳନୀ-୨୦୨୬ କଟକ ସ୍ଥିତ ସାରଳା ଭବନଠାରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କଟକ ମେୟର ସୁବାସ ସିଂ କାର୍ଯ୍ୟକ୍ରମଟିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବରଗଡ଼ ଜିଲ୍ଲା ପଦ୍ମପୁରର ବିଶିଷ୍ଟ ସାହିତ୍ୟିକା ତଥା ଅଧ୍ୟାପିକା ଡ. ମନ୍ଦାକିନୀ ପାଢ଼ୀଙ୍କୁ 'ଗୋପବନ୍ଧୁ ଶିକ୍ଷା ରତ୍ନ ସମ୍ମାନ'ରେ ସମ୍ମାନିତ କରିଥିଲେ। ଅନେକ ଶୁଭେଚ୍ଛୁ ଓ ବୁଦ୍ଧିଜୀବୀ ଡ. ପାଢ଼ୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବନମାଳୀ ନନ୍ଦଙ୍କ ପରଲୋକ



ବିଜେପୁର, ୧୩।୩(ସମିସ): ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଥାନା ବାଟଡେର୍ମା ଗ୍ରାମର ବନମାଳୀ ନନ୍ଦଙ୍କ ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରଲୋକ ହୋଇଥିଲା। ତାଙ୍କ ପରିବାରରେ ପୁଅ ନୀଳମଣି, ରଙ୍କମଣି, ପ୍ରମୋଦ, ଝିଅ ପୁଷ୍ପାଙ୍କ ସମେତ ପୁତ୍ରବଧୂ, ଜ୍ୱାଇଁ, ନାତି ନାତୁଣୀ, ପରିବାର ବର୍ଗ ରହିଛନ୍ତି। ବଡ ପୁଅ ନୀଳମଣି ମୁଖାଗ୍ନି ଦେଇଥିଲେ।

## ତହସିଲଦାରଙ୍କୁ କୃଷକ ସଂଗଠନର ଦାବିପତ୍ର



ଅତାବିରା, ୧୩।୩(ସମିସ): ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରା ପକ୍ଷରୁ ୬ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର କେ. ରଚି କୁମାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ସଂଗଠନର ସଦସ୍ୟ କୃଷି କାର୍ଯ୍ୟାଳୟରୁ ତହସିଲ ଅଫିସକୁ ଯାଇ ବିଗତ ଫସଲ ପଞ୍ଜୀକରଣରେ ଦେଖା ଦେଇଥିବା ଗୁରୁତର ସମସ୍ୟା, ବିଭ୍ରାଟର ଆଗୁଆ ସମାଧାନ କରିବା ଦିଗରେ ପଦେକ୍ଷପ ନେବାକୁ ଆଲୋଚନା କରିଥିଲେ। ରବି ଫସଲ ପାଇଁ ଚାଷୀ ପଞ୍ଜୀକରଣ ୧୦ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ରହିଛି। ପଞ୍ଜୀକରଣ ଅବଧି ମାସେ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଦାବି କରିଥିଲେ। ନବୀକରଣରେ ଅନାବଶ୍ୟକ କାଗଜପତ୍ର ମଗା ନଯାଇ ପୂର୍ବପରି ଆଇସ୍କାନ କରି ନବୀକରଣ କରାଯିବା, ଗତ ଖରିଫ ଋତୁର ବଂଶାବଳୀ ଓ ସମ୍ମତିପତ୍ର ଆଧାରରେ ପଞ୍ଜୀକରଣ କରାଯିବା, ପଞ୍ଜୀକରଣ ସରଳୀକରଣ କରି ଅଯଥା କାଗଜପତ୍ର ବାହାନାରେ ଚାଷୀଙ୍କୁ ହଇରାଣ କରା ନଯାଇ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଶୀଘ୍ର ସମ୍ପାଦନ କରିବା ବ୍ୟବସ୍ଥା କରାଯିବା, ଭାଗଚାଷୀଙ୍କ ପଞ୍ଜୀକରଣ ପୂର୍ବବର୍ଷ ଭଳି କରାଯିବା, କୌଣସି ଚାଷୀ ପଞ୍ଜୀକରଣରୁ ଯେପରି ବାଦ ନ ପଡ଼ିବେ ତାହାକୁ ଦୃଷ୍ଟିରେ ରଖି ଶୀଘ୍ର ପଞ୍ଜୀକରଣ କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସମ୍ପାଦକ ସୁରେଶ କର୍ଣ୍ଣ, ସୁରେନ୍ଦ୍ର ସ୍ୱାଇଁ, ବୃନ୍ଦଦେବ ନନ୍ଦ, ଭୁବନ ପ୍ରଧାନ, ଭି. ସତ୍ୟନାରାୟଣ, ବି. ପାପା ରାଓ, ଅମୂଲ୍ୟ ସ୍ୱାଇଁ, ସମୀର ପ୍ରଧାନ, ଦଶରଥ ଭୋଇ, ଆକାଶ ପଧାନ, ନିରଞ୍ଜନ ପ୍ରଧାନ, ଦ୍ୱାରୁ ସାହୁ, ମାରକଣ୍ଡ ସାହୁ, ବିକେକ ସାହୁ, ମୋହିତ ଭୋଇ, ପ୍ରମୋଦ ପ୍ରଧାନ, ନିର୍ମଳ ପ୍ରଧାନ, ସାହେବ ପ୍ରଧାନ, ଗୁଣନିଧି ପ୍ରଧାନ, ବଳିରାଜ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଭେଡେନ ବ୍ଲକ୍ କଂଗ୍ରେସର ସାଂଗଠନିକ ବୈଠକ

ଭେଡେନ, ୧୩।୩(ସମିସ): ଭେଡେନ ବ୍ଲକ କଂଗ୍ରେସର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ



ମୁଖ୍ୟଅତିଥି ଭାବରେ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ଭବାନୀ ପାଢ଼ୀ, ବ୍ଲକ କିଶାନ କଂଗ୍ରେସ ସଭାପତି ମାଧବ ସାହୁ, ଦୋଳଗୋବିନ୍ଦ ବେହେରା, ଗୋବିନ୍ଦ ସାହୁ, ଦିଲୀପ ଦାଶ, ରମାକାନ୍ତ ସେଟ, ବିରସେନ ଖମାରୀ, ଗରିବ ମେଲ୍ଲୀ, ହୃଷିକେଶ ମୁଗୁରି, ଅରକ୍ଷିତ ବାଗ, ସାହେବ ଦୀପ, ଲକ୍ଷ୍ମୀ ନାରାୟଣ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ସର୍ବସମ୍ମତି କ୍ରମେ ଡାଲବ ପଞ୍ଚାୟତ ସଭାପତି ସରୋଜ ମାଝୀ ଓ ବଳରାମ ଭୁଏ, ଦେଶଭଟଲି ପଞ୍ଚାୟତ ସଭାପତି ରମାକାନ୍ତ ସେଟ, ବକଟି ପଞ୍ଚାୟତ ସଭାପତି ଦୋଳଗୋବିନ୍ଦ ବେହେରା, ଲୁହଖଣ୍ଡି ପଞ୍ଚାୟତର ସଭାପତି ଖୀରସିନ୍ଧୁ ଡାଙ୍ଗଙ୍କୁ ଚୟନ କରାଯାଇଛି। ସେହିପରି ଅଁଏଳାପାଲି ପଞ୍ଚାୟତର ସଭାପତି ବାଏଗନୁ ଚାନ୍ଦ, ଉପସଭାପତି ଫକୀର ମୋହନ ଭୁସାଗର, ସମ୍ପାଦକ ଜୀବର୍ଦ୍ଧନ ତଣ୍ଡିଙ୍କୁ ଚୟନ କରାଯାଇଥିବା ବେଳେ ମହିଳା ସଭାପତି ଭାବରେ ପ୍ରମିଳା ଗଡ଼ତିଆ ଓ ସମ୍ପାଦକ ଭାବରେ ପୁର୍ନବାସୀ ଚାନ୍ଦ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଏଥିରେ ବ୍ଲକର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## କଲେଜ ରାସ୍ତା ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର

ବିଜେପୁର, ୧୩।୩(ସମିସ): ବରଗଡ଼ ଜିଲ୍ଲା ବିଜେପୁର କଲେଜ ରାସ୍ତାର ଉନ୍ନତିକରଣ ପାଇଁ ଶୁକ୍ରବାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଆର୍‌ଡି ବିଭାଗ ପକ୍ଷରୁ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପର ଖର୍ଚ୍ଚ ଅଟକଳ ୨ କୋଟି ୪୪ ଲକ୍ଷ ୫୨ ହଜାର ଟଙ୍କା ରହିଛି। ସ୍ଥାନୀୟ ବିଧାୟକ ସନତ କୁମାର ଗଡ଼ତୀୟାଙ୍କ କରକମଳରେ ଏହି ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ଏହି ରାସ୍ତାଟି ଖାଲ ଖମାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଥିଲା। ଉକ୍ତ ରାସ୍ତାରେ ଯାତାୟାତ ପାଇଁ ଅନେକ ସମସ୍ୟା ସୃଷ୍ଟି ହେଉଥିଲା। ବିଶେଷକରି ବର୍ଷା ଋତୁରେ



ରାସ୍ତାରେ ପାଣି ଜମି ଯାଉଥିବାରୁ ଗାଡ଼ି ଚଳାଚଳ ସହ ପଦଯାତ୍ରୀମାନଙ୍କ ପାଇଁ ଅସୁବିଧା ସୃଷ୍ଟି ହେଉଥିଲା। ଏହି ରାସ୍ତା ଦେଇ ପ୍ରତିଦିନ ସ୍ଥାନୀୟ କଲେଜକୁ ଶତାଧିକ ଛାତ୍ରଛାତ୍ରୀ ଯାତାୟାତ କରୁଥିବାରୁ ସେମାନେ ମଧ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଜନସାଧାରଣ ଦୀର୍ଘଦିନ ଧରି ରାସ୍ତାର ଉନ୍ନତି ପାଇଁ ଦାବି କରି ଆସୁଥିଲେ। ଲୋକଙ୍କ ଦାବି ଓ ଅଞ୍ଚଳର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ବିଜେପୁର ବିଧାୟକ ଶ୍ରୀ ଗଡ଼ତୀୟା ପୂର୍ତ୍ତ ବିଭାଗ ମାଧ୍ୟମରେ ଏହି ରାସ୍ତା ଉନ୍ନତି ପାଇଁ ଅର୍ଥ ମଞ୍ଜୁର କରାଇବା ସହ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର ଆସିଷ୍ଟାଣ୍ଟ ଇଂଜିନିୟର ମଧୁସୂଦନ ଚୌଧୁରୀ, ବିଜେପି ନେତା ଜନାର୍ଦ୍ଦନ ପାଣିଗ୍ରାହୀ, ମହେଶ ଦେବତା, ନରସିଂହ ପୂଜାହାରୀ, ବିନୋଦ ବିଶ୍ୱାଳ, ବାହାଦୁର ମେହେର, ଚିନ୍ମୟ ସାହୁ, ଜିତେନ୍ଦ୍ରିୟ ଅଦାବର, ନୀଳମଣି ମେହେର, ଆନନ୍ଦ ବାରିକ, ଇରେନ ସାହୁ, ବିକାଶ ପଧାନ, ଭୀମ ମାଝୀ, କିଶୋର ଚନ୍ଦ୍ର ଷଡ଼ଙ୍ଗୀ, ଜନାର୍ଦ୍ଦନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରାଉନ ସୁଗର ଜବତ; ୩ ଗିରଫ



ବରଗଡ଼, ୧୩। ୩(ସମିସ): ବ୍ରହ୍ମଚାରୀ-କଟାପାଲି ରାସ୍ତାରେ ବ୍ରାଉନ ସୁଗର ଚାଲାଣ କରୁଥିବା ବେଳେ ବ୍ରାଉନ ସୁଗର ସହ ୩ ଜଣକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କ ପାଖରୁ ତିନି ଲକ୍ଷ ଟଙ୍କାର ୧୬ ଗ୍ରାମ ବ୍ରାଉନ ସୁଗର ସହ ୨ ମୋବାଇଲ ଓ ୨୨୫୦ ଟଙ୍କା ଜବତ କରିଛି ପୁଲିସ। ଗିରଫ ଯୁବକମାନେ ହେଲେ ବରଗଡ଼ ସହରର ରାଜୁ ତାଣ୍ଡି, ଗୋପି ମହାନନ୍ଦ ଓ ଶ୍ରବଣ କୁମ୍ଭାର। ଗିରଫ ପରେ ସମସ୍ତ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି ଟାଉନ୍ ଥାନା ପୁଲିସ। ତେବେ ବ୍ରାଉନ ସୁଗର କେଉଁଠୁ ଆସୁଥୁଲା, ଅଭିଯୁକ୍ତମାନେ କାହା ପାଖରେ ବିକ୍ରି କରୁଥିଲେ, ଏହା ପଛରେ ଆଉ କିଏ ସମ୍ପୃକ୍ତ ଅଛି ତାକୁ ନେଇ ପୁଲିସ ଅଧିକ ଖୋଳତାଡ଼ କରୁଥିବା ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି।

## ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ



ବରଗଡ଼, ୧୩।୩(ସମିସ): ବରଗଡ଼ ପୌର ପରିଷଦ ଅନ୍ତର୍ଗତ ନିଗମାନନ୍ଦ ବିହାରଠାରେ ସ୍ଥାନୀୟ ସଙ୍କୀର୍ତ୍ତନ ପରିଷଦର ଅଧ୍ୟକ୍ଷ ବାଙ୍କା ବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ନାମ ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ଆସନ୍ତା ଏପ୍ରିଲ ୧୧ ଓ ୧୨ ଦୁଇ ଦିନ ଧରି ନାମ ଯଜ୍ଞ ଆୟୋଜନ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ପଣ୍ଡିତ ଉତ୍ତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ ଭୋଇ ସପତ୍ନିକ କର୍ତ୍ତା ଦାୟିତ୍ୱ ନିର୍ବାହ କରିବେ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ବୈଠକରେ ପଡ଼ାର ସମସ୍ତ ପଡ଼ାବାସି ଉପସ୍ଥିତ ରହିଥିବା ବେଳେ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟ, ଅବକାରୀ, ପୁଲିସର ମିଳିତ ଚଢ଼ଉ

ବରଗଡ଼, ୧୩।୩(ସମିସ): ଶୁକ୍ରବାର ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ବରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ ଏବଂ ଅବକାରୀ ବିଭାଗକୁ ନେଇ ଗଠିତ ମିଳିତ ସ୍କ୍ୱାଡ୍ ଚଢ଼ଉ କରି ସର୍ବସାଧାରଣ ସ୍ଥାନରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୧୭ ଜଣ ନିୟମ ଖିଲାପକାରୀଙ୍କ ଠାରୁ ସମୁଦାୟ ୩୦୫୦ ଟଙ୍କା ଜୋରିମାନା ସଂଗ୍ରହ କରିଛନ୍ତି। ଏଥିସହ ସବୁ ହୋଟେଲ, ଠେଲାମାନଙ୍କୁ ସଫା ପାଣି ଦେବା, ସଫା ସୁତୁରା ପରିବେଶ ରଖିବା ତଥା ବାସି ଖାଦ୍ୟ ନ ଦେବା, ଖାଦ୍ୟରେ ରଙ୍ଗ ବ୍ୟବହାର ନ କରିବା,



ଖବରକାଗଜରେ ଖାଦ୍ୟ ସାମଗ୍ରୀ ନ ଦେବା, ଭେଷଜ ବ୍ୟବସାୟୀମାନଙ୍କୁ ନାରକୋଟିକ ଔଷଧଗୁଡ଼ିକୁ ବିନା ଡାକ୍ତରଙ୍କ ପରାମର୍ଶରେ ବିକ୍ରି କରିପାରିବେ ନାହିଁ ବୋଲି କହି ସଚେତନ କରିଥିଲେ। ସ୍କ୍ୱାର୍ଡରେ ସ୍ୱାସ୍ଥ୍ୟ ବିଭାଗରୁ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ଜିଲ୍ଲା ପରମର୍ଶଦାତା ସ୍ୱାଗତିକା ବେହେରା, ଜିଲ୍ଲା ଭେଷଜ ନିରୀକ୍ଷକ ଦୀପକ କୁମାର ସିଂହ, ପୋଲିସ ବିଭାଗରୁ ଅକ୍ଷୟ ସାହୁ ଓ ଟିମ ଏବଂ ଅବକାରୀ ବିଭାଗରୁ ଏଏସଆଇ ମଳୟ କୁମାର ପଧାନ ଓ ଟିମ ସାମିଲ ଥିଲେ।

# ଗ୍ୟାସ୍ ଅଚଳାବସ୍ଥାକୁ ନେଇ ଗର୍ଜିଲା କଂଗ୍ରେସ

ବରଗଡ଼, ୧୩।୩(ସମିସ)



ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ନୂତନ ରାସ୍ତାରେ ଏଲ୍‌ପିଜି ରନ୍ଧନ ଗ୍ୟାସର ଅଚଳାବସ୍ଥାକୁ ନେଇ ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ଗର୍ଜିଛି। ଏନେଇ ସଭାପତି ହରଦୀପ ସିଂହଙ୍କ ନେତୃତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ବିଜେପି ସରକାରଙ୍କ ଭୁଲ ବିଦେଶୀ ନୀତି ଯୋଗୁଁ ଦେଶରେ ଏଲପିଜି ବା ରନ୍ଧନ ଗ୍ୟାସକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାର ସମାଧାନ ଦିଗରେ ଚେଷ୍ଟା କରିବା, ବିଗିଡିଥିବା ବରଗଡ଼ ଜିଲ୍ଲା ଆଇନ ଶୃଙ୍ଖଳା ପରିସ୍ଥିତିର ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବାକୁ ଦାବି କରିବା ସହ ଚଳିତ ଖରିଫ ଚାଷର ତ୍ରୁଟି ପୂର୍ଣ୍ଣ ପଞ୍ଜୀକରଣ ନିତି ଓ ଧାନ ସଂଗ୍ରହରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଛି। ତୁରନ୍ତ ରାଜ୍ୟ ସରକାର ଚଷୀଙ୍କ ଧାନ ସମ୍ପୂର୍ଣ୍ଣ ମାତ୍ରରେ ସଂଗ୍ରହ କରିବାକୁ ଦାବି କରି କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ହରଦୀପ ସିଂହ, ଯୁଗଳ ପ୍ରସାଦ ସିଂହ, ଅନନ୍ତ ଶୟନ ପାଢ଼ୀ, କିଶୋର ଦଫାଦାର, ବ୍ରହ୍ମାନନ୍ଦ ମହାକୁଡ଼, ଟଙ୍କାଧର ସାହୁ, ଅଭିଷେକ ସେଠ୍, ପ୍ରତାପ ଚନ୍ଦ୍ର ନାୟକ, ମନୋଜ କୁମାର ତ୍ରିବେଦି, ଆନନ୍ଦ ପ୍ରଧାନ, ପାଣ୍ଡବ କର୍ଣ୍ଣ, ଗୌନ୍ତିଆ ସାହୁ, ଗଜରାଜ ସିଂ ପୁଟା, ସନ୍ତୋଷ ଶତପଥୀ, ଅଶୋକ କୁମାର ଦାଶ, ମହେନ୍ଦ୍ର ଖୁଣ୍ଟିଆ, ପ୍ରଦୀପ ବେହେରା, ଗୁଣନିଧି ମିଶ୍ର, ବିଜୟାନନ୍ଦ ପଟ୍ଟନାୟକ, ତୁଳସୀ ବେହେରା, ବୈକୁଣ୍ଠ ଷଡଙ୍ଗୀ, ଆନନ୍ଦ ପ୍ରଧାନ, ସୁନିଲ ଗଡ଼ଡ଼ିଆ, ସୁନୀତା ବାଗ, ସୁଶାନ୍ତ କୁମାର ସାହୁ, ଗୋବିନ୍ଦ ସାହୁ, ଶ୍ରୀମନ୍ତ ବାରିକ, ବିମଲ ଶିକ୍କା, ଫଗନୁ ମହାନନ୍ଦ, ସୁଶିଲ କୁମାର ଭୋଇ, ଜତୀ ରଞ୍ଜନ ପୁଝାରୀ, ସୁଧାରାଣୀ ସାହୁ, ସିମା କୁମ୍ଭାର, ଚିନ୍ତାମଣି ସାହୁ, ରାହୁଲ ସାହୁ, ଗଣେଶ ନାଇଡୁ, ଯୁଧିଷ୍ଠିର ଭୋଏ, ମନୋହର ପ୍ରଧାନ, ସୁଧୀର ଜେନା, ସନ୍ତୋଷ ସାହୁ, ଚୁଡାମଣି ସାହୁ, ଚନ୍ଦ୍ରଭାନୁ ବେହେରା, ଧର୍ମରାଜ ବିଭାର, ସୁରେଶ ମହାନନ୍ଦ, ଅକ୍ଷୟ ପତି, ଶିଶିର ପ୍ରଧାନ, କୈଳାଶ ସାହୁ, କସ୍ତୁରୀ ନନ୍ଦ, ମଗଶିର ନନ୍ଦ, ପ୍ରକାଶ ମହାନନ୍ଦ, ରବୀନ୍ଦ୍ର ପ୍ରଧାନ, ସରୋଜ କୁମାର ଭୋଇ, ସମ୍ଭୁ ଦାଶ, ଡାଉଲ ସା, ନନ୍ଦଲାଲ ସା, ସହଦେବ ବେହେରା, ସୁକୁମାର ସାହୁ, ଗୋପ ପାଇକ ପ୍ରମୁଖ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ପଦ୍ମପୁରରେ ବୁକିଂ ସତ୍ତ୍ୱେ ମିଳୁନି ଗ୍ୟାସ୍



ପଦ୍ମପୁର, ୧୩।୩(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଗ୍ୟାସ୍‌ର ଅଭାବ ଦେଖାଦେଇଛି। ବରଗଡ଼ ଜିଲ୍ଲା ପଦ୍ମପୁରରେ ବୁକିଂ ସତ୍ତ୍ୱେ ରନ୍ଧନ ଗ୍ୟାସ ମିଳୁ ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବୁକିଂ କରି ଦୀର୍ଘ ଦିନ ପରେ ବି ଗ୍ୟାସ ମିଳୁ ନ ଥିବା ଏବଂ ହୋମ ଡେଲିଭରି ଠିକ୍ ଭାବରେ ହେଉ ନ ଥିବାରୁ ଅସନ୍ତୋଷ ଲାଗି ରହିଛି। ଆଜି ସକାଳେ ଗ୍ୟାସ୍ ପ୍ରଦାନକାରୀ ସଂସ୍ଥାର ଅଫିସ ଆଗରେ ଉପଭୋକ୍ତାମାନେ ସିଲିଣ୍ଡର ଧରି ଲମ୍ବା ଲାଇନରେ ଛିଡା ହୋଇଥିବା ଦେଖିବାକୁ ମିଳିଛି। ସେହିପରି କଳାବଜାରୀ ରୋକିବା ସହିତ ଯେଉଁମାନେ ସିଲିଣ୍ଡର ମହଜୁଦ ରଖିଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

### ଆଶା, ଗାଁ କଲ୍ୟାଣ ସମିତି ଓ ଜନଆରୋଗ୍ୟ ସମାଜ ବାର୍ଷିକ ସମ୍ମିଳନୀ

# ସ୍ୱାସ୍ଥ୍ୟସେବାରେ ସମସ୍ତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ନୂଆପଡ଼ା, ୧୩।୩(ସମିସ)**

ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପଲସାଗୁଡ଼ାସ୍ଥିତ ବହୁମୁଖୀ ସଭାଗୃହରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମାଜର ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦିପ, ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧନେଶ୍ୱର ସେଠୀ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱାସ୍ଥ୍ୟସେବାରେ ଆଶା କର୍ମୀ ଓ ଗାଁ କଲ୍ୟାଣ ସମିତିର ଭୂମିକାକୁ ପ୍ରଶଂସା କରିଥିଲେ। ଗ୍ରାମ୍ୟ ଅଞ୍ଚଳରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା ପ୍ରଦାନ, ସଚେତନତା ସୃଷ୍ଟି ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନରେ ଆଶା କର୍ମୀମାନଙ୍କ ଅବଦାନ ଉଲ୍ଲେଖନୀୟ ବୋଲି ସେମାନେ କହିଥିଲେ।ଏହି ଅବସରରେ ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ଆଶା କର୍ମୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନୂଆପଡ଼ା ବ୍ଲକର ମାରାଗୁଡ଼ାର ରେମତି ମାଝୀ ପ୍ରଥମସ୍ଥାନ ଅଧିକାର କରି ୬ ହଜାର ଟଙ୍କା ପୁରସ୍କାର ପାଇଥିଲେ। ଖରିଆର ବ୍ଲକର ଲଞ୍ଜିର ହେମକାନ୍ତି ଚଲାନ ଦ୍ୱିତୀୟ ସ୍ଥାନ ଅଧିକାର କରି ୫ ହଜାର ଟଙ୍କା ଏବଂ ବୋଡେନ ବ୍ଲକର ବଇରଗାଁର ଦମୟନ୍ତୀ ମାଝୀ ତୃତୀୟ ସ୍ଥାନ ଅଧିକାର କରି ୪ ହଜାର ଟଙ୍କା ପୁରସ୍କାର ପାଇଥିଲେ। ସେହିପରି ଜିଲ୍ଲାର ବିଭିନ୍ନ ବ୍ଲକର ଶ୍ରେଷ୍ଠ କାର୍ଯ୍ୟଦକ୍ଷ ଜନ ଆରୋଗ୍ୟ ସମାଜ ମଧ୍ୟ ପୁରସ୍କୃତ ହୋଇଥିଲେ। ନୂଆପଡ଼ା ବ୍ଲକର ଭରୁଆମୁଣ୍ଡା (ମାରାଗୁଡ଼ା), କୋମନା ବ୍ଲକର ସିଆଲଟି, ଖଡ଼ିଆଳ ବ୍ଲକର ବାଦି, ବୋଡେନ ବ୍ଲକର ଖଇରା ଏବଂ ସିନାପାଲି ବ୍ଲକର କରଙ୍ଗାବାହାଲି ଜନ ଆରୋଗ୍ୟ ସମାଜ ପ୍ରଥମ ସ୍ଥାନ ଅଧିକାର କରି ପ୍ରତ୍ୟେକେ ୧୩ ହଜାର ଟଙ୍କା ଲେଖାଏଁ ପୁରସ୍କାର ପାଇଥିଲେ। ଏହା ସହିତ ସୁସ୍ଥ ଗାଁ ପୁରସ୍କାର ଅନ୍ତର୍ଗତ ନୂଆପଡ଼ା ବ୍ଲକର ସାରାବଙ୍ଗ ଗ୍ରାମର ମୌଲିଭଟା, କୋମନା ବ୍ଲକର ମାନିଗୁଡ଼ା ଗ୍ରାମର ଜଟଗଡ଼, ଖରିଆର ବ୍ଲକର ଚନାବେଡା ଗ୍ରାମର ଭୋଜପୁର, ବୋଡେନ ବ୍ଲକର ଖଇରା ଗ୍ରାମର ବହାଲ ଏବଂ ସିନାପାଲି ବ୍ଲକର ଗୋରଲା ଗ୍ରାମର ପତିଆଲପଡ଼ା ଗାଁ କଲ୍ୟାଣ ସମିତିକୁ ପ୍ରତ୍ୟେକ ୧୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ସଂସ୍ଥାମାନଙ୍କର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ କାୟାକଳ୍ପ ଓ ଏନକ୍ୟୁଏସ ପୁରସ୍କାର ଅନ୍ତର୍ଗତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସିଏଚସି ଖରିଆର ରୋଡ୍, କୋମନା, ବୋଡେନ, ସିନାପାଲି ଓ ଏସଡିଏଚ ଖଡ଼ିଆଳ ସହ ଅନ୍ୟାନ୍ୟ ଆମ ଆଦମୀ ସ୍ୱାସ୍ଥ୍ୟ କେନ୍ଦ୍ରମାନ ସମ୍ମାନିତ ହୋଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ, ଡିପିଏମ୍ ସତ୍ୟନାରାୟଣ ତ୍ରିପାଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏସ୍. ଗୀତା ସହିତ ବିଭିନ୍ନ ବ୍ଲକର ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ଓ ଗାଁ କଲ୍ୟାଣ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଗ୍ୟାସ୍ ଅଚଳାବସ୍ଥା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ




**ଭବାନୀପାଟଣା, ୧୩।୩ (ସମିସ):** ଏଲ୍‌ପିଜି ବା ରନ୍ଧନ ଗ୍ୟାସ୍ ଯୋଗାଣରେ ଦର ବୃଦ୍ଧି ଓ ଅଚଳାବସ୍ଥା ବିରୋଧରେ ଜିଲ୍ଲା କଂଗ୍ରେସ ଦଳ ସଭାପତି ଜଳନ୍ଧର ନାୟକଙ୍କ ନେତୃତ୍ୱରେ ନକଟିଗୁଡା ଛକ ସ୍ଥିତ ବାବା ସାହେବ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରି ଗ୍ୟାସ୍ ସିଲିଣ୍ଡର ଧରି ମୋଦୀ ସରକାର ଓ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ପୂର୍ବତନ ବିଧାୟକ ଭାରତ ଭୂଷଣ ବେମାଲ, ଉଚ୍ଛବ ସାହୁ, ଇନ୍ଦ୍ରଜିତ୍ ମହାକୁଡ, ଜୟଦେବ ଜେନା, ସନ୍ତୋଷ ପ୍ରଧାନ ସରୋଜ ବାଗ, ମାଣିକ୍ୟ ସୁନା, ବାବା ଖାଁ, ମହମ୍ମଦ ସାହେବ, ମନ୍ଦାକିନୀ ବାଣୁଆ, ସୁକାନ୍ତି ସରାଫ, ମାର୍ଜିନା ପ୍ରଧାନ ମୁରଲୀ ନାୟକ, ନୀଳାଞ୍ଚଳ ନାୟକ, ସୁଦର୍ଶନ ବିଶ୍ୱାଳ, ସୁକାନ୍ତ ବିଶି, ଭାଗବତ ବାବୁ, ରୋଜି ନାୟକ, ସୈଭାଗ୍ୟ ମଲିକ୍ ପ୍ରମୁଖ ମୋଦୀ ସରକାରଙ୍କ ବିରୋଧରେ କଟୁ ସମାଲୋଚନା କରି ତାଙ୍କ ଇସ୍ତଫା ଦାବି କରିଥିଲେ। ସକାଳ ୧୦ ଘଣ୍ଟା ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ମୋଦୀ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ମହୁଲପାଟଣା ହାଇସ୍କୁଲରେ ବାଲ୍ୟବିବାହ ବିରୋଧୀ ସଚେତନତା

**ଥୁଆମୂଳରାମପୁର, ୧୩।୩ (ସମିସ):** ସମାଜରୁ ବାଲ୍ୟବିବାହ ପ୍ରଥାକୁ ଦୂର କରିବା ସହ ଛାତ୍ରଛାତ୍ରୀଙ୍କୁ ଏହାର କୁପରିଣାମ ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ ମହୁଲପାଟଣା ହାଇସ୍କୁଲ ପରିସରରେ ବାଲ୍ୟବିବାହ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ତାଲୁକ ଆଇନ ସେବା କମିଟି ଓ ଜେଏମ୍ଏଫ୍‌ସି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମାଜିଷ୍ଟ୍ରେଟ ଡ଼.ତାରିଣୀ ପ୍ରସାଦ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀଧର ନାଏକ ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଇନଜୀବୀ ମନୋରଞ୍ଜନ ନାଏକ, ଆଇନଜୀବୀ ଦିଲ୍ଲୀପ କୁମାର ନାଏକ ଏବଂ ଏପିପି ପ୍ରିୟଙ୍କା ମାଝୀ ଉପସ୍ଥିତ ରହି ବାଲ୍ୟବିବାହର କୁପରିଣାମ ବିଷୟରେ ଛାତ୍ରୀମାନଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ବକ୍ତାମାନେ କହିଥିଲେ ଯେ, ବାଲ୍ୟବିବାହ ଛୋଟ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତକୁ ଗଭୀର ଭାବରେ ପ୍ରଭାବିତ କରେ।




ଏହା ଫଳରେ ସାମାଜିକ ଓ ସ୍ୱାସ୍ଥ୍ୟ ଜନିତ ନାନା ପ୍ରକାର ସମସ୍ୟା ସୃଷ୍ଟି ହୁଏ। ସେହିପରି ବାଲ୍ୟବିବାହ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି ସେମାନେ ଉଲ୍ଲେଖ କରିଥିଲେ। ସମାଜରେ ଏହି କୁପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଅପରିପକ୍ୱ ବୟସରେ ବିବାହକୁ ରୋକିବା ପାଇଁ ଛାତ୍ରଛାତ୍ରୀମାନେ ଆଗକୁ ଆସିବାକୁ ବକ୍ତାମାନେ ଆହ୍ୱାନ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀମାନେ ବାଲ୍ୟବିବାହ ସମ୍ପର୍କିତ ସଚେତନତାମୂଳକ ଛୋଟ ନାଟକ ପରିବେଷଣ କରିଥିଲେ। ଯାହା ଉପସ୍ଥିତ ମଣିଷମାନଙ୍କୁ ଗଭୀର ସନ୍ଦେଶ ଦେଇଥିଲା। କର୍ତ୍ତବ୍ୟ ଅନୁଷ୍ଠାନର ସଂଯୋଜକ ସୁଦର୍ଶନ ନାଏକ କାର୍ଯ୍ୟକ୍ରମକୁ ସୁଚାରୁ ଭାବରେ ପରିଚାଳନା କରିଥିଲେ। ଜେଏମ୍ଏଫ୍‌ସିର ବରିଷ୍ଠ କିରାଣୀ ଅଶୋକ କୁମାର ସାହୁଙ୍କ ସହିତ ଅନ୍ୟାନ୍ୟ କର୍ମଚାରୀ ଓ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ସୁନ୍ଦର ନଦୀକୂଳରୁ ଗଳିତ ଶବ ଉଦ୍ଧାର

**କୋମନା, ୧୩।୩(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ସୁନ୍ଦରନଦୀ କୂଳରେ ଥିବା ଦେଓ ମହନୀ ଶ୍ମଶାନଘାଟ ନିକଟରୁ ଅଚିହ୍ନା ବୃଦ୍ଧାଙ୍କ ଗଳିତ ଶବ ଉଦ୍ଧାର ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଶ୍ମଶାନଘାଟ ନିକଟରେ ମୃତଦେହ ପଡ଼ିଥିବା ଲୋକେ ଦେଖିବାକୁ ପାଇ ପୁଲିସକୁ ଖବର ଦେଇଥିଲେ।ଶବ ସମ୍ପୂର୍ଣ୍ଣ ପଚିଯାଇ ଗଳିତ ଅବସ୍ଥାରେ ଥିବାରୁ ଏହା କିଛି ଦିନ ତଳର ବୋଲି ଅନୁମାନ କରାଯାଉଛି। ଖବର ପାଇ କୋମନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ବୃଦ୍ଧାଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରି ନାହିଁ। ମୃତକଙ୍କୁ ଚିହ୍ନଟ କରିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଫଟୋ ଜାରି କରାଯାଇଛି।ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଯଦି କୌଣସି ବ୍ୟକ୍ତି ବୃଦ୍ଧାଙ୍କ ବିଷୟରେ କିଛି ସୂଚନା ପାଆନ୍ତି, ତେବେ ତୁରନ୍ତ ନିକଟସ୍ଥ ଥାନା କିମ୍ବା କୋମନା ପୁଲିସକୁ ଯୋଗାଯୋଗ କରିବାକୁ ଥାନା ଅଧିକାରୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।



ବଣାଇଁ: ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

### ବିମଳାବାଗବନ୍ଦ ପୋଖରୀରୁ ମାନବ ଅଙ୍ଗ ଉଦ୍ଧାର

# ଫରେନ୍ସିକ୍ ଟିମ୍ ଓ ପୁଲିସର ତଦନ୍ତ

**ଜୟପାଟଣା, ୧୩।୩ (ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ବିମଳା ବାଗବନ୍ଦ ପୋଖରୀରୁ ଗଳିତ ମାନବ ଅଙ୍ଗ ଉଦ୍ଧାର ହେବା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମାଛ ଧରିବାକୁ ଯାଇଥିବା ଗାଁ ପିଲାଙ୍କ ଜାଲରେ ମଣିଷର ଅଙ୍ଗ ପଡ଼ିବା ପରେ ଏହି ରହସ୍ୟମୟ ଘଟଣା ସାମ୍ନାକୁ ଆସିଛି।ଗୁରୁବାର କିଛି ସ୍ଥାନୀୟ ପିଲା ମାଛ ଧରିବା ପାଇଁ ପୋଖରୀକୁ ଜାଲ ପକାଇଥିଲେ। ଜାଲଟି ଭାରି ଲାଗିବାରୁ ସେମାନେ ମାଛ ଭାବି ଉପରକୁ ଉଠାଇ ଆଣିଥିଲେ, କିନ୍ତୁ ଜାଲ ମଧ୍ୟରେ ଏକ ଗଳିତ ମଣିଷ ଦେହ ଦେଖି ଭୟରେ ସେଠାରୁ ଦୌଡ଼ି ପଳାଇଥିଲେ ଏବଂ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ଜୟପାଟଣା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ।ଉଦ୍ଧାର ହୋଇଥିବା ଏହି ଗଳିତ ଅଙ୍ଗ ଗତ ସାତ ମାସ ଧରି ନିଖୋଜ ଥିବା ସ୍ଥାନୀୟ ଅଞ୍ଚଳର ଭିନ୍ନକ୍ଷମଯୁବତୀ ଅମୃତ ପୁଝାରିଙ୍କର ବୋଲି ପରିବାର ଲୋକେ ଓ ଗ୍ରାମବାସୀ ସନ୍ଦେହ କରୁଛନ୍ତି। ତେବେ ପୋଖରୀରେ ପ୍ରାୟ ୧୫ ଫୁଟ ଗଭୀର ପାଣି ଥିବାରୁ ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଖୋଜିବାରେ ଅଗ୍ନିଶମ ବାହିନୀକୁ ବେଶ୍ କଷ୍ଟ କରିବାକୁ ପଡ଼ୁଛି। ପୁଲିସ ତୃଣମୂଳସ୍ତରରୁ ସମସ୍ତ ଦିଗକୁ ନଜରରେ ରଖି ତଦନ୍ତ ଜାରି ରହିଛି। ମୃତଦେହର ପ୍ରକୃତ ପରିଚୟ ସ୍ପଷ୍ଟ କରିବା ପାଇଁ ଫରେନ୍ସିକ୍ ଟିମ୍ ଏବଂ ଡିଏନ୍ଏ ଟେଷ୍ଟର ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଅର୍ଚ୍ଚନା ନାଏକ କହିଛନ୍ତି।

### ବଉଲସିଂହା ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

# ପ୍ରିଣ୍ଟରରେ ସ୍ମୃତି ଛାଡ଼ିଗଲେ ଛାତ୍ରଛାତ୍ରୀ



**ମନମୁଣ୍ଡା, ୧୩।୩ (ସମିସ):** ବଉଲସିଂହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଜର ସ୍ନେହ ଓ ସ୍ମୃତି ସ୍ୱରୂପ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଏକ ପ୍ରିଣ୍ଟର ପ୍ରଦାନ କରିଥିଲେ। ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷା ସେତୁର ସଭାପତି ନବୀନ ନାଏକ ଯୋଗ ଦେଇଥିଲେ। ରୋହିତାଶ୍ୱ ମଲିକ, ଲିଙ୍ଗରାଜ ତାଣ୍ଡିଆ, ରାଜୀବ ସାହୁ ଓ ଗୀତାଞ୍ଜଳି ବେହେରା ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ବିଦ୍ୟାଳୟରେ ବିତାଇଥିବା ଦିନ ସବୁ ମନେ ପକାଇଥିଲେ। ଶିକ୍ଷକ କେଶବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଲେଶ୍ରୀ ମହୋତ୍ସବ ପାଇଁ ପ୍ରସ୍ତୁତି



**ବୀରମହାରାଜପୁର, ୧୩।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ୨୦ତାରିଖ ରୁ ୨୩ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମାଲେଶ୍ରୀ ଲୋକମହୋତ୍ସବ ପାଇଁ ଆଜି ଦିଲୀପ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ରେଜିଷ୍ଟ୍ରେସନ କମିଟିର ସମସ୍ତ ସଦସ୍ୟଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ହେବାକୁ ଥିବା ମାଲେଶ୍ରୀ ଲୋକ ମହୋସବ ପାଇଁ ଆସୁଥିବା ଳାକାରଙ୍କ ପାଇଁ ନାମ ପଞ୍ଜିକରଣ, ରହିବା, ଖାଇବା, ସମ୍ବର୍ଦ୍ଧନା ଓ ସାର୍ଟିଫିକେଟ ପ୍ରଦାନ ସହ କଳାକାରମାନେ ଆସିବା ସମୟରୁ ଯିବା ପର୍ଯ୍ୟନ୍ତ ଯେପରି କୌଣସି ପ୍ରକାର ଅସୁବିଧା ନ ହେବ ସେ ଉପରେ ଆଲୋଚନା ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ କମିଟି ମୁଖ୍ୟ ଦିଲୀପ କୁମାର ତ୍ରିପାଠୀ, ରାଧେଶ୍ୟାମ ପୁରୋହିତ, ଶତ୍ରୁଘ୍ନ ମେହେର, ମେଘନାଦ ଭୋଇ, ଲଳିତ କୁମାର କର, ଶରତ ମିଶ୍ର, ବଳରାମ କାଣ୍ଡ, ଚମ୍ପେଶ୍ୱର୍ ମିଶ୍ର, ଶୁଧାଂଶୁ ପଧାନ ଉପସ୍ଥିତ ଥିଲେ।

### ଅନ୍ତର୍ଜାତୀୟ କଳା ଶିବିର

# ଡିଏଭି ପବ୍ଲିକ ସ୍କୁଲର କଳା ଶିକ୍ଷକଙ୍କ କୃତିତ୍ୱ



**କୋଇଡା, ୧୩।୩(ସମିସ):** ଚଳିତମାର୍ଚ୍ଚ ୫ ତାରିଖଠାରୁ ଭିଏତନାମ ହାନୋଇ ସହରରେ ୨ୟ ଥର ପାଇଁ ଅନ୍ତର୍ଜାତୀୟ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱର ୧୨ଟି ପ୍ରମୁଖ ରାଷ୍ଟ୍ରର ବିଶିଷ୍ଟ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ଭାରତରୁ ୯ ଜଣ ଚିତ୍ରଶିଳ୍ପୀ ପ୍ରତିନିଧିତ୍ୱ କରିଛନ୍ତି। ଭାରତ ସମେତ ଏହି ଅନ୍ତର୍ଜାତିକ ଶିବିରରେ ଆର୍ଜେଣ୍ଟିନା, ବେଲଜିୟମ, ଚାଇନା, ଇଣ୍ଡୋନେସିଆ, ମାଲେସିଆ, ମଙ୍ଗୋଲିଆ, ଆର.ସଖା, ସ୍ପେନ, ଶ୍ରୀଲଙ୍କା, ନେପାଲ ଓ ଭିଏତନାମର ମୋଟ ୬୨ଜଣ ବିଶିଷ୍ଟ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଏହି ଶିବିର ଚଳିତମାର୍ଚ୍ଚ ୫ତାରିଖ ଠାରୁ ଆରମ୍ଭହୋଇ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଜିଲ୍ଲାର ବରସୁଆଁ ଲୌହଖଣି ଅଧୀନ ଡିଏଭି ପବ୍ଲିକ ସ୍କୁଲର କଳା ଶିକ୍ଷକ ଅନୀଲ କେରକେଟା ଅଂଶଗ୍ରହଣ କରିଥିଲେ। ଯୁବ ଚିତ୍ରଶିଳ୍ପୀ ଏହି ଆର୍ଟ ହେଣ୍ଡ-୨ ଶୀର୍ଷକ ଚିତ୍ରଶିଳ୍ପୀ କର୍ମଶାଳାରେ ଅଂଶଗ୍ରହଣ କରିଥିବାରୁ ଅଞ୍ଚଳ ପାଇଁ ଗୌରବର ବିଷୟ। ଶ୍ରୀ କେରକେଟା ପୂର୍ବରୁ ନେପାଳ, ସାଉଦିଆରବ ଆଦି ଅନ୍ତର୍ଜାତିକ ଚିତ୍ରକଳାରେ ଅଂଶଗ୍ରହଣ କରି ଟେନସା ତଥା ବିଦ୍ୟାଳୟର ଯଶ ବୃଦ୍ଧି କରାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅଂଶୁମାନ ମହାନ୍ତି ବିଦ୍ୟାଳୟ ତରଫରୁ ଅଭିନନ୍ଦନ ଜଣାଇଥିଲେ।

# ବ୍ଲକ୍‌ସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ, ୧୩।୩(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଇସିଡିଏସ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହରଭଙ୍ଗା ବିଡ଼ିଓ ବିଜୟ ପ୍ରଧାନ, କାର୍ଯ୍ୟକ୍ରମ ଅଧିକାରୀ ଗୀତାରାଣୀ ଦଲାଲ୍ ଅତିଥି ଭାବେ ଯୋଗ ଦେଇଥିଲେ।




# ପିଏମ୍ କିଶାନ ଉତ୍ସବ

**ବୌଦ୍ଧ, ୧୩।୩(ସମିସ):** ବୌଦ୍ଧ ଟାଉନ ହଲ୍‌ରେ ଜିଲ୍ଲାସ୍ତରୀୟ ପିଏମ୍ କିଶାନ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସାମର ଗୌହାଟିଠାରୁ ଆଭାସୀ ମାଧ୍ୟମରେ ଚାଷୀଙ୍କୁ ସହାୟତା ପ୍ରଦାନ କରିଥିଲେ। ବୌଦ୍ଧ ଜିଲ୍ଲାସ୍ତରୀୟ ପିଏମ୍ କିଶାନ ଉତ୍ସବ ଦିବସ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଜନଗଣନା କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର




**ନୂଆପଡ଼ା, ୧୩।୩ (ସମିସ):** ନୂଆପଡ଼ା ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଓ ଗୃହ ତାଲିକା ସମ୍ବନ୍ଧୀୟ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପ୍ରଶିକ୍ଷଣ ସ୍ଥାନୀୟ ସଦଭାବନା ସଭାଗୃହରେ ସମାପ୍ତ ହୋଇଛି। ପ୍ରଶିକ୍ଷଣ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ, ନୂଆପଡ଼ା ମଧୁସୂଦନ ଦାଶଙ୍କ ଆଦେଶାନୁସାରେ ୯, ୧୦ ଓ ୧୨ ମାର୍ଚ୍ଚ ତିନିଦିନ ଧରି ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ସୁବାଷ ଚନ୍ଦ୍ର ରଇତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ବିଜୟ କୁମାର ଛତ୍ରିଆ, ସହକାରୀ ଜିଲ୍ଲାପାଳ ତଥା ଉପଜିଲ୍ଲା ଜନଗଣନା ଅଧିକାରୀ ପ୍ରଶିକ୍ଷଣକୁ ପରିଚାଳନା କରିଥିଲେ। କୁମାରୀ ପ୍ରୟାସୀ ପ୍ରଧାନ, ଡେପୁଟି ଜିଲ୍ଲାପାଳ ଏବଂ ଶେଖ ନସିମ, ଡେପୁଟି ଜିଲ୍ଲାପାଳ ମୁଖ୍ୟ ପ୍ରଶିକ୍ଷିକା/ପ୍ରଶିକ୍ଷିକ ଭାବେ ୨୬ ଜଣ କ୍ଷେତ୍ର ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶେଷ ଦିବସରେ ପ୍ରାୟୋଗିକ ଭାବେ ସେମାନଙ୍କୁ କ୍ଷେତ୍ର ପରିଦର୍ଶନ କରାଇ ଲେଆଉଟ ମ୍ୟାପ ଓ ପ୍ରଶ୍ନାବଳୀ ଉପରେ ଅଭ୍ୟାସ କରାଯାଇଥିଲା। ଉକ୍ତ କ୍ଷେତ୍ର ପରିଦର୍ଶନରେ ସମସ୍ତ ତହସିଲଦାର ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ କ୍ଷେତ୍ର ପ୍ରଶିକ୍ଷକଙ୍କୁ ଧନ୍ୟବାଦ ଜଣାଇ ଶୁଭେଚ୍ଛା ପ୍ରଦାନ କରିଥିଲେ ଏବଂ ପ୍ରଶିକ୍ଷଣ ସମାପନ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଉକ୍ତ ତିନି ଦିନରେ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶାରୁ ମୁତୟନ ହୋଇଥିବା ଅଧିକାରୀ ସୁଧାଂଶୁ ପାଠକ ଉପସ୍ଥିତ ରହି ବୈଷୟିକ ସମସ୍ୟାର ସମାଧାନ କରିଥିଲେ।

### ଓପି ଜିନ୍ଦଲ ସ୍ମାରକୀ ଭଲି ଟୁର୍ଣ୍ଣାମେଣ୍ଟ

# ଏମ୍‌ଟିଆର୍‌ସି ସରେଣ୍ଡା- ଏ ଚାମ୍ପିଅନ୍

**ରାଉରକେଲା, ୧୩।୩(ସମିସ)**

ଜିନ୍ଦଲଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ-ଖଣି ଆୟୋଜିତ ଓପି ଜିନ୍ଦଲ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଏମ୍‌ଟିଆରସି ସରେଣ୍ଡା-ଏ ଟିମ୍ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡବିଲ ଏସ୍‌ଡିପିଓ ଦେବେନ୍ଦ୍ର କୁମାର ପିଙ୍ଗୁଆ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ବିକେଟିଆର-କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ର ଓ ସମାଜସେବୀ ସଞ୍ଜୀବ ପଲେଇ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସରେଣ୍ଡା, ଭଦ୍ରାସାହି, ଭୂୟାଁ ରୋଇଡ଼ା ପଞ୍ଚାୟତର ମୋଟ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଏମ୍‌ଟିଆରସି



ସେରେଣ୍ଡା-ଏ ଓ ଭୁଷଗାଁ-ଏ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ସେରେଣ୍ଡା-ଏ ଦଳ ଚମ୍ପିଆନ୍ ହୋଇଥିଲା। ଫାଇନାଲ ମ୍ୟାଚ ଦେଖିବାକୁ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା। ସ୍ଥାନୀୟ ଅଞ୍ଚଳରେ କ୍ରୀଡ଼ାର ପ୍ରସାରପାଇଁ ଜିନ୍ଦଲ ଫାଉଣ୍ଡେସନର ପ୍ରୋତ୍ସାହନକୁ ସମସ୍ତେ ପ୍ରଶଂସା କରିଥିଲେ। ବିଶେଷ କରି ବିଭିନ୍ନ ସମୟରେ ଏଭଳି କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ସମସ୍ତେ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖନୀୟ ଯେ ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ଜିନ୍ଦଲଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ଉଦ୍ୟମ ଜାରି ରଖିଛି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆର୍ଥିକ ସ୍ଥିତି ଭଲ ରହିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ବୃଷ:** ଅଚାନକ ଖୁସି ଖବର ପାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପୈତୃକ ସମ୍ପତ୍ତିକୁ ନେଇ କିଛି ବିବାଦ ଦେଖାଯାଇପାରେ। କୌଣସି ଶୁଭ ଖବର ମିଳିପାରେ।

**ମିଥୁନ:** ସାମାଜିକ କାର୍ଯ୍ୟରେ ସାମିଲ ରହି ପାରନ୍ତି। ଲୋକସମ୍ପର୍କ ବୃଦ୍ଧି ପାଇବ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିପାରେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିପାରେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଚାନକ ଖୁସି ଖବର ମିଳିପାରେ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। କଥାରେ ମଧୁରତା ରକ୍ଷା କରିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଦାନ ଧର୍ମ କରନ୍ତୁ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିପାରେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**କୁମ୍ଭ:** ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଘରେ ପୂଜାପାଠ ଆୟୋଜନ ହେବ। ଯାନବାହନ କ୍ରୟର ଯୋଗ ଅଛି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ଯାତ୍ରା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

## ଆଜିର ଇତିହାସ

- ୧୮୭୯- ବିଶ୍ୱ ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍‌ଙ୍କ ଜନ୍ମ।
- ୧୮୮୩- ମହାନ୍ ଦାର୍ଶନିକ କାର୍ଲ ମାର୍କସ୍‌ଙ୍କ ଦେହାନ୍ତ।
- ୧୯୩୧- ପ୍ରଥମ ସବାକ୍ ଚଳଚ୍ଚିତ୍ର 'ଆଲମ୍‌ଆରା'ର ପ୍ରଦର୍ଶନ କଲା।
- ୧୯୯୮- ସୋନିଆ ଗାନ୍ଧୀ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ଅଧ୍ୟକ୍ଷା ହେଲେ।



# ସଲମାନ୍‌ଙ୍କ ନାୟିକା ହେବେ ସାମନ୍ଥା !



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଏବେ ତାଙ୍କ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲବାନ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହା ଏପ୍ରିଲ୍ ୧୭ରେ ପରଦାକୁ ଆସିବ। କିଛି ଦିନ ପୂର୍ବରୁ ସଲମାନ୍ ହିଟ୍ ଫିଲ୍ମ ନିର୍ମାତା ରାଜ୍ ଓ ଡିକେଙ୍କ ଏକ ପ୍ରୋଜେକ୍ଟରେ ନଜର ଆସିବେ ବୋଲି ଅନେକ ରିପୋର୍ଟରେ ପ୍ରକାଶ ପାଇଥିଲା। ତେବେ ରାଜ୍ ଓ ଡିକେଙ୍କର ଏକ ସୁପରହିରୋ ଫିଲ୍ମରେ ସଲମାନ୍ ନଜର ଆସିବେ ବୋଲି ଏହି ରିପୋର୍ଟରେ କୁହାଯାଇଥିଲା। ଏହା ଏବେ ପ୍ରାରମ୍ଭିକସ୍ତରରେ ଥିବା ଜଣାପଡ଼ିଛି। ଇତିମଧ୍ୟରେ ଏହି ପ୍ରୋଜେକ୍ଟକୁ ନେଇ ଆଉ ଏକ ଖବର ଆସିଛି। ରାଜ୍‌ଙ୍କ ପତ୍ନୀ ସାମନ୍ଥା ରୁଥ୍ ପ୍ରଭୁ ଏଥିରେ ସଲମାନ୍‌ଙ୍କ ବିପକ୍ଷରେ ନଜର ଆସିବେ ବୋଲି କୁହାଯାଉଛି। ଏହି ଭୂମିକା ପାଇଁ ସାମନ୍ଥା ହିଁ ଫିଟ୍ ହେବେ ବୋଲି ରାଜ୍ ଓ ଡିକେ ଭାବୁଛନ୍ତି। ସାମନ୍ଥା ଏହାପୂର୍ବରୁ ରାଜ୍ ଓ ଡିକେଙ୍କ ସହ 'ଦ ଫ୍ୟାମିଲି ମ୍ୟାନ୍' ଓ 'ସିଟାଡେଲ: ହନିବନି'ରେ କାମ କରିଥିଲେ।

# ହାର୍ ମାନିଛି ବୟସ
## ୬୦ରେ ଲାଗୁଛନ୍ତି ୩୫ ଭଳି



ସିଙ୍ଗାପୁରର ଲୋକପ୍ରିୟ ମଡେଲ ତଥା ଫଟୋଗ୍ରାଫର ଚୁଆଣ୍ଡୋ ଟ୍ୟାନ୍ ନିକଟରେ ତାଙ୍କର ୬୦ ତମ ଜନ୍ମଦିନ ପାଳନ କରିଛନ୍ତି। ହେଲେ ୬୦ ବର୍ଷ ବୟସରେ ସେ ୩୫ ବର୍ଷ ବୟସ୍କଙ୍କ ଭଳି ଲାଗୁଛନ୍ତି। ତାଙ୍କର ଏହି ଫିଟ୍ ଲୁକ୍‌କୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ଲୋକେ ତାଙ୍କୁ ଭାମ୍ପେୟାର କହିବାକୁ ପଛାଇ ନାହାନ୍ତି। ସେ ସାମାଜିକ ଗଣମାଧ୍ୟମରେ 'ଏଜ୍‌ଲେସ୍' ବା ବୟସହୀନ ମଡେଲ ଭାବେ ଚର୍ଚ୍ଚା ସାଉଁଟୁଛନ୍ତି। ସେହିପରି ଟ୍ୟାନ୍ ଜନ୍ମଦିନରେ ଏକ ବିଶେଷ ପୋଷ୍ଟ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ତାଙ୍କ ଜନ୍ମଦିନ ଅବସରରେ ସେ ୬୦ଟି ବେଲୁନ୍ ସହିତ ଛିଡ଼ା ହୋଇଥିବାର ନଜର ଆସିଛନ୍ତି। ଏହା ସହିତ ସେ ଏକ ଭାବବିହ୍ୱଳ କଲା ଭଳି ବାର୍ତ୍ତା ମଧ୍ୟ ସେୟାର୍ କରିଛନ୍ତି। ସେ କହିଛନ୍ତି, ସମୟ ହେଉଛି ପ୍ରକୃତ ସମ୍ପତ୍ତି। ଅବଶ୍ୟ ସେ ୬୦ ବର୍ଷ ବୟସରେ ବି ଏତେ ଯୁବସୁଲଭ ଦେଖାଯିବା କୌଣସି ଯାଦୁବିଦ୍ୟା ନୁହେଁ ବୋଲି ସେ କହିଛନ୍ତି। ଜିନ୍ ଏବଂ ସ୍ୱାସ୍ଥ୍ୟକର ଜୀବନଶୈଳୀ ଆପଣାଇବାର ଏହାର ପରିଣାମ ବୋଲି ସେ କହିଛନ୍ତି। ଫିଟ୍ ରହିବାର ପ୍ରକୃତ ରହସ୍ୟ ଅନୁଶାସନ, ସନ୍ତୁଳିତ ଜୀବନଶୈଳୀରେ ଲୁଚି ରହିଥିବା ସେ କୁହନ୍ତି। ସକାଳେ ସେ ପ୍ରୋଟିନ୍ ସେକ୍ କିମ୍ବା ଓଟ୍‌ମିଲ ସହିତ ଅଣ୍ଡା, ମହୁ ଏବଂ ଆଭାକାଡୋ ଖାଆନ୍ତି। ମଧ୍ୟାହ୍ନ ଓ ରାତ୍ରିଭୋଜନରେ ଷ୍ଟିମ୍ ତଥା ଗ୍ରିଲ୍ଡ ଚିକେନ ତଥା ମାଛ, ଭାତ ଓ ସୁପ୍ ଖାଆନ୍ତି। ସେ ନିଶାସେବନ, ଧୂମପାନ, କଫି, ମିଠା ପାନୀୟ ଆଦି ଖାଇ ନ ଥାନ୍ତି। ଏହାସହ ସପ୍ତାହକୁ ୩-୫ ଦିନ ଷ୍ଟ୍ରେଙ୍ଗ୍ଥ ଟ୍ରେନିଂ, କାର୍ଡିଓ, ସୁଇମିଙ୍ଗ କରିଥାନ୍ତି। ବର୍ତ୍ତମାନ ବୟସର ପ୍ରଭାବ ସେ ଧୀରେ ଧୀରେ ଅନୁଭବ କରୁଥିବା ଟ୍ୟାନ୍ ସ୍ୱୀକାର କରିଛନ୍ତି। ଏକ ସାକ୍ଷାତକାରେ ଟ୍ୟାନ୍ କହିଛନ୍ତି, ପୂର୍ବ ତୁଳନାରେ ନିଜକୁ ଶକ୍ତିବାନ ଓ ଫିଟ୍ ରଖିବା ପାଇଁ ଏବେ ତାଙ୍କୁ ଅଧିକ ପରିଶ୍ରମ କରିବାକୁ ପଡୁଛି। ଏହା ସତ୍ତ୍ୱେ ବି ତାଙ୍କ ବିଶ୍ୱାସ ରହିଛି ଯେ, ସକାରାତ୍ମକ ଚିନ୍ତାଧାରା, କମ୍ ଚାପ ଏବଂ ପ୍ରକୃତିର ନିକଟତର ରହିବା ହିଁ ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ଖୁବ୍ ଜରୁରି।

# ନାଇଟ୍ ସିଫ୍ଟରେ କାମ କରୁଥିବା ଲୋକଙ୍କୁ ଏହି ରୋଗ ଆଶଙ୍କା

ଆଇଟି ସେକ୍ଟର, ହେଲଥ୍ କେୟାର୍, ମିଡିଆ, କଲ୍ ସେଣ୍ଟର ଏବଂ ଅନ୍ୟ କିଛି କ୍ଷେତ୍ରରେ ଲକ୍ଷାଧିକ ଲୋକ ରାତିରେ କାମ କରନ୍ତି। ତା'ସହ ଦିନରେ ସେମାନେ ବିଶ୍ରାମ ନେବାକୁ ଯଥାସମ୍ଭବ ଚେଷ୍ଟା କରନ୍ତି। ତେବେ ରାତିରେ କାମ କରିବା ଦ୍ୱାରା ନିଦ୍ରାଚକ୍ର ଠିକ୍ ରହେ ନାହିଁ ଏବଂ ଶରୀରକୁ ପର୍ଯ୍ୟାପ୍ତ ବିଶ୍ରାମ ମିଳି ନ ଥାଏ। ଏହାର ପ୍ରଭାବ ମସ୍ତିଷ୍କ, ହରମୋନ୍, ହୃଦୟ ଏବଂ ପାଚନକ୍ରିୟା ଉପରେ ପଡ଼ିପାରେ। ସେହିପରି ନାଇଟ୍ ସିଫ୍ଟରେ କାମ କରୁଥିବା ଲୋକଙ୍କଠାରେ ଥକ୍କାପଣ, ଅବସାଦ, ମେଦବହୁଳତା, ହୃଦ୍ ସମ୍ବନ୍ଧିତ ରୋଗ ଦେଖା ଦେବାର ଆଶଙ୍କା ବଢ଼ିଯାଏ। ତେଣୁ ଏଭଳି ଲୋକ ନିଜ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେବା ସହିତ ଜୀବନଶୈଳୀରେ ସନ୍ତୁଳନ ରକ୍ଷା କରିବା ଉଚିତ। ମଣିଷ ଶରୀର ଦିନରେ କାମ କରିବା ଏବଂ ରାତିରେ ବିଶ୍ରାମ ନେବା ପାଇଁ ଉଦ୍ଦିଷ୍ଟ। ଏଭଳି କ୍ଷେତ୍ରରେ ଯେତେବେଳେ ଏହି ସନ୍ତୁଳନ ବିଗିଡ଼ି ଯାଏ, ଏହାର ପ୍ରଭାବ ଧୀରେ ଧୀରେ ସ୍ୱାସ୍ଥ୍ୟ ଉପରେ ଦେଖିବାକୁ ମିଳେ। ଅନେକ ଗବେଷଣାରେ ଏକଥା ସାମ୍ନାକୁ ଆସିଛି ଯେ, ଲଗାତାର ନାଇଟ୍ ସିଫ୍ଟ କରିବା ଦ୍ୱାରା ଶରୀରରେ ଅନେକ ସମସ୍ୟା ସୃଷ୍ଟି ହୋଇପାରେ। ସେହିପରି ବାରମ୍ବାର ଥକ୍କା ଲାଗୁଥିବା ନାଇଟ୍ ସିଫ୍ଟରେ କାମ କରୁଥିବା ଲୋକେ କହିଥାନ୍ତି। ରାତି ତମାମ କାମ କରିବା ପରେ ଦିନରେ ଶୋଇବାକୁ ଚେଷ୍ଟା କରିବା ଦ୍ୱାରା ଭଲରେ ନିଦ ହୋଇ ନ ଥାଏ। ଏଭଳି ସ୍ଥିତିରେ ଲୋକଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ଥକ୍କା ଲାଗେ। ନିଦ ପୂରା ନ ହେବାର ପ୍ରଭାବ ପ୍ରଥମେ ମସ୍ତିଷ୍କ ଉପରେ ପଡ଼ିଥାଏ। ଏଭଳି ଲୋକଙ୍କଠାରେ ସାଧାରଣତଃ ଚିଡ଼୍‌ଚିଡ଼ାପଣ ଦେଖା ଦେବା ସହ ଧ୍ୟାନ କେନ୍ଦ୍ରିତ କରିବାରେ ସମସ୍ୟା ହୋଇ ଥାଏ। ଦୀର୍ଘ ଦିନ ଧରି ନାଇଟ୍ ସିଫ୍ଟରେ କାମ ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଉପରେ ବି ପ୍ରଭାବ ପଡ଼ିଥାଏ। ଅନେକ ଗବେଷଣାରେ ଏକଥା ବି କୁହାଯାଇଛି, ନାଇଟ୍ ସିଫ୍ଟରେ କାମ କରୁଥିବା ଲୋକଙ୍କଠାରେ ମାନସିକ ଚାପ ଓ ଅବସାଦ ବୃଦ୍ଧି ପାଇଥାଏ। ଏହାବାଦ୍ ଏହାର ପ୍ରଭାବ ଶରୀରର ମେଟାବଲିଜିମ୍ ଉପରେ ବି ପଡ଼ିଥାଏ। ରାତିରେ କାମ କରିବା ବେଳେ ଲୋକେ ମୁଖ୍ୟତଃ ଅସ୍ୱାସ୍ଥ୍ୟକର ସ୍ନାକ୍ସ ଏବଂ ଅଧିକ କେଫିନ୍‌ର ସେବନ କରନ୍ତି। ଏହାଦ୍ୱାରା ଓଜନ ବୃଦ୍ଧି ଏବଂ ମୋଟାପଣ ସମସ୍ୟା ଦେଖା ଦେବା ଆଶଙ୍କା ଥାଏ। ଏହି ମୋଟାପଣ ଭବିଷ୍ୟତରେ ମଧୁମେହ ଏବଂ ହୃଦୟ ସହିତ ଜଡ଼ିତ ରୋଗର ବିପଦ ବୃଦ୍ଧି କରିପାରେ। କେବଳ ସେତିକି ନୁହେଁ, ନାଇଟ୍ ସିଫ୍ଟର ପ୍ରଭାବ ପାଚନତନ୍ତ୍ର ଉପରେ ବି ଦେଖିବାକୁ ମିଳିଛି। ବିଳମ୍ବିତ ରାତ୍ରି ଏବଂ ଅନିୟମିତ ସମୟରେ ଭୋଜନ କରିବା ଦ୍ୱାରା ଏସିଡିଟି, ଗ୍ୟାସ୍ ଏବଂ ପେଟ ସହ ଜଡ଼ିତ ଅନେକ ସମସ୍ୟା ସୃଷ୍ଟି ହୋଇପାରେ। ଅନ୍ୟପଟେ ପର୍ଯ୍ୟାପ୍ତ ନିଦ୍ରାଭାବ ଯୋଗୁଁ ରୋଗ ସହିତ ଲଢ଼ିବାର କ୍ଷମତା ବି ହ୍ରାସ ପାଏ। ଏଭଳି ଲୋକେ ଶୀଘ୍ର ରୋଗାକ୍ରାନ୍ତ ହେବା ସହ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ।



## ପ୍ରହେଳିକା

- ଗୁଣୁଗୁଣୁ ଗୁଣୁ ଶବଦ କରି
  ଉଡ଼ି ବୁଲେ ଫୁଲ ପାଖେ
  ଶୋଷିନେଇ ମହୁ ଫୁଲ ଦେହରୁ
  ଫେଣାରେ ସାଇତି ରଖେ
  ବଡ ପରିଶ୍ରମୀ ଟିକି ଜୀବଟି
  ନାଆଁଟି ତାହାର କହି ଦେବଟି

  ଉତ୍ତର- ମହୁମାଛି

- କୁଳୁକୁଳୁ କୁଳୁ ନାଦରେ
  ମୁହଁ ତଳକୁ କରି
  ବହିଯାଉ ଅଛି ମାଟିରେ
  ମିଠା ଜଳକୁ ଧରି
  କେତେ ଗାଆଁଗଣ୍ଡା ପଡ଼ିଆ
  ପାଟ ଜଙ୍ଗଲ ଡେଇଁ
  ସରାଗେ ଧାଉଁଛି ନଦୀରେ
  ଦିନେ ମିଶିବା ପାଇଁ
  ପାହାଡ଼ରୁ ଜାତ ନାଆଁଟି ତାର
  କହିବାକୁ ଜମା ଡେରି ନ କର।

  ଉତ୍ତର- ଝରଣା



- କୁହୁକୁହୁ କୁହୁ ରାବରେ ସିଏ
  ପଞ୍ଚମ ସୁରରେ ଗାଏ
  ବଡ଼ ସରାଗରେ ଗୁଡୁଲା ଆମରି
  କାନ ଡେରି ଶୁଣୁଥାଏ
  ବସନ୍ତର ମିତ ସିଏ
  ନାଆଁଟି କହିବ କିଏ ?

  ଉତ୍ତର-କୋଇଲି

ଜଗଦୀଶ ସାହୁ
ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ

## ଥମିଯାଉ ଯୁଦ୍ଧ



ତପନ କୁମାର ସ୍ୱାଇଁ

କାହିଁକି ଦେଉଛ ଧରାକୁ କଷଣ
ଯୁଦ୍ଧ ଘନଘଟା କରି,
ଗୋଳା ବାରୁଦରେ କାହିଁକି ଜାଳୁଛ
ଗଛ,ଲତା,ବନ,ଗିରି।
ଆକାଶେ ଛୁଟୁଛି ମିଶାଇଲ ନିଆଁ
ଯୁଦ୍ଧ ଜାହାଜର ଧାଡ଼ି,
ମାଟିରେ ଗର୍ଜୁଛି ତୋପ କମାଣର
ମିଶାଇଲ୍ ଭରା ଗାଡ଼ି।
ନିରିହ ଜନତା ବନ, ପଶୁ,ପକ୍ଷୀ
ସକଳେ ଗଲେଣି ନାଶ,
କିଏ ମରୁଅଛି ଭୋକ ବିକଳରେ
କିଏ ହରାଉଛି ବାସ।
ଯୁଗ ଯୁଗ ଧରି ଠିଆ ହୋଇଥିଲା
ମନ୍ଦିର,ମସଜିଦ, ଗୀର୍ଜା
କେତେ ଶିଳାଲେଖ ପୂର୍ବସୁରିଙ୍କର
ପାଉଥିଲା ଆହା ପୂଜା।
ସବୁ ମିଶିଗଲା ମାଟିର ପିଠିରେ
ଧୂଳିର ପାହାଡ଼ ହୋଇ,
କିଏ ସେ ଜିତିଛି କହିଲ ଜଣିଏ
ହିଂସାର ମାରଗେ ଯାଇ।
ଏହି କିବା ଶିକ୍ଷା ମଣିଷ ଜାତିର
ପଶୁଠାରୁ ହୀନ ମତି,
ଗର୍ବ ଅହଙ୍କାରେ ମତ ପ୍ରାୟେ ହୁଏ
କାନନେ ଯେସନ ହାତୀ।
ଫେରିଆସ ଯୀଶୁ, ମହମ୍ମଦ,ବୁଦ୍ଧ
ଶାନ୍ତିର ବାରତା ଆଣି,
ସଦ୍ ବୁଦ୍ଧି ଦିଅ ସବୁରି ମନରେ
ଶୁଣାଅ ଧର୍ମ ବାଣୀ।
ଥମିଯାଉ ଯୁଦ୍ଧ ଫେରିଆସୁ ଶାନ୍ତି
ଜଗତ କଲ୍ୟାଣ ହେଉ,
ସବୁରି ମନରେ ଦୟା,ଶାନ୍ତି,କ୍ଷମା
ଦିଅ ଆହେ ମହାବାହୁ। ■

ଅଇବିଲି, ତିର୍ତ୍ତୋଲ, ଜଗତସିଂହପୁର

## ଆ ରେ ସକାଳ ଆ...



ନୀଳମଣି ଚାନ୍ଦ

ଆ ରେ ସକାଳ ଆ
ସୂରୁଯକୁ କହ ସଅଳ ଉଠିବ
ତା'କୁ ଦେଖିଦେଲେ ଫୁଲଟି ଫୁଟିବ
କହ କୁନା ମୁନା ନ ଶୋଇ ଆଉରେ
ଯା ରେ ପଢ଼ିବ ଯା।
ଆ ରେ ସକାଳ ଆ
ତୋତେ ଦେଖିଦେଲେ ତୁଟିବ ଅନ୍ଧାର
ଶୁଭିବ ଡାକଟି ଏବେ ତ ଗଞ୍ଜାର
ଚାଷୀ ଭାଇଟିକୁ କହିଦେଏ ଥରେ
କ୍ଷେତ ଆଡ଼କୁରେ ଯା।
ଆରେ ସକାଳ ଆ
ଗାଆଁ ମନ୍ଦିରରୁ ଶୁଭିବ ଆଳତି
ଫୁଟିବରେ ଫୁଲ ଟଗର ମାଳତୀ
ଲାଗିଯିବେ ସବୁ କାମପାଇଟିରେ
କରିବେନି ଆଉ ନା।
ଆରେ ସକାଳ ଆ
କିଚିରିମିଚିରି କଲେଣି ଚଢ଼େଇ
ଖବରକାଗଜ କେ ପଢ଼େ ଗଡ଼େଇ
ଚଳଚଞ୍ଚଳ ହେଲାଣି ଧରଣୀ
ବାଃ ବାଃ ବାଃ ବାଃ। ■

ମନ୍ତ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର



## ସୁମନ

# ଘୁମୁରୁ ଘୁମୁରୁ ହେଉଛି ପାରା





ଡ. କାଳିକିଙ୍କର

ଜେଜେ ଓ ଜେଜେମା ସହର ଛାଡ଼ି ଗାଁ ଘରେ ରହିବାକୁ ଆସିଲେ। ତେବେ ସହର ଛାଡ଼ି ଗାଁକୁ ଆସିଲାବେଳେ ପୁଅ ବୋହୂ ଅନେକ ବୁଝେଇଲେ। କହିଲେ ଏ ସହରରେ ଘର ଜଗିବାକୁ ବାହାରେ ଚବିଶ ଘଣ୍ଟା ସିକ୍ୟୁରିଟି ଅଛନ୍ତି। ଗାଁରେ ତୁମକୁ କିଏ ଜଗିବ। ସହରରେ ଘର ଭିତରେ ଆମ ଜେକ କୁକୁର ଅଛି। ତେଣୁ ତୁମେ ଗାଁକୁ ଯାଅନାହିଁ। ହଇରାଣ ହେବ। ଗାଁର ପୁଣି ମାଟି ଘର। ଯେଉଁ ଭାଗରେ ଟିକିଏ ପକ୍କା ହୋଇଛି ସେଠି ତ ପାରାମାନେ ଉପଦ୍ରବ କରୁଥିବେ। ମାଟି ଘରେ ତ ମୂଷା ତାଙ୍କ ଆସ୍ଥାନ ଜମେଇ ଥିବେ। ଜେଜେ ଓ ଜେଜେମା କିନ୍ତୁ ଗାଁକୁ ଫେରିଲେ। ଘରେ ସତରେ ମୂଷାମାନେ ଅନେକ ଗାତ ଖୋଳିଥିଲେ। ପକ୍କାଘର କଡ଼ରେ ପାରାମାନେ ଘୁମୁରି ଘୁମୁରି ହେଉଥାନ୍ତି। ସେମାନେ କାଟି କୁଟା ଆଣି ବସା କରିଥାନ୍ତି। ଜେଜେ ଓ ଜେଜେମା ସେସବୁ ସଫା କଲେ। ମୂଷା ଗାତ ବୁଜେଇଲେ। ଧୀରେ ଧୀରେ ସେମାନେ ରହିବାକୁ ଲାଗିଲେ ଯେ ରାତିରେ ଖଡ଼-ଖାଡ଼ ହେଲେ ନିଦ ଭାଙ୍ଗିଲା ଜେଜେ ଓ ଜେଜେମା ଭାବିଲେ ଯେ ସତରେ କ'ଣ ଗାଁର ଘରେ ସୁରକ୍ଷା ନାହିଁ? ବାହାରେ କିଛି କୁକୁର ବିଲେଇ ବୁଲୁ ଥାଆନ୍ତି। ଜେଜେ ଓ ଜେଜେମାଙ୍କ ପାଖକୁ ସେମାନେ ଆସି କହିଲେ- ଆମେ ଅଛୁ- ସୁରକ୍ଷା ଦେବୁ। ଆମକୁ ଖାଇବାକୁ ଦିଅ- ଟିକିଏ ଭଲପାଇବା ଦିଅ। ଘୁମୁରୁ ଘୁମୁରୁ ହେଉଥାନ୍ତି ପାରା। କହିଲେ ନା,ନା - ଏ ବିଲେଇ ପୁଣ୍ଟୁ ଓ ଚେଣ୍ଟୁ ବହୁତ ଦୁଷ୍ଟ। ତାଙ୍କୁ ଘରେ ପୂରେଇ ଦିଅନା। ଜେଜେ ଓ ଜେଜେମା ବିଲେଇ ପୁଣ୍ଟୁ, ଚେଣ୍ଟୁଙ୍କୁ କ୍ଷୀର ଓ ମାଛ ଭାତ ଦେଲେ। ସେମାନେ ରହିଲେ ଯେ ମୂଷାମାନେ ପଳେଇଲେ। ଏବେ କାଳୁ ଓ ନାଳୁ ଆସି ଆଗ ଗୋଡ଼ ଲମ୍ବେଇ କହିଲେ- ଆମକୁ ଖାଇବାକୁ ଦିଅ। ଦୂର ଦୂର କହି ଘଉଡ଼େଇ ଦିଅନା। ଆମେ ରାତିରେ ତୁମକୁ ସୁରକ୍ଷା ଦେବୁ। କାହାକୁ ଆସିବାକୁ ଦେବୁନି। ବାଃ ବଢ଼ିଆ ତ। ରାତିରେ ଘର ବାରଣ୍ଡାରେ ଶୋଇଲେ କାଳୁ ଓ ନାଳୁ। କେହି ଆସିଲେ ଭୁ ଭୁ କରି ଘଉଡ଼ାଇ ଦେଲେ। ଘୁମୁରୁ ଘୁମୁରୁ ହେଉଛି ପାରା। ପେଣ୍ଟୁ ଓ ଚେଣ୍ଟୁ ସେମାନଙ୍କୁ ଦେଖୁଥାନ୍ତି। ତେବେ ସେମାନେ ଉଚ୍ଚରେ ବସା ବାନ୍ଧି ରହୁଥିବାରୁ ତାଙ୍କର କିଛି କରି ପାରୁ ନ ଥାନ୍ତି ପେଣ୍ଟୁ ଓ ଚେଣ୍ଟୁ। ଜେଜେ ଓ ଜେଜେମା ତୀର୍ଥରେ ଯିବେ ବାହାରିଲେ। ପେଣ୍ଟୁ, ଚେଣ୍ଟୁ, କାଳୁ ଓ ନାଳୁକୁ ବୁଝେଇ କହିଲେ- ଦୁଇ ସପ୍ତାହ ଆମେ ଘରେ ରହିବୁନି। ତୁମେ ସବୁ ନିଜେ ପରିଶ୍ରମ କରି ନିଶ୍ଚୟ ଚଳି ପାରିବ। ପେଣ୍ଟୁ ଓ ଚେଣ୍ଟୁ ବାହାରେ କିଛି ଶୀକାର କରି ନିଜପାଇଁ ଖାଦ୍ୟ ଯୋଗାଡ଼ କରିବ। କାଳୁ ଓ ନାଳୁ ପାଇଁ ପଡ଼ୋଶୀ ଘରେ କହି ଯାଉଛୁ। ବିସ୍କୁଟ୍ କିଣି ଦେଇ ଯାଉଛୁ। ଯେମିତି ଯାହା ସେମାନେ ଦେବେ ଖାଇବ ଓ ଘର ଜଗିବ। ମ୍ୟାଉଁ ମ୍ୟାଉଁ ଓ ଭୁ ଭୁ କରି ପେଣ୍ଟୁ, ଚେଣ୍ଟୁ, କାଳୁ ଓ ନାଳୁ ହଁ ଭରିଲେ। ପନ୍ଦର ଦିନ ପରେ ଜେଜେ ଓ ଜେଜେମା ଫେରିଲେ। ଦେଖିଲେ ଯେ କିଏ ଖାଦ୍ୟରେ ବିଷ ଦେଇ ତାଙ୍କର ପେଣ୍ଟୁ, ଚେଣ୍ଟୁ, କାଳୁ ଓ ନାଳୁକୁ ମାରି ଦେଇଛି। କେବଳ ଘୁମୁରୁ ଘୁମୁରୁ ହେଉଛି ପାରା। ଜେଜେ ଓ ଜେଜେମା ପଚାରିଲେ -ଆମର ଏ ନିରୀହ ଛୁଆଙ୍କୁ କିଏ ମାରିଲାରେ? ଘୁମୁରୁ ଘୁମୁରୁ ହୋଇ ପାରାମାନେ କହିଲେ- ନିର୍ଦ୍ଦୟ ମଣିଷ। ଜେଜେମା ଆଖିରୁ ଲୁହ ପୋଛି କହିଲେ- ଚାଲ ଗାତ ଖୋଳି ଆମର ଏ ପିଲାମାନଙ୍କୁ ମାଟିରେ ପୋତି ତାଙ୍କୁ ବଞ୍ଚେଇ ରଖିବା। ଜେଜେ କହିଲେ କେମିତି? ଘୁମୁରୁ ଘୁମୁରୁ ହୋଇ ପାରା କହିଲେ ସେ ମାଟିରେ ଚାରୋଟି ଫଳ ଗଛ ଲଗେଇ ଦିଅନ୍ତୁ। ସେ ଗଛର ନାଁ ଦିଅନ୍ତୁ ପେଣ୍ଟୁ, ଚେଣ୍ଟୁ, କାଳୁ ଓ ନାଳୁ। ତାହାହିଁ କଲେ ଜେଜେ ଓ ଜେଜେମା। ସେ ଚାରୋଟି ଗଛ ବଡ଼ ହୋଇ ଫଳ ଦେଉଛି। ସହରରୁ ପୁଅ, ବୋହୂ, ନାତି, ନାତୁଣୀ ଆସି ଫଳ ଖାଉଛନ୍ତି ଓ ସାଥିରେ ନେଇ ଯାଉଛନ୍ତି। ଜେଜେ ଜେଜେମା ଏ ସଂସାର ଛାଡି ଚାଲିଗଲେଣି କିନ୍ତୁ ସବୁଦିନ ଘୁମୁରୁ ଘୁମୁରୁ ହେଉଛନ୍ତି ପାରାମାନେ। କହୁଛନ୍ତି- ଭଲପାଇବାର ଶେଷ ନାହିଁ। ■

ସୌଭାଗିନୀ ନିବାସ, ରଟିଲୋ, ରେଞ୍ଚ, ପୁରୀ

## କୁନି ଆଙ୍କିଲେ





ଶାଶ୍ୱତ କୁମାର ନାୟକ ଶର୍ମା
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ନିମାପଡ଼ା





ଦିପ୍ତିମୟୀ ହାଁସଦା
ଚତୁର୍ଥ ଶ୍ରେଣୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ
ବଡସିଙ୍ଗାରିଆ, ମୟୂରଭଞ୍ଜ





ପ୍ରିୟାଂଶୁ ଦାଶ
ଦଶମ ଶ୍ରେଣୀ
ମଡର୍ଣ୍ଣ ପବ୍ଲିକ୍ ସ୍କୁଲ
ବାଲେଶ୍ୱର





ମାଇରା ମହାନ୍ତି
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ୟୁନିଟ୍-୮, ଭୁବନେଶ୍ୱର




### ଟିମ୍ ଇଣ୍ଡିଆର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ

# ଏବେ ଆଇପିଏଲ୍ ଉପରେ ନଜର




ନୂଆଦିଲ୍ଲୀ,୧୩।୩(ଏଜେନ୍ସି)

ଭାରତରେ କ୍ରିକେଟର ଲୋକପ୍ରିୟତା ସର୍ବାଧିକ। ଯାହା ଫଳରେ କ୍ରିକେଟପ୍ରେମୀ ସର୍ବଦା ସେମାନଙ୍କ ପ୍ରିୟ ଖେଳାଳି ଓ ଟିମ୍ ସମ୍ପର୍କରେ ଖବର ରଖିଥାନ୍ତି। ନିକଟରେ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘରୋଇ ଦଳ ଭାବେ ଭାରତ ପ୍ରଥମଥର ଚାମ୍ପିଅନ ହୋଇଛି। ଏହା ଭାରତୀୟ ସମର୍ଥକଙ୍କୁ ବେଶ ଆନନ୍ଦ ଦେଇଛି। ଇରାନ ବନାମ ଇଜ୍ରାଏଲ-ଆମେରିକା ଯୁଦ୍ଧ ଫଳରେ ତୈଳ ଓ ଇନ୍ଧନ ଗ୍ୟାସ ସଙ୍କଟ ସତ୍ତ୍ୱେ ଭାରତୀୟ ସମର୍ଥକ କ୍ରିକେଟ ଦଳର ତୃତୀୟ ଟାଇଟଲ ବିଜୟକୁ ଉତ୍ସବ ଭାବେ ପାଳନ କରିଛନ୍ତି। ଭାରତୀୟ ବଜାର ମଧ୍ୟ ବେଶ ଲାଭବାନ ହୋଇଛି। କ୍ରିକେଟ ଖେଳ ହେଲେ ଅନେକ ବ୍ୟକ୍ତି ଓ ପେସାଦାରଙ୍କ ଘର ଚଳୁଛି। ଏହା କେବଳ ଖେଳାଳି କିମ୍ବା ଏହାକୁ ପରିଚାଳନା କରୁଥିବା ବ୍ୟକ୍ତିବିଶେଷଙ୍କ ଆୟର ମାଧ୍ୟମ ହୋଇ ରହିନାହିଁ। ସମାଜର ଅନେକ ଶ୍ରେଣୀର ଲୋକ ଓ ସରକାର କ୍ରିକେଟ ଖେଳରୁ ଲାଭବାନ ହେଉଛନ୍ତି। ଭାରତ ସରକାର ଓ ଭାରତୀୟ ସମାଜକୁ ସବୁଠାରୁ ଅଧିକ ଲାଭ ମିଳିଥାଏ ଇଣ୍ଡିଆନ ପ୍ରିମିୟର ଲିଗ୍ ଘରୋଇ ଟି-୨୦ କ୍ରିକେଟରେ। ଏବେ ଟି-୨୦ ବିଶ୍ୱକପ୍ ପରେ ଭାରତୀୟ ଦଳର କାର୍ଯ୍ୟକ୍ରମ ମେ ମାସ ପର୍ଯ୍ୟନ୍ତ ନାହିଁ। ଏହି ସମୟରେ ଅର୍ଥାତ୍ ମାର୍ଚ୍ଚ ୨୮ରୁ ମେ ୩୧ ତାରିଖ ମଧ୍ୟରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଖେଳାଯିବ। ଏବେ ଭାରତୀୟ ତଥା ବିଶ୍ୱର କିଛି କ୍ରିକେଟପ୍ରେମୀଙ୍କ ନଜର ଏହି ଟୁର୍ଣ୍ଣାମେଣ୍ଟ ଉପରେ ରହିବ। ଆଇପିଏଲର ତୀବ୍ର ପ୍ରତିଦ୍ୱନ୍ଦ୍ୱିତା, ପ୍ରତ୍ୟେକ ମ୍ୟାଚ୍‌ରେ ରୋମାଞ୍ଚ ଓ ରେକର୍ଡ କ୍ରିକେଟପ୍ରେମୀଙ୍କୁ ଖୁବ୍ ଆମୋଦିତ କରିବ। ଆଇପିଏଲ୍ ଏଥର ନିଶ୍ଚିତ ଲୋକପ୍ରିୟତାର ଆଉ ଏକ ରେକର୍ଡ ଭାଙ୍ଗିବ ବୋଲି ଆଶା କରାଯାଉଛି।

ଆଇପିଏଲ୍‌ର ଚଳିତ ସଂସ୍କରଣରେ ପୂର୍ବପରି ୧୦ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏଥର ୬୫ ଦିନ ଯାଏ ଏହି ଟୁର୍ଣ୍ଣାମେଣ୍ଟ ଚାଲିବ ଓ ଏଥିରେ ୮୪ଟି ମ୍ୟାଚ୍ ଖେଳାଯିବ। ମାର୍ଚ୍ଚ ୨୮ରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ପ୍ରଥମ ୨୦ ଦିନର କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ବାଂଲାଦେଶର ମୁସ୍ତାଫିଜୁର ରହମନଙ୍କୁ କୋଲକାତା ନାଇଟ୍ ରାଇଡର୍ସ ବିଦା କରିବା ଘଟଣା ବେଶ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିଲା। ଏହାର ପ୍ରଭାବ ବାଂଲାଦେଶ ଉପରେ ପଡ଼ିଥିଲା ଓ ଏହି ଦେଶ ଟି-୨୦ ବିଶ୍ୱକପରୁ ଓହରିଯାଇଥିଲା। ଏହାକୁ ନେଇ ପାକିସ୍ତାନ ନାଟକବାଜି କରିବାକୁ ପଛାଇ ନ ଥିଲା। ଶେଷରେ ବାଂଲାଦେଶର ଖେଳାଳିମାନେ ଖୁବ୍ ନିରାଶ ହୋଇଥିଲେ। ଏଭି ଘଟଣା ଏବେ ଆଇପିଏଲ୍ ଆରମ୍ଭ ହେବା ଯାଏ ନିଶ୍ଚିତ ଚର୍ଚ୍ଚାରେ ରହିବ।

### ଖେଳିବ ୧୦ ଟେଷ୍ଟ, ୨୦ ଦିନିକିଆ, ୩୩ ଟି-୨୦

ଘରୋଇ କ୍ରିକେଟ ଓ ଟି-୨୦ ବିଶ୍ୱକପ୍ ପରେ ଭାରତର ସର୍ବାଧିକ ଖେଳାଳି ଆଇପିଏଲ୍‌ରେ ଅଂଶଗ୍ରହଣ କରିବେ। ଏହା ପରେ ଅର୍ଥାତ ଜୁନ୍ ମାସରୁ ଏହି ଖେଳାଳିମାନେ ବିଭିନ୍ନ ଦେଶ ସହ ଭିନ୍ନ ଭିନ୍ନ କାଟାଗୋରୀରେ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ବିସିସିଆଇ ଭାରତୀୟ ବରିଷ୍ଠ ଦଳର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛି। ଚଳିତବର୍ଷ ଜୁନ୍‌ମାସରୁ ଆସନ୍ତାବର୍ଷ ଆଇପିଏଲ୍ ସିଜନ-୨୦ ଆରମ୍ଭ ହେବା ପର୍ଯ୍ୟନ୍ତ ସିନିୟର ଦଳର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ଭାରତ ବରିଷ୍ଠ କ୍ରିକେଟ ଦଳ ୧୦ଟି ଟେଷ୍ଟ, ୨୦ଟି ଦିନିକିଆ ଓ ୩୩ଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଉଭୟ ଦେଶ ଓ ଦେଶ ବାହାରେ ଏହି ଖେଳ ହେବ।

ଭାରତ ଘରୋଇ ମାଟିରେ ଆଫଗାନିସ୍ତାନ ସହ ଜୁନ୍ ୬ରୁ ୨୦ ତାରିଖ ମଧ୍ୟରେ ପ୍ରଥମେ ୩ଟି ଦିନିକିଆ ଓ ଗୋଟିଏ ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଜୁନ୍ ଶେଷ ଭାଗରେ ଆୟର୍ଲାଣ୍ଡକୁ ଏକ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ଖେଳିବାକୁ ପଡ଼ିବ। ଜୁଲାଇ ୧ରୁ ୧୯ ମଧ୍ୟରେ ଇଂଲଣ୍ଡରେ ଦଳ ୩ଟି ଦିନିକିଆ ଓ ୫ଟି ଟି-୨୦ ଖେଳିବାକୁ ଯିବ। ଜୁଲାଇ-ଅଗଷ୍ଟରେ ଶ୍ରୀଲଙ୍କା ସହ ୨ଟି ଟେଷ୍ଟ ଓ ଅତିରିକ୍ତ ୩ଟି ଟି-୨୦ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ସ୍ଥଗିତ ହୋଇଥିବା ବାଂଲାଦେଶ ଗସ୍ତ ପୁନର୍ବାର ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୩ଟି ଦିନିକିଆ ଓ ୩ଟି ଟି-୨୦ ଖେଳିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏହି ଗସ୍ତ କାର୍ଯ୍ୟକ୍ରମ ଆୟୋଜିତ ହେବ କି ନାହିଁ ତାହା ସରକାରଙ୍କ ଉପରେ ନିର୍ଭର କରିବ। ଏହି ସମୟରେ ବା ସେପ୍ଟେମ୍ବରରେ ଆଫଗାନିସ୍ତାନ ସହ ଏକ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୟୁଏଇରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏ ସବୁକି କିପରି ଏକସଙ୍ଗେ ଆୟୋଜନ କରିବ ତାହା ସମୟ କହିବ।

ସେପ୍ଟେମ୍ବରରେ ଜିମ୍ବାୱେ ସହ ୩ଟି ଟି-୨୦ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ ଏହାକୁ ସ୍ୱୀକୃତି ମିଳିନାହିଁ। ଏହି ସମୟରେ ଏକ ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର ସିରିଜ୍ ଖେଳିବାକୁ ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦଳ ଭାରତ ଆସିବ। ଅକ୍ଟୋବର ଯାଏ ଆୟୋଜିତ ହେବାକୁ ଥିବା ଏହି ସିରିଜ୍‌ରେ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ସମୟରେ ଜାପାନରେ ଏସିଆନ ଗେମ୍ସ ଆୟୋଜିତ ହେବ। ଏଥିରେ ସ୍ୱର୍ଣ୍ଣପଦକ ବିଜେତା ଭାରତର ଟି-୨୦ ଦଳ ଅଂଶଗ୍ରହଣ କରିବ। ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୩ ତାରିଖଯାଏ ଆୟୋଜିତ ହେବାକୁ ଥିବା ଏସିଆନ ଗେମ୍ସରେ ଟି-୨୦ ଦଳ ଏବଂ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍ ସହ ଦିନିକିଆ ଦଳ ଏକ ସଙ୍ଗେ ଖେଳିବାର କାର୍ଯ୍ୟକ୍ରମ ରହିଛି।

ୱେଷ୍ଟଇଣ୍ଡିଜ୍ ଟୁର୍ ଶେଷରେ ଭାରତୀୟ ଦଳ ଅକ୍ଟୋବର ୧୮ରୁ ଏକ ପୂର୍ଣ୍ଣାଙ୍ଗ ଟୁର୍ ଲାଗି ନ୍ୟୁଜିଲାଣ୍ଡରେ ପହଞ୍ଚିବ। ଏହି ସିରିଜ୍‌ରେ ୫ଟି ଦିନିକିଆ, ୫ଟି ଟି-୨୦ ଓ ୨ଟି ଟେଷ୍ଟ ଖେଳାଯିବ। ଏହି ଗସ୍ତ ପରେ ଡିସେମ୍ବର ପ୍ରଥମ ସପ୍ତାହରେ ଭାରତ ସ୍ୱଦେଶ ଫେରିବାର କାର୍ଯ୍ୟକ୍ରମ ରହିଛି। ଘରୋଇ ମାଟିରେ ଶ୍ରୀଲଙ୍କା ସହ ୩ଟି ଲେଖାଏଁ ଦିନିକିଆ ଓ ଟି-୨୦ ଖେଳିବାର କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ଏହି ଗସ୍ତ ଚୂଡାନ୍ତ ହୋଇନାହିଁ। କିନ୍ତୁ ୨୦୨୭ ଜାନୁଆରୀ-ଫେବୃଆରୀରେ ଭାରତରେ ବର୍ଡର-ଗାଭାସ୍କର ଟ୍ରଫି ଖେଳିବାକୁ ଅଷ୍ଟ୍ରେଲିଆ ଆସିବ। ଏହି ସିରିଜ୍ ପରେ ଆଇପିଏଲ୍‌ର ୨୦ତମ ସଂସ୍କରଣ ମାର୍ଚ୍ଚରୁ ମେ ମାସ୍ ମଧ୍ୟରେ ଆୟୋଜିତ ହେବ।

● ପିଏସ୍‌ଏଲ ଛାଡ଼ିଲେ, ଆଇପିଏଲ୍‌ରେ ଖେଳିବେ

## କେକେଆରରେ ମୁଜାରବାନି



କୋଲକାତା,୧୩।୩(ଏଜେନ୍ସି): ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ଚମକ ଦେଖାଇଥିବା ଜିମ୍ବାୱେର ଫାଷ୍ଟ ବୋଲର ବ୍ଲେସିଂ ମୁଜାରବାନି ଚଳିତ ସିଜନରେ କେକେଆର୍ ପକ୍ଷରୁ ଆଇପିଏଲ୍‌ରେ ଖେଳିବେ। ଏଥିଲାଗି ସେ ପାକିସ୍ତାନ ସୁପର ଲିଗ୍ କଣ୍ଟ୍ରାକ୍ଟକୁ ରଦ୍ଦ କରିଦେଇଛନ୍ତି ଓ ମାର୍ଚ୍ଚ ୧୭ରେ ଦଳ ସହ ଯୋଗଦେବେ ବୋଲି ତାଙ୍କ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ପିଏସ୍‌ଏଲ୍ ନିଲାମିରେ ତାଙ୍କୁ କେହି କିଣି ନ ଥିଲେ। କିନ୍ତୁ ପରେ ଇସ୍‌ଲାମାବାଦ ୟୁନାଇଟେଡ୍ ତାଙ୍କ ସହ ରାଜିନାମା କରିଥିଲା। କେକେଆର୍ ପକ୍ଷରୁ ପ୍ରସ୍ତାବ ଯିବା ପରେ ସେ ପିଏସ୍‌ଏଲ୍ ଛାଡ଼ିଦେଇଥିଲେ। ଚଳିତ ବିଶ୍ୱକପ୍‌ରେ ୬ ଫୁଟ ୮ ଇଞ୍ଚ ଉଚ୍ଚତାବିଶିଷ୍ଟ ଏହି ବୋଲର ୧୩ଟି ୱିକେଟ ନେଇଥିଲେ। ତାଙ୍କଠାରୁ କେବଳ ଯଶପ୍ରୀତ୍ ବୁମରା ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଅଧିକା ବା ୧୪ଟି ଲେଖାଏଁ ୱିକେଟ ପାଇଥିଲେ। ମାର୍ଚ୍ଚ ୨୯ରେ ମୁମ୍ବାଇ ଇଣ୍ଡିଆନ୍ସ ସହ ଖେଳି କେକେଆର ଅଭିଯାନ ଆରମ୍ଭ କରିବ।

■ ଆନ୍ତଃଜୋନ୍ ମହିଳା କ୍ରିକେଟ

## ପୂର୍ବାଞ୍ଚଳ ଟିମ୍‌ରେ ଓଡ଼ିଶାରୁ ୪

ଭୁବନେଶ୍ୱର,୧୩।୩(ସମିସ): ଜାତୀୟ ଆନ୍ତଃଜୋନ୍ ବରିଷ୍ଠ ମହିଳା କ୍ରିକେଟ ପ୍ରତିଯୋଗିତା ଏପ୍ରିଲ ୩ରୁ ପୁଡୁଚେରୀରେ ଖେଳାଯିବ। ଏହି ପ୍ରତିଯୋଗିତା ଲାଗି ବେଙ୍ଗଲର ସାଇକା ଇଶାକଙ୍କ ନେତୃତ୍ୱରେ ଘୋଷିତ ୧୫ଜଣିଆ ପୂର୍ବାଞ୍ଚଳ ଦଳରେ ଓଡ଼ିଶାରୁ ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମାଧୁରୀ ମେହେଟା, ସରିତା ମେହେର, ସୁଶ୍ରୀ ଦିବ୍ୟଦର୍ଶିନୀ ଓ ରାମାଲକ୍ଷ୍ମୀ ଏକ୍କା। ସେହିପରି ଓଡ଼ିଶା ଦଳର ପୂର୍ବତନ ଅଧିନାୟିକା ମଧୁସ୍ମିତା ବେହେରାଙ୍କୁ ପୂର୍ବାଞ୍ଚଳ ଦଳର ସହକାରୀ କୋଚ୍ ଦାୟିତ୍ୱ ମଧ୍ୟ ମିଳିଛି। ମାଧୁରୀ ଉପଅଧିନାୟିକା ହୋଇଛନ୍ତି।

## ପ୍ରଥମ ରାଜ୍ୟ ସ୍ପ୍ରିଣ୍ଟ ଆଥଲେଟିକ୍ସ ଆଜିଠାରୁ

ଭୁବନେଶ୍ୱର,୧୩।୩(ସମିସ): ଓଡ଼ିଶା ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ପ୍ରଥମ ରାଜ୍ୟ ସ୍ପ୍ରିଣ୍ଟ ଆଥଲେଟିକ୍ସ କଟକସ୍ଥିତ ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ଆସନ୍ତାକାଲି ଓ ୧୫ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏଥିରେ ୧୦୦ ମିଟର, ୨୦୦ମି, ୪୦୦ ମିଟର ଦୌଡ଼ ଅନୁଷ୍ଠିତ ହେବ। ଏହା ଛଡ଼ା ୧୦୦ ମିଟର, ୧୧୦ ମିଟର ଓ ୪୦୦ ମିଟର ବାଧା ଦୌଡ଼ ମଧ୍ୟ ଆୟୋଜିତ ହେବ। ପ୍ରଥମ ୩ଜଣ ଆଥ୍‌ଲେଟ୍‌ଙ୍କୁ ପଦକ ଓ ପ୍ରମାଣପତ୍ର ଦିଆଯିବ ବୋଲି ଓଡ଼ିଶା ଆଥଲେଟିକ୍ ଆସୋସିଏସନର କାର୍ଯ୍ୟକାରୀ ସମ୍ପାଦକ ଅଭିଜିତ ପାଲ ଜଣାଇଛନ୍ତି।

ୱାର୍ଲ୍ଡ ପାରାଆଥଲେଟିକ୍ସ

## ସୁମିତଙ୍କୁ ଜାଭେଲିନ୍‌ରେ ସ୍ୱର୍ଣ୍ଣ




ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଡବଲ ପାରାଅଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ସୁମିତ ଆଣ୍ଟିଲ ଏଠାରେ ଚାଲିଥିବା ପାରାଆଥଲେଟିକସ ଗ୍ରାଁ ପ୍ରି'ର ପୁରୁଷ ଜାଭେଲିନ୍ ଥ୍ରୋ' (ଏଫ୍୪୩/ଏଫ୍୪୪/ଏଫ୍୬୫)ରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ସେ ୬୯.୨୫ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ପ୍ରଥମରେ ରହିବା ସହ ଆଉ ଏକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ପୁଷ୍ପେନ୍ଦ୍ର ସିଂ ୫୬.୯୧ ମିଟର ଦୂରତାକୁ ଫିଙ୍ଗି ଦ୍ୱିତୀୟ ଓ ପୁନମ ରାମ ୪୯.୪୮ ମିଟର ଦୂରତାକୁ ଫିଙ୍ଗି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ହରିୟାଣା ସୋନିପତର ବାସିନ୍ଦା ୩ଥର ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲାବେଳେ ଚଳିତବର୍ଷ ଜାପାନରେ ହେବାକୁ ଥିବା ଏସିଆନ୍ ପାରା ଗେମ୍ସରେ ୭୫ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗିବେ ବୋଲି ଆଶା ରଖିଛନ୍ତି।

## ଜାଭେଲିନ୍‌ରେ ଡୁ ପ୍ଲାଣ୍ଟିସ୍‌ଙ୍କ ୧୫ତମ ବିଶ୍ୱରେକର୍ଡ



ଉପ୍ପସାଲା,ସ୍ୱିଡେନ୍,୧୩।୩(ଏଜେନ୍ସି): ଘରୋଇ ମାଟିରେ ପୁରୁଷ ଜାଭେଲିନ୍ ଫିଙ୍ଗାଳି ଅର୍ମାଣ୍ଡ ଡୁ ପ୍ଲାଣ୍ଟିସ୍ ତାଙ୍କ କ୍ୟାରିୟରର ୧୫ତମ ବିଶ୍ୱରେକର୍ଡ ସୃଷ୍ଟି କରିଛନ୍ତି। ଏଠାରେ ସେ ୬.୩୧ ମିଟରକୁ ଡେଇଁ ନିଜ ନାମରେ ଥିବା ବିଶ୍ୱରେକର୍ଡକୁ ଭାଙ୍ଗିଦେଇଥିଲେ। ଏଠାରେ ସେ ୪ଟି ଜମ୍ପରେ ଏହି ରେକର୍ଡ କରିଛନ୍ତି। ପ୍ରଥମେ ୫.୬୫ ମିଟର, ୫.୯୦ ମିଟର ଓ ୬.୦୮ ମିଟରକୁ ଡେଇଁବା ପରେ ତାଙ୍କୁ ବିଶ୍ୱରେକର୍ଡ କରିବାକୁ ସୁଯୋଗ ଦିଆଯାଇଥିଲା। ସେ ତାଙ୍କ ପ୍ରଥମ ଆଟେମ୍ପ୍‌ଟରେ ୬.୩୧ ମିଟ୍ରର ଉଚ୍ଚତାକୁ ଲମ୍ଫ ପ୍ରଦାନ କରି ପୁଣିଥରେ ନିଜ ବିଶ୍ୱରେକର୍ଡ ଭାଙ୍ଗିବାରେ ସମର୍ଥ ହୋଇଛନ୍ତି। ଷ୍ଟକ୍‌ହୋମ୍‌ରେ ୨୦୨୫ ଜୁନ୍ ମାସରେ ଅନୁଷ୍ଠିତ ଇଭେଣ୍ଟରେ ସେ ୬.୨୮ ମିଟର ଉଚ୍ଚତାକୁ ଡେଇଁ ସେ ତାଙ୍କ ସର୍ବଶେଷ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏହା ମୋ ହୋମ୍‌ଟାଉନ୍। ମୋତେ ସବୁଠାରୁ ଅଧିକ ସମର୍ଥନ ଏଠାରେ ମିଳିଥାଏ। ଏଣୁ ସର୍ବାଧିକ ସଫଳତା ପାଇବା ମୋ ଲାଗି ସହଜ ହୋଇଥାଏ। ଘରୋଇ ମାଟିରେ ସେ ଦ୍ୱିତୀୟଥର ବିଶ୍ୱରେକର୍ଡ କରିଛନ୍ତି।

## ଏଆଇଏଫ୍‌ଏଫ୍‌ର ପୂର୍ବତନ ସମ୍ପାଦକ କୁଶାଲଙ୍କ ପରଲୋକ



ପଣଜୀ,୧୩।୩(ଏଜେନ୍ସି): ଦୀର୍ଘ ୧୨ ବର୍ଷଧରି ସର୍ବଭାରତୀୟ ଫୁଟବଲ ମହାସଂଘର ସମ୍ପାଦକ ରହିଥିବା କୁଶାଲ ଦାସଙ୍କର ଆଜି ୬୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ୨୦୧୦ରୁ ୨୦୨୨ ଯାଏ ଏହି ପଦବୀରେ ରହିଥିଲେ। ତାଙ୍କ ସମୟରେ ଭାରତରେ ଫିଫା ୧୭ ବର୍ଷରୁ କମ୍ ଫୁଟବଲ ପ୍ରତିଯୋଗିତା ୨୦୧୭ରେ ଆୟୋଜିତ ହୋଇଥିଲା। ଏହି ବର୍ଷ ମଧ୍ୟ ଭାରତରେ ପ୍ରଥମ ମହିଳା ଫୁଟବଲ ଲିଗ୍ ଅନୁଷ୍ଠିତ ହୋଇଥିଲା। ୨୦୨୨ରେ ଏଏଫ୍‌ସି ମହିଳା ଏସିଆ କପ୍ ଆୟୋଜିତ ହେବା ପରେ କୁଶାଲ ଦାସ ଦାୟିତ୍ୱରୁ ଅପସରି ଯାଇଥିଲେ। ତାଙ୍କ ବିୟୋଗରେ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ, ଡେପୁଟି ସେକ୍ରେଟାରୀ ଜେନେରାଲ ଏମ୍ ସତ୍ୟନାରାୟଣ ପ୍ରମୁଖ ଦୁଃଖ ପ୍ରକାଶ କରିଛନ୍ତି। ପେସାରେ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ ଭାବେ ଜୀବନ ଆରମ୍ଭ କରିଥିବା କୁଶାଲ ଦୁବାଇରେ ଆଇସିସିର ଚିଫ୍ ଫାଇନାନ୍‌ସିଆଲ ଅଫିସର ରହିବା ସହ ଅନେକ ଅନ୍ତର୍ଜାତୀୟ ସଂଗଠନରେ କାମ କରିଥିଲେ।

ମହିଳା ବିଶ୍ୱକପ୍ ହକି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ

## ଭାରତ-ଇଂଲଣ୍ଡ ଫାଇନାଲରେ ମୁକାବିଲା




ହାଇଦ୍ରାବାଦ୍,୧୩।୩(ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ମହିଳା ବିଶ୍ୱକପ୍ ହକି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ଆଜି ଖେଳାଯାଇଥିବା ସେମିଫାଇନାଲରେ ଇଟାଲୀକୁ ୧-୦ ଗୋଲରେ ପରାସ୍ତ କରି ଭାରତ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ସ୍କଟଲାଣ୍ଡକୁ ହରାଇ ଇଂଲଣ୍ଡ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଭାରତ ଓ ଇଂଲଣ୍ଡ ଫାଇନାଲ ମୁକାବିଲା ଆସନ୍ତାକାଲି ଅନୁଷ୍ଠିତ ହେବ। ଦ୍ୱିତୀୟ ସେମିଫାଇନାଲର ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ତୃତୀୟ କ୍ୱାର୍ଟରରେ ମନୀଷା ଚୋହାନ ଗୋଲ ସ୍କୋର କରି ଭାରତକୁ ଅଗ୍ରଣୀ କରାଇଥିଲେ। ପୂର୍ବରୁ ଭାରତ ଓ ସ୍କଟଲାଣ୍ଡ ଗୋଟିଏ ଗ୍ରୁପ୍‌ରେ ସମାନ ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ଭାରତ ଫାଇନାଲ ପୂର୍ବରୁ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଛି।

ଇଣ୍ଡିଆନ୍ ୱେଲ୍ସ ଓପନ

## ସେମିରେ ୟୁକି ଭାମ୍ବ୍ରୀ

ଇଣ୍ଡିଆନ୍ ୱେଲ୍ସ,୧୩।୩(ଏଜେନ୍ସି): ଭାରତର ୟୁକି ଭାମ୍ବ୍ରୀ ଓ ସ୍ୱିଡେନର ଆନ୍ଦ୍ରେ ଗୋରାନସନ ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଓପନ ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଭାମ୍ବ୍ରୀ-ଗୋରାନସନଙ୍କ ଯୋଡି ୬-୩, ୭-୬ରେ ଆଲେକଜାଣ୍ଡର ଏରଲର ଓ ଆନ୍ଦ୍ରିଆ ଭାଭାସୋରୀଙ୍କ ଯୋଡିକୁ ହରାଇ ପ୍ରଥମଥର କୌଣସି ଏକ ଏଟିପି ମାଷ୍ଟର୍ସ-୧୦୦୦ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗତବର୍ଷ ଏହି ଟୁର୍ଣ୍ଣାମେଣ୍ଟ ସହ ଦୁଇଥର ସେ ଏଟିପି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ସେମିଫାଇନାଲରେ ସେ ତାଙ୍କ କ୍ୟାରିୟରରେ ପ୍ରଥମଥର ପ୍ରବେଶ କରିଛନ୍ତି। ସେହିପରି ମହିଳା ଏକକରେ ଇଗା ସ୍ୱିଆଟେକଙ୍କୁ ପରାସ୍ତ କରି ଏଲିନା ଭିଟୋଲିନା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ନଂ-୧ ଖେଳାଳି ଆରିନା ସାବାଲେଙ୍କା ମଧ୍ୟ ସେମିକୁ ଉଠିଛନ୍ତି। ପୁରୁଷ ବିଭାଗରେ ଜାନିକ ସିନର, ଆଲେକ୍‌ଜାଣ୍ଡର ଜ୍ୱେରେଭ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି।

## ବିଳାସ ରାଉତରାୟ ରାଜ୍ୟସ୍ତରୀୟ ଫୁଟବଲ ଉଦ୍‌ଯାପିତ



ଭୁବନେଶ୍ୱର,୧୩।୩(ସମିସ): ଏଠାରେ ଚାଲିଥିବା ରାଜ୍ୟସ୍ତରୀୟ ବିଳାସ ରାଉତରାୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକର ପ୍ରତାପ କ୍ଲବ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫାଇନାଲରେ ପ୍ରତାପ କ୍ଲବ୍ ସହ ଜଟଣୀର ଫ୍ରେଣ୍ଡସ ପାରାଡାଇଜ୍ ନିର୍ଦ୍ଧାରିତ ସମୟ ଖେଳରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ସମାନ ସ୍ତରରେ ରହିଥିଲେ। କିନ୍ତୁ ଟାଇବ୍ରେକରରେ ସମାନ ସ୍ତରରେ ରହିବା ପରେ ସଡନଡେଥ୍‌ରେ ପ୍ରତାପ କ୍ଲବ୍ ୭-୬ ଗୋଲରେ ୟୁନାଇଟେଡ୍ ପାରାଡାଇଜ୍‌କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଖେଳ ଶେଷରେ ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି, ରଞ୍ଜିତ ମହାପାତ୍ର ଓ ବିଳାସ ରାଉତରାୟ ଫାଉଣ୍ଡେସନର ଅଧ୍ୟକ୍ଷ ବସନ୍ତ ରାଉତରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ କଟକ ଦଳକୁ ଟ୍ରଫି ସହ ୨୦,୦୦୦ ଟଙ୍କା ଓ ରନର୍ସ ଅପ୍ ଜଟଣୀ ଦଳକୁ କପ୍ ସହ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ କଟକର ଦଳ ୪-୩ ଗୋଲରେ ଜାରକା ୟୁନାଇଟେଡ୍ କ୍ଲବ୍‌କୁ ଓ ଜଟଣୀ ଦଳ ୟୁନାଇଟେଡ୍ କ୍ଲବ୍, ଗଣ୍ଡରପୁରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

ପ୍ରଶାନ୍ତ ମହାପାତ୍ର-ଶୁଭାଶିଷ ଭୂୟାଁ ସ୍ମାରକୀ କ୍ରିକେଟ

## ବିଶ୍ୱଭୂଷଣଙ୍କ ଶତକରେ କିଶୋର ସ୍ପୋର୍ଟିଂ ବିଜୟୀ




ଭୁବନେଶ୍ୱର,୧୩।୩(ସମିସ)

ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆରମ୍ଭ ହୋଇଛି ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ ସ୍ମାରକୀ ଖୀମ୍‌ଜୀ କପ୍ ମୁକ୍ତେଶ୍ୱର ସିନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଶୁକ୍ରବାର ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ କିଶୋର ସ୍ପୋର୍ଟିଂ ୪୮ ରନରେ କଟକର ନିମପୁର ସ୍ପୋର୍ଟିଂକୁ ପରାସ୍ତ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି କିଶୋର ପ୍ରଥମେ ବ୍ୟାଟିଂ କରି ୩୯.୩ ଓଭରରେ ୨୮୧ ରନକରି ଅଲଆଉଟ ହୋଇଥିଲା। ଜବାବରେ ନିମପୁର ସ୍ପୋର୍ଟିଂ ୩୫.୧ ଓଭରରେ ୨୩୩ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ନିମପୁର ତରଫରୁ ଅଧିନାୟକ ଆନନ୍ଦ କୁମାର ସର୍ବାଧିକ ୬୨, ପ୍ରବୀଣ ଯାଦବ ୫୪ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ କିଶୋର ତରଫରୁ ଆର ଦେବା ସର୍ବାଧିକ ୩, ବି ଶିବା ଓ ବିଶ୍ୱଭୂଷଣ ବିହାରୀ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା କିଶୋର ତରଫରୁ ବିଶ୍ୱଭୂଷଣ ବିହାରୀ ସର୍ବାଧିକ ୧୦୩ ରନର ଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକ୍ରମ ୪୪, ନରସିଂହ ତ୍ରିପାଠୀ ୩୩, ଦୁର୍ଗା ପି ବେହେରା ୩୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ନିମ୍‌ପୁର ତରଫରୁ ଅଙ୍କିତ କେ ବେହେରା ସର୍ବାଧିକ ୪, ଆନନ୍ଦ କୁମରୀ ଓ ପ୍ରବୀଣ ଯାଦବ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଶତକ ହାସଲ କରିବା ସହ ମୂଲ୍ୟବାନ ଦୁଇ ୱିକେଟ ଅକ୍ତିଆର କରିଥିବା ବିଶ୍ୱଭୂଷଣ ବିହାରୀ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରାଜ୍ୟ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟ ଅତିଥି ଏବଂ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜଗନ୍ନାଥ ପ୍ରଧାନ, ଅମରେଶ ଜେନା, ଭୁବନେଶ୍ୱର ଆଥଲେଟିକ ଆସୋସିଏସନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, ପ୍ରତାପ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁକ୍ତେଶ୍ୱର କ୍ଲବ ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ, କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚୋହାନ, ସମ୍ପାଦକ ଗୌର ପ୍ରସାଦ ନନ୍ଦ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୨.୨୦
- ପାଉଣ୍ଡ ୧୨୩.୨୦
- ୟୁରୋ ୧୦୬.୨୫
- ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୭,୯୩୦ (ନୂଆଦିଲ୍ଲୀ)
- ରୁପା : ୨,୬୬,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୫୬୩.୦୦
- ନିଫ୍ଟି ୨୩,୧୫୧.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଟଳିବ ତୈଳ ସଙ୍କଟ !

## ରୁଷ ତେଲ କିଣିବାକୁ ସବୁ ଦେଶଙ୍କୁ ଟ୍ରମ୍ପଙ୍କ ଅନୁମତି

ୱାଶିଂଟନ୍,୧୩।୩(ଏଜେନ୍ସି): ଇରାନ ସହିତ ଆମେରିକା-ଇସ୍ରାଏଲ ଯୁଦ୍ଧ ଯୋଗୁଁ ସାରା ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ୧୦୦ ଡଲାର ଉପରେ ବୃଦ୍ଧି ପାଇଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଟ୍ରମ୍ପ୍ ପ୍ରଶାସନ ଅସ୍ଥାୟୀ ଭାବରେ ଅନ୍ୟ ଦେଶମାନଙ୍କୁ ରୁଷରୁ ତେଲ କିଣିବାକୁ ଅନୁମତି ଦେଇଛି।ବର୍ତ୍ତମାନ ଦେଇଛି ଯେ ଅଶୋଧିତ ତୈଳ ମୂଲ୍ୟ ୨୦୦ ଡଲାର ପହଞ୍ଚିପାରେ।

ଆମେରିକୀୟ ଟ୍ରେଜେରୀ ବିଭାଗ ଗୁରୁବାର ଏକ ଲାଇସେନ୍ସ ଜାରି କରିଛି। ଏହା ଅଧୀନରେ, ମାର୍ଚ୍ଚ ୧୨ ପୂର୍ବରୁ ଜାହାଜରେ ଲୋଡ୍ ହୋଇଥିବା ରୁଷୀୟ ଅଶୋଧିତ ତୈଳ ଏବଂ

### ୩୦ ଦିନର ଛାଡ ପ୍ରଦାନ କଲା ୱାଶିଂଟନ୍

### ଇରାନ୍‌ର ଚେତାବନୀ କ୍ରୁଡ୍ ୨୦୦ ଡଲାର ଟପିବ

ପରିସ୍ଥିତିରେ ଅନେକ ରୁଷୀୟ ତୈଳ ଟ୍ୟାଙ୍କର ସମୁଦ୍ରରେ ଫସି ରହିଛି। ପୂର୍ବରୁ ଆମେରିକା ଭାରତ ଉପରେ ରୁଷରୁ ଅଶୋଧିତ ତୈଳ କିଣିବା ପାଇଁ କଟକଣାକୁ କୋହଳ କରିବାକୁ ପ୍ରସ୍ତାବ ଦେଇଥିଲା। ତଥାପି, ଭାରତୀୟ ଅଧିକାରୀମାନେ କହିଛନ୍ତି ଯେ ଭାରତ କୌଣସି ଦେଶର ତେଲ କିଣିବା ଉପରେ ନିର୍ଭରଶୀଳ ନୁହେଁ। ଇରାନ ଚେତାବନୀ ପେଟ୍ରୋଲିୟମ୍ ଉତ୍ପାଦଗୁଡ଼ିକୁ ବିତରଣ ଏବଂ ବିକ୍ରି କରାଯାଇପାରିବ। ଏହି ଛାଡ କେବଳ ଏପ୍ରିଲ ୧୧ ତାରିଖ ପର୍ଯ୍ୟନ୍ତ ବୈଧ। ଆମେରିକୀୟ ଟ୍ରେଜେରୀ ସଚିବ ସ୍କଟ୍ ବେସାଣ୍ଟ କହିଛନ୍ତି ଯେ ବୃଦ୍ଧି ପାଉଥିବା ମୂଲ୍ୟକୁ ରୋକିବା ପାଇଁ ବିଶ୍ୱ ତୈଳ ଯୋଗାଣ ବୃଦ୍ଧି କରିବା ଏହାର ଉଦ୍ଦେଶ୍ୟ। ଆମେରିକୀୟ ଅର୍ଥ ସଚିବ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ୍ ବିଶ୍ୱ ଶକ୍ତି ବଜାରରେ ସ୍ଥିରତା ଆଣିବାକୁ ଚାହୁଁଛନ୍ତି। ସେ କହିଛନ୍ତି ଯେ ଏହା ଏକ କ୍ଷଣସ୍ଥାୟୀ ନିଷ୍ପତ୍ତି ଏବଂ ରୁଷକୁ କୌଣସି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଲାଭ ପ୍ରଦାନ କରିବନାହିଁ। ବେସାଣ୍ଟଙ୍କ ଅନୁଯାୟୀ, ରୁଷର ରାଜସ୍ୱର ଏକ ବଡ଼ ଅଂଶ ତୈଳ ନିଷ୍କାସନ ସମୟରେ ଆଦାୟ କରାଯାଉଥିବା ଟିକସରୁ ଆସିଥାଏ, ଯେତେବେଳେ କି ଏହି ଛାଡ଼ କେବଳ ପରିବହନରେ ଥିବା ତେଲ ପାଇଁ ପ୍ରଯୁଜ୍ୟ।



### କାହିଁକି ମନ ବଦଳାଇଲା ଆମେରିକା

ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପଥ ହରମୁଜ୍ ପ୍ରଣାଳୀ ଦେଇ ଯୋଗାଣ ବାଧାପ୍ରାପ୍ତ କରିଛି। ବିଶ୍ୱର ପ୍ରାୟ ୨୦% ତେଲ ଏହି ପଥ ଦେଇ ଗତି କରେ। ଭାରତ ଭଳି ଦେଶ ଏହି ପଥ ଦେଇ ସେମାନଙ୍କର ତେଲ ଆବଶ୍ୟକତାର ପ୍ରାୟ ଅଧା ତେଲ ଆମଦାନୀ କରିଥାଏ। ସାମ୍ପ୍ରତିକ ସମୟରେ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୨୦ ଡଲାର ପାଖାପାଖି ପହଞ୍ଚିଛି। ଇରାନ ଚେତାବନୀ ଦେଇଛି ଯେ ମୂଲ୍ୟ ୨୦୦ ଡଲାର ପହଞ୍ଚିପାରେ। ଏପରି ପରିସ୍ଥିତିରେ, ବଜାରରେ ରୁଷୀୟ ତୈଳର ଆଗମନ ଯୋଗାଣ ବୃଦ୍ଧି କରିବ, ଯାହା ଫଳରେ ମୂଲ୍ୟ ହ୍ରାସ ପାଇବ। ଯେତେବେଳେ ରୁଷ ଫେବୃଆରୀ ୨୦୨୨ରେ ୟୁକ୍ରେନ ଉପରେ ଆକ୍ରମଣ କରିଥିଲା, ପାଶ୍ଚାତ୍ୟ ଦେଶମାନେ ବିଶ୍ୱାସ କରିଥିଲେ ଯେ ରୁଷ ତୈଳ ଏବଂ ଗ୍ୟାସ ବିକ୍ରି କରି ଯୁଦ୍ଧକୁ ପାଣ୍ଠି ଯୋଗାଉଛି। ଏହି ପାଣ୍ଠିକୁ ବନ୍ଦ କରିବା ପାଇଁ ଆମେରିକା ଏବଂ ୟୁରୋପ ରୁଷଠାରୁ ତୈଳ କ୍ରୟ ଉପରେ କଟକଣା ଲଗାଇବା ଆରମ୍ଭ କରିଥିଲେ।

## ଏଲ୍‌ପିଜି ସଙ୍କଟରେ ସ୍ୱିଗୀ ଜୋମାଟୋର ଅର୍ଡର କମିଲା

ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଇରାନ-ଆମେରିକା ଯୁଦ୍ଧ ମଧ୍ୟରେ ଭାରତରେ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ଅଭାବ ଖାଦ୍ୟ ଶିଳ୍ପକୁ ମଧ୍ୟ ପ୍ରଭାବିତ କରୁଛି। ଦେଶର ଅନେକ ସହରରେ ରେସ୍ତୋରାଁ ଏବଂ କ୍ଲାଉଡ୍ କିଚେନ୍ ଗ୍ୟାସ୍ ଅଭାବର ସମ୍ମୁଖୀନ ହେଉଛନ୍ତି। ପରିସ୍ଥିତି ଏମିତି ହୋଇଛି ଯେ, ସ୍ୱିଗି ଏବଂ ଜୋମାଟୋ ଭଳି ଖାଦ୍ୟ ଡେଲିଭରି ପ୍ଲାଟଫର୍ମରେ ଅର୍ଡର ହଠାତ୍ ହ୍ରାସ ପାଇଛି। ଗିଗ୍ କର୍ମଚାରୀମାନେ ରିପୋର୍ଟ କରିଛନ୍ତି ଯେ ରେସ୍ତୋରା ମେନୁ ସଙ୍କୁଚିତ ହୋଇଯାଇଥିବା କିମ୍ବା ରେସ୍ତୋରାଁ ବନ୍ଦ ହୋଇଯାଇଥିବାରୁ ଦୈନିକ ଅର୍ଡର ୩୦ରୁ ୫-୧୦ କୁ ହ୍ରାସ ପାଇଛି। ରୁଟି, ଦୋସା ଏବଂ ପୁରୀ ଭଳି ଗ୍ୟାସ-ସଘନ ଖାଦ୍ୟ ମେନୁରୁ ହଟାଇ ଦିଆଯାଇଛି, ଯାହା ଲୋକଙ୍କୁ ସେମାନଙ୍କର ପ୍ରିୟ ଖାଦ୍ୟ ଅର୍ଡର କରିବାରୁ ବାରଣ କରୁଛି। ଗିଗ୍ ଏବଂ ପ୍ଲାଟଫର୍ମ ସେବା କର୍ମଚାରୀ ସଂଘ କହିଛି ଯେ ଜୋମାଟୋ ଏବଂ ସ୍ୱିଗି ଭଳି ପ୍ଲାଟଫର୍ମରେ ୫୦-୬୦% ଖାଦ୍ୟ ଡେଲିଭରି ଅର୍ଡର ବାତିଲ କରାଯାଉଛି। ଅନେକ ଡେଲିଭରି ପାର୍ଟନର ଯେଉଁମାନେ ପୂର୍ବରୁ ଏକାଧିକ ଡେଲିଭରି କରି ବହୁତ ରୋଜଗାର କରୁଥିଲେ, ସେମାନେ ଏବେ ଦିନକୁ କେବଳ ୪-୫ଟି ଖାଦ୍ୟ ଡେଲିଭରି କରୁଛନ୍ତି, ଯାହା ସେମାନଙ୍କୁ ଆର୍ଥିକ ସମସ୍ୟାର ସମ୍ମୁଖୀନ କରାଉଛି। ଏହାକୁ ଦୃଷ୍ଟିରେ ରଖି ସଂଘ ସରକାରଙ୍କ ସମ୍ମୁଖରେ ପ୍ରଭାବିତ ଗିଗ୍ କର୍ମଚାରୀଙ୍କୁ ତୁରନ୍ତ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛି।

**ମେନୁରୁ ହଟିଲା ରୁଟି, ଦୋସା, ପୁରୀ**

## ତୈଳ ସର୍‌ଚାର୍ଜ ଲଗାଇ ଭଡ଼ା ବଢ଼ାଇଲା ଇଣ୍ଡିଗୋ

ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଇରାନ୍ ଯୁଦ୍ଧ ପ୍ରଭାବରେ ଦେଶରେ ଶକ୍ତି ସଙ୍କଟ ମଧ୍ୟରେ ଏୟାର ଇଣ୍ଡିଆ ପରେ ଇଣ୍ଡିଗୋ ଏୟାର ଲାଇନ୍ସ ଏହାର ଯାତ୍ରୀ ଭଡ଼ାରେ ବୃଦ୍ଧି ଘଟାଇଛି।ବିମାନ କମ୍ପାନୀ ଏହାର ସମସ୍ତ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ଯାତ୍ରାରେ ଇନ୍ଧନ ସରଚାର୍ଜ ଲାଗୁ କରିବ। ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍)ର ମୂଲ୍ୟବୃଦ୍ଧି ଯୋଗୁଁ ବିମାନ କମ୍ପାନୀ ଘରୋଇ ଉଡ଼ାଣରେ ୪୨୫ ଟଙ୍କା ଏବଂ ଅନ୍ତର୍ଜାତୀୟ ଉଡ଼ାଣରେ ଯାତ୍ରୀଙ୍କଠାରୁ ରେ ୨୩୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଅସୁଲ କରିବ। ଏୟାରଲାଇନ୍ସ କହିଛି ଯେ ଇରାନ ଏବଂ ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଜେଟ୍ ଇନ୍ଧନର ମୂଲ୍ୟ ୮୫% ବୃଦ୍ଧି ପାଇଛି। ଫଳସ୍ୱରୂପ, ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ଟିକଟରେ ୪୨୫ ଟଙ୍କା ରୁ ୨୩୦୦ ଟଙ୍କା ପର୍ଯ୍ୟନ୍ତ ସରଚାର୍ଜ ଲାଗୁ ହେବ। ନୂତନ ଟିକଟ ମୂଲ୍ୟ ଶୁକ୍ରବାର ମଧ୍ୟରାତ୍ରରୁ କାର୍ଯ୍ୟକାରୀ ହେବ।



ଘରୋଇ ଉଡ଼ାଣ ୪୨୫ ଟଙ୍କା, ଅନ୍ତର୍ଜାତୀୟରେ ୨୩୦୦ ଟଙ୍କା ମହଙ୍ଗା

## ଆସୋଚାମ୍ ଇଣ୍ଡିଆ ମାଇନ୍ସ ଆଣ୍ଡ ମିନେରାଲ୍ସ କନକ୍ଲେଭ୍ ୨୦୨୬

ଭୁବନେଶ୍ୱର,୧୩।୩(ସମିସ): ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ସଂଘ (ଆସୋଚାମ୍) ପକ୍ଷରୁ ଇଣ୍ଡିଆ ମାଇନ୍ସ ଆଣ୍ଡ ମିନେରାଲ୍ସ କନକ୍ଲେଭ୍ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ନୀତି ସଂସ୍କାର, ସ୍ଥାୟୀତ୍ୱ ଏବଂ ରଣନୈତିକ ସୁରକ୍ଷା ମାଧ୍ୟମରେ ରୂପାନ୍ତରକୁ ଆକାର ଦେବା' ବିଷୟବସ୍ତୁ ଉପରେ ଆଧାରିତ ଏହି କନକ୍ଲେଭରେ ଭାରତର ଖଣି ଏବଂ ଖଣିଜ କ୍ଷେତ୍ରର ଭବିଷ୍ୟତ ଉପରେ ବିଚାର ବିମର୍ଶ କରିବା ପାଇଁ ନୀତି ନିର୍ଦ୍ଧାରକ, ଶିଳ୍ପ ନେତା, ନିୟାମକ ଏବଂ ପ୍ରଯୁକ୍ତିବିଦ୍ୟା ଉଦ୍ଭାବକମାନେ ଏକତ୍ରୀତ ହୋଇଛନ୍ତି। କନକ୍ଲେଭରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ଖଣି ବ୍ୟୁରୋର ଆଞ୍ଚଳିକ ଖଣି ନିୟନ୍ତ୍ରକ ଅରୁଣ କୁମାର କହିଛନ୍ତି ଯେ ଭାରତର ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଆକାଂକ୍ଷା ଖଣିଜ ପଦାର୍ଥର ଚାହିଦାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ, ବିଶେଷକରି ସ୍ୱଚ୍ଛ ଶକ୍ତି ଏବଂ ଶିଳ୍ପ ଅଭିବୃଦ୍ଧି ପାଇଁ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ। ସେ ଉଲ୍ଲେଖ କରିଛନ୍ତି ଯେ ସରକାର ଖଣି କ୍ଷେତ୍ରରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଅନେକ ସଂସ୍କାର ଗ୍ରହଣ କରିଛନ୍ତି, ଯାହା ନିୟମାବଳୀରୁ ସୁବିଧାକରଣକୁ ସ୍ପଷ୍ଟ ପରିବର୍ତ୍ତନକୁ ଚିହ୍ନିତ କରୁଛି। ଏଥିରେ ଆସୋଚାମ ଓଡ଼ିଶା ରାଜ୍ୟ ବିକାଶ ପରିଷଦର ସହାଧ୍ୟକ୍ଷ ଏବଂ ଏସଏନଏମ ଗ୍ରୁପ୍‌ର ଅଧ୍ୟକ୍ଷ ପ୍ରବୋଧ ମହାନ୍ତି, ଆସୋଚାମ ଓଡ଼ିଶା ରାଜ୍ୟ ଖଣି ଏବଂ ଖଣିଜ ପଦାର୍ଥ ବିକାଶ ପରିଷଦର ସଦସ୍ୟ ଏବଂ ଜେଏସଡବ୍ଲୁ ଷ୍ଟିଲର ବ୍ୟବସାୟ ମୁଖ୍ୟ (ଓଡ଼ିଶା ବ୍ୟବସାୟ) ପ୍ରସନ୍ନ କୁମାର ପଣ୍ଡା, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର(ଜେଏସପି) ର ଖଣିଜ ନିଲାମ, ରଣନୀତି, ମିଶ୍ରଣ ଏବଂ ଅଧିଗ୍ରହଣ ମୁଖ୍ୟ ମନୀଷ ସିଙ୍ଗଲା ପ୍ରମୁଖ ଉପସ୍ଥିତ ଥିଲେ।




## ପ୍ରସ୍ତାବିତ ଆଇପିଓ ପାଇଁ ମଧ୍ୟସ୍ଥି ଚୟନ ପ୍ରକ୍ରିୟା ଶେଷ କଲା ଏନ୍‌ଏସ୍‌ଇ

ମୁମ୍ବଇ,୧୩।୩: ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ (ଏନଏସଇ) ଏହାର ପ୍ରସ୍ତାବିତ ଇନିସିଆଲ ପବ୍ଲିକ ଅଫରିଙ୍ଗ (ଆଇପିଓ) ପାଇଁ ମର୍ଚ୍ଚାଂଟ ବ୍ୟାଙ୍କର, ଲ' ଫାର୍ମ ଓ ଅନ୍ୟ ମଧ୍ୟସ୍ଥିମାନଙ୍କ ଚୟନ ପ୍ରକ୍ରିୟା ଆଜି ଶେଷ କରିଛି। ଏହି ଚୟନ ପ୍ରକ୍ରିୟା ଏନଏସଇର ଆଇପିଓ କମିଟି ଦ୍ୱାରା ଅନୁମୋଦିତ ଢାଂଚା ଓ ମୂଲ୍ୟାୟନ ପଦ୍ଧତି ଅନୁଯାୟୀ କାର୍ଯ୍ୟକାରୀ ହୋଇଥିଲା ଏବଂ ଏହାକୁ ଏକ ସଂରଚିତ, ସ୍ୱଚ୍ଛ ଓ ପ୍ରତିଯୋଗିତାମୂଳକ ପ୍ରକ୍ରିୟା ମାଧ୍ୟମରେ ପରିଚାଳନା କରାଯାଇଛି। ଏହି ପ୍ରକ୍ରିୟାରେ ୨୦ଟି ମର୍ଚ୍ଚାଣ୍ଟ ବ୍ୟାଙ୍କର ଯେପରିକି କୋଟାକ ମହିନ୍ଦ୍ରା କ୍ୟାପିଟାଲ କମ୍ପାନୀ ଲିମିଟେଡ, ଜେଏମ ଫାଇନାନ୍ସିଆଲ ଲିମିଟେଡ, ଆକ୍ସିସ କ୍ୟାପିଟାଲ ଲିମିଟେଡ, ଆଇଆଇଏଫଏଲ କ୍ୟାପିଟାଲ ସର୍ଭିସେସ ଲିମିଟେଡ, ଓସୱାଲ ଇନଭେଷ୍ଟମେଂଟ ଆଡ୍‌ଭାଇଜର୍ସ ଲିମିଟେଡ, ଆଇସିଆଇସିଆଇ ସିକ୍ୟୁରିଟିଜ ଲିମିଟେଡ, ଏସବିଆଇ କ୍ୟାପିଟାଲ ମାର୍କେଟ୍‌ସ ଲିମିଟେଡ, ନୁଭାମା ୱେଲ୍‌ଥ ମ୍ୟାନେଜମେଂଟ ଲିଃ, ଏଚଡିଏଫସି ବ୍ୟାଙ୍କ ଲିମିଟେଡ, ଆଭେଣ୍ଡସ କ୍ୟାପିଟାଲ ପ୍ରାଇଭେଟ ଲିମିଟେଡ, ମୋର୍‌ଗାନ ଷ୍ଟାନଲି ଇଣ୍ଡିଆ କମ୍ପାନୀ ପ୍ରାଇଭେଟ ଲିଃ, ସିଟିଗ୍ରୁପ ଗ୍ଲୋବାଲ ମାର୍କେଟ୍‌ସ ଇଣ୍ଡିଆ ପ୍ରା.ଲିଃ, ଜେ.ପି. ମୋର୍ଗାନ ଇଣ୍ଡିଆ ପ୍ରା.ଲିଃ, ଏଚଏସବିସି ସିକ୍ୟୁରିଟିଜ ଆଣ୍ଡ କ୍ୟାପିଟାଲ ମାର୍କେଟ୍‌ସ (ଇଣ୍ଡିଆ) ପ୍ରା.ଲିଃ, ଆଇଡିବିଆଇ କ୍ୟାପିଟାଲ ମାର୍କେଟ୍‌ସ ଆଣ୍ଡ ସିକ୍ୟୁରିଟିଜ ଲିମିଟେଡ, ଫାଂଟୋମାଥ୍ କ୍ୟାପିଟାଲ ଆଡ୍‌ଭାଇଜର୍ସ ପ୍ରା. ଲିଃ ଓ ଇକ୍ୱିରସ କ୍ୟାପିଟାଲ ପ୍ରା.ଲିଃ ଆଦି ଚୟନ ହୋଇଛନ୍ତି।

## ନ୍ୟାସନାଲ ଇନ୍‌ଭେଷ୍ଟର କନେକ୍ଟ- ପ୍ରୟୋଗ ୨୦୨୬

ଭୁବନେଶ୍ୱର, ୧୩।୩: ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ ଇଣ୍ଡିଆ (ଏସ୍‌ଟିପିଆଇ) ଭୁବନେଶ୍ୱର ଏବଂ ଏହାର ଏମର୍ଜିଂ ଟେକ୍ନୋଲୋଜିସ୍ (ଏମ୍‌ଟେକ୍ ସିଓଇ) କ୍ଷେତ୍ରରେ ଥିବା ସିଓଇ ନ୍ୟାସନାଲ ଇନ୍‌ଭେଷ୍ଟର କନେକ୍ଟ ପ୍ରୋଗ୍ରାମ- ପ୍ରୟୋଗ (ପିଆର୍‌ଏୱାଇଓଜି) ଆୟୋଜନ କରିଥିଲେ ଯେଉଁଥିରେ ନୀତି ନିର୍ଦ୍ଧାରକ, ଭେଞ୍ଚର କ୍ୟାପିଟାଲିଷ୍ଟ, ଆଞ୍ଜେଲ ପୁଞ୍ଜିନିବେଶକ, ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିତ୍ୱ ଏବଂ ନୂତନ ପ୍ରଯୁକ୍ତି ଷ୍ଟାର୍ଟଅପ୍‌ଗୁଡ଼ିକ ଓଡ଼ିଶାରେ ନବସୃଜନ ଏବଂ ପୁଞ୍ଜିନିବେଶ ପରିବ୍ୟବସ୍ଥା ସୁଦୃଢ଼ କରିବାକୁ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ରଶ୍ମିତା ପଣ୍ଡା ଏମ୍‌ଏସଏମ୍‌ଇ ବିଭାଗର (କମିଶନର-ତଥା-ଶାସନ ସଚିବ, ଏମ୍‌ଏସଏମ୍‌ଇ ବିଭାଗ) ଓ ଚେୟାରପର୍ସନ ତଥା ସିଇଓ, ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ତାଙ୍କ ସହିତ ବରିଷ୍ଠ ସରକାରୀ ପଦାଧିକାରୀ, ପୁଞ୍ଜିନିବେଶକାରୀ, ମାର୍ଗଦର୍ଶକ, ଶିଳ୍ପ ଜଗତର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ଷ୍ଟାର୍ଟଅପ୍ ପ୍ରତିଷ୍ଠାତାମାନେ ଯୋଗଦେଇଥିଲେ। ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି ଡାଇରେକ୍ଟର, ଏସ୍‌ଟିପିଆଇ ମାନଓ ରଞ୍ଜନ ପଣ୍ଡା,ଡାଇରେକ୍ଟର, ଏସ୍‌ଟିପିଆଇ ଭୁବନେଶ୍ୱର ବୈଶ୍ୱିକ ନବସୃଜନ ଦୃଶ୍ୟପଟ୍ଟରେ ଭାରତରଉଲ୍ଲେଖନୀୟ ପ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ।

## ଭୁବନେଶ୍ୱରରେ ଜିନ୍ଦଲ ପାନ୍ଥରର 'ଶାନ୍ତ ସିଟି, ସେଫ ସିଟି' ଅଭିଯାନ

ଭୁବନେଶ୍ୱର, ୧୩।୩ (ସମିସ) : ଜିନ୍ଦଲ ପାନ୍ଥର, ଜିନ୍ଦଲ ଷ୍ଟିଲର ରିଟେଲ ବ୍ରାଣ୍ଡ ପକ୍ଷରୁ ଆଜି ଭୁବନେଶ୍ୱରରେ 'ଶାନ୍ତ ସିଟି, ସେଫ ସିଟି' ଅଭିଯାନର ଶୁଭାରମ୍ଭ କରାଯାଇଛି। ସହରର ୮୭% ବାସିନ୍ଦା ଟ୍ରାଫିକ୍ ଶବ୍ଦକୁ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ମାନୁଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିବା ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ସହରାଞ୍ଚଳର ଦୁଇଟି ପ୍ରମୁଖ ସମସ୍ୟା ଶବ୍ଦ ପ୍ରଦୁଷଣ ଏବଂ ସଡ଼କ ସୁରକ୍ଷାକୁ ମୁକାବିଲା କରିବା। ଏହି ବିଷୟରେ ଗଭୀର ଅଭିଯାନ ସମ୍ପର୍କରେ ମତବ୍ୟକ୍ତ କରି ଗୌତମ ମାଲହୋତ୍ରା, ସିଇଓ, ଜିନ୍ଦଲ ଷ୍ଟିଲ କହିଛନ୍ତି, ଭାରତୀୟ ସହର ଗୁଡ଼ିକରେ ଟ୍ରାଫିକର ଘନତ୍ୱ ବୃଦ୍ଧି ପାଇଛି, ତଥାପି ଶବ୍ଦ ପ୍ରଦୁଷଣ ସହରୀ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପାଇଁ ଏକ ବଡ଼ ବିପଦ ହୋଇ ରହିଥିଲେ ମଧ୍ୟ ଏହା ଉପରେ ଆଲୋଚନା ଖୁବ୍ କମ୍ ହେଉଛି। 'ଶାନ୍ତ ସିଟି, ସେଫ ସିଟି' ହେଉଛି ଏହି ଆଲୋଚନାରେ ସାଧାରଣ ଜନତାଙ୍କୁ ସାମିଲ କରିବାର ଏକ ବଡ଼ ପ୍ରୟାସ।

SHAANT CITY
SAFE CITY
Powered by Jindal Panther
Mazboot bhi.. zimmedaar bhi

## ଟିପିସିଓଡିଏଲ୍‌କୁ ସିଆଇଆଇ ଓଡ଼ିଶା ପୁରସ୍କାର




ଭୁବନେଶ୍ୱର,୧୩।୩(ସମିସ):ଭୁବନେଶ୍ୱରଠାରେ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡ଼ିଶା ପକ୍ଷରୁ ଆୟୋଜିତ ୩୮ତମ ରାଜ୍ୟସ୍ତରୀୟ କ୍ୟୁସି ସର୍କଲ ସମ୍ମିଳନୀ ୨୦୨୫ରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍)କୁ ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ' ପାଇଁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ଉତ୍ସବରେ କମ୍ପାନୀକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସିଆଇଆଇ ଓଡ଼ିଶା ଷ୍ଟେଟ୍ କାଉନସିଲ୍‌ର ଅଧ୍ୟକ୍ଷ ଅନିଲ କୁମାର ସିଂ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ଏହି ସଫଳତା ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂ କହିଛନ୍ତି ଯେ, ସିଆଇଆଇ ପକ୍ଷରୁ ମିଳିଥିବା ଏହି ସମ୍ମାନ ଟିପିସିଓଡିଏଲ୍ ପାଇଁ ଏକ ଅତ୍ୟନ୍ତ ଗର୍ବର ବିଷୟ। ସୁଦୃଢ଼ ଓ ପ୍ରଗତିଶୀଳ ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ ହିଁ ଏକ ସଂସ୍ଥାର ମୂଳଦୁଆ ହୋଇଥାଏ। ଆମର ଏଚଆର୍ ବିଭାଗ ଏବଂ କର୍ମଚାରୀମାନେ ପରସ୍ପର ମଧ୍ୟରେ ବିଶ୍ୱାସ ଓ ସହଯୋଗ ବଜାୟ ରଖିବା ସହ କାର୍ଯ୍ୟଧାରାରେ ନିରନ୍ତର ଉନ୍ନତି ଆଣିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିଆସିଛନ୍ତି।

# ଗୋଲ୍ଡ ଇଟିଏଫ୍‌ରେ ନିବେଶ ୭୮% କମିଲା

## ମୂଲ୍ୟରେ ଅସ୍ଥିରତାକୁ ନେଇ ଚିନ୍ତାରେ ନିବେଶକ

ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଫେବୃଆରୀରେ ଗୋଲ୍ଡ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ (ଇଟିଏଫ୍)ରେ ନିବେଶକଙ୍କ ଆଗ୍ରହ ହ୍ରାସ ପାଇଛି। ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡ୍ସ ଇନ୍ ଇଣ୍ଡିଆ (ଏଏମ୍‌ଏଫ୍‌ଆଇ)ର ସଦ୍ୟତମ ତଥ୍ୟ ଅନୁଯାୟୀ, ଫେବୃଆରୀରେ ଗୋଲ୍ଡ ଇଟିଏଫ୍‌ରେ ପ୍ରାୟ ୫,୨୫୫ କୋଟି ଟଙ୍କା ନିବେଶ ହୋଇଥିଲା। ଏହା ଜାନୁଆରୀ ତୁଳନାରେ ଯଥେଷ୍ଟ କମ୍, ଯେତେବେଳେ କି ଏହି ମାସରେ ଗୋଲ୍ଡ ଇଟିଏଫ୍‌ରେ ରେକର୍ଡ ୨୪,୦୩୯.୯୬ କୋଟି ଟଙ୍କା ନିବଶେ କରାଯାଇଥିଲା। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଜାନୁଆରୀରେ ବ୍ୟାପକ କିଣାବିକା ପରେ ନିବେଶକମାନେ ନିବେଶରୁ ବିରତି ନେଇଥିଲେ। ଏହା ନିବେଶରେ ହ୍ରାସ ନୁହେଁ, ବରଂ ସୁନା ମୂଲ୍ୟରେ ହ୍ରାସ ଯୋଗୁ ମୂଲ୍ୟରେ ଅସ୍ଥିରତା ନେଇ ନିବେଶକଙ୍କୁ ଚିନ୍ତାରେ ପକାଇଛି।

ବର୍ଷ ଆରମ୍ଭରେ ଅର୍ଥାତ୍ ଜାନୁଆରୀରେ ଗୋଲ୍ଡ ଇଟିଏଫ୍‌ରେ ଏକ ବଡ଼ ବୃଦ୍ଧି ଦେଖାଯାଇଥିଲା। ସେହି ସମୟରେ ସୁନାରେ ନିବେଶ ପ୍ରାୟ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡ (ଷ୍ଟକ୍ ବଜାର-ଆଧାରିତ ପାଣ୍ଠି) ସ୍ତରରେ ପହଞ୍ଚିଥିଲା। ସାରା ବିଶ୍ୱରେ ଚାଲିଥିବା ଭୂ-ରାଜନୈତିକ ଉତ୍ତେଜନା ଏବଂ ଷ୍ଟକ୍ ବଜାରରେ ଅସ୍ଥିରତା ଯୋଗୁଁ ନିବେଶକମାନେ ସୁନାକୁ ଏକ ନିରାପଦ ଆଶ୍ରୟସ୍ଥଳ ଭାବରେ ବାଛିଥିଲେ। ବଜାର ବିଶେଷଜ୍ଞମାନେ ଫେବୃଆରୀ ମାସରେ ହ୍ରାସକୁ ଏକ ସ୍ୱାଭାବିକ ବିରତି ଭାବରେ ବିବେଚନା କରୁଛନ୍ତି। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଫେବୃଆରୀ ମାସରେ ନିବେଶ ହ୍ରାସର ମୁଖ୍ୟ କାରଣ ସ୍ଥିରତା କିମ୍ବା ସୁନା ମୂଲ୍ୟରେ ସାମାନ୍ୟ ପରିବର୍ତ୍ତନ ହୋଇପାରେ। ଯେତେବେଳେ ମୂଲ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଏ କିମ୍ବା ନିବେଶକମାନେ ପୂର୍ବରୁ ବହୁ ପରିମାଣର ସୁନା କିଣି ସାରିଛନ୍ତି, ସେମାନେ ନୂତନ କ୍ରୟ କରିବା ପାଇଁ ସଠିକ୍ ସୁଯୋଗକୁ ଅପେକ୍ଷା କରନ୍ତି। ଏହାବ୍ୟତୀତ, ଷ୍ଟକ୍ ବଜାରର କିଛି କ୍ଷେତ୍ରର ପୁନରୁଦ୍ଧାର ମଧ୍ୟ ନିବେଶକଙ୍କ ଧ୍ୟାନ ସୁନାରୁ ହଟାଇ ଇକ୍ୱିଟି ଆଡକୁ ଫେରାଇଆଣିଛି।



### ଗୋଲ୍ଡ ଇଟିଏଫ୍ କ'ଣ ?

ଏକ ଏକ୍ସଚେଞ୍ଜ-ଟ୍ରାଡେଡ୍ ଫଣ୍ଡ ସୁନାର ଅସ୍ଥିର ମୂଲ୍ୟ ଉପରେ ଆଧାରିତ। ଗୋଟିଏ ଗୋଲ୍ଡ ଇଟିଏଫ୍ ୟୁନିଟ୍ ୧ ଗ୍ରାମ ସୁନାକୁ ପ୍ରତିନିଧିତ୍ୱ କରେ ଏବଂ ତାହା ସମ୍ପୂର୍ଣ୍ଣ ଶୁଦ୍ଧ। ଷ୍ଟକ୍ ପରି ବିଏସ୍‌ଇ ଏବଂ ଏନ୍‌ଏସ୍‌ଇରେ ଗୋଲ୍ଡ ଇଟିଏଫ୍‌ଗୁଡ଼ିକୁ କିଣା ଏବଂ ବିକ୍ରି କରାଯାଇପାରିବ। ତଥାପି, ଆପଣ ସୁନା ପାଆନ୍ତିନାହିଁ। ଯେତେବେଳେ ଆପଣ ପ୍ରତ୍ୟାହାର କରିବାକୁ ଚାହାଁନ୍ତି, ଆପଣ ବର୍ତ୍ତମାନର ସୁନା ମୂଲ୍ୟ ସହିତ ସମାନ ଅର୍ଥ ପାଇବେ।